ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୮/୨୦୨୫ (୧୮ ପୃଷ୍ଠା) | Bhubaneswar, Tuesday, January 28/2025 | Page 18 | ₹ 7.00 | BERHAMPUR
୫୧ଶ ଭାଗ ୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 65 | ମୂଲ୍ୟ ₹୭/-



## ମନ୍ଧାନା କ୍ରିକେଟର ଅଫ୍ ଦି ଇୟର

ଆଇସିସି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି ଭାରତୀୟ ବ୍ୟାଟର ସ୍ମୃତି ମନ୍ଧାନା।

୧୮

୧୨

## ପଦ୍ମ ପୁରସ୍କାରକୁ ନେଇ ସୋନୁ ଅସନ୍ତୁଷ୍ଟ

ଅଲ୍କା ୟାଗ୍ନିକ, ଶ୍ରେୟା ଘୋଷାଲ, ସୁନିଧି ଚୌହାନଙ୍କ ପରି ଖ୍ୟାତନାମା ସଙ୍ଗୀତଜ୍ଞଙ୍କୁ ବର୍ତ୍ତମାନ ସୁଦ୍ଧା ପଦ୍ମ ପୁରସ୍କାର ମିଳିନାହିଁ କହି ବିଶିଷ୍ଟ ଗାୟକ ସୋନୁ ନିଗମ ଅସନ୍ତୋଷ ପ୍ରକାଶ କରିଛନ୍ତି।



# ଆଜିଠୁ 'ଉତ୍କର୍ଷ ଓଡ଼ିଶା' କନ୍‌କ୍ଲେଭ

- ଯୋଗଦେବେ ୧୬ ଦେଶର ଶିଳ୍ପ ପ୍ରତିନିଧି
- ୧୦୦ରୁ ଊର୍ଦ୍ଧ୍ୱ ଶିଳ୍ପପତିଙ୍କ ସହ ଏମ୍ଓୟୁ ସ୍ୱାକ୍ଷର ପାଇଁ ଯୋଜନା

ଭୁବନେଶ୍ୱର,୨୭।୧(ଅନିଲ ଦାସ)


ଉତ୍କର୍ଷ ଓଡ଼ିଶା, ମେକ୍ ଇନ ଓଡ଼ିଶା କନ୍‌କ୍ଲେଭ-୨୦୨୫ ମଙ୍ଗଳବାର ଭୁବନେଶ୍ୱର ଜନତା ମଇଦାନଠାରେ ଅନୁଷ୍ଠିତ ହେବ। ଏହା ୨ ଦୁଇଦିନ ଧରି ଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବାହ୍ନ ୧୧ଟାରେ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭକୁ ଉଦ୍‌ଘାଟନ କରିବେ। ଏହି କନ୍‌କ୍ଲେଭରେ ଦେଶ ବିଦେଶରୁ ବହୁ ଶିଳ୍ପପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଆମେରିକା, ଜର୍ମାନୀ, ଅଷ୍ଟ୍ରେଲିଆ, ସିଙ୍ଗାପୁର, ମାଲେସିଆ, ବେଲାରୁଷ୍, ୟୁକେ ଭଳି ୧୬ଟି ଦେଶର ପ୍ରତିନିଧି କନ୍‌କ୍ଲେଭରେ ସାମିଲ ହେବେ ବୋଲି ଜଣାପଡ଼ିଛି। ୨ ଦିନରେ ହେବାକୁ ଥିବା ଏହି କନ୍‌କ୍ଲେଭରେ ବିଭିନ୍ନ କ୍ଷେତ୍ର ପାଇଁ ୧୫ଟି ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ। ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ଏହି କନ୍‌କ୍ଲେଭରେ ଏଲ୍.ଏନ୍. ମିତ୍ତଲ, କୁମାର ମଙ୍ଗଳମ୍ ବିର୍ଲା, ଅନିଲ ଅଗ୍ରୱାଲ, ସଜ୍ଜନ ଜିନ୍ଦଲ, ନବୀନ ଜିନ୍ଦଲ, କରଣ ଆଦାନୀ, ଟି.ଭି. ନରେନ୍ଦ୍ରନଙ୍କ ଭଳି ଦେଶର ବଡ଼ ବଡ଼ ଶିଳ୍ପପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭରେ ୧୦୦ରୁ ଊର୍ଦ୍ଧ୍ୱ ଶିଳ୍ପପତିଙ୍କ ସହ ଏମ୍ଓୟୁ ସ୍ୱାକ୍ଷର ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଶିଳ୍ପ, ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ, ପେଟ୍ରୋକେମିକାଲ୍ସ, ଏମ୍ଏସ୍ଏମ୍ଇ, ସେମିକଣ୍ଡକ୍ଟର ଭଳି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶ ପାଇଁ ନିବେଶକାରୀଙ୍କ ସହ ଆଲୋଚନା କରି ରାଜ୍ୟ ସରକାର ଆଗକୁ ବଢ଼ିବେ।

ଗଣମାଧ୍ୟମକୁ ସୂଚନା ଦେଇ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ ଏକ ଐତିହାସିକ ଓ ଯୁଗାନ୍ତକାରୀ ପଦକ୍ଷେପ ହେବ। ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ। ଆଗାମୀ ଦିନରେ ଓଡ଼ିଶା ଶିଳ୍ପ ଅଗ୍ରଣୀ ରାଜ୍ୟରେ ପରିଣତ ହେବ। ପୂର୍ବ ସରକାର ସମୟରେ ଦୁଇ ଦଶନ୍ଧି ଧରି ସବୁପ୍ରକାର ସମ୍ଭାବନା ଥାଇ ବି ଓଡ଼ିଶା ଶିଳ୍ପର ମରୁଭୂମି ପାଲଟିଥିଲା। ଶିଳ୍ପ କ୍ଷେତ୍ରରେ ଓଡ଼ିଶା ବହୁତ ଆଗକୁ ଯିବ। ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ସହ ଶିଳ୍ପର ଇକୋ ହବ୍ କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ଓଡ଼ିଶାର ପ୍ରତ୍ୟେକ ଜିଲା କିଭଳି ଶିଳ୍ପ କ୍ଷେତ୍ରରେ ଆଗକୁ ଯିବ ତାହା ସରକାରଙ୍କ ପରିକଳ୍ପନା। ମେକ୍ ଇନ୍ ଇଣ୍ଡିଆ ☞ ପୃଷ୍ଠା-୪

## ଉଦ୍‌ଘାଟନ କରିବାକୁ ଆସୁଛନ୍ତି ମୋଦି

ଭୁବନେଶ୍ୱର,୨୭।୧(ସୁନିତ୍ ମିଶ୍ର)




ଭୁବନେଶ୍ୱର ଜନତା ମୈଦାନରେ ଆୟୋଜିତ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫ରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦିନିକିଆ ଗସ୍ତରେ ଆସୁଛନ୍ତି। ସକାଳ ୮.୩୫ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରୁ ବାୟୁସେନା ବିମାନ ☞ ପୃଷ୍ଠା-୪

ଆଜିର ସମ୍ପାଦକୀୟ
ବିଦେଶୀ ସହାୟତା










Government of Haryana

डबल इंजन हरियाणा सरकार
तिगुनी रफ्तार

100 DAYS
NON-STOP EFFORTS
TOP RESULTS



**Merit-Based Jobs**
Over 27,000 youth secured Government jobs on merit within days of the formation of the Government.

**MSP for all 24 Crops**
Farmers receive payment directly into their bank accounts within 48 hours of procurement.

**Domestic Gas Cylinders for just ₹500**
13+ lakh families benefited across the State till date.

**Free Dialysis**
Free dialysis service started in all district hospitals and medical colleges, benefiting over 20,000 patients.

**1.85 lakh Lakhpati Didis**
Over 1.85 lakh women from self-help groups became Lakhpati Didis, with a target of 5 lakh Lakhpati Didis. 5,000 women in the State will be made Drone Didis. Free drones worth up to ₹8 lakh with training.

**Free Treatment for 70+ Elderly**
Citizens aged 70 and above are provided free treatment worth up to ₹5 lakh under Ayushman Bharat and Chirayu Schemes.

**Reservation for Backward Class-B**
Backward Class-B has been granted reservation in Panchayati Raj and Urban Local Bodies.
Deprived Scheduled Castes have been given their due rights.

**New Metro Route from Rithala to Kundli**
Prime Minister laid foundation of the new metro route, which will make travel from Haryana to Delhi easier.

**New indoor Gyms**
250 new indoor gyms have been opened in Haryana's villages with plans to have a gym in every village.

**Job Security for Contractual Employees**
Job security provided to the state's contractual employees and various categories of teachers.

**Ownership Rights for Tenant Farmers**
Tenant farmers on Shamlat land on lease for over 20 years granted ownership rights.

**100 Square Yards Plots for the Poor**
Allocation of up to 100 square yards residential plots under the Mukhyamantri Gramin Awas Yojana initiated. Beneficiaries will receive financial assistance for house construction under the Pradhan Mantri Awas Yojana (Rural) scheme.

**TB-free Haryana**
100-day TB eradication campaign launched.



Information, Public Relations and Languages Department, Haryana | www.prharyana.gov.in | Follow us on @diprharyana

Scan the QR code to join the Whatsapp channel of Information and Public Relations Department, Haryana

No. 1089/13/1972/2025/32073/276/21 Dtd. Chandigarh, the 27/01/2025

# କମ୍ପାନୀକୁ ଦେଲେ, ବେରୋଜଗାରଙ୍କ ପାଇଁ ଚିନ୍ତା ନାହିଁ

ଜୀବାଶ୍ମ ଇନ୍ଧନ ପରିଚାଳିତ ମୋଟରଗାଡ଼ି ଚଳାଚଳ ଯୋଗୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ସେଥିପାଇଁ ବିଶ୍ୱବ୍ୟାପୀ ବିଦ୍ୟୁତ୍‌ଚାଳିତ ଗାଡ଼ି ବା ଇଲେକ୍ଟ୍ରିକ୍ ଭେହିକ୍ଲସ(ଇଭି) ସଂଖ୍ୟା ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ଓଡ଼ିଶା ସରକାର ମଧ ଚାହୁଁଛନ୍ତି ଏହାର ସଂଖ୍ୟା ବଢୁ। ସେଥିପାଇଁ ଗାଡ଼ି କିଣିବାରେ ଆର୍ଥିକ ପ୍ରୋତ୍ସାହନ ଦେଉଛନ୍ତି। ତେବେ ଇଭି ପାଇଁ ମୁଖ୍ୟ ଭିତ୍ତିଭୂମି ହେଉଛି ଚାର୍ଜିଂ କେନ୍ଦ୍ର। ଦେଖାଯାଇଛି ରାଜ୍ୟରେ ଚାର୍ଜିଂ ପଏଣ୍ଟ ସ୍ଥାପନ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ହେଲେ କେବଳ ଜି.ଭା ଇଣ୍ଟରନ୍ୟାଶନାଲ ଏଥିପାଇଁ ଆବେଦନ କରି ଏକାକୀ ସୁଯୋଗ ହାତେଇଛି। ଦେଖିବାକୁ ଗଲେ କୌଣସି ଟେଣ୍ଡର ବ୍ୟବସ୍ଥାରେ ଏକମାତ୍ର ଆବେଦନକାରୀ ହୋଇଥିଲେ ତାହାକୁ ବାତିଲ କରାଯାଇ ପୁନଶ୍ଚ ଟେଣ୍ଡର ଡାକାଯିବା କଥା। ତାହା ହୋଇ ନ ଥିବାରୁ ଏହାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ବର୍ଷକ ମଧରେ ଆହୁରି ୪୦ ହଜାର ଅଧିକ ଯୁବତୀଯୁବକଙ୍କୁ ନିଯୁକ୍ତି ଦେବେ ବୋଲି କହୁଛନ୍ତି। ଏଭଳି ସ୍ଥଳେ ଆଶାୟୀଙ୍କୁ ଉଦ୍ୟୋଗୀ ହେବାର ସୁଯୋଗ ଦେଇ ଚାର୍ଜିଂ ସେଣ୍ଟର ସ୍ଥାପନ ଲାଗି ବ୍ୟବସ୍ଥା କରାଗଲେ ଅନେକେ ଉପକୃତ ହୋଇପାରନ୍ତେ ବୋଲି କୁହାଯାଇପାରେ।



ନୟାପଲ୍ଲୀ କଳିଙ୍ଗ ମାର୍କେଟ୍ ନିକଟରେ ଚାର୍ଜିଂ ଷ୍ଟେଶନ କାମ ଚାଲିଛି।

**ଭୁବନେଶ୍ୱର,୨୭।୧(ସୁନିତ୍ ମିଶ୍ର)**

ଓଡ଼ିଶାରେ ଅଧିକ ଇ.ଭି. ବ୍ୟବହାର କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି। ହେଲେ ଏଥିପାଇଁ ଯେପରି ଭିତ୍ତିଭୂମି ପ୍ରସ୍ତୁତ କରାଯିବା କଥା ତାହା ଏ ପର୍ଯ୍ୟନ୍ତ କରାଯାଇପାରି ନାହିଁ; ଯେଉଁଥିଲାଗି ରାଜ୍ୟରେ ଯେଉଁ ମାତ୍ରାରେ ଇଲେକ୍ଟ୍ରିକ ଗାଡ଼ିର ବ୍ୟବହାର ବଢ଼ିବା କଥା ସେଥିରେ ବିଚ୍ୟୁତି ପରିଲକ୍ଷିତ ହେଉଛି। ଅନ୍ୟପଟେ ଇଭି ପାଇଁ ଅପରିହାର୍ଯ୍ୟ ଚାର୍ଜିଂ ଷ୍ଟେଶନ ମଧ ସବୁ ସ୍ଥାନରେ ସ୍ଥାପନ କରିବାରେ ସରକାର ଏପର୍ଯ୍ୟନ୍ତ ସଫଳ ହୋଇନାହାନ୍ତି। ଦୀର୍ଘଦିନ ବ୍ୟବଧାନରେ ଯଦିଓ ସରକାର ଇ.ଭି. ଲାଗି ଚାର୍ଜିଂ ଷ୍ଟେଶନ ବସାଇବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି, ସେଥିରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚାର୍ଜିଂ ଷ୍ଟେଶନ ବସାଇବା ଦିଗରେ ସରକାର ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି, ତାହା କେବଳ ଏକ ନିର୍ଦ୍ଦିଷ୍ଟ କମ୍ପାନୀକୁ ଲାଭ ଦେବା ଉଦ୍ଦେଶ୍ୟରେ ବୋଲି କୁହାଯାଉଛି। ରାଜ୍ୟରେ ବେକାରମାନେ ଚିନ୍ତାରେ ଥିବାରୁ ସେମାନଙ୍କୁ ଏଥିଲାଗି ସୁଯୋଗ ଦିଆଯିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏଭଳି ପରିପ୍ରେକ୍ଷୀରେ ବେରୋଜଗାରଙ୍କ ପାଇଁ ଚିନ୍ତା କରିବା ବଦଳରେ କମ୍ପାନୀ ପ୍ରତି ସରକାରଙ୍କ ଅନୁଗ୍ରହ ରହିବା ସାଧାରଣରେ ଗ୍ରହଣୀୟ ହେଉନାହିଁ। ଉଦାହରଣ ଭାବେ ପେଟ୍ରୋଲ ପମ୍ପ ପ୍ରଦାନ ବ୍ୟବସ୍ଥାକୁ ନେଇପାରିବା। ପେଟ୍ରୋଲ ପମ୍ପ କମ୍ପାନୀ କୌଣସି ସ୍ଥାନରେ ପମ୍ପ ବସାଇବା ଲାଗି କେତେଗୁଡ଼ିଏ ମାନଦଣ୍ଡ ସହିତ ଟେଣ୍ଡର ଆହ୍ୱାନ କରିଥାଏ। ଏହାପରେ ଯେଉଁମାନେ ଟେଣ୍ଡର ଆବେଦନ କରିଥାନ୍ତି ସେମାନଙ୍କୁ ନେଇ ଲଟେରି ବ୍ୟବସ୍ଥା ହୋଇଥାଏ। ଏହା ଏବେ ଅନ୍‌ଲାଇନ ମାଧ୍ୟମରେ ହେଉଛି। ଯିଏ ଲଟେରିରେ ଜିତନ୍ତି ପେଟ୍ରୋଲ ପମ୍ପ କମ୍ପାନୀ ମାଗିଥିବା କାଗଜପତ୍ର ସେହିମାନଙ୍କର ଯାଞ୍ଚ କରାଯାଇଥାଏ। ଫଳରେ ସାଧାରଣ ଲୋକମାନଙ୍କୁ ବ୍ୟବସାୟ କରିବା ଲାଗି ସୁଯୋଗ ମିଳିଥାଏ। ଏହି ବ୍ୟବସ୍ଥା ଚାର୍ଜିଂ ପଏଣ୍ଟ ସ୍ଥାପନ କ୍ଷେତ୍ରରେ କରାଯାଇପାରିଥାନ୍ତା। ଫଳରେ କମ୍ ଖର୍ଚ୍ଚରେ ଯୁବକମାନେ ବ୍ୟବସାୟ କରିପାରିଥାନ୍ତେ।

ରାଜ୍ୟସାରା ଚାର୍ଜିଂ ପଏଣ୍ଟ ସ୍ଥାପନ କରିବା ଲାଗି ସରକାର ପଦକ୍ଷେପ ନେଉଥିବା କଥା ଦୀର୍ଘଦିନରୁ କହିଆସୁଥିଲେ। ତେବେ ରାଜ୍ୟର ବିଭିନ୍ନ ସ୍ଥାନରେ ଚାର୍ଜିଂ ପଏଣ୍ଟ ସ୍ଥାପନ ଉଦ୍ଦେଶ୍ୟରେ ସରକାରଙ୍କ ପରିବହନ ବିଭାଗ ଏକ ଟେଣ୍ଡର ଆହ୍ୱାନ କରିଥିଲା। ଯେଉଁ କମ୍ପାନୀ ଏହି ଚାର୍ଜିଂ ପଏଣ୍ଟ ଓଡ଼ିଶାରେ ବସାଇବାକୁ ଇଚ୍ଛୁକ ହେବେ, ସେମାନେ ଏହି ଟେଣ୍ଡରରେ ଭାଗ ନେଇପାରିବେ। ହେଲେ ଦୁର୍ଭାଗ୍ୟର ବିଷୟ ଜି.ଭା ଇଣ୍ଟରନ୍ୟାଶନାଲକୁ ଛାଡ଼ିଦେଲେ ଅନ୍ୟ କୌଣସି କମ୍ପାନୀ ଏହି ଟେଣ୍ଡର ପ୍ରକ୍ରିୟାରେ ସାମିଲ ହେଲେ ନାହିଁ। ତେବେ କେବଳ ଗୋଟିଏ କମ୍ପାନୀ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବା ସତ୍ତ୍ୱେ ସରକାର ଏହାକୁ ବାତିଲ କରିବା ପରିବର୍ତ୍ତେ ସେହି କମ୍ପାନୀକୁ ରାଜ୍ୟରେ ଚାର୍ଜିଂ ପଏଣ୍ଟ ସ୍ଥାପନ ଲାଗି ଗତ ନଭେମ୍ବର ୨୨ରେ କାର୍ଯ୍ୟାଦେଶ ପ୍ରଦାନ କରିଦେଲେ। ଏହି କମ୍ପାନୀ ପ୍ରଥମେ ଭୁବନେଶ୍ୱରରେ ଚାର୍ଜିଂ ପଏଣ୍ଟ ସ୍ଥାପନ କରିବାକୁ ଯାଉଛି। ପରିବହନ ବିଭାଗ ସହିତ ହୋଇଥିବା ଚୁକ୍ତି ମୁତାବକ ଉକ୍ତ କମ୍ପାନୀକୁ ଚାର୍ଜିଂ ପଏଣ୍ଟ ବସାଇବା ଲାଗି ରାଜ୍ୟ ସରକାର ମାଗଣାରେ ୧୦ ବର୍ଷ ପାଇଁ ଜମି ଯୋଗାଇଦେବେ। ଏହିଭଳି ସୁବିଧା ସରକାର ଶିକ୍ଷିତ ଯୁବତୀଯୁବକଙ୍କୁ ଦେବା ଦିଗରେ ଚିନ୍ତା କରିପାରିଥାନ୍ତେ। ପ୍ରଥମ ପର୍ଯ୍ୟାୟରେ ବିଡିଏ (ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ) ଏବଂ ବିଏମ୍‌ସି (ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ) ମିଳିତ ଭାବେ ୮୨ଟି ଜମି ଚିହ୍ନଟ କରି ୧୦ ବର୍ଷିଆ ଲିଜ୍ ଏଗ୍ରିମେଣ୍ଟରେ ଜି.ଭା ଇଣ୍ଟରନ୍ୟାଶନାଲ କମ୍ପାନୀକୁ ପ୍ରଦାନ କରିସାରିଲେଣି। ଏଥିମଧ୍ୟରୁ କେତେକ ସ୍ଥାନରେ ଜି.ଭା କମ୍ପାନୀ ଚାର୍ଜିଂ ପଏଣ୍ଟ ବସାଇବାକୁ କାର୍ଯ୍ୟ ଆରମ୍ଭ କରିସାରିଲାଣି। ଅନ୍ୟପଟେ ଏହି କମ୍ପାନୀକୁ ରାଜ୍ୟର ବିଭିନ୍ନ ପ୍ରମୁଖ ସହରରେ ଜମି ଯୋଗାଇ ଦେବା ଲାଗି ଜିଲାପାଳମାନଙ୍କୁ ମଧ ଚିଠି କରାଯାଇଥିବା ଜଣାପଡ଼ିଛି। ସେହିପରି ଜାତୀୟ ରାଜପଥ, ରାଜ୍ୟ ରାଜପଥ କଡ଼ରେ ମଧ ଏହି କମ୍ପାନୀକୁ ଜମି ଯୋଗାଇ ଦିଆଯିବାକୁ ପରିବହନ ବିଭାଗ ପକ୍ଷରୁ ରାଜସ୍ୱ ବିଭାଗକୁ ଚିଠି କରାଯାଇଛି। ଭୁବନେଶ୍ୱର ଭିତରେ ଅନ୍ୟ କେଉଁଠି ଜମି ଆବଶ୍ୟକ ପଡ଼ିଲେ ସାଧାରଣ ପ୍ରଶାସନ(ଜିଏ) ବିଭାଗକୁ ମଧ ମଗାଯିବ ବୋଲି ଜଣାପଡ଼ିଛି। ତେବେ ସରକାର ଚାର୍ଜିଂ ପଏଣ୍ଟ ପାଇଁ ଯେତିକି ଜମି ଆବଶ୍ୟକ ତା'ଠାରୁ ଅଧିକ ଜମି ପ୍ରଦାନ କରୁଥିବା ଜଣାପଡ଼ିଛି। ଚାର୍ଜିଂ ପଏଣ୍ଟ ସହିତ ଅନ୍ୟାନ୍ୟ ସୁବିଧା ଯୋଗାଇଦେବାର ବ୍ୟବସାୟ ମଧ ଉକ୍ତ କମ୍ପାନୀ କରିପାରେ ବୋଲି ଜଣେ ଅଧିକାରୀ ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ଜି.ଭା କମ୍ପାନୀ ଚାର୍ଜିଂ ପଏଣ୍ଟ ବସାଇସାରିବା ପରେ ଯେଉଁମାନେ ସ୍ଲୋ ଚାର୍ଜିଂ ବ୍ୟବସ୍ଥା ନେବେ ସେମାନଙ୍କଠାରୁ ୟୁନିଟ୍ ପିଛା ୧୦ଟଙ୍କା ୩୦ ପଇସା ଲେଖାଏ ନେବ। ଯେଉଁମାନେ ସ୍ପିଡ ଚାର୍ଜିଂ ବ୍ୟବସ୍ଥା ଗ୍ରହଣ କରିବେ ସେମାନଙ୍କଠାରୁ ୧୧ଟଙ୍କା ୪୯ ପଇସା ନେବ। ଏଥିରୁ ସରକାରଙ୍କୁ ମାତ୍ର ୧ ଟଙ୍କା ଲେଖାଏ ଉକ୍ତ କମ୍ପାନୀ ୟୁନିଟ୍ ପିଛା ପ୍ରଦାନ କରିବ ବୋଲି ଜଣାପଡ଼ିଛି।

ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ମୁତାବକ, ସରକାର ଚାହିଁଥିଲେ ଟେଣ୍ଡର ପ୍ରକ୍ରିୟାରେ ଗୋଟିଏ କମ୍ପାନୀ ସାମିଲ ହୋଇଥିବାରୁ ଏହାକୁ ବାତିଲ କରିପାରିଥାଆନ୍ତେ। ଅନ୍ୟପଟେ ଯେକୌଣସି ଶିକ୍ଷିତ ଏବଂ ବେକାର ଓଡ଼ିଆ ଯୁବତୀଯୁବକ ଏହି ଟେଣ୍ଡର ପାଇଁ ଆବେଦନ କରିବାର ବ୍ୟବସ୍ଥା ସୃଷ୍ଟି କରାଯାଇପାରିଥାନ୍ତା। ସବୁ ଆବେଦନକାରୀ ଅନ୍‌ଲାଇନ୍‌ରେ ଫର୍ମ ପକାଇବା ସହିତ ନିଜ ଜମିର ତଥ୍ୟ ଦେବାର ସୁଯୋଗ ସୃଷ୍ଟି କରାଯାଇଥିଲେ ଅନେକ ହଜାର ନିଯୁକ୍ତିର ସୁବିଧା ହୋଇଥାନ୍ତା। ଏଥିପାଇଁ ଶିକ୍ଷାଗତ ଯୋଗ୍ୟତା, ଜମିର ମାଲିକାନା ଏବଂ ୩ ଫେଜ୍ ବିଦ୍ୟୁତ୍ ସଂଯୋଗ ସହିତ ଆବେଦନ ମଗାଯାଇଥିଲେ ତାହାକୁ ଯାଞ୍ଚ କରି ପରିବହନ ବିଭାଗ ୧୦ ବର୍ଷିଆ ଲାଇସେନ୍ସ ଦେଇପାରିଥାନ୍ତା। ସେଥିରେ କୌଣସି ମଧ୍ୟସ୍ଥିର ସମ୍ପୃକ୍ତି ରହନ୍ତା ନାହିଁ ଏବଂ ସରକାର ଜିଏସ୍‌ଟି ମାଧ୍ୟମରେ ଲାଭବାନ ହୋଇପାରିଥାନ୍ତେ।

ପରିବହନ କମିଶନର ଅମିତାଭ ଠାକୁର କହିଛନ୍ତି, ଚାର୍ଜିଂ ଷ୍ଟେସନ କେହି ବି ବସାଇପାରିବେ। ଯେହେତୁ ଲୋକମାନେ ଚାର୍ଜିଂ ଷ୍ଟେସନ ବସାଇବା ଲାଗି ଇଚ୍ଛୁକ ହେଲେନାହିଁ ସେଥିଲାଗି ଟେଣ୍ଡର ଜରିଆରେ ଏକ କମ୍ପାନୀକୁ ଚାର୍ଜିଂ ଷ୍ଟେସନ ବସାଇବା କାମ ଦିଆଗଲା। ଏବେ ବି ଚାହିଁଲେ ଜଣେ ସାଧାରଣ ଲୋକ ଚାର୍ଜିଂ ଷ୍ଟେସନ ବସାଇପାରିବ। ପ୍ରଥମ ପର୍ଯ୍ୟାୟରେ ଜି.ଭା ଇଣ୍ଟରନ୍ୟାଶନାଲକୁ ୮୩ଟି ସ୍ଥାନରେ ଚାର୍ଜିଂ ଷ୍ଟେସନ ବସାଇବା ଦାୟିତ୍ୱ ଦିଆଯାଇଛି। ଭୁବନେଶ୍ୱର, କଟକ ଏବଂ ବିଭିନ୍ନ ଜିଲା ମୁଖ୍ୟାଳୟରେ ୩ ମାସ ମଧ୍ୟରେ ଏହି କାର୍ଯ୍ୟ ସରିବ। ଆଗକୁ ରାଜ୍ୟର ସବୁଆଡେ ଏହି ଷ୍ଟେସନ ବସାଇବା କାର୍ଯ୍ୟ ହେବ ବୋଲି ସେ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ହେଲେ ପ୍ରକାଶ ମିଶ୍ର

**ଭୁବନେଶ୍ୱର,୨୭।୧(ସୁନିତ୍ ମିଶ୍ର)**



ପୂର୍ବତନ ସିଆର୍‌ପିଏଫ୍ ଡିଜିପି ତଥା ଅବସରପ୍ରାପ୍ତ ଆଇପିଏସ୍ ପ୍ରକାଶ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପଦେଷ୍ଟା ଭାବେ ଗୁରୁଦାୟିତ୍ୱ ମିଳିଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୋମବାର ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। କ୍ୟାବିନେଟ୍ ପାହ୍ୟା ମଧ ତାଙ୍କୁ ଦିଆଯାଇଛି। ଅତିରିକ୍ତ ସଚିବ ମନୋଜ କୁମାର ମହାନ୍ତିଙ୍କ ଦସ୍ତଖତରେ ଏହି ବିଜ୍ଞପ୍ତି ଜାରି କରାଯାଇଛି।

ପ୍ରକାଶ ମିଶ୍ର ଏହି ଦାୟିତ୍ୱ ପାଇବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଗୁରୁଦାୟିତ୍ୱ ମୁଖ୍ୟମନ୍ତ୍ରୀ ତାଙ୍କୁ ଦେଇଛନ୍ତି। ଏହାକୁ ସେ ସୁଚାରୁରୂପେ ତୁଲାଇବେ। ଜନହିତରେ ଯାହାସବୁ ହୋଇପାରିବ ତାହା ମିଳିମିଶି କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ୧୯୭୭ ବ୍ୟାଚ୍ ଆଇପିଏସ୍ ଅଫିସର ପ୍ରକାଶ ମିଶ୍ର ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ସିଆର୍‌ପିଏଫ୍ ଡିଜି ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୧୯ ମସିହାରେ ଭାଜପାରେ ବିଧିବଦ୍ଧ ଭାବେ ଯୋଗ ଦେଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ କଟକ ଲୋକ ସଭା ଆସନରୁ ଭାଜପା ଟିକେଟରେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ।


## ମଧୁସୂଦନ ପାଢ଼ୀ ରାଜ୍ୟ ନିର୍ବାଚନ କମିଶନର

**ଭୁବନେଶ୍ୱର,୨୭।୧(ଅନିଲ ଦାସ)**



୧୯୯୧ ବ୍ୟାଚ୍ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ମଧୁସୂଦନ ପାଢ଼ୀଙ୍କୁ ରାଜ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ମିଳିଛି। ଏ ନେଇ ସୋମବାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ୨୦୨୭ରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପୂର୍ବରୁ ତାଙ୍କୁ ସରକାର ରାଜ୍ୟର ନୂଆ ନିର୍ବାଚନ କମିଶନର ଭାବେ ନିଯୁକ୍ତ କରିଛନ୍ତି। ଭାରତ ସମ୍ବିଧାନର ଧାରା '୨୪୩-କ'ର ଉପଧାରା (୧) ଅନୁଯାୟୀ ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଏବେ ପୂର୍ବତନ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ରାଜ୍ୟ ନିର୍ବାଚନ କମିଶନର ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୯ରେ ତତ୍କାଳୀନ ବିଜେଡି ସରକାର ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦେଇଥିଲେ। ତାଙ୍କର କାର୍ଯ୍ୟକାଳ ୨୦୨୪ ଅଗଷ୍ଟ ମାସରେ ଶେଷ ହୋଇଛି। ତେବେ ନୂତନ ନିର୍ବାଚନ କମିଶନର ନିଯୁକ୍ତି ହୋଇ ନ ଥିବାରୁ ସେ ଏବେ ମଧ ନିର୍ବାଚନକମିଶନରଦାୟିତ୍ୱତୁଲାଉଛନ୍ତି।



## ମନୋଜ ଆହୁଜାଙ୍କୁ ମୁଖ୍ୟ ଆବାସିକ କମିଶନର ଅତିରିକ୍ତ ଦାୟିତ୍ୱ



**ଭୁବନେଶ୍ୱର,୨୭।୧(ଅନିଲ ଦାସ)**

୧୯୯୦ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ନୂଆଦିଲ୍ଲୀରେ ଓଡ଼ିଶାର ମୁଖ୍ୟ ଆବାସିକ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ନେଇ ଜାନୁଆରୀ ୨୪ରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

୨୦୨୪ ଅଗଷ୍ଟରେ ଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ବିଶାଲ ଗଗନଙ୍କୁ ନୂଆଦିଲ୍ଲୀରେ ଓଡ଼ିଶାର ମୁଖ୍ୟ ଆବାସିକ କମିଶନର (ପ୍ରିନ୍ସିପାଲ ରେସିଡେଣ୍ଟ କମିଶନର) ଭାବେ ନିଯୁକ୍ତି ଦିଆଯାଇଥିଲା। ଏବେ ମନୋଜ ଆହୁଜା ଏହି ଦାୟିତ୍ୱରେ ରହିବେ। ମନୋଜଙ୍କ ସେବା ଅବଧି ୨୦୨୫ ଜାନୁଆରୀ ପହିଲାରୁ ୧ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ସେ ୨୦୨୪ ଅଗଷ୍ଟ ୧୩ରୁ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଚେୟାରମ୍ୟାନ୍ ଭାବରେ କାର୍ଯ୍ୟ କରିଆସୁଛନ୍ତି।

## ୩୧ରେ ସରିବ ଇ-କେୱାଇସି ଅପ୍‌ଡେଟ: ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର,୨୭।୧(ଅନିଲ ଦାସ)**

ଆସନ୍ତା ୪ ଦିନ ପରେ ରାଜ୍ୟରେ ରାଶନ କାର୍ଡ ଇ-କେୱାଇସି ଅପ୍‌ଡେଟ କାର୍ଯ୍ୟ ଶେଷ ହେବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଜାନୁଆରୀ ୩୧ ସୁଦ୍ଧା ଇ-କେୱାଇସି ଅପ୍‌ଡେଟ ଲାଗି ସରକାର ଦିନ ଧାର୍ଯ୍ୟ କରିଛନ୍ତି। ଯଦି ଏହି ସମୟ ସୁଦ୍ଧା ଶେଷ ନ ହୁଏ ତେବେ ପରବର୍ତ୍ତୀ ସମୟରେ ସରକାର ବିଚାର କରି ପଦକ୍ଷେପ ନେବେ ବୋଲି ମନ୍ତ୍ରୀ କହିଛନ୍ତି।

ରାଜ୍ୟର ଏ ପର୍ଯ୍ୟନ୍ତ ୪୦ ଲକ୍ଷ ୪୦ ହଜାର ୮୬୪ ରାଶନ କାର୍ଡ ହିତାଧିକାରୀ ଇ-କେୱାଇସି ଅପ୍‌ଡେଟ କରି ନାହାନ୍ତି। ମୋଟ ୩ କୋଟି ୩୫ ଲକ୍ଷ ୫୭୦ ହିତାଧିକାରୀଙ୍କ ମଧ୍ୟରୁ ୨କୋଟି ୯୪ ଲକ୍ଷ ୫୯ ହଜାର ୮୮୬ଜଣଙ୍କର ଇ-କେୱାଇସି ଶେଷ ହୋଇଛି।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଶ୍ୱେତପଦ୍ମା ସଙ୍ଗୀତାଳୟ କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ୮୨ତମ ସଂସ୍କୃତି ଚର୍ଚ୍ଚା, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୬ଟା ୧୫।

## ବାଲେଶ୍ୱର
- ନିପୁଣ ଓଡ଼ିଶା ମେଳା, ସ୍ଥାନ: ଗଡ଼ପଦା ସରକାରୀ ପ୍ରାଥମିକ ବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭୋଗରାଇ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ପଦ୍ମାବତୀ ବାଳିକା ଓ ସରକାରୀ ଉ.ପ୍ରା. ବିଦ୍ୟାଳୟ ବଣାର ବାର୍ଷିକ ଉତ୍ସବ, ସ୍ଥାନ: ବଣା, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ତାପୁଣ୍ଡିଆ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ବାରବାଟିଆ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବାରବାଟିଆ, ଭୋଗରାଇ, ସମୟ: ଅପରାହ୍ନ ୪ଟା।
- ସ୍ନୋ ଫେଷ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ
- ବ୍ଲକ୍‌ସ୍ତରୀୟ ଦକ୍ଷତା ବିକାଶ ତାଲିମ ପରାମର୍ଶ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଏକଦିବସୀୟ ମା' ଭଗବତୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଦେହୁଡ଼ି ଆନନ୍ଦପୁର ଖେଳପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଶୁକଦେବୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଦେହୁଡ଼ି ଆନନ୍ଦପୁର, ଧାମନଗର, ସମୟ: ମଧ୍ୟାହ୍ନ ୧୨ଟା।
- ଦିବାକର ମେମୋରିଆଲ ଆନ୍ତଃରାଜ୍ୟ ଫୁଟ୍‌ବଲ ଟୁର୍ନାମେଣ୍ଟର ୨ୟ ଦିବସ ମ୍ୟାଚ୍, ସ୍ଥାନ: ନୀଳମଣି ମିନିଷ୍ଟାଡିୟମ୍, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ଏକଦିବସୀୟ ସୁବ୍ରତ ମେମୋରିଆଲ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଦଶନ୍ଧିକୁଳ, ଧାମନଗର, ସମୟ: ଅପରାହ୍ନ ୫ଟା।
- ତିହିଡ଼ି ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।

- ଅର୍ଜୁନ ପଲିଶ୍ରୀ ମେଳାର ୨ୟ ସନ୍ଧ୍ୟା, ସ୍ଥାନ: ଓଡ଼ଙ୍ଗ, ବନ୍ତ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: କପାସପଡ଼ା ମା' ତାରିଣୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ
- ୧୮ତମ ତ୍ରିଶକ୍ତି କପ୍ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ଚମ୍ପାଝର,ଠାକୁରମୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ମଧ୍ୟାହ୍ନ ୧୨ଟା।
- ସ୍ମୃତିଚାରଣ ସଭା,ସ୍ଥାନ: ସିଂହଡିଆ, ବଡ଼ସାହି,ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର
- ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଶୁଭାରମ୍ଭ, ସ୍ଥାନ: ବ୍ରହ୍ମପୁର ରେଲୱେ ଷ୍ଟେଶନ,ସମୟ: ପୂର୍ବାହ୍ନ ୧୧ଟା ୪୫।

## ଗଞ୍ଜାମ
- ମହାତ୍ମାଗାନ୍ଧୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ: ଶେରଗଡ଼ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୃଷ୍ଣସାର ମୃଗ ଗଣତି ପ୍ରଶିକ୍ଷଣ ଶିବିର, ସ୍ଥାନ: ଆସିକା ବ୍ଲକ ଚାରିମଇଲିସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ ପଞ୍ଚରାତ୍ର ପାରାୟଣ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ବୁଗୁଡ଼ା ଅରବିନ୍ଦ ନଗର ଦ୍ୱିତୀୟ ଲାଇନ,ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର
- ସତ୍ୟସାଇ ସେବା ଅନୁଷ୍ଠାନ ପକ୍ଷରୁ ବାଲିମେଳା ଓ ସମୂହ ପ୍ରାର୍ଥନା, ସ୍ଥାନ: ସାଇ ମନ୍ଦିର, ନୂଆବଜାର, ପାରାଦୀପ,ସମୟ: ସକାଳ ୬ଟା।
- ଜଗନ୍ନାଥ ଲଳିତ କଳା ସଂସଦର କଳାକାର ସମ୍ମିଳନୀ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଲକି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି, ସ୍ଥାନ: ଟାଉନ ହାଇସ୍କୁଲ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।

## ନୟାଗଡ଼
- ମା' ବୈଷ୍ଣୋ ଦେବୀଙ୍କ ପ୍ରାଣ ପ୍ରତିଷ୍ଠା ଓ ଶକ୍ତି ଯଜ୍ଞ ଅବସରରେ ଅଙ୍କୁରାରୋପଣ, ସ୍ଥାନ: ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତର ଜାମୁକୋଣ, ସମୟ: ସକାଳ ୭ଟା।
- କବି ସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ୨୮୭ତମ ଜୟନ୍ତୀ ସମାରୋହରେ କବିତା ପାଠ ଓ ଆଲୋଚନା ଚକ୍ର, ସ୍ଥାନ: ଶରଣକୁଳ ଭିକାରୀପଡ଼ାସ୍ଥିତ କବି ସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ପଲଟନ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ବି. ଆର୍. ଆମ୍ବେଡକର ଜାତୀୟ ମହାବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ, ସ୍ଥାନ : ଡମ୍ବସରା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱଳ୍ପ କାଳୀନ ଏବଂ ଦୀର୍ଘ ମିଆଦି ପ୍ରଶିକ୍ଷଣ ସମ୍ବନ୍ଧୀୟ ସୂଚନା ଏବଂ ଚୟନ କାର୍ଯ୍ୟକ୍ରମ, ସ୍ଥାନ: କାଶୀପୁର ବ୍ଲକ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କଲ୍ୟାଣସିଂପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଦିଶା ବୈଠକର ସମୀକ୍ଷା, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା।
- ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।
- ମା' ମାଣିକେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ଗୋବର୍ଦ୍ଧନ ଖେଳପଡିଆ, ମୁନିଗୁଡ଼ା, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ବାଘୁଆ ଦେଉଳ ପଛପଟ ଉତ୍ସବ ପଡିଆ, ଗୁଣପୁର, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଚତୁର୍ଥ ଜିଲାସ୍ତରୀୟ ଭାରତ ସ୍କାଉଟ ଓ ଗାଇଡ୍ କ୍ୟାମ୍ପରୀ ସମାବେଶ, ସ୍ଥାନ: ଝରିଗାଁ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।

## କୋରାପୁଟ
- ଶବରୀ ନାରାୟଣ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସୁବାଇ ପଞ୍ଚାୟତ ବିଲାପୁଟ ଗ୍ରାମ, ସେମିଳିଗୁଡା, ସମୟ: ସକାଳ ୯ଟା।
- ଜିଲା ରାଜସ୍ୱ ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଲୋଚନା ଚକ୍ର, ସ୍ଥାନ: ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ଆଇଟି ପାର୍କ ଉଦ୍‌ଘାଟନ,ସ୍ଥାନ: ଉମୁରି, ଜୟପୁର, ସମୟ: ଅପରାହ୍ନ ୨ଟା ୩୦।

## ମାଲକାନଗିରି
- ଜିଲାସ୍ତରୀୟ ଏର୍ଲିଗ୍ରେଡ ଟିଚର୍ସ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ନିପୁଣ ଓଡ଼ିଶା ମେଳା, ସ୍ଥାନ: ଏମ୍‌ପିଭି-୫୫ ଗାଁ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଜଙ୍ଗଲ ସୁରକ୍ଷା ଶୋଭାଯାତ୍ରା, ସ୍ଥାନ: ଖଇରପୁଟ ଆଶ୍ରମ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜିତ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- ରାମ ଚରିତ ମାନସ କାର୍ଯ୍ୟକ୍ରମ, ସ୍ଥାନ: ଦେବେଇପାଲି ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଅୟୋଜିତ ରାଜଯୋଗ କାର୍ଯ୍ୟକ୍ରମ, ସ୍ଥାନ: ଦାନୀବନ୍ଧ ସ୍ଥିତ ଶିବ ଦର୍ଶନ ଆଶ୍ରମ, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର
- ନବାହ୍ନ ପାରାୟଣର ଚତୁର୍ଥ ଦିବସ, ସ୍ଥାନ: ମେଟାକାନି ଛକ, ଘିଚାପାଲି ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ୧୬ ତମ ମା' ମାହେଶରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମ୍ୟାଚ, ସ୍ଥାନ: ମେଣ୍ଡିଲିପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଦାଦରପାଲି କ୍ରିକେଟ କପ୍‌ର ତୃତୀୟ ଦିବସ, ସ୍ଥାନ: ଦାଦରପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ପରିବର୍ତ୍ତିତ ଜୀବନଶୈଳୀ ଆହ୍ୱାନ ପାଇଁ ବ୍ଲକସ୍ତରୀୟ ପ୍ରଦର୍ଶନୀ, ସ୍ଥାନ: ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପାଠ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ମାଘ ଚତୁର୍ଦ୍ଦଶୀ ଉପଲକ୍ଷେ ଶିବ ସହସ୍ର ନାମ ପାଠ ଓ ପଞ୍ଚ ଉପଚାର ପୂଜା, ସ୍ଥାନ: ଶିବ ମନ୍ଦିର, ମରାକୁଠା, ସମୟ: ସକାଳ ୮ଟା।
- ଚତୁର୍ଦ୍ଦଶୀ ଅବସରରେ ସୁନ୍ଦରା କାଣ୍ଡ ପଠନ, ସ୍ଥାନ: ଭଅଁର ଖୋଲ ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ରାମଚରିତ ମାନସ ନବାହ୍ନ ପାରାୟଣ ଓ ପୂଜା, ସ୍ଥାନ: ବାନ୍ଧବହାଲ ଦୀନବାନ୍ଧବ କ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନ, ସ୍ଥାନ: ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରୀଛାତ୍ରଙ୍କ ଦ୍ୱାରା ବୀର ସୁରେନ୍ଦ୍ର ସାଏ ନାଟକ ପ୍ରଦର୍ଶନ, ସ୍ଥାନ: ପୂଝରୀପାଲି ଉଚ୍ଚ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ଦେବଗଡ଼
- ସଡ଼କ ସୁରକ୍ଷା ମାସର ପଦଯାତ୍ରା ପାଳନ, ସ୍ଥାନ: ଦେବଗଡ଼ର ସବକଲେକ୍ଟର କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୯।
- ଆବାସିକ ସ୍କୁଲ ଶିକ୍ଷକଙ୍କ ୫ ଦିନିଆ ତାଲିମ ଶିବିର, ସ୍ଥାନ: ରାଜା ବାସୁଦେବ ହାଇସ୍କୁଲ ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟ, ସ୍ଥାନ: ରାଜା ବାସୁଦେବ ହାଇସ୍କୁଲ, ଦେବଗଡ଼ ସହର, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଲାଲସାଏପଡ଼ା ଖଡିଆଲ, ସମୟ: ସକାଳ ୯ଟା।

## ବୌଦ୍ଧ
- ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀରାମଚନ୍ଦ୍ରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ଯଜ୍ଞାରମ୍ଭ, ସ୍ଥାନ: ନାରାୟଣନଗର, ବୌଦ୍ଧ, ସମୟ: ସକାଳ ୯ଟା।
- ଅସୁରଗଡ଼ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ମନମୁଣ୍ଡା, କନ୍ଧମାଳ, ସମୟ: ଅପରାହ୍ନ ୪ ଟା।
- ତୃତୀୟ ହରଭଙ୍ଗା ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ହରଭଙ୍ଗା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ବିଳାସକାରକ ଗ୍ରହ ଶୁକ୍ରଙ୍କ ନକ୍ଷତ୍ରରେ ରହିଥିବାରୁ ବିଳାସପ୍ରିୟ ହେବେ। ଈର୍ଷାପରାୟଣ ସମ୍ପର୍କୀୟଙ୍କ ଖାପଛଡ଼ା କଥା ମନକୁ ବାଧିବ। ବ୍ୟବସାୟ, ନିର୍ମାଣ, ବିବାଦୀୟ ଘଟଣା ଓ ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ନ ହେଲେ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**ବୃଷ** ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ସହ ବ୍ୟବସାୟ ସୁଫଳ ପ୍ରଦାନ କରିବ। ସଭାସମିତିରେ ବନ୍ଧୁମିଳନ ଘଟିବ ଏବଂ ହାତକୁ ଦି'ପଇସା ମଧ୍ୟ ବିଭିନ୍ନ ବାଟରୁ ଆସିବ। କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ, କିନ୍ତୁ ଘର କଥା ଯେମିତି ଅଛି ସେମିତି ରହିବ। କୌଣସି ବିବାଦୀୟ ଘଟଣାରେ ମଧ୍ୟସ୍ଥତାକରି ଅପମାନିତ ହୋଇପାରନ୍ତି।

**ମିଥୁନ** ବନ୍ଧୁଙ୍କ ସାହାଯ୍ୟ ସହଯୋଗରୁ ସନ୍ତାନହେତୁକ ଅର୍ଥର ଆବଶ୍ୟକତା ପୂରଣ କରିପାରିବେ। ଖୋଜୁଥିବା ବ୍ୟକ୍ତି ହଠାତ୍ ଆପଣଙ୍କ ପାଖକୁ ସ୍ୱତଃପ୍ରବୃତ୍ତ ଭାବରେ ଚାଲିଆସିବେ। ପାରିବାରିକ ସମସ୍ୟା ପୂର୍ବପରି ରହିପାରେ, କିନ୍ତୁ ବିଶେଷ କିଛି ଅସୁବିଧା ରହିବ ନାହିଁ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ଆଜିର ପାରିବାରିକ ପ୍ରତିକୂଳତା ଆପଣଙ୍କ ଉପରେ କୌଣସି ପ୍ରଭାବ ପକାଇପାରିବ ନାହିଁ। କର୍ମକ୍ଷେତ୍ରରେ ଟେନ୍‌ସନ ବୃଦ୍ଧିପାଇବ ଏବଂ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଅର୍ଥନୈତିକ ଦୃଷ୍ଟିକୋଣରୁ କେତେକ ବ୍ୟତିକ୍ରମ ସକାଶେ ଚିନ୍ତିତ ରହିପାରନ୍ତି। ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟାକରି ଅପଦସ୍ଥ ହୋଇପାରନ୍ତି।

**ସିଂହ** ସାମାନ୍ୟ ଅବହେଳାରୁ ବଡ଼ ସୁଯୋଗଟିଏ ହାତଛଡ଼ା ହେବା ଅନୁଭବ କରିପାରନ୍ତି। ସଭାସମିତିରେ ଆଲୋଚନା, ଚୁକ୍ତିପତ୍ର, ଶିକ୍ଷା, ଯାତ୍ରା, ବାଣିଜ୍ୟ, ବନ୍ଧୁ ସମ୍ପର୍କରେ ଉନ୍ନତି ଘଟିପାରେ। ଉତ୍ତମ ବୁଝାମଣାଜନିତ ପାରିବାରିକ କ୍ଷେତ୍ର ପୂର୍ବପରି ଉତ୍ତମ ରହିବ। କଳା, ସାହିତ୍ୟ, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟି ପ୍ରଭାବରୁ ଭାଇ,ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ କଳହର କାରଣ ହେବ। ଆଜିର କର୍ମକ୍ଷେତ୍ରରେ ଯାହା ଆଶା କରୁଛନ୍ତି ତାହା ପାଇବା ସହଜସାଧ୍ୟ ନ ହୋଇପାରେ। ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ। କଳା, ସଂସ୍କୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ତୁଳା** ସକାଳୁ ଜଣେ ବନ୍ଧୁଙ୍କ ଆବିର୍ଭାବ ପାରିବାରିକ ଜୀବନକୁ ଚଳଚଞ୍ଚଳ କରିବ। ସବୁ ଅଭାବ, ଅସୁବିଧାକୁ ପଛରେ ପକାଇ କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ଅଗ୍ରାଧିକାର ଦେବେ। ବିବାଦୀୟ ଘଟଣାରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହୋଇପାରିବେ। ଦୈହିକ ଦୁର୍ବଳତାଜନିତ ସ୍ୱାସ୍ଥ୍ୟହାନି କେତେକାଂଶରେ ନିୟନ୍ତ୍ରଣାଧୀନ ରହିପାରେ।

**ବିଛା** ବନ୍ଧୁମିଳନରେ ଯୋଗଦେଲେ ମଧ୍ୟ ମନରେ ସରସତା ନ ଥିବାରୁ ମାନସିକ ସ୍ଥିରତା ରହିବ ନାହିଁ। ଯାତ୍ରା, ଯୋଗାଯୋଗ, ସତ୍‌ସଙ୍ଗ, ଆଲୋଚନା ଜାରି ରଖିଲେ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ କ୍ଷେତ୍ରରେ ତତ୍ପର ରହିବେ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ଧନୁ** ଆଜି ଯାହା ଚିନ୍ତା କରୁଛନ୍ତି ତାହା କାମ ସମୟକୁ ଓଲଟା ହୋଇଯାଇପାରେ। ଦୃଢ଼ ମନୋବଳ ନେଇ କାମ କରିବାର ସୁଯୋଗ ପାଇବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଫଳରେ ଆଶ୍ୱସ୍ତି ଲାଭ କରିପାରନ୍ତି। ପରିବାର, କର୍ମକ୍ଷେତ୍ର, ବନ୍ଧୁବର୍ଗ, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ର ପୂର୍ବପରି ରହିବ।

**ମକର** ଅନ୍ୟର କାନକୁହା କଥାରେ ପରିଚାଳିତ ହେଲେ ପଶ୍ଚାତ୍ତେ ମନସ୍ତାପ କରିବେ। ମନ କଥା ମନରେ ରଖି ବିନୟଭାବ ପୋଷଣ କରିପାରିଲେ ସୁବିଧାରେ କାମ ହାସଲ କରିପାରିବେ। ବାଣିଜ୍ୟ, ପରିବହନ, ଆଲୋଚନା ଓ ରାଜନୀତି କ୍ଷେତ୍ର ଭଲ ରହିବ। ବନ୍ଧୁଙ୍କ ପରାମର୍ଶରେ ସମସ୍ୟା ସମାଧାନର ରାସ୍ତା ଖୋଜିପାଇପାରନ୍ତି।

**କୁମ୍ଭ** ଆପଣଙ୍କ କାର୍ଯ୍ୟକୁ ବାହ୍ୟଲୋକମାନେ ଯେତିକି ଆଦର କରିବେ ନିଜ ଲୋକ ତାହାର ଓଲଟା ବ୍ୟବହାର କରିପାରନ୍ତି। ଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ। ଆକସ୍ମିକ ଦରକାର ପଡୁଥିବା ସମୟରେ ଅର୍ଥାଭାବ ଦୁଶ୍ଚିନ୍ତାର କାରଣ ହୋଇପାରେ। ଧର୍ମାନୁଷ୍ଠାନର ନେତୃତ୍ୱ ଲାଭକରି ସାମାଜିକ ସ୍ତରରେ ପ୍ରଶଂସିତ ହେବେ।

**ମୀନ** ନୂତନ କର୍ମାରମ୍ଭ ସାଙ୍ଗକୁ ସହକର୍ମୀଙ୍କ ସାହାଯ୍ୟକାରୀ ପରାମର୍ଶ ଓ ପ୍ରେରଣା କାମକୁ ଆସିବ। ପରିବାରରେ ମତାନ୍ତରଜନିତ ଅଶାନ୍ତିର ଝଲକ ଦେଖିବାକୁ ମିଳିପାରେ। କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ତଥା କୃତି ଓ କୃତିତ୍ୱରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ବନ୍ଧୁଙ୍କ ସହ ଆଲୋଚନା ପ୍ରୀତିପ୍ରଦ ରହିବ।

ଆଜି ଜାନୁଆରୀ ୨୮ ତାରିଖ, ଲାଲା ଲଜପତ୍ ରାୟଙ୍କ ଜୟନ୍ତୀ, ମାଘ କୃଷ୍ଣପକ୍ଷର ରଟନ୍ତ୍ୟା ଚତୁର୍ଦ୍ଦଶୀ, ମଙ୍ଗଳବାର। ଦିବା ଘ. ୦୮।୫୭ ମି. ଗତେ ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୯।୧୩ ଗତେ, ଘ.୧୦।୫୩ ମଧ୍ୟେ, ଘ.୦୧।୦୬ ଗତେ, ଘ.୦୧।୨୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୪୬ ଗତେ, ଘ.୦୪।୦୯ ମଧ୍ୟେ ରାହୁକାଳ।




# ବିଦ୍ୟୁତ୍ ଆଘାତରେ ଦମ୍ପତି ମୃତ

**ବନ୍ତଳା, ୨୭।୧ (ସୁଶିତ ସାହୁ)**

ଅନୁଗୋଳ ଜିଲା ବନ୍ତଳା ଥାନା ପୋକତୁଙ୍ଗା ଗାଁ ରଗଡ଼ି ତଇଳାଠାରେ ଥିବା ଜଣେ ବ୍ୟକ୍ତିଙ୍କ ଫାର୍ମ ହାଉସ୍‌ରେ ବିଦ୍ୟୁତ୍ ଆଘାତରେ ରବିବାର ବିଳମ୍ବିତ ରାତିରେ ଶ୍ରମିକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ପୁରୁଣାକୋଟ ଥାନା ଶରଧାପୁର ପଞ୍ଚାୟତ ଗଦେଇମୁଣ୍ଡା ଗ୍ରାମର ସୁର ପଧାନ ଓ ସୁକାନ୍ତି ପଧାନ। ବନ୍ୟଜନ୍ତୁଙ୍କ ଉପଦ୍ରବରୁ ଫସଲକୁ ସୁରକ୍ଷା ଦେବାକୁ ଦିଆଯାଇଥିବା ସୋଲାର ବାଡ଼ରେ ବିଦ୍ୟୁତ୍ ସଂଯୋଗ ହୋଇଯାଇଥିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଏ ନେଇ ମୃତ ସୁକାନ୍ତିଙ୍କ ମା' ଜାତକ ପଧାନ ଫାର୍ମ ହାଉସ ମାଲିକଙ୍କ ଅବହେଳାକୁ ଦାୟୀ କରି ବନ୍ତଳା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏଥିସହ ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ପୋକତୁଙ୍ଗା ଗାଁ ରଗଡ଼ି ତଇଳା ଅଞ୍ଚଳକୁ ରାତିରେ ହାତୀ ଓ ବାର୍‌ହା ପଶିଆସି ଫସଲ ନଷ୍ଟ କରୁଛନ୍ତି। ଗତ ୧୨ ତାରିଖରେ ବନ୍ୟଜନ୍ତୁଙ୍କ ଯୋଗୁ ଲକ୍ଷାଧିକ ଟଙ୍କାର ଫସଲ ନଷ୍ଟ ହୋଇଥିବା ଉକ୍ତ ଫାର୍ମହାଉସ ମାଲିକ ବନ୍ତଳା ବନ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ଦେବା ନିମନ୍ତେ ପଦକ୍ଷେପ ନିଆଯାଉଥିବା ବେଳେ ବନ୍ୟପ୍ରାଣୀଙ୍କୁ ଘଉଡ଼ାଇବାକୁ ଅଞ୍ଚଳରେ କର୍ମଚାରୀ ନିୟୋଜିତ କରାଯାଇଥିଲା। ହେଲେ ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ଫସଲର ସୁରକ୍ଷା ପାଇଁ ଫାର୍ମହାଉସ ମାଲିକ ସୋଲାର ବାଡ଼ ବ୍ୟବସ୍ଥା କରିଥିଲେ। ଏଥିସହ ସେଠାରେ ସମ୍ପୃକ୍ତ ଶ୍ରମିକ ଦମ୍ପତିଙ୍କୁ ରଖି କାର୍ଯ୍ୟରେ ନିୟୋଜିତ କରିଥିଲେ। କିନ୍ତୁ କୌଣସି କାରଣରୁ ଉକ୍ତ ସୋଲାର ବାଡ଼ ସହ ବିଦ୍ୟୁତ୍ ତାର ସଂଯୋଗ ହୋଇଯାଇଥିଲା। ଏହା ଜାଣି ନ ପାରି ସୁର ଓ ସୁକାନ୍ତି ମଧ୍ୟରାତିରେ କିଏ ଫସଲ ନଷ୍ଟ କରୁଥିବା ଦେଖିବାକୁ ଯାଇଥିବା ବେଳେ ବିଦ୍ୟୁତ୍ ଆଘାତ ପାଇଥିଲେ। ଚିତ୍କାର ଶୁଣି ଫାର୍ମହାଉସରେ ରହୁଥିବା ଅନ୍ୟମାନେ ଉଭୟଙ୍କୁ ଉଦ୍ଧାର କରି ବନ୍ତଳା ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ସମ୍ପୃକ୍ତ ଦମ୍ପତିଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋମବାର ସକାଳେ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଲିକ, ବନ୍ତଳା ଥାନା ଆଇଆଇସି ସଙ୍ଗୀତା ମହାପାତ୍ର, ବନ୍ତଳା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ମାଧବାନନ୍ଦ ସାହୁ ପହଞ୍ଚି ତଦନ୍ତ ଚଳାଇଛନ୍ତି। ବାରମ୍ବାର ଯୋଗାଯୋଗ ସତ୍ତ୍ୱେ ବନ୍ତଳା ଥାନା ଆଇଆଇସି ଫୋନ ରିସିଭ କରୁ ନ ଥିବାରୁ ମତାମତ ମିଳିପାରି ନାହିଁ।

### ଫାର୍ମ ହାଉସରେ ଶ୍ରମିକ ଭାବେ କାମ କରୁଥିଲେ

## ରାଜ୍ୟ ଖବର

# ସିଂହୀ ରେୱାର ମୃତ୍ୟୁ

**ବାରଙ୍ଗ, ୨୭।୧ (ଲିଙ୍ଗରାଜ ରାଉତ)**



ଶାବକମାନଙ୍କୁ ଜନ୍ମ ଦେଇ ସେମାନଙ୍କୁ ଆଖି ପୂରାଇ ଭଲଭାବେ ଦେଖିବା ପୂର୍ବରୁ ମା' ସିଂହୀ ରେୱାର ସୋମବାର ସକାଳେ ମୃତ୍ୟୁ ଘଟିଛି। ନନ୍ଦନକାନନ ପ୍ରାଣୀଉଦ୍ୟାନର ଅନ୍ୟତମ ଆକର୍ଷକ ସିଂହୀ ରେୱାକୁ ୮ ବର୍ଷ ବୟସରେ ଇନ୍ଦୋରର କମଳା ନେହେରୁ ଚିଡ଼ିଆଖାନାରୁ ୨୦୨୦ ଡିସେମ୍ବର ୨୦ରେ ନନ୍ଦନକାନନକୁ ଅଣାଯାଇଥିଲା। ଅକ୍ଟୋବର ୨୦୨୪ରେ ଜିତ୍ ସହ ମିଳନରୁ ମା' ହେବାର ସୌଭାଗ୍ୟ ଅର୍ଜନ କରିଥିଲା। ଗର୍ଭଧାରଣ ପରେ ନନ୍ଦନକାନନ କର୍ତ୍ତୃପକ୍ଷ ସିଂହୀ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ। ୧୦୩ ଦିନର ଗର୍ଭଧାରଣ ପରେ ୨୫ ତାରିଖ ଶନିବାର ରେୱା ୩ଟି ଶାବକ ଜନ୍ମ ଦେଇଥିଲା। ସେଥିରୁ ପ୍ରଥମ ଶାବକଟି ମୃତ ଜନ୍ମ ହୋଇଥିଲା। ପରବର୍ତ୍ତୀ ସମୟରେ ପ୍ରାଣୀ ଚିକିତ୍ସକଙ୍କ ହସ୍ତକ୍ଷେପରେ ଆଉ ୨ଟି ଶାବକ ଜନ୍ମ ହୋଇଥିଲା। ହେଲେ ରେୱା ନବଜାତ ଶାବକଙ୍କୁ ଗ୍ରହଣ କରି ନ ଥିଲା। ଫଳରେ କର୍ତ୍ତୃପକ୍ଷ ମା'ଠାରୁ ୨ ଶାବକଙ୍କୁ ଅଲଗା କରି ଲାଳନପାଳନ କେନ୍ଦ୍ରକୁ ଆଣିଥିଲେ। କିନ୍ତୁ ସୋମବାର ସକାଳେ ସିଂହୀ ଏନ୍‌କ୍ଲୋଜରରେ ମରିପଡ଼ିଥିବା କର୍ତ୍ତୃପକ୍ଷ ଦେଖିବାକୁ ପାଇଥିଲେ। ରେୱା ନନ୍ଦନକାନନର ସିଂହ ସଂଖ୍ୟା ବୃଦ୍ଧିର ମଙ୍ଗ ଧରିଥିଲା। ସେ ନନ୍ଦନକାନନରେ ଏ ପର୍ଯ୍ୟନ୍ତ ୮ଟି ଛୁଆ ଜନ୍ମ ଦେଇଛି। ସେଥିମଧ୍ୟରୁ ଏବେ ମଧ୍ୟ ୬ଟି ଛୁଆ ଜୀବିତ ଅଛନ୍ତି। ରେୱାର ମୃତ୍ୟୁ ପରେ ନନ୍ଦନକାନନରେ ସିଂହ ସଂଖ୍ୟା ହ୍ରାସ ପାଇ ୨୩ରେ ପହଞ୍ଚିଛି। ସେଥିମଧ୍ୟରୁ ୧୦ ଅଣ୍ଡିରା, ୫ ମାଈକୁ ମିଶାଇ ୧୫ଟି ଏସିଆଟିକ୍ ଓ ୪ ଅଣ୍ଡିରା, ୪ ମାଈକୁ ମିଶାଇ ୮ଟି ହାଇବ୍ରିଡ୍ ସିଂହ ରହିଛନ୍ତି।

# ରାଜ୍ୟର ଟାଉନଶିପ୍ ୧୭%ରୁ ୩୦%କୁ ସମ୍ପ୍ରସାରିତ କରାଯିବ: ମନ୍ତ୍ରୀ

**ଭୁବନେଶ୍ୱର, ୨୭।୧ (ସୁନିତ୍ ମିଶ୍ର)**

ରାଜ୍ୟରେ ନୂଆ ସହର ନିର୍ମାଣ ହେବ। ପୁରୁଣା ସହରଗୁଡ଼ିକର ନବକଳେବର ହେବ। ଓଡ଼ିଶାରେ ୧୭% ଟାଉନ୍‌ଶିପ ରହିଛି, ତାହା ୩୦ ପ୍ରତିଶତ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ। ୨୦୩୬ରେ ବିକଶିତ ଓଡ଼ିଶା ପାଇଁ ଚିନ୍ତା କରାଯାଉଛି। ସହରର ବିକାଶରେ ଓଡ଼ିଶାର ବିକାଶ ହେବ, ତେଣୁ ଏନେଇ ଗୁରୁତ୍ୱ ଦିଆଯାଉଛି ବୋଲି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନ ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକର କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ମହାପାତ୍ର ସୋମବାର ସମୀକ୍ଷା କରିଛନ୍ତି। ଯୋଜନାବଦ୍ଧ ଭାବେ ରାଜ୍ୟରେ ବିକଶିତ ସହର ବୃଦ୍ଧି କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ବିଡିଏ ଦ୍ୱାରା ଆରମ୍ଭ କରାଯାଇଥିବା ଟିପି ସ୍କିମ୍ ଅନ୍ୟ ସହରରେ କାର୍ଯ୍ୟକାରୀ ଲାଗି ଆଲୋଚନା ହୋଇଛି। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପିପିପି ମୋଡ୍‌ରେ ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକର ଅଧୀନରେ ଥିବା ସରକାରୀ ଜମିଗୁଡ଼ିକର ସଦୁପଯୋଗ କରି ଆୟ ବୃଦ୍ଧି ନିମନ୍ତେ ପରାମର୍ଶ ଦିଆଯାଇଛି। ବୈଠକ ପରେ ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସବୁ ଡେଭଲପମେଣ୍ଟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। କିଛି ଏଜେଣ୍ଡା ଅନୁସାରେ ଟାଉନଶିପ ବଢ଼ିଲେ ସହରର ବିକାଶରେ ଓଡ଼ିଶାର ବିକାଶ ହେବ।

## ପ୍ରଥମ ପୃଷ୍ଠାରୁ...

### ଆଜିଠୁ 'ଉତ୍କର୍ଷ ଓଡ଼ିଶା'...

ପ୍ରଧାନମନ୍ତ୍ରୀଙ୍କର ବ୍ରେନ୍ ଚାଇଲ୍ଡ ଥିଲା। ଦେଶ ବିଦେଶରୁ ବଡ଼ ବଡ଼ ନିବେଶକମାନେ ଆସିଥିଲେ ଏବଂ ଭାରତର ବିଭିନ୍ନ ସ୍ଥାନରେ ପୁଞ୍ଜି ନିବେଶ କରିଥିଲେ। ସେହିପରି ଓଡ଼ିଶାର ପ୍ରତ୍ୟେକ ଜିଲାରେ ନିବେଶକମାନେ ନିବେଶ କରିବେ।

କନ୍‌କ୍ଲେଭରେ ୪ଟି ପ୍ଲେନାରି ଅଧିବେଶନ ଏବଂ ୧୬ଟି କ୍ଷେତ୍ରୀୟ ଅଧିବେଶନ ରହିବ। ସେମି କଣ୍ଡକ୍ଟର, ଗ୍ରୀନ୍ ଏନର୍ଜୀ, ପେଟ୍ରୋ କେମିକାଲ ଓ ଜାହାଜ ନିର୍ମାଣ ଉପରେ ଫୋକସ ଦିଆଯାଉଥିବା ମନ୍ତ୍ରୀ କହିଛନ୍ତି। ଭାଜପା ସରକାରରେ ଗତ ୭ ମାସରେ ୨ଲକ୍ଷ ୭୫ ହଜାର କୋଟିର ନିବେଶ ପାଇଁ ୧୫୯ଟି ଶିଳ୍ପ ସଂସ୍ଥାକୁ ସିଙ୍ଗିଲ ୱିଣ୍ଡୋ ଅନୁମୋଦନ ମିଳିଛି। ଏଥିରେ ୨ ଲକ୍ଷ ୧୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରୀ କହିଛନ୍ତି।

### ଉଦ୍‌ଘାଟନ କରିବାକୁ...

ଯୋଗେ ବାହାରି ପୂର୍ବାହ୍ନ ୧୦.୩୫ ମିନିଟ୍ ସମୟରେ ଭୁବନେଶ୍ୱର ବିମାନବନ୍ଦରରେ ଓହ୍ଲାଇବେ। ପୂର୍ବାହ୍ନ ୧୦.୫୫ରେ ସେ ଜନତା ମୈଦାନରେ ପହଞ୍ଚିବେ। ପୂର୍ବାହ୍ନ ୧୧.୦୦ରୁ ମଧ୍ୟାହ୍ନ ୧୨.୩୦ ପର୍ଯ୍ୟନ୍ତ କନ୍‌କ୍ଲେଭରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବେ। ପ୍ରଧାନମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ଭାଜପା ପକ୍ଷରୁ ବିମାନବନ୍ଦରଠାରୁ ଜନତା ମୈଦାନ ପର୍ଯ୍ୟନ୍ତ ଲୋକଙ୍କୁ ଏକାଠି କରାଯିବ ବୋଲି ସୂଚନା ଦିଆଯାଇଛି। ଗତ ୭ ମାସରେ ମୋଦି ଓଡ଼ିଶାକୁ ସର୍ବାଧିକ ୫ଥର ଆସିଥିବାରୁ ଭାଜପା ପକ୍ଷରୁ ଏହି ଭବ୍ୟ ସମ୍ବର୍ଦ୍ଧନା ଦେବା ଲାଗି ଯୋଜନା କରାଯାଇଛି। ମଧ୍ୟାହ୍ନ ୧୨.୫୫ରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିମାନବନ୍ଦରରୁ ଉତ୍ତରାଖଣ୍ଡ ଅଭିମୁଖେ ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମସ୍ଥଳ ଓ ତାଙ୍କର ଯିବାଆସିବା ପଥରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। କମିଶନରେଟ ପୋଲିସ ପକ୍ଷରୁ ଭୁବନେଶ୍ୱର ସହରରେ ସୁରକ୍ଷା କଡ଼ାକଡ଼ି ଚାଲିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ କାରକେଡ୍ କରାଯାଇଛି।

Govt. of Uttarakhand

युवा कार्यक्रम एवं खेल मंत्रालय
MINISTRY OF YOUTH AFFAIRS AND SPORTS

INDIA

38th NATIONAL GAMES Uttarakhand 25 SILVER JUBILEE YEAR


# SANKALP SE SHIKHAR TAK

## 38th NATIONAL GAMES, UTTARAKHAND



**Pushkar Singh Dhami**
Chief Minister, Uttarakhand

**28 January-14 February, 2025**



**Narendra Modi**
Prime Minister

**INAUGURATION**

by

## Narendra Modi

**Prime Minister**

**gracious presence**

**Lt Gen Gurmeet Singh**
PVSM, UYSM, AVSM, VSM, (Retd.)
Governor, Uttarakhand

**Pushkar Singh Dhami**
Chief Minister, Uttarakhand

**Dr. Mansukh Mandviya**
Minister, Sports, Youth Affairs Labour and Employment
Government of India

**Reetu Khanduri Bhushan**
Speaker
Uttarakhand Leg. Assembly

**Raksha Nikhil Khadse**
State Minister, Sports & Youth Affairs
Government of India

**Rekha Arya**
Minister, Sports and Youth Welfare, Uttarakhand

**Dr. P.T. Usha**
President
Indian Olympic Association & MP

**Chris Jenkins**
President
CWG

**28 January, 2025 | 1600 Hrs | Maharana Pratap Sports College, Dehradun**



### Devbhoomi se Khelbhumi

- National Games to be held at Dehradun, Rishikesh Tehri, Udham Singh Nagar, Haldwani, Haridwar, New Tehri, Nainital, Almora, Pithoragarh and Champawat
- Approximately 10,000 Players from across the Country will show their talent.
- Tournament in 35 Games
- Historic opportunity for Uttarakhand to host the games
- Promoting the sports culture to inspire the youth
- Historic milestone for Uttarakhand's Sports scenario

### *Attractions*

- Mauli (Mascot): Inspiring the young athletes towards the highest goal Uttarakhand's State Bird Monal
- Tejaswini (Mashaal):A symbol of tradition, unity and sportsmanship
- Presentation of cultural programme by Playback singers Jubin Nautiyal, Pawandeep Rajan & Pandavas group

**For more details please login:- www.38nguk.in**

**Live telecast on DD News.**



Mauli (Mascot)



Issued in Public Interest by Department of Information & Public Relations Uttarakhand

www.uttarainformation.gov.in| DIPR_UK | UttarakhandDIPR | UttarakhandDIPR

# ବିଦେଶୀ ସହାୟତା

ଜାନୁଆରୀ ୨୦ରେ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ଶପଥ ନେବା ପରେ ବିଶ୍ୱ ରାଜନୈତିକ ଓ ରଣନୀତିକ ଦୃଶ୍ୟପଟରେ ବ୍ୟାପକ ପରିବର୍ତ୍ତନ ହେବ ବୋଲି ପର୍ଯ୍ୟବେକ୍ଷକମାନେ ଯାହା ଅନୁମାନ କରୁଥିଲେ ତାହା ସତ ହେବାରେ ଲାଗିଛି । ଟ୍ରମ୍ପ୍‌ଙ୍କ ଦ୍ୱିତୀୟ ପାଳିର ପ୍ରାରମ୍ଭରୁ ବେଆଇନ ଅନୁପ୍ରବେଶକୁ ବିରୋଧ, ଲିଙ୍ଗଗତ ବିଚାରରେ କେବଳ ପୁରୁଷ ଓ ମହିଳା ରହିବେ ଏବଂ ପାନାମା କେନାଲ ଦଖଲ ଭଳି ନିଷ୍ପତ୍ତି ତାଙ୍କ ପରିବର୍ତ୍ତନ ମାନସିକତାକୁ ପ୍ରକାଶ କରିଛି । ସବୁଠୁ ବଡ଼ କଥା ହେଲା ଆମେରିକାର ପ୍ରଶାସନିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି ଭଳି ନୂଆ ବିଭାଗ ସୃଷ୍ଟି କରାଯାଇଛି । ଜାନୁଆରୀ ୨୫ରେ କେବଳ ଇସ୍ରାଏଲ ଓ ଇଜିପ୍ଟକୁ ବାଦ୍ ଦେଲେ ୟୁକ୍ରେନ ସମେତ ଅନ୍ୟ ଦେଶଗୁଡ଼ିକୁ ବିଦେଶୀ ସହାୟତା ବନ୍ଦ କରିବାକୁ ଆମେରିକାର ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଏକ ଆଭ୍ୟନ୍ତରୀଣ ନିର୍ଦ୍ଦେଶନାମା ଜାରି କରିଥିଲେ । ଏହି ନିର୍ଦ୍ଦେଶନାମାରେ 'ଆମେରିକା ପ୍ରଥମ' ଆଭିମୁଖ୍ୟକୁ ଗୁରୁତ୍ୱ ଦିଆଯାଇଛି । ଏହା ବ୍ୟତୀତ ଆମେରିକା ଦେଇଥିବା ବିତ୍ତୀୟ ସହାୟତାର ସମୀକ୍ଷା କରାଯିବା ସହ ଏଣିକି ଦେଶଗୁଡ଼ିକୁ ନୂଆ ପାଣ୍ଠି ଦିଆଯିବ ନାହିଁ କିମ୍ବା ନବୀକରଣ କରାଯିବ ନାହିଁ ବୋଲି ଏଥିରେ ଦର୍ଶାଯାଇଛି । କେବଳ ଇସ୍ରାଏଲ ଓ ଇଜିପ୍ଟକୁ ଜରୁରୀ ଖାଦ୍ୟ ଓ ସାମରିକ ସହାୟତା ଯୋଗାଇ ଦିଆଯିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି । ଆମେରିକାର ୨୦ଟି ସରକାରୀ ସଂସ୍ଥା ବିଦେଶୀ ସହାୟତାକୁ ପରିଚାଳନା କରିଥାନ୍ତି । ଏଥିରେ ୟୁନାଇଟେଡ ଷ୍ଟେଟ୍‌ସ ଏଜେନ୍ସି ଫର୍ ଇଣ୍ଟରନ୍ୟାଶନାଲ ଡେଭଲପ୍‌ମେଣ୍ଟ (ୟୁଏସ୍‌ଏଆଇଡି)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସୂଚନାଯୋଗ୍ୟ ଯେ, ଟ୍ରମ୍ପ୍‌ଙ୍କ ଶପଥ ଗ୍ରହଣ ପୂର୍ବରୁ ଇସ୍ରାଏଲ ଓ ହମାସ ଯୁଦ୍ଧବିରତି ଘୋଷଣା ହେବା ସମସ୍ତଙ୍କୁ ଚକିତ କରିଥିଲା । ଏବେ ଉଭୟ ପକ୍ଷର ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ତଥା ହମାସ କବଳରେ ଥିବା ଇସ୍ରାଏଲୀ ପଣବନ୍ଦୀଙ୍କୁ ପର୍ଯ୍ୟାୟକ୍ରମେ ମୁକ୍ତ କରିବା ପ୍ରକ୍ରିୟା ଜାରି ରହିଛି । ଯୁଦ୍ଧ ବିରତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, କିନ୍ତୁ ଇସ୍ରାଏଲକୁ ସାମରିକ ସହଯୋଗ ଜାରି ରଖିବା ନିଷ୍ପତ୍ତିରୁ ଏହା ସ୍ପଷ୍ଟ ଯେ, ପୂର୍ବତନ ରାଷ୍ଟ୍ରପତି ବାଇଡେନ ପ୍ରଶାସନର ଇସ୍ରାଏଲ ଆଭିମୁଖ୍ୟକୁ ଟ୍ରମ୍ପ୍ ବଜାୟ ରଖିଛନ୍ତି । ଉଲ୍ଲେଖନୀୟ ଯେ, ଟ୍ରମ୍ପ୍ ତାଙ୍କ ପ୍ରଥମ ପାଳିରେ ବୃଦ୍ଧି କରିଥିବା ଆମଦାନୀ ଶୁଳ୍କକୁ ବାଇଡେନ ଅପରିବର୍ତ୍ତିତ ରଖିଥିଲେ, ଯାହାର ଲକ୍ଷ୍ୟ ଥିଲା ଚାଇନାକୁ ଅବଦମିତ କରି ରଖିବା । ଏଥିରେ ଭାରତ, ବ୍ରାଜିଲ ଭଳି ବିକାଶଶୀଳ ଦେଶଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲେ । କିନ୍ତୁ ଚାଇନାକୁ ଆମେରିକା ରୋକିବାରେ ବିଫଳ ହୋଇଥିବା କୁହାଯାଉଛି । ଏଥର ଚାଇନା ଉପରେ ଆମଦାନୀ ଶୁଳ୍କ ୧୦ ପ୍ରତିଶତ ବୃଦ୍ଧି କରିବାକୁ ଟ୍ରମ୍ପ୍ ବିଚାର କରିଛନ୍ତି ଓ ତାହା କେତେ ସଫଳ ହେବ ଆଗକୁ ଜଣାପଡ଼ିବ ।

> 'ଆମେରିକା ପ୍ରଥମ' ବୋଲି ବିଚାର କରୁଥିବା ଟ୍ରମ୍ପ୍ ତାଙ୍କ ନିଜ ଦେଶ ପାଇଁ କେତେ ଲାଭ ସୃଷ୍ଟି କରିପାରିବେ ତାହା ଭବିଷ୍ୟତ କହିବ । କିନ୍ତୁ ଏବକାର ପଦକ୍ଷେପ ତତ୍‌କ୍ଷଣାତ ଅନେକ ଗରିବ ଦେଶ ଉପରେ ନକାରାତ୍ମକ ପ୍ରଭାବ ପକାଇବା ଭଳି ମନେହେଉଛି ।

୨୦୨୩ରେ ଆମେରିକାର ବିଦେଶୀ ସହାୟତା ପରିମାଣ ହେଉଛି ୬୮ ବିଲିୟନ ଡଲାର । ଏଥିରେ ୟୁକ୍ରେନ ସବୁଠୁ ଅଧିକ ପାଖାପାଖି ୧୭.୨ ବିଲିୟନ ଆମେରିକୀୟ ଡଲାର ପାଇଥିବାବେଳେ ଏହା ପଛକୁ ଇସ୍ରାଏଲ ପାଇଥିଲା ୩.୩ ବିଲିୟନ ଡଲାର । ତୃତୀୟରେ ଜୋର୍ଡାନ ୧.୭ ବିଲିୟନ ଡଲାର ଓ ଚତୁର୍ଥରେ ଇଜିପ୍ଟ ୧.୫ ବିଲିୟନ ଡଲାର ପାଇଥିଲେ । ତେବେ ଆମେରିକା ଗତ ଏକ ଦଶନ୍ଧିରେ ଅର୍ଥାତ୍ ୨୦୧୨ରୁ ୨୦୨୨ ମଧ୍ୟରେ ମୋଟ ବିଦେଶୀ ସହାୟତା ଆକାରରେ ୬୪୦ ବିଲିୟନ ଡଲାର ଅନ୍ୟଦେଶଗୁଡ଼ିକୁ ଦେଇଛି । ଦେଖିବାକୁ ଗଲେ ଦେଉଥିବା ବିଦେଶୀ ସହାୟତା ଏହାର ବଜେଟର ୦.୭ ପ୍ରତିଶତ । ଭାରତ ୧୯୪୭ରୁ ୨୦୧୨ ମଧ୍ୟରେ ଆମେରିକାଠାରୁ ବିଦେଶୀ ସହାୟତା ଆକାରରେ ମୋଟ ୬୫.୧ ବିଲିୟନ ଡଲାର ଗ୍ରହଣ କରିଥିବା ୟୁଏସ୍‌ଏଆଇଡିର ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ଆମେରିକା ଦେଉଥିବା ବିଦେଶୀ ସହାୟତା ବିଭିନ୍ନ ଦେଶରେ ମୁଖ୍ୟତଃ ଜାତୀୟ ସୁରକ୍ଷା, ଆର୍ଥିକ ଅଭିବୃଦ୍ଧି, ବୈଶ୍ୱିକ ସ୍ୱାସ୍ଥ୍ୟ, ପରିବେଶ ଓ ମାନବୀୟ ସୁରକ୍ଷା ପାଇଁ ଉପଯୋଗ ହୋଇଥାଏ । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଟ୍ରମ୍ପ୍ ଜାନୁଆରୀ ୨୧ରେ ଜଳବାୟୁ ପରିବର୍ତ୍ତନ ମୁକାବିଲା କ୍ଷେତ୍ରରେ ୨୦୧୫ରେ ଗୃହୀତ ପ୍ୟାରିସ ଚୁକ୍ତିରୁ ଓହରିଯିବା ସମ୍ପର୍କରେ ସୂଚିତ କରିବା ପରେ ସଙ୍କଟ ବଢ଼ିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି । ଏହି ଚୁକ୍ତିରେ ଗ୍ରୀନ୍ ହାଉସ୍ ଗ୍ୟାସ୍ ବା ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରି ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲସିୟସ୍‌ରେ ସୀମିତ ରଖିବା ପାଇଁ ୨୦୦ ଦେଶ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ତେବେ ଟ୍ରମ୍ପ୍‌ଙ୍କର ଏବକାର ନିଷ୍ପତ୍ତି ମଧ୍ୟ ଭବିଷ୍ୟତରେ ଆମେରିକାର ଆର୍ଥିକ ଓ ପରିବେଶଗତ କ୍ଷତି ଘଟାଇବ । ବିଶ୍ୱରେ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ସବୁଠୁ ଅଧିକ ଅର୍ଥ ଆମେରିକା ଯୋଗାଉଥିବାରୁ ଗରିବ ଦେଶଗୁଡ଼ିକ ଏଥିରେ ପ୍ରଭାବିତ ହେବାର ଆଶଙ୍କା ଦେଖାଯାଇଛି । ୨୦୨୩ରେ ଏହି ସ୍ୱାସ୍ଥ୍ୟ କ୍ଷେତ୍ରକୁ ସହାୟତା ପରିମାଣ ଥିଲା ୧୨.୯ ବିଲିୟନ ଡଲାର । ଏଣୁ 'ଆମେରିକା ପ୍ରଥମ' ବୋଲି ବିଚାର କରୁଥିବା ଟ୍ରମ୍ପ୍ ତାଙ୍କ ନିଜ ଦେଶ ପାଇଁ କେତେ ଲାଭ ସୃଷ୍ଟି କରିପାରିବେ ତାହା ଭବିଷ୍ୟତ କହିବ । କିନ୍ତୁ ଏବକାର ପଦକ୍ଷେପ ତତ୍‌କ୍ଷଣାତ ଅନେକ ଗରିବ ଦେଶ ଉପରେ ନକାରାତ୍ମକ ପ୍ରଭାବ ପକାଇବା ଭଳି ମନେହେଉଛି ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 9 | 1 | | 5 |
| | 7 | | 8 | | 1 | | 4 | |
| | | | 6 | | | | 8 | 7 |
| | | | 2 | | | | 1 | |
| | 2 | 7 | | | | | | 6 |
| | 4 | 8 | | | | 9 | 5 | |
| | | | | 4 | | | 6 | 8 |
| 5 | | | | | | | | |
| | | 4 | | 1 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 6 | 8 | 5 | 9 | 2 | 4 | 1 |
| 5 | 2 | 4 | 3 | 1 | 6 | 8 | 9 | 7 |
| 9 | 8 | 1 | 4 | 7 | 2 | 5 | 6 | 3 |
| 4 | 5 | 2 | 1 | 9 | 3 | 7 | 8 | 6 |
| 1 | 9 | 8 | 5 | 6 | 7 | 3 | 2 | 4 |
| 7 | 6 | 3 | 2 | 4 | 8 | 9 | 1 | 5 |
| 8 | 1 | 9 | 7 | 3 | 4 | 6 | 5 | 2 |
| 2 | 4 | 7 | 6 | 8 | 5 | 1 | 3 | 9 |
| 6 | 3 | 5 | 9 | 2 | 1 | 4 | 7 | 8 |

ଗତ ସଂସ୍କରଣର ଉତ୍ତର



# ଆମ ଲୋକଭାଷା, ଆମ ସାହିତ୍ୟ

ସୁଜାତା ମହାପାତ୍ର

'ଧୋ'ରେ ବାଇଆ ଧୋ', ଯେଉଁ କିଆରିରେ ଗହଳ ମାଣ୍ଡିଆ ସେହି କିଆରିରେ ଶୋ'' । ଆଜିର ଲୁହା, କଂକ୍ରିଟର ସହରରେ ଗହଳ ମାଣ୍ଡିଆ କିଆରି ନାହିଁ ସତ ହେଲେ ବହୁତଳ ପ୍ରାସାଦର କେଉଁ ଏକ ଫ୍ଲାଟ ଘରୁ ଏ ଶବ୍ଦ ଉଡ଼ି ଆସି କାନରେ ବାଜିଲେ ଆଜି ବି ମନେ ପଡ଼ିଯାଏ ମାଆ ଓ ତା'ର ଝାଳ ସଲବଲ କଅଁଳ କାନି । ଏହା ହିଁ ଏହି ଶବ୍ଦମାନଙ୍କର ଯାଦୁକରି । ଏ ଅନୁଭବରୁ ଅଛୁଆଁ ନୁହନ୍ତି କେହି ବି । ଶିଶୁଟିଏ ଜନ୍ମହେବା ପରେ ପରେ ସାହିତ୍ୟ ବୋଲି ଶୁଣିଥିବା ପ୍ରଥମ ଶବ୍ଦ ହେଉଛି ତା'ମାଆର ଅନ୍ତର୍ନିଗିଡା କିଛି ଗୀତ । ସେହି ଗୀତ ଓ ସ୍ୱର ଆଜୀବନ ତା'ଦେହରେ ପ୍ରାଣହୋଇ ପ୍ରବାହିତ ହେଉଥାଏ । ସଂସ୍କୃତ ବା ଅନ୍ୟ କୌଣସି ଦେଶୀ, ବିଦେଶୀ ଶବ୍ଦଙ୍କ ଆଟୋପରହିତ ମାତ୍ର କିଛି ସାଧାରଣ ମୌଖିକ ଶବ୍ଦ କିଭଳି ନିଜକୁ ବଞ୍ଚାଇ ରଖି ପିଢ଼ିରୁ ପିଢ଼ିକୁ ପ୍ରବାହିତ ହେଉଥାଏ, ଭାବିଲେ ଆଶ୍ଚର୍ଯ୍ୟ ଲାଗେ ! ଯଦି ଏହା ଏକମାତ୍ର ସତ୍ୟ ଯେ ନିଜ ଭାଷା, ନିଜ ଶବ୍ଦ ଓ ନିଜ ସ୍ୱର ହିଁ ସାହିତ୍ୟରେ ଅଧିକ ପ୍ରଭାବିତ ତଥା ପ୍ରାଣବନ୍ତ, ତେବେ ଏହି ଭାଷାରେ ରଚନା କରିବାକୁ ଆମେ ଏତେ କୁଣ୍ଠିତ କାହିଁକି ?

କାହିଁକି ଗଳ୍ପ, କବିତା, ପ୍ରବନ୍ଧ ବା ଶିଶୁଲେଖା ଲେଖିବା ବେଳେ ଆମକୁ ବାରମ୍ବାର ଅଭିଧାନ କି ଭାଷାକୋଷ ଦେଖିବାକୁ ହୁଏ ? କାହିଁକି ଆମ ସହ ଜନ୍ମରୁ ଯୋଡ଼ି ହୋଇ ରହିଥିବା ଭାଷା ଆମ ସାହିତ୍ୟରେ ଦେଖିବାକୁ ବିରଳ ଓ ଅଭିଧାନର ଅଂଶ ନୁହନ୍ତି । ପୋଥିଗତ ସଂସ୍କୃତ ଭାଷାର ଆକ୍ରମଣରେ ମରି ହଜି ଯାଉଥିବା ସ୍ଥାନୀୟ, ଆଞ୍ଚଳିକ ଓ ଜନଜାତୀୟ ଲୋକଭାଷା ପଡୋଶୀ ବଙ୍ଗଳା, ତେଲୁଗୁ, ହିନ୍ଦୀ ଭଳି ରାଜ୍ୟ ଭାଷା ତଥା ଇଂରାଜୀ ଓ ଉର୍ଦ୍ଦୁ ଭଳି ବିଦେଶୀ ଭାଷାରୁ ମଧ୍ୟ ନିଜକୁ ସୁରକ୍ଷିତ ରଖିପାରି ନାହିଁ । ଜନଜାତିଙ୍କ ଭାଷା ଆଜି ଦୁର୍ଦ୍ଦିନରେ ସଂଘର୍ଷରତ ।

୨୦୧୧ ମସିହାର ଏକ ପରିସଂଖ୍ୟାନକୁ ବିଶ୍ଲେଷଣ କଲେ ଜଣାଯାଏ ଯେ ଓଡ଼ିଶାର ମୋଟ ଜନସଂଖ୍ୟାର ପ୍ରାୟ ଶତକଡା ୨୨.୮୪ ଭାଗ ହେଉଛନ୍ତି ଆଦିବାସୀ ଜନଜାତି ବର୍ଗର । ଓଡ଼ିଶାରେ ବସବାସ କରୁଥିବା ପ୍ରାୟ ୬୪ଟି ସ୍ୱତନ୍ତ୍ର ଆଦିବାସୀ ସମ୍ପ୍ରଦାୟ ସମ୍ବିଧାନ ଦ୍ୱାରା ଅଧିସୂଚିତ, ଯେଉଁମାନଙ୍କ ମଧ୍ୟରୁ ୧୩ଟି ଜନଜାତି ବିଲୁପ୍ତର ଦ୍ୱାରଦେଶରେ । ସେମାନେ ହେଲେ: ବଣ୍ଡା, ଦିଦାଇ, ବିର୍ହୋର, ଡଙ୍ଗରିଆକନ୍ଧ, ଜୁଆଙ୍ଗ, ଖରିଆ, କୁଟିଆକନ୍ଧ, ଲାଞ୍ଜିଆସଉରା, ଲୋଧା, ମାଙ୍କଡିଆ, ପାଉଡ଼ିଭୂଇଁଆ, ସଉରା, ଚକୁଟିଆଭୁଞ୍ଜିଆ । ଆଦିବାସୀ ଓ ଜନଜାତୀୟ ଜନସଂଖ୍ୟାକୁ ଗଣନା କଲେ ଓଡ଼ିଶା ଦେଶର ତୃତୀୟ ସର୍ବବୃହତ୍ ରାଜ୍ୟ,



ଯେଉଁଠାରେ ଦେଶର ସର୍ବମୋଟ ଆଦିବାସୀ ଜନସଂଖ୍ୟାର ପ୍ରାୟ ୯.୨୦ ଶତକଡ଼ା ଓ ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୦.୭୯ ଶତକଡା ଆମ ରାଜ୍ୟ ଓଡ଼ିଶାରେ ବସବାସ କରନ୍ତି । ତେବେ ଏହି ବହୁଳ ଜନସଂଖ୍ୟାର ସାଂସ୍କୃତିକ, ପାରମ୍ପରିକ ଏବଂ ଭାଷାଗତ ପ୍ରଭାବ ରାଜ୍ୟର ଗୋଷ୍ଠୀଗତ ଜନ ଜୀବନରେ ସୁଦୃଶ୍ୟ ଅନୁଭବ ହେବା କଥା କିନ୍ତୁ ପ୍ରକୃତ ପକ୍ଷେ ତା'ର ଠିକ୍ ବିପରୀତ ହିଁ ଦେଖିବାକୁ ମିଳେ ।

ଜନଜାତିଙ୍କୁ ଅସଭ୍ୟ, ଅସଂସ୍କୃତ, ଅଶିକ୍ଷିତ କହି ତିରସ୍କାର କରି ଚାଲିଥିବା ଆମ ତଥାକଥିତ ସଭ୍ୟ ସମାଜ କେବେ ଦେଖିବାକୁ, ବୁଝିବାକୁ, ଜାଣିବାକୁ ହିଁ ଚେଷ୍ଟା କରି ନାହାନ୍ତି ସେମାନଙ୍କ ଜୀବନ ପଛରେ ରହିଥିବା ବୈଜ୍ଞାନିକ ମତବାଦକୁ । କେବେ ଖୋଜିବାକୁ ଚେଷ୍ଟା କରାଯାଇନାହିଁ ସାଂସ୍କୃତିକ ତତ୍ତ୍ୱ ଓ ପାରମ୍ପରିକ ବିଚାରବୋଧକୁ । ଭାଷା କେବଳ କିଛି ଶବ୍ଦଙ୍କ ସମଷ୍ଟି ମାତ୍ର ନୁହେଁ ବରଂ ତାହା ଏକ ସମାଜର ବାହକ । ଏହା ମାଧ୍ୟମରେ ଆମେ ସେହି ସମାଜକୁ ଖୁବ୍ ନିକଟରୁ ବୁଝିପାରିବାକୁ ସମର୍ଥ ହେଉ । ଯୁଗରୁ ଯୁଗକୁ ତା'ର ଚିନ୍ତାଧାରା ଓ ସାଂସ୍କୃତିକ ମତବାଦର ପ୍ରବାହ ସହ ସେହି ସମାଜର ଅସ୍ତିତ୍ୱ ମଧ୍ୟ ଅକ୍ଷୁଣ୍ଣ ରୁହେ ଭାଷା ସାହିତ୍ୟ ମାଧ୍ୟମରେ । ଭାଷା ମରିଗଲେ ଜାତିଟେ ମରିଯାଏ । ସାଂସ୍କୃତିକ ଓ ସାମାଜିକ ବିବିଧତା ଆମ ଦେଶର ସ୍ୱତନ୍ତ୍ର ପରିଚୟ, ଯାହା ଆମେ ଗର୍ବର ସହ ସ୍ୱୀକାର କରୁଥିଲେ ମଧ୍ୟ କେଉଁ ଏକ ଅନ୍ଧାରୀ ମୂଳକରେ ମୁହୁର୍ମୁହୁ ଅଣନିଃଶ୍ୱାସୀ ହୋଇ ନିଶ୍ଚିହ୍ନର ଦ୍ୱାରଦେଶରେ ଛିଡା ହୋଇଥିବା ଜନଜାତୀୟ ଭାଷା ଏହି ଗର୍ବ କରିବାର କାରଣକୁ ଅଟ୍ଟହାସ୍ୟ କରେ । ସରକାରୀ ଓ ବେସରକାରୀ ସ୍ତରରେ ମାତୃଭାଷାରେ ଶିକ୍ଷାଦାନର ସମସ୍ତ ନିୟମ ଓ ନିଷ୍ଠାକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଜଣାଇ ଦିଏ, କେତେ ଆନ୍ତରିକ ଆମର ଏ ଉଦ୍ୟମ !

ସରକାରୀ ବିଦ୍ୟାଳୟରେ କେତେ ପରିମାଣରେ ସେହି ସ୍ଥାନୀୟ ଜନଜାତୀୟ ଭାଷା ଜାଣିଥିବା ଶିକ୍ଷକ ନିଯୁକ୍ତ ହୁଅନ୍ତି ଓ କେତେ ଆନ୍ତରିକତାର ସହ ସେମାନେ ନିଜ ଦାୟିତ୍ୱ ନିର୍ବାହ କରନ୍ତି, ଏ ସବୁ କିଛି ନିର୍ଭର କରେ ନିଜ ଅନ୍ତରରୁ ସେମାନେ କେତେ ମାତ୍ରାରେ ସେହି ଜନଜାତି ଓ ସେମାନଙ୍କ ଭାଷା ସଂସ୍କୃତିକୁ ସମ୍ମାନ ଦିଅନ୍ତି ! ସରକାର ନିୟମ ତିଆରି କରିପାରନ୍ତି, ହେଲେ ମଣିଷର ମନ ନୁହେଁ । ନିଜ ମାତୃଭାଷାକୁ ଆମେ ଯେତେ ପରିମାଣରେ ସ୍ନେହ, ଶ୍ରଦ୍ଧା, ସମ୍ମାନ ଦେଉ ଅନ୍ୟର ମାତୃଭାଷାକୁ ମଧ୍ୟ ସେଇଭଳି ସମ୍ମାନ ଦେବା ଆମ ପ୍ରାଥମିକ କର୍ତ୍ତବ୍ୟ । ଯେଉଁ ଭାଷାରେ ଆମେ ଅନ୍ତରର ସହ ପ୍ରେମ କରିପାରୁ, ବିରକ୍ତିର ଚରମ ସୀମାରେ ଗାଳି ଦେଇପାରୁ, ହୃଦୟ ନିଗାଡି ମନର କଥା ପରିପ୍ରକାଶ କରିପାରୁ ତାହା ହିଁ ଆମ ମାତୃଭାଷା । ଭିନ୍ନ ଭିନ୍ନ ରଙ୍ଗ, ବାସ୍ନା ଓ ଆକାର, ଆକୃତିର ଫୁଲମାନଙ୍କର ଏକ ସୁନ୍ଦର ପୁଷ୍ପଗୁଚ୍ଛ ଭଳି ପ୍ରତିଟି ଆଞ୍ଚଳିକ ଲୋକଭାଷା । ତା'ର ନିଜସ୍ୱ ଏକ ଇତିହାସ ରହିଛି, ନିଜସ୍ୱ ବ୍ୟାକରଣ ମଧ୍ୟ । ସେସବୁକୁ ନ ବୁଝିଲେ ସେହି ଜାତି କି ଜନଜାତିଙ୍କୁ ବୁଝିବା କିପରି ?

ଦାରୁବ୍ରହ୍ମ ଓ ନାଦବ୍ରହ୍ମଙ୍କୁ ଈଶ୍ୱର ବୋଲି ପୂଜା କରୁଥିବା ସମୟରୁ ବହୁ ପ୍ରାଚୀନ ଆଦି ସଭ୍ୟତାରେ ଶବ୍ଦକୁ ବ୍ରହ୍ମ ବୋଲି ପୂଜା କରାଯାଉଅଛି । ରାୟଗଡ଼ା ଜିଲା ସନ୍ନିକଟ ଗୁଣୁପୁରଠାରୁ ପ୍ରାୟ ୧୫ ମାଇଲ ଦୂର ମରିଚିଗୁଡ଼ା ଗ୍ରାମ ସନ୍ନିକଟ ଏକ ପାହାଡ଼ରେ ଏବେ ସୁଦ୍ଧା ସଉରା ସମ୍ପ୍ରଦାୟର ଅକ୍ଷରବ୍ରହ୍ମଙ୍କ ମନ୍ଦିର ବିରାଜିତ । ସଉରା ଜାତିର ୨୪ ପ୍ରଧାନ ଦେବତାଙ୍କର ପ୍ରତୀକ ୨୪ ଅକ୍ଷର ଓ ୧୨ ସଂଖ୍ୟା ସମନ୍ୱିତ ଏହି ଶବ୍ଦବ୍ରହ୍ମ ହେଉଛି 'ସଉରା ଧ୍ୱନୀ ପେଟିକା' ବା 'ସୋରାଙ୍ଗ୍ ସୋମ୍ପେଙ୍ଗ୍' ।

ଭାଷାର ସମୃଦ୍ଧି ସାହିତ୍ୟକୁ ଓ ସାହିତ୍ୟର ସମୃଦ୍ଧି ସମାଜକୁ ସୂଚିତ କରିଥାଏ । ଏକ ନିର୍ଦ୍ଦିଷ୍ଟ ସମୟର ସାହିତ୍ୟକୁ ଆମେ ସେହି ସମୟର ସାମାଜିକ ପ୍ରତିଫଳନ ରୂପେ ମଧ୍ୟ ଗ୍ରହଣ କରୁ । ଉଦାହରଣ, 'ରେବତୀ' ଗଳ୍ପ, 'ପରଜା' ଉପନ୍ୟାସ, 'ବାଜିରାଉତ' କବିତା ଓ ଏଇ ଭଳି ଆହୁରି ଅନେକ । ଯେଉଁ ସମାଜରେ ଭାଷା ନିଜ ଅସ୍ତିତ୍ୱ ହରାଇ ମୃତବତ୍ ପଡ଼ି ରହିଥାଏ, ସେଠାରେ ସାହିତ୍ୟକୁ ଏକ ଦୃଢ଼ ସାମାଜିକ ପ୍ରତିଫଳନ ବୋଲି ଆକଳନ କରାଯିବା ବୃଥା ଆସ୍ଫାଳନ ମାତ୍ର । ୬୪ଟି ଜନଜାତି ବସବାସ କରୁଥିବା ଆମ ରାଜ୍ୟ ଓଡ଼ିଶାରେ ମାତ୍ର ୪ଟି ଜନଜାତି ସମ୍ପ୍ରଦାୟର ନିଜସ୍ୱ ଲିପି ଥିଲେ ମଧ୍ୟ ପ୍ରତିଟି ଜନଜାତିର ମୌଖିକ ସାହିତ୍ୟ ସମ୍ଭ୍ରାନ୍ତ ତଥା ରୁଚିପୂର୍ଣ୍ଣ । ମୁଖ୍ୟ ସ୍ରୋତ ସାହିତ୍ୟରେ ଏ ଶବ୍ଦମାନଙ୍କର ପ୍ରବେଶ ଦ୍ୱାରା ଆମ ଭାଷାକୋଷ ଯେ ସମୃଦ୍ଧ ହେବ ଏଥିରେ ସନ୍ଦେହ ନାହିଁ । ବର୍ତ୍ତମାନ ସମୟ ଆସିଛି ଆଞ୍ଚଳିକତାକୁ ସ୍ୱତନ୍ତ୍ର ପରିଚୟ ଦେଇ ଜାତୀୟତା ସହ ସମ୍ମିଳିତ କରିବାର । ଭିନ୍ନ ଭିନ୍ନ ଭାଷା, ସାହିତ୍ୟ ଓ ସଂସ୍କୃତିର ସମନ୍ୱୟରେ ଗଢା ଆମ ବୃହତ୍ତର ଜାତୀୟ ଜୀବନ ହିଁ ପ୍ରକୃତ ଅର୍ଥେ ଏକ ସାର୍ଥକ ଓ ସମ୍ପନ୍ନ ସମାଜ । କେବଳ ସରକାରୀ ଆଇନ ନୁହେଁ ଏହାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ନିଜ ନିଜ ମାତୃଭାଷାକୁ ଭଲ ପାଉଥିବା ପ୍ରତିଟି ମଣିଷର ।

**ବମିଖାଲ କେନାଲ ରୋଡ, ଭୁବନେଶ୍ୱର**
**ମୋ: ୯୪୩୭୩୬୦୯୬୪**



# ଦଣ୍ଡମୁକ୍ତ ଅଞ୍ଚଳରେ ଶିକ୍ଷା

ଚିତ୍ତରଞ୍ଜନ ବେହେରା

ଓଡ଼ିଶାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା କହିଲେ ସରକାରୀ ଓ ଘରୋଇ ବିଦ୍ୟାଳୟ । ଏହି ଶିକ୍ଷା ବ୍ୟବସ୍ଥାରେ ସରକାରଙ୍କ ଦ୍ୱାରା ପରିଚାଳିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି । ଏହି ବିଦ୍ୟାଳୟ ଓ ଅଙ୍ଗନୱାଡ଼ିରେ ପିଲାର ମୂଳଦୁଆ ପଡ଼ିଥାଏ, ଯାହା ପିଲାଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିବା ପାଇଁ ସାହାଯ୍ୟ କରିଥାଏ । କିନ୍ତୁ ଦୁଃଖର ବିଷୟ, ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ିଗୁଡ଼ିକରେ ଓଡ଼ିଆ ମାଧ୍ୟମ ଶିକ୍ଷା ବ୍ୟବସ୍ଥା ରହିବା ସହ ଏସବୁ ଦଣ୍ଡମୁକ୍ତ ଅଞ୍ଚଳ । ଏହି କାରଣରୁ ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ଇଂଲିଶ୍ ଭାଷାରେ ପ୍ରାୟ ଦୁର୍ବଳ ଥିବା ଦେଖାଯାଏ । ଯେତେବେଳେ ଜଣେ ଓଡ଼ିଆ ମାଧ୍ୟମରେ ପଢ଼ିଥିବା ଛାତ୍ରୀଛାତ୍ର ଉଚ୍ଚ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟରେ ଶିକ୍ଷା ଆରମ୍ଭ କରେ, ଇଂଲିଶ୍ ଭାଷା ବୁଝିବା କଷ୍ଟ ହୋଇଥାଏ । ବିଭିନ୍ନ ଚାକିରି ପାଇଁ ହେଉଥିବା ପରୀକ୍ଷା ମଧ୍ୟ ଇଂଲିଶ୍ ଭାଷାରେ ଦେବାକୁ ପଡ଼ିଥାଏ, ଯାହା ଜଣେ ଓଡ଼ିଆ ମାଧ୍ୟମରେ ପଢୁଥିବା ପିଲାକୁ ସହଜ କିମ୍ବା ସରଳ ହୋଇ ନ ଥାଏ । ପ୍ରାଥମିକ ଶିକ୍ଷାରେ ପିଲା ଯଦି ଇଂଲିଶ୍ ଭାଷାରେ ଦକ୍ଷ ହୋଇଥା'ନ୍ତା, ତାହେଲେ ଏ ସବୁ ତାକୁ ସହଜ କିମ୍ବା ସରଳ ହୋଇପାରିଥାନ୍ତା । ଏବେ ଦେଖିବାକୁ ଗଲେ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବରେ ଘୋଷଣା କରିବା ଓ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀ ଉଠେଇବା ନିୟମ ଆସିବା ପରେ ଶିକ୍ଷାର ମାନଦଣ୍ଡ ଆହୁରି ଭୁଶୁଡ଼ି ପଡ଼ିଛି । ମହାବିଦ୍ୟାଳୟରେ ପିଲା ପଢୁଥିଲେ ମଧ୍ୟ ଭଲ ଭାବରେ ଓଡ଼ିଆ ଭାଷାରେ ପଦେ ଲେଖି କିମ୍ବା କହି ପାରୁନାହିଁ, ଇଂଲିଶ୍ କହିବା ଓ ଲେଖିବା ତ ଦୂରର କଥା । ଏମିତି ଯଦି ଡିଗ୍ରୀ ପାଇ ପାଇ ପ୍ରତିବର୍ଷ ପିଲା ବାହାରିବେ ଓ ଚାକିରି ପାଇଁ ଯୋଗ୍ୟ ହୋଇ ପାରିବେ ନାହିଁ, ପରିସ୍ଥିତି କ'ଣ ହବ ଏ ପ୍ରଶ୍ନର ଉତ୍ତର ନାହିଁ । ପ୍ରଥମରୁ ଯୁକ୍ତତିନି ପର୍ଯ୍ୟନ୍ତ ପିଲା ଏମିତି ଅତି ସାଧାରଣ ଭାବରେ ପାଠପଢ଼ି ଯୁକ୍ତତିନି ପାସ କରିଦେଲା, କିନ୍ତୁ ଚାକିରି ପାଇଁ ଯୋଗ୍ୟ ହୋଇପାରିଲା ନାହିଁ କି ଘରୋଇ କାମ ପାଇଁ ବି ଯୋଗ୍ୟ ହୋଇପାରିଲା ନାହିଁ, ତେବେ ଜଣେ ପିଲାର ଭବିଷ୍ୟତ କ'ଣ ? ଶେଷରେ ଦାଦନ ହିଁ ଭରସା ।

ସେହିଭଳି ଘରୋଇ ବିଦ୍ୟାଳୟଗୁଡ଼ିକ କିଛି ଉଚ୍ଚମନା ଓ କିଛି ବ୍ୟକ୍ତି ବ୍ୟବସାୟ ଉଦ୍ଦେଶ୍ୟରେ ସ୍ଥାପନ କରିଛନ୍ତି, ଯେଉଁ ବିଦ୍ୟାଳୟରେ ପିଲାଙ୍କୁ ଭଲ ଭାବରେ ଇଂଲିଶ୍ ଭାଷାରେ ଶିକ୍ଷା ଦିଆଯାଉଛି ସତ, କିନ୍ତୁ ଅଧିକ ପଇସା ନେଇ । ଯାହା ଜଣେ ମଧ୍ୟବିତ୍ତ ଓ ଗରିବ, କୁଲି ମୂଲିଆ ପିଲାଛୁଆଙ୍କ ପାଇଁ ସ୍ୱପ୍ନ । ପ୍ରାୟ ଦେଖିବାକୁ ମିଳୁଛି ଘରୋଇ ବିଦ୍ୟାଳୟରେ ପ୍ରାଥମିକ ଅବସ୍ଥାରେ ପାଠ ପଢୁଥିବା ପିଲାମାନେ ଭଲ ଭଲ ସ୍ଥାନରେ ଭଲ ଚାକିରି ସହିତ ପ୍ରତିଷ୍ଠିତ ହେଉଛନ୍ତି, ଯାହା ସରକାରୀ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିବା ପିଲାଙ୍କ କ୍ଷେତ୍ରରେ ବହୁ କମ୍ ଦେଖିବାକୁ ମିଳେ । ବର୍ତ୍ତମାନ ଶିକ୍ଷା ଏକ ଏମିତି ଅବସ୍ଥାରେ ପହଞ୍ଚିଛି ଭାବିଲେ ଦୁଃଖ ଲାଗୁଛି । ସମସ୍ତ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଅଧିକାର ଥିବା ସତ୍ତ୍ୱେ ଜଣେ ଗରିବ ଘରର ପିଲା ଉପଯୁକ୍ତ ଶିକ୍ଷା ପାଇ ପାରୁନାହିଁ । କିଛି ଗରିବ ପିଲା ଯଦି ସଫଳ ହଉଛନ୍ତି ତାଙ୍କୁ ନେଇ ପ୍ରକଳ୍ପ କରି ସରକାରଙ୍କ ଦ୍ୱାରା ପ୍ରଚାର



ପ୍ରସାର କରାଯାଉଛି କି ଶିକ୍ଷା ବ୍ୟବସ୍ଥା ଖୁବ୍ ଭଲ ଚାଲିଛି, ଯାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ବର୍ତ୍ତମାନ ଶିକ୍ଷାରେ ମଧ୍ୟ ଆର୍ଥିକ ଭାବରେ ଭେଦଭାବ ହେଉଥିବା ପରିଲକ୍ଷିତ ହେଉଛି । ଯାହାର ଯେତେ ଅଧିକ ପଇସା ସେ ସେତେ ଭଲ ଭାବରେ ଶିକ୍ଷା ପାଇ ପାରୁଛି । ଏଇଟା କ'ଣ ସମାନ ଶିକ୍ଷା ଅଧିକାର ଆଇନ ? ଏ ଗୋଟେ ଆଜି ଦିନରେ ବଡ଼ ପ୍ରଶ୍ନ ।

ସରକାରଙ୍କ ଦ୍ୱାରା ପରିଚାଳିତ ଅଙ୍ଗନୱାଡ଼ି ଶିକ୍ଷା ବା ପ୍ରାଥମିକ ଶିକ୍ଷାରେ ଜଣେ କୋମଳମତି ଶିଶୁର ପ୍ରାରମ୍ଭିକ ପର୍ଯ୍ୟାୟରେ ମଧ୍ୟ ଓଡ଼ିଆ ମାଧ୍ୟମରେ ଗାଁରେ ଥିବା ଗରିବ, ମୂଲିଆ, ଖଟିଖିଆ ଓ ଆର୍ଥିକ ଭାବରେ ଦୁର୍ବଳ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଆ ଭାଷାରେ ଶିକ୍ଷା ଦିଆଯାଉଛି । ଫଳରେ ଭବିଷ୍ୟତରେ ଇଂଲିଶ୍ ପଢ଼ିବା ସେମାନଙ୍କ ପାଇଁ କଷ୍ଟ ହୋଇ ପଡୁଛି । ଆର୍ଥିକ ଭାବରେ ସବଳ ଥିବା ଅଭିଭାବକମାନଙ୍କ ପିଲାଛୁଆ ପ୍ଲେ ସ୍କୁଲ ଭଳିଆ ଭଲ ସ୍କୁଲରେ ପ୍ରାରମ୍ଭରୁ ହିଁ ଇଂଲିଶ୍ ଭାଷାରେ ଶିକ୍ଷା ଗ୍ରହଣ କଲେ । ଫଳରେ ଉଚ୍ଚ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟରେ ଇଂଲିଶ୍ ପଢ଼ିଲା ବେଳେ ସହଜ ଓ ସରଳ ହୋଇ ପାରିଲା ଏବଂ ପରୀକ୍ଷାରେ ଭଲ ନମ୍ବର ରଖି କୃତକାର୍ଯ୍ୟ ହଉଛନ୍ତି ।

ମଧ୍ୟାହ୍ନଭୋଜନ ପାଇଁ ସରକାର ଯେପରି ଭାବରେ ସଚେତନ ଅଛନ୍ତି, ଯଦି ସେହିପରି ଭାବରେ ଇଂଲିଶ୍ ମାଧ୍ୟମରେ ଶିକ୍ଷା ଦେବା ସାର୍ବଜନୀନ କରନ୍ତି, ବହୁ ଗରିବ ଛାତ୍ରୀଛାତ୍ର ଉପକୃତ ହେବା ସହିତ ଇଂଲିଶ୍ ଭାଷାରେ ହେଉଥିବା ବିଭିନ୍ନ ଚାକିରି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବହୁ ଭଲ ସ୍ଥାନରେ ନିଯୁକ୍ତି ପାଇ ଉଜ୍ଜ୍ୱଳମୟ ଭବିଷ୍ୟତ ଗଢ଼ିପାରିବା ସହିତ ସମାଜରେ ପ୍ରତିଷ୍ଠିତ ହୋଇ ପାରନ୍ତି । ଯେଉଁ ଅନୁଷ୍ଠାନରେ ଛାତ୍ରୀଛାତ୍ର ଗୁରୁଙ୍କର ବେତ ମାଡ଼ଖାଇ ଶିକ୍ଷା ଗ୍ରହଣ କରୁଥିଲେ ଓ ତା' ସହିତ ଗୁରୁଜନମାନଙ୍କୁ ସମ୍ମାନ ଦେବା ଓ ଯୌଥ ପରିବାର ଚଳଣି ବିଷୟରେ ଶିକ୍ଷା ଗ୍ରହଣ କରୁଥିଲେ । ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ଦଣ୍ଡମୁକ୍ତ ଅଞ୍ଚଳ ହେବାରୁ ଶିକ୍ଷକମାନେ ମଧ୍ୟ ପ୍ରାୟ ସମୟରେ ଛାତ୍ରମାନଙ୍କୁ ଭୟ କରୁଛନ୍ତି, କାଳେ କିଛି ମୋ ଭାଷା କିମ୍ବା ବ୍ୟବହାର ଛାତ୍ରୀଛାତ୍ରମାନଙ୍କୁ ଖରାପ ଲାଗିଲେ ମୋ ଜୀବନ ଜୀବିକା (ଚାକିରି) ଉପରେ ଆଞ୍ଚ ଆସିବ । ଏହି ଭୟରେ ଶିକ୍ଷକ ଭୟଭୀତ । ଏଣୁ ଶିକ୍ଷାର ମାନ କମିବାକୁ ଲାଗିଲାଣି । ବର୍ତ୍ତମାନ ଉଚିତ ଶିକ୍ଷାରୁ ବଞ୍ଚିତ ହୋଇ ଛାତ୍ରୀଛାତ୍ରମାନେ ପ୍ରାପ୍ତବୟସ୍କ ହେଲା ପରେ ଯେତେବେଳେ କୌଣସି ଚାକିରି କରି ରୋଜଗାର କରୁଛନ୍ତି, ସେମାନେ ଚାହୁଁନାହାନ୍ତି ଆମେ ଆମ ଅଜା ଆଇ, ମା'ବାପାଙ୍କ ସହିତ ରହିବୁ । ସେମାନେ ଚାହୁଁଛନ୍ତି କେବଳ ମୋ ସ୍ତ୍ରୀ ଓ ମୋ ଛୁଆ ହିଁ ମୋ ପରିବାର (କେବଳ ଆମେ ଦୁଇ, ଆମର ଦୁଇ) । ଏମାନଙ୍କ ସହିତ ହିଁ ମୁଁ ରହିବି । ଯାହା ଦ୍ୱାରା ପୁଅ ବୋହୂଙ୍କ ହାତରନ୍ଧା ଖାଇ ନାତି ନାତୁଣୀଙ୍କୁ ପାକୁଆ ପାଟିରେ ଗପ ଶୁଣେଇବି ବୋଲି ଆଶା ଓ ସ୍ୱପ୍ନ ଦେଖୁଥିବା ଅଜାଆଇ ପୂର୍ଣ୍ଣ ବୟସରେ ବହୁ କଷ୍ଟରେ ବଞ୍ଚୁଛନ୍ତି ।

ସାଧାରଣରେ ପ୍ରଶ୍ନ ଉଠୁଛି ସରକାର ଯଦି ଓଡ଼ିଆ ଭାଷା ସହିତ ଇଂଲିଶ୍ ଭାଷାରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଙ୍ଗନୱାଡ଼ି ଓ ପ୍ରାଥମିକ ସ୍ତରରୁ ଓଡ଼ିଆ ସହିତ ଇଂଲିଶ୍ ଭାଷାରେ ଭଲ ଶିକ୍ଷା ପ୍ରଦାନ କରିବାର ନିଷ୍ପତ୍ତି ନିଅନ୍ତି, ତା'ହେଲେ ଶିକ୍ଷାରେ ସମାନତା ଆସିପାରନ୍ତା । ନିଯୁକ୍ତିରେ ସମସ୍ତ ଗରିବ, ମଜୁରିଆ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପିଲାମାନେ ମଧ୍ୟ ଭଲ ସ୍ଥାନରେ ନିଯୁକ୍ତି ପାଇପାରନ୍ତି ଓ ରାଜ୍ୟରେ ବେକାରି ସମସ୍ୟାର ସମାଧାନ ପାଇଁ ଗୋଟେ ରାସ୍ତା ଖୋଲିଯାଆନ୍ତା ।

**ବୌଦ୍ଧ, ମୋ: ୯୪୩୮୭୧୦୩୮୭**

## ଏଇ ଭାରତରେ

ଅଣୁବିଜ୍ଞାନୀ ଡ. କଳ୍ପନା ଶଙ୍କର ଏବେ ଶିଶୁଶ୍ରମିକ ଉଚ୍ଛେଦ ପାଇଁ କାମ କରୁଛନ୍ତି । ଏହା ସହ ଅନେକ ହଜାର ମହିଳାଙ୍କୁ ମଧ୍ୟ ସଶକ୍ତ କରିପାରିଛନ୍ତି । ତାମିଲନାଡୁର କାଞ୍ଚିପୁରମରେ 'ହ୍ୟାଣ୍ଡ ଇନ୍ ହ୍ୟାଣ୍ଡ' ଏନ୍‌ଜିଓ ପ୍ରତିଷ୍ଠା କରି ତା' ମାଧ୍ୟମରେ ସେ ଏହି କାର୍ଯ୍ୟ କରୁଛନ୍ତି । କଳ୍ପନା କାଞ୍ଚିପୁରମର ବୁଣାକାର ପରିବାରରେ କାମ କରୁଥିବା ଶିଶୁଶ୍ରମିକଙ୍କୁ ପ୍ରଥମେ ଉଦ୍ଧାର କରି ସେମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିଥିଲେ । ପରେ ଏହି ଅଭିଯାନକୁ ସେ ସମଗ୍ର ତାମିଲନାଡୁରେ ଚଳାଇଛନ୍ତି । ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି ସୁଇଡେନର ବ୍ୟବସାୟୀ ଡ.ପର୍ସି ବାର୍ନେଭିକ । ପିଲାଙ୍କ ଶିକ୍ଷା ପାଇଁ ତାମିଲନାଡୁର ବିଭିନ୍ନ ଅଞ୍ଚଳରେ ୮ଟି ଆବାସିକ ବିଦ୍ୟାଳୟ ଖୋଲାଯାଇଛି । ଏହିସବୁ ସ୍କୁଲରୁ ଏଯାବତ ୪୦,୦୦୦ ପିଲା ଉପକୃତ ହୋଇସାରିଲେଣି । କେବଳ ଏତିକି ନୁହେଁ ଡ. କଳ୍ପନା ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ପରିବାରକୈନ୍ଦ୍ରିକ ଉଦ୍ୟୋଗକୁ ପ୍ରୋତ୍ସାହିତ କରି ଏବେ ସୁଦ୍ଧା ୧.୫ ମିଲିୟନ ମହିଳାଙ୍କୁ ରୋଜଗାର ଯୋଗାଇ ସାରିଲେଣି । ବିଶେଷକରି ସେ ଟେଲର ଦୋକାନ, ମୋବାଇଲ ମରାମତି ଦୋକାନ, ଫୁଡ୍ ବିଜ୍‌ନେସ ଆଦିରେ ପରିବାରକୁ ସହଯୋଗ କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଜାନୁଆରୀ ୧୯୭୬

- ଜନସେବା ତଥା ସାହିତ୍ୟ, ସଙ୍ଗୀତ ଓ ବିଜ୍ଞାନର ଅଗ୍ରଗତି କ୍ଷେତ୍ରରେ ଉଚ୍ଚକୋଟିର ଅବଦାନ ଲାଗି ସ୍ୱର୍ଗତ କେ. କାମରାଜଙ୍କୁ 'ଭାରତରତ୍ନ' ଉପାଧି ।
- ଭାରତ ଓ ଫ୍ରାନ୍ସ ମଧ୍ୟରେ ଅର୍ଥନୈତିକ ଓ ବୈଷୟିକ ସହଯୋଗ ବୃଦ୍ଧି ତଥା ଟେଲି ଯୋଗାଯୋଗ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଏବଂ ଭାରତ–ଫ୍ରାନ୍ସ ଯୁଗ୍ମ ଅର୍ଥନୈତିକ ଓ ବୈଷୟିକ ସହଯୋଗ କମିଶନକୁ ମନ୍ତ୍ରୀସ୍ତରକୁ ଉତ୍ତୀର୍ଣ୍ଣ କରିବା ସଂକ୍ରାନ୍ତରେ ଦୁଇଟି ରାଜିନାମା ସ୍ୱାକ୍ଷରିତ ।

## ଚିରନ୍ତନୀ

ମୁଁ ଯେ ବୁଝିଛି ଆକାଶ ବ୍ୟଥା
ଆଜି ଶୁଣିଛି ଦୂର ବାରତା
ତୁମେ ଦିଗ୍‌ବଳୟର କଜଳ ରଞ୍ଜି
ନ ଆସ ସୁନୀଲ ନସନା
ଆଜି ବଢ଼ିଛି ପରା ମୋ ବାସନା ।
–(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ଘଟଣା ନିରାକରଣ ଯୋଜନା

ମହାଶୟ,

ସରକାର ସଡ଼କ ଦୁର୍ଘଟଣା କମ୍ କରିବା ପାଇଁ ବହୁବିଧ ବ୍ୟବସ୍ଥା କରୁଛନ୍ତି । ବର୍ତ୍ତମାନ ମାଦକଦ୍ରବ୍ୟ ସେବନ ରାସ୍ତା ଦୁର୍ଘଟଣାର ଏକ ପ୍ରମୁଖ କାରଣ ଭାବେ ଉଭା ହୋଇଛି । ନିଜକୁ ରକ୍ଷାକରିବା ପାଇଁ ପ୍ରଥମେ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ଦରକାର । ମଦ୍ୟପ ଡ୍ରାଇଭରଙ୍କ ପ୍ରତି କଡ଼ା ପଦକ୍ଷେପ ନେବା ପାଇଁ ପ୍ରତି ୬୦ କି.ମି.ରେ ଗୋଟିଏ ଚେକ୍‌ଗେଟ୍ କରି ଯାଞ୍ଚ କରାଯାଉ । କେଉଁଠିକି ଯିବେ ଗେଟ୍‌ରେ ଚେକିଂ କରି ପାସ୍ କଲେ ଦୁର୍ଘଟଣା ରାଜ୍ୟରୁ ପୂରା କମିଯାଆନ୍ତା । ଚୋରା କାରବାର ମଧ୍ୟ ପ୍ରଥମରୁ ଧରାପଡ଼ନ୍ତା । ରାଷ୍ଟ୍ରପତିଙ୍କ ଗସ୍ତରେ ଯେପରି ପ୍ରତି ରୁଟ୍‌ରେ ଜଗାରଖା ହେଉଛି, ସେପରି ପ୍ରତି ରୁଟ୍‌ରେ କରାଗଲେ ଠିକ୍ ହେବ ।

**–କାଳିଚରଣ ରଥ, ବ୍ରହ୍ମପୁର, ଗଞ୍ଜାମ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସ୍ୱପ୍ନ ନୁହେଁ - ବାସ୍ତବତାର ନୂଆ ସକାଳ



ମୋହନ ଚରଣ ମାଝୀ

ଆଜି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଓ ବିଶ୍ୱର ଦୂରଦର୍ଶୀ ଜନନେତା ନରେନ୍ଦ୍ର ମୋଦିଜୀଙ୍କ ଦ୍ୱାରା ଉଦ୍‌ଘାଟନ ହେବାକୁ ଯାଉଛି ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ୨୦୨୫। ଏଥିପାଇଁ ଆମେ ଚୂଡ଼ାନ୍ତ ପ୍ରସ୍ତୁତି କରିସାରିଛୁ। ଆମ ଦେଶର ତଥା ବିଦେଶର ଅନେକ ବୃହତ୍ ଶିଳ୍ପସଂସ୍ଥାର ସର୍ବୋଚ୍ଚ ପ୍ରତିନିଧି ଓ ଶିଳ୍ପପତି ଏଥିରେ ଯୋଗଦେବେ। ପ୍ରାୟ ୧୨ଟି ଦେଶର ନିବେଶକ,୨୦ଟି ଦେଶର ପ୍ରତିନିଧିମାନେ ମଧ୍ୟ ଏଥିରେ ଭାଗନେବେ। ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ହେବ ଉତ୍କର୍ଷ ଓ ୨୭ ତାରିଖରେ ବିଭିନ୍ନ ଶିଳ୍ପସଂସ୍ଥାର ପ୍ରତିନିଧି ଆସି ପହଞ୍ଚିଲା ପରେ ଆମ ସହ ଅଣ ଆନୁଷ୍ଠାନିକ ଆଲୋଚନାକରି ଉତ୍କର୍ଷ ଓଡ଼ିଶା ସମ୍ମିଳନୀକୁ ପ୍ରଥମ ସଫଳତା ଦେବେ। ସେଦିନ ପ୍ରାରମ୍ଭିକ ଭାବେ ଭାରତୀୟ ଶିଳ୍ପସଂଘ(ସିଆଇଆଇ) ପକ୍ଷରୁ ୫ଟି ଅଧିବେଶନ ସମ୍ପନ୍ନହେବ, ଯେଉଁଥିରେ ନିମନ୍ତ୍ରିତ ଶିଳ୍ପପତି,ବିଭିନ୍ନ ବିଭାଗର ମନ୍ତ୍ରୀ ଓ ସଚିବମାନେ ଯୋଗଦେବେ। ସେଦିନ ଶିଳ୍ପ ସମୂହର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଉଦ୍ୟୋଗପତି ଉପସ୍ଥିତ ରହିବେ।

ପ୍ରଧାନମନ୍ତ୍ରୀ ମୋଦିଜୀ ଉତ୍କର୍ଷ ଓଡ଼ିଶାକୁ ୨୮ ତାରିଖ ପୂର୍ବାହ୍ନ ୧୧ ଟାରେ ଉଦ୍‌ଘାଟନକରି ନିମନ୍ତ୍ରିତ ଶିଳ୍ପପତିଙ୍କୁ ସମ୍ବୋଧିତ କରିବେ। ଶିଳ୍ପ ପ୍ରତିଷ୍ଠା ପାଇଁ ଅପାର ସୁଯୋଗ ରହିଥିବା ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶାରେ ନୂତନ ଶିଳ୍ପସଂସ୍ଥା ପ୍ରତିଷ୍ଠାକଲେ, କେନ୍ଦ୍ର ଓ ରାଜ୍ୟ ସରକାର କିଭଳି ସହଯୋଗ ଯୋଗାଇଦେବେ, ତାହା କହିବେ। ତାଙ୍କର ପୂର୍ବୋଦୟ ବିକାଶ ପରିକଳ୍ପନା ବିଷୟରେ ମଧ୍ୟ ସୂଚନା ଦେବେ। ସେ ୨୦୦୩ ମସିହାରେ ଗୁଜରାଟରେ ମୁଖ୍ୟମନ୍ତ୍ରୀ ଥିଲାବେଳେ ଦେଶରେ ପ୍ରଥମଥର ପାଇଁ ଶିଳ୍ପ ସମାବେଶ ଆରମ୍ଭ କରିଥିଲେ, ଯାହାର ନାମ 'ଭାଇବ୍ରାଣ୍ଟ ଗୁଜରାଟ'। ସେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସୁଯୋଗ ଦେଇପାରୁଥିବା ତଥା ଉପଲବ୍ଧ କଞ୍ଚାମାଲକୁ ବ୍ୟବହାରକରି ରପ୍ତାନିଯୋଗ୍ୟ ଶିଳ୍ପଜାତ ପଦାର୍ଥ ଉତ୍ପାଦନ କରିପାରୁଥିବା ଶିଳ୍ପ ପ୍ରତିଷ୍ଠାରେ ସଫଳ ହୋଇଥିଲେ। ତାଙ୍କର ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ସଫଳ ପ୍ରଶାସନିକ ଅଭିଜ୍ଞତା ବିଶ୍ୱବିଦିତ। ଏଣୁ ଉତ୍କର୍ଷ ଓଡ଼ିଶା ସମ୍ମିଳନୀକୁ ଉଦ୍‌ଘାଟନ କରିବା ପାଇଁ ତାଙ୍କୁ ଅନୁରୋଧ କରିଥିଲି। ତାଙ୍କର ଗରିମାମୟ ଉପସ୍ଥିତି ଓ ଦିଗ୍‌ଦର୍ଶନ ଆମ ପାଇଁ ପ୍ରେରଣାଦାୟକ ସାବ୍ୟସ୍ତ ହେବା ସହ ନିବେଶକଙ୍କ ବିଶ୍ୱାସ ବଢ଼ାଇବ ବୋଲି ମୋର ବିଶ୍ୱାସ। ବିପୁଳ ସମ୍ଭାବନାକୁ ବ୍ୟବହାରକରି ଆମ ରାଜ୍ୟକୁ ବିକଶିତ ଓଡ଼ିଶାରେ ପରିଣତ କରିବାକୁ ସେ ଚାହାନ୍ତି। ମୁଁ ଏହି ଅବସରରେ ଓଡ଼ିଶା ମାଟିରେ ପଦାର୍ପଣ କରୁଥିବା ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଗଣ, ଶିଳ୍ପପତି, ନିବେଶକ, ଷ୍ଟାର୍ଟଅପ୍-ୟୁନିକର୍ନ ଉଦ୍ୟୋଗୀ, ଫର୍ଚ୍ୟୁନ ୫୦୦ କମ୍ପାନୀର ଶତାଧିକ ପ୍ରତିନିଧି, ଶିଳ୍ପ ସଂଘ ପ୍ରତିନିଧି ଏବଂ ଓଡ଼ିଶାରେ ଶିଳ୍ପ ସ୍ଥାପନ କରିବାକୁ ଆଗ୍ରହୀ ସମସ୍ତ ନିମନ୍ତ୍ରିତ ଅତିଥିଙ୍କୁ ହାର୍ଦ୍ଦିକ ସ୍ୱାଗତ କରୁଛି।

ଉଦ୍‌ଘାଟନ କାର୍ଯ୍ୟକ୍ରମ ପରେ,ଅପରାହ୍ନରେ ଶିଳ୍ପପତିଙ୍କ ଉପସ୍ଥିତିରେ ୫ଟି କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠାର ସମ୍ଭାବନା ପ୍ରସଙ୍ଗରେ ପର୍ଯ୍ୟାଲୋଚନା କରାଯିବ। ୨୯ ତାରିଖ ପୂର୍ବାହ୍ନରେ ୫ଟି ଓ ଅପରାହ୍ନରେ ୫ଟି ଅଧିବେଶନ ଅନୁଷ୍ଠିତ ହେବ। ଆମେ ଉତ୍କର୍ଷ ଓଡ଼ିଶା ମହାକୁମ୍ଭରେ ରାଜ୍ୟର ବଛା ବଛା ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରିବୁ। ୨୯ ତାରିଖ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟର ୩୦ଟି ଜିଲାରୁ ୨ଜଣ ଲେଖାଏ, ୬୦ ଜଣ ଯୁବ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରିବୁ, ଯାହା ସେମାନଙ୍କୁ ସମ୍ମାନ ଦେବା ସହ ଉଦ୍ୟୋଗ ସ୍ଥାପନକରି ଆତ୍ମନିଯୁକ୍ତିର ସ୍ୱପ୍ନ ଦେଖୁଥିବା ଭଉଣୀଭାଇମାନଙ୍କୁ ଉତ୍ସାହିତ କରିବ। ଏହି ମହାକୁମ୍ଭ ଉପଲକ୍ଷେ ଶିଳ୍ପ ପ୍ରଦର୍ଶନୀ ବା 'ଏକ୍ସପୋ'ଅନୁଷ୍ଠିତ ହେବ, ଯାହା ୩୦ ତାରିଖ ଦିନ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଏଥିରେ ପ୍ରାୟ ୧୫୦ଟି ସଂସ୍ଥା ନିଜର ଉତ୍ପାଦ, ପ୍ରଦତ୍ତ ସେବା ଓ ତାଙ୍କର ନବସୃଜନ ସମ୍ଭାର ପ୍ରଦର୍ଶନ କରିବେ। ଏହା ସହ 'ଷ୍ଟାର୍ଟଅପ୍ ଓଡ଼ିଶା', 'ସ୍କିଲ୍‌ଡ ଇନ୍ ଓଡ଼ିଶା' ଓ 'ସୁଭଦ୍ରା ଜରିଆରେ ମହିଳା ଉଦ୍ୟୋଗ' ଭଳି ତିନୋଟି ବିଷୟରେ ଆଲୋଚନା କରାଯିବ। ଏହି ସମାବେଶ ସମସ୍ତ ଦୃଷ୍ଟିକୋଣରୁ ଐତିହାସିକ ହେବା ସହ ରାଜ୍ୟ ପାଇଁ ଏକ ସୁଦୃଢ଼ ଅର୍ଥନୈତିକ ଓ ଶିଳ୍ପ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

ଓଡ଼ିଶାକୁ ଅର୍ଥନୀତି ଦୃଷ୍ଟିରୁ ଦେଶର ଅଗ୍ରଣୀ ରାଜ୍ୟ ମଧ୍ୟରେ ସ୍ଥାନିତ କରିବାକୁ ଆମର ଯେଉଁ ସଂକଳ୍ପ, ତାହା ନିଶ୍ଚୟ ପୂରଣ ହେବ ବୋଲି ଆମେ ଆଶାବାଦୀ। ଏହା ସମ୍ଭବ ହୋଇପାରିବ ପ୍ରତିଯୋଗିତାମୂଳକ ଶିଳ୍ପାୟନ ମାଧ୍ୟମରେ। ଏହା ଶ୍ରମିକ, କୃଷକ ଓ ସାଧାରଣ ଲୋକଙ୍କ ପାଇଁ ମଧ୍ୟ ବିପୁଳ ସୁଯୋଗ ସୃଷ୍ଟି କରିବା ସହ ଓଡ଼ିଶାକୁ କୃଷି, ଶିଳ୍ପ, ସେବା ଏବଂ ବ୍ୟବସାୟ କ୍ଷେତ୍ରରେ ସମୃଦ୍ଧି ଆଣିଦେବ। ଉତ୍କର୍ଷ ଓଡ଼ିଶା ସମାବେଶ କାଳରେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ୫ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବ ମିଳିବା ସମ୍ଭାବନା ରହିଛି। ଏଥିରେ ପ୍ରଚୁର ନିଯୁକ୍ତି ଓ ରୋଜଗାରର ସୁଯୋଗ ସୃଷ୍ଟିହେବ। ଶତାଧିକ ନିବେଶକ ଆମ ସହ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିବା କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ଶିଳ୍ପ ବିକାଶରେ ଭାଗୀଦାର ରହିଥିବା ଦେଶଗୁଡ଼ିକ ମଧ୍ୟରେ ପ୍ରମୁଖ ସ୍ଥାନରେ ରହିଛନ୍ତି ସିଙ୍ଗାପୁର, ଅଷ୍ଟ୍ରେଲିଆ ଓ ମାଲେସିଆ। ଏଣୁ ସେହି ସମସ୍ତ ଦେଶରୁ ଅଧିକ ଶିଳ୍ପପତି ଓ ପୁଞ୍ଜିନିବେଶକ ଉତ୍କର୍ଷ ଓଡ଼ିଶା ମହାକୁମ୍ଭରେ ଯୋଗଦେବାକୁ ଓଡ଼ିଶା ଆସିବା ସ୍ୱାଭାବିକ; ଯାହା ଆମ ରାଜ୍ୟର ଶିଳ୍ପବିକାଶ ପାଇଁ ମହତ୍ତ୍ୱପୂର୍ଣ୍ଣ। କେତେକ ବିକଶିତ ଦେଶକୁ ଆମେ କଣ୍ଟ୍ରି ଅଫ୍ ଫୋକସ୍ ବା ଅଗ୍ରାଧିକାର ସହଯୋଗୀ ରାଷ୍ଟ୍ର ଭାବେ ଉତ୍କର୍ଷ ଓଡ଼ିଶାରେ ଗୁରୁତ୍ୱ ଦେବୁ। ସେମାନେ ଓଡ଼ିଶା ପାଇଁ କିଭଳି ଅବଦାନ ଦେଇପାରିବେ, ତାହାର ସୂଚନା ଦେବେ। ଏହା ଦ୍ୱାରା ଆନ୍ତର୍ଜାତିକ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ପ୍ରତିଷ୍ଠା ବୃଦ୍ଧି ପାଇବ। ଏହି ୨ ଦିନରେ ବିଭିନ୍ନ ଗୋଲ୍ ଟେବୁଲ ବୈଠକ ଅନୁଷ୍ଠିତ ହେବ। ଏଥିରେ ଆଲୋଚନା ଜରିଆରେ ଶିଳ୍ପୋଦ୍ୟୋଗୀ ଓ ବିଶେଷଜ୍ଞମାନଙ୍କ ମଧ୍ୟରେ ଆଧୁନିକତମ ଜ୍ଞାନ ଓ ବୈଷୟିକ କୌଶଳ ସମ୍ପର୍କରେ ଭାବ ଆଦାନ ପ୍ରଦାନ ହେବ। ଆପଣମାନଙ୍କ ମନେଥାଇପାରେ, ସିଙ୍ଗାପୁରର ବୈଷୟିକ ସହାୟତାରେ ଓ ନୂଆ ସହର ନିର୍ମାଣ ହେବାକୁ ସ୍ଥିର ହୋଇଛି। ଏଥିପାଇଁ ଓଡ଼ିଶା ଆସିଥିବା ସିଙ୍ଗାପୁର ରାଷ୍ଟ୍ରପତି ଶ୍ରୀଯୁକ୍ତ ଥର୍ମନ୍ ଶନ୍ମୁଗରତ୍ନମଙ୍କ ଉପସ୍ଥିତିରେ ଆମେ ଚଳିତ ମାସରେ ବୁଝାମଣାପତ୍ର ସ୍ୱାକ୍ଷର କରିଛୁ। ଏଥିସହ ଇଣ୍ଡଷ୍ଟ୍ରିଆଲ ପାର୍କ, ସେମିକଣ୍ଡକ୍ଟର, ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଶିପିଂ କରିଡର, ଦକ୍ଷତା ବିକାଶ ଓ ପେଟ୍ରୋକେମିକାଲ ସମେତ ୮ଟି ପ୍ରକଳ୍ପ ପାଇଁ ସିଙ୍ଗାପୁର ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇସାରିଛି।

ଓଡ଼ିଶାରେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛନ୍ତି। କେଉଁଝର ଜିଲାରେ ଦକ୍ଷିଣ କୋରିଆର ପ୍ରସିଦ୍ଧ ଇସ୍ପାତ ଉତ୍ପାଦନକାରୀ ପସ୍କୋ ଏବଂ ଭାରତର ଜିନ୍ଦଲ ଇସ୍ପାତ ମିଳିତ ଭାବେ ଏକ ବୃହତ୍ ଲୌହ-ଇସ୍ପାତ ଶିଳ୍ପ ପ୍ରତିଷ୍ଠା କରିବାକୁ ଆଗ୍ରହୀ। ଆମେ ଇତିମଧ୍ୟରେ ୪୫ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ପାଇ ସାରିଛୁ। କେଉଁଝର ପ୍ରକଳ୍ପରୁ ମୋଟର ଗାଡ଼ିର ବହିରାବରଣ ପାଇଁ ସର୍ବୋତ୍ତମ ଇସ୍ପାତ ଚଦର ଉତ୍ପାଦନ ହେବ, ଯାହା ଓଡ଼ିଶାରେ ମୋଟରଯାନ ନିର୍ମାଣରେ ସାହାଯ୍ୟ କରିବ। ଅକ୍ଷୟ ଶକ୍ତି, ସୂଚନା ପ୍ରଯୁକ୍ତି, ରସାୟନ, ବୟନ ଓ ଖାଦ୍ୟ ପ୍ରକ୍ରିୟାକରଣ ଭଳି ୫ଟି କ୍ଷେତ୍ରକୁ ଆମେ 'ଗୁରୁତ୍ୱ କ୍ଷେତ୍ର' ମାନ୍ୟତା ଦେଇଛୁ।

ଏହି ସମାବେଶରେ ଯୋଗଦେଇଥିବା ଜାତୀୟ ଓ ଅନ୍ତର୍ଜାତୀୟ ପୁଞ୍ଜିନିବେଶକାରୀଙ୍କ ସହ ମୁଁ ସିଧାସଳଖ କଥା ହୋଇ 'ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର'ରେ ପୁଞ୍ଜିବିନିଯୋଗ କରିବା ପାଇଁ ଆମନ୍ତ୍ରଣ କରିବି। ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା' ଆମର ଲକ୍ଷ୍ୟ। ଆମେ ସେହି ସଂକଳ୍ପ ନେଇ ଆଗକୁ ବଢୁଛୁ ଏବଂ ଜନସାଧାରଣଙ୍କ ଜୀବନଧାରଣର ମାନ ବୃଦ୍ଧି ଦିଗରେ ଅଗ୍ରଗତି କରିଚାଲିଛୁ। ସ୍ୱାଧୀନତା ପୂର୍ବରୁ ଓ ପରେ ରାଜ୍ୟରେ ଯେଉଁସବୁ କୃଷି ଓ ଶ୍ରମଭିତ୍ତିକ କ୍ଷୁଦ୍ରଶିଳ୍ପ କାରଖାନା ଗଢ଼ିଉଠିଥିଲା ସେଗୁଡ଼ିକ ବିଗତ ବର୍ଷଗୁଡ଼ିକ ବନ୍ଦ ହୋଇଯାଇଥିବାରୁ ଆମେ ସେଗୁଡ଼ିକୁ ପୁନର୍ବାର କାର୍ଯ୍ୟକ୍ଷମ କରିବାକୁ ସଂକଳ୍ପ ନେଇଛୁ। ଆଗାମୀ ଦିନରେ ଆମେ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟିଦେବୁ।

ଆମ ରାଜ୍ୟରେ ରହିଛି ୪୮୦ କି.ମି. ସମୁଦ୍ର ଉପକୂଳ, ଯାହାର ରଣନୈତିକ ସ୍ଥିତି ଉପଯୋଗକରି ବାଣିଜ୍ୟ ବ୍ୟବସାୟ ପାଇଁ ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରବେଶ ଦ୍ୱାର କରିବୁ। ଆମର ସମୃଦ୍ଧ ଖଣିଜ ସମ୍ପଦ, ବନ୍ଦର ଉପଯୋଗୀ ସମୁଦ୍ରତଟ ଓଡ଼ିଶାକୁ ପୂର୍ବ ଭାରତରେ ଏକ ପ୍ରମୁଖ ନିବେଶସ୍ଥଳ ଭାବେ ମାନ୍ୟତା ଦେଉଛି। ଶିଳ୍ପ ବ୍ୟତୀତ, ଓଡ଼ିଶାରେ ଥିବା ପାହାଡ଼ ପର୍ବତ, ଘଞ୍ଚ ଜଙ୍ଗଲ,ଶାନ୍ତ ବେଳାଭୂମି ଏବଂ ମନୋରମ ବନ୍ୟପ୍ରାଣୀ ଅଭୟାରଣ୍ୟ ଅତ୍ୟନ୍ତ ମନୋରମ। ରାଜ୍ୟର କୋଣ ଅନୁକୋଣରେ ରହିଛି ସମୃଦ୍ଧ ଇତିହାସ ଏବଂ ସଂସ୍କୃତିର ଝଲକ। ଓଡ଼ିଶାର ଐତିହ୍ୟସ୍ଥଳୀ ବିଶ୍ୱ ବିଦିତ। ଆମର ସମୃଦ୍ଧ ହସ୍ତଶିଳ୍ପ କଳା ଓ ହସ୍ତତନ୍ତ ପ୍ରସ୍ତୁତ ସାମଗ୍ରୀ ଅତୁଳନୀୟ ଓ ଅନନ୍ୟ। ଏହାକୁ ନେଇ ଆମେ ପର୍ଯ୍ୟଟନ ବିକାଶ କରିବାକୁ ସଂକଳ୍ପ ବଦ୍ଧ। ଆମେ କୃଷକଙ୍କ ସାଥିରେ ଅଛୁ। ରାଜ୍ୟ ବିକାଶରେ ମହିଳାଙ୍କ ଭାଗୀଦାରି ବୃଦ୍ଧି ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ଉଲ୍ଲେଖନୀୟ। ଓଡ଼ିଶାକୁ ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ଭାବରେ ପରିଚୟ ଦେବା ପାଇଁ ଆମେ ସଙ୍କଳ୍ପବଦ୍ଧ। ସୂଚନା ପ୍ରଯୁକ୍ତିବିଦ୍ୟାରେ ସଫଳତା ମାଧ୍ୟମରେ ଭାରତର ଅର୍ଥନୀତିକୁ ପ୍ରମୁଖ ଯୋଗଦାନ ଦେଉଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ସ୍ଥାନ ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ରଖିବାକୁ ଆମେ ସଂକଳ୍ପବଦ୍ଧ। ଆମର ଯୁବସମାଜକୁ କୁଶଳୀକରି ନିଯୁକ୍ତି ଓ ଉଦ୍ୟୋଗୀ ହେବାର ସୁଯୋଗ ସୃଷ୍ଟି କରିବୁ। ରାଜ୍ୟବାସୀଙ୍କ ସଦିଚ୍ଛା ଓ ସହଯୋଗ ସହ ମୁଁ ସମସ୍ତ ଅତିଥିଙ୍କୁ ସ୍ୱାଗତ ଜଣାଉଛି। ବନ୍ଦେ ଉତ୍କଳ ଜନନୀ।

**– ମୁଖ୍ୟମନ୍ତ୍ରୀ, ଓଡ଼ିଶା, ଭୁବନେଶ୍ୱର**

# ସାରା ଦେଶରେ ଲାଗୁ ହେବ ଭାରତୀୟ ମାନକ ସମୟ

## 'ୱାନ୍ ନେଶନ, ୱାନ୍ ଟାଇମ୍' ପାଇଁ ଆସିଲା ଚିଠା ନିୟମାବଳୀ

ନୂଆଦିଲ୍ଲୀ,୨୭।୧

ସାରା ଦେଶରେ ଗୋଟିଏ ଟିକସ ବ୍ୟବସ୍ଥା ପାଇଁ ଜିଏସ୍‌ଟି ଲାଗୁ କରାଯିବା ସହ ଏକସଙ୍ଗେ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଇବା ପାଇଁ ୱାନ୍ ନେଶନ, ୱାନ୍ ଇଲେକ୍ସନ ଲାଗି କେନ୍ଦ୍ର ସରକାର ଉଦ୍ୟମ ଚଳାଇଛନ୍ତି। ଖୁବ୍‌ଶୀଘ୍ର ସାରା ଦେଶର ସବୁ ସେକ୍ଟରରେ ଗୋଟିଏ ସମୟ ଲାଗୁ କରିବା ନିମନ୍ତେ ଖାଉଟି ବ୍ୟାପାର ବିଭାଗ 'ୱାନ୍ ନେଶନ, ୱାନ୍ ଟାଇମ୍' ଚିଠା ନିୟମାବଳୀ ବା ଡ୍ରାଫ୍ଟ ମେଟ୍ରୋଲୋଜି (ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ ଟାଇମ୍) ନିୟମାବଳୀ, ୨୦୨୫ ପ୍ରକାଶ କରିଛି। ସାରା ଦେଶରେ ଏକସଙ୍ଗେ ଏବଂ ଠିକ୍ ଭାବରେ ଭାରତୀୟ ମାନକ ସମୟ (ଆଇଏସ୍‌ଟି) ପ୍ରତିଷ୍ଠା ଲାଗି ଏହା ଏକ ପଦକ୍ଷେପ। ସମୟ ରେକର୍ଡ କରିବାରେ ସମାନତାକୁ ସୁନିଶ୍ଚିତ କରିବା, ଆର୍ଥିକ ସାମର୍ଥ୍ୟ ବୃଦ୍ଧି ତଥା ଜାତୀୟ ସୁରକ୍ଷା ବଢ଼ାଇବା ଏହାର ଲକ୍ଷ୍ୟ। ନ୍ୟାଶନାଲ ଫିଜିକ୍ସ ଲାବରେଟୋରି (ଏନ୍‌ପିଏଲ୍) ଏବଂ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ମିଳିତ ଭାବେ ଏହି ପ୍ରକଳ୍ପକୁ ବିକଶିତ କରିଛନ୍ତି। ଆଇଏସ୍‌ଟିକୁ ମିଲିସେକେଣ୍ଡରୁ ମାଇକ୍ରୋସେକେଣ୍ଡରେ ବିଭାଜିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ନୂଆ ନିୟମାବଳୀ ଟେଲି ଯୋଗାଯୋଗ, ଜାହାଜ ଚଳାଚଳ, ପାୱାର ଗ୍ରୀଡ୍, ବ୍ୟାଙ୍କିଙ୍ଗ୍, ଡିଜିଟାଲ ଗଭର୍ନାନ୍ସ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ସେକ୍ଟରରେ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ସମ୍ପ୍ରତି ଅଧିକାଂଶ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା (ଟିଏସ୍‌ପି) ଏବଂ ଇଣ୍ଟରନେଟ୍ ସେବା ପ୍ରଦାନକାରୀ (ଆଇଏସ୍‌ପି)ଗୁଡ଼ିକ ଆଇଏସ୍‌ଟି ବଦଳରେ ଜିପିଏସ୍ ଭଳି ବିଦେଶୀ ସମୟ ଉତ୍ସ ଉପରେ ନିର୍ଭର କରୁଛନ୍ତି, ଯାହା ସାଇବର ସୁରକ୍ଷା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ବିଶ୍ୱସନୀୟତା ପ୍ରତି ବିପଦ ସୃଷ୍ଟି କରିଛି। ୱାନ୍ ନେଶନ୍, ୱାନ୍ ଟାଇମ୍ ପାଇଁ ଏକ କମିଟି ଗଠନ କରାଯାଇଛି, ଯେଉଁଥିରେ ଏନ୍‌ପିଏଲ୍, ଇସ୍ରୋ, ଆଇଆଇଟି କାନ୍‌ପୁର, ଏନ୍‌ଆଇସି, ଏସ୍‌ଇଆର୍‌ଟି-ଇନ୍, ସେବି ଏବଂ ରେଲ୍‌ୱେ, ଟେଲିକମ୍, ଆର୍ଥିକ ସେବା ଆଦି ବିଭିନ୍ନ ବିଭାଗରୁ ପ୍ରତିନିଧି ରହିଛନ୍ତି। ଜାନୁଆରୀ ୧୫ରେ ଚିଠା ନିୟମାବଳୀ ପ୍ରକାଶ ପାଇଥିବାବେଳେ ଏଥିପାଇଁ ଜନସାଧାରଣଙ୍କ ପରାମର୍ଶ ମଗାଯାଇଛି। ଖାଉଟି ବ୍ୟାପାର ବିଭାଗ ୱେବ୍‌ସାଇଟ୍ ଜରିଆରେ ମତାମତ ପଠାଇବାର ଶେଷ ତାରିଖ ଫେବୃଆରୀ ୧୪ ରହିଛି।




**ସଂକ୍ଷେପରେ**

## ଓଏସ୍ଆରଟିସି ବସ୍‌ଷ୍ଟାଣ୍ଡ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

କବିସୂର୍ଯ୍ୟନଗର,୨୭ା୧(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଥାନା ନିକଟରେ ଓଡିଶା ସରକାର ବାଣିଜ୍ୟ ଓ ପରିବହନ (ଓଏସଆରଟିସି) ବିଭାଗ ଦ୍ୱାରା ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାର ବ୍ୟୟ ଅଟକଳ ମୂଲ୍ୟ ୫ କୋଟି ୬୪ ଲକ୍ଷ ୪୦ ହଜାର ୨୩୯ ଟଙ୍କା ରଖାଯାଇଛି। କାର୍ଯ୍ୟକ୍ରମରେ ଲକ୍ଷ୍ମୀ ନାରାୟଣ ପାଇକରାୟ, ରାମପ୍ରସାଦ ଦୋରା, ବାବୁରାମ ବିଷୋୟୀ, ରଞ୍ଜନ ବେହେରା, ସୀତାରାମ ପାଣିଗ୍ରାହୀ, ନବ କିଶୋର ବିଶ୍ୱାଳ, ପୀତାମ୍ବର ସେଠୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଋଷିକୁଲ୍ୟାରୁ ବାଲି ଖନନକୁ ଗ୍ରାମବାସୀଙ୍କ ବିରୋଧ

ଶେରଗଡ଼,୨୭ା୧(ସୂର୍ଯ୍ୟ ନାରାୟଣଦାଶ)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ପିତ୍ତଳ-ପାଟିଡ଼ି ରାସ୍ତା ରେ ଋଷିକୁଲ୍ୟା ନଦୀ ପଠାରୁ ବାଲି ଖନନ(ଉଠାଣ)କୁ ଦୀର୍ଘଦିନ ଧରି ପିତ୍ତଳ ଗ୍ରାମବାସୀ ବିରୋଧ କରି ଆସୁଥିଲେ। ଏହାକୁ ବନ୍ଦ କରିବାକୁ ଗ୍ରାମବାସୀ ଖଣି ବିଭାଗ ଓ ରାଜସ୍ୱ ବିଭାଗକୁ ଅବଗତ କରାଇଥିଲେ। ମାତ୍ର ଏନେଇ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଋଷିକୁଲ୍ୟାରୁ ବାଲି ଖନନ ପ୍ରକ୍ରିୟା ଜାରି ରହିଥିଲା। ସୋମବାର ପୂର୍ବାହ୍ନ ୧୧ଟାରେ ରୁଷିକୁଲ୍ୟାରୁ ବାଲି ଉଠାଇବା ବେଳେ ଏହାକୁ ବନ୍ଦ କରିବାକୁ ଗ୍ରାମବାସୀ ବାଲି ଖନନ ଜାଗାରେ ଆନ୍ଦୋଳନ କରି ବିରୋଧ କରିଥିଲେ। ଫଳରେ ରୁଷିକୁଲ୍ୟାରୁ ବାଲି ଉଠାଣ ବନ୍ଦ ରହିଥିଲା।

## ୨ ପୋଲିସ ଅଧିକାରୀଙ୍କୁ ରାଜ୍ୟପାଳ ପଦକ

ଛତ୍ରପୁର,୨୭ା୧(ସନ୍ତୋଷ ପାଢ଼ୀ): ଗଞ୍ଜାମ ପୋଲିସ ଜିଲାରେ କାର୍ଯ୍ୟରତ ୨ ପୋଲିସ ଅଧିକାରୀଙ୍କୁ ରାଜ୍ୟପାଳ ପଦକ ମିଳିଛି। ରବିବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ ପାଟି ଏହି ପଦକ ପ୍ରଦାନ କରିଛନ୍ତି। ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ। ୨୦୨୪ ପାଇଁ ଗଞ୍ଜାମ ପୋଲିସ ଜିଲ୍ଲାର ଅତିରିକ୍ତ ଏସପି ରାଜୀବ ଲୋଚନ ପଣ୍ଡା ଓ ୨୦୨୧ ପାଇଁ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ସାଇବର ସେଲର ଏସଏଆଇ କିରଣ ଚନ୍ଦ୍ର ପାତ୍ରଙ୍କୁ ଏହି ପଦକ ମିଳିଛି। ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପରିବା ମାର୍କେଟ ଉଦ୍‌ଘାଟିତ

ଛତ୍ରପୁର,୨୭ା୧(ସନ୍ତୋଷ ପାଢ଼ୀ): ଛତ୍ରପୁର ଏନ୍ଏସିରେ ନବନିର୍ମିତ ପରିବା ମାର୍କେଟକୁ ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଏନଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଜି. ପାପା ରାଓଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ। ପରେ ମଧୁବାବୁ ପେନସନ ଯୋଜନାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଭତ୍ତା ନୂତନ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା।

## ଡାଏଲିସିସ ୟୁନିଟ୍ ଉଦ୍‌ଘାଟିତ

ଆସିକା,୨୭ା୧ (ସୁରେନ୍ଦ୍ର ନାଥ ସାହୁ):

ଆସିକା ଉପଖଣ୍ଡ ଚିକିତ୍ସାଳୟରେ ରବିବାର ବିଧାୟକ ସରୋଜ କୁମାର ପାଢୀଙ୍କ ଦ୍ୱାରା ଡାଏଲିସିସ ୟୁନିଟ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସ୍ୱାସ୍ଥ୍ୟ ଉପନିର୍ଦ୍ଦେଶକ ତଥା ରୋଗୀ କଲ୍ୟାଣ ସମିତି ସଦସ୍ୟ ଡା. ଶ୍ୟାମଘନ ବିଶ୍ୱାଳ, ଡାକ୍ତରଖାନା ଅଧୀକ୍ଷକ ବାଲଗୋପାଳ ବେହେରାଙ୍କ ସମେତ ଅନ୍ୟ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ । ଡାଇଲିସିସ ଦ୍ୱାରା ଆସିକା ଅଞ୍ଚଳର ଜନସାଧାରଣ ବିଷେଶ ଉପକୃତ ହେବେ ବୋଲି ବିଧାୟକ ପାଢୀ ଆଶାପୋଷଣ କରିଥିଲେ । ଡାକ୍ତରଖାନାକୁ ଚିକିତ୍ସା ଲାଗି ଆସୁଥିବା ରୋଗୀଙ୍କୁ ଉପଯୁକ୍ତ ବ୍ୟବହାର ସହ ଉପଯୁକ୍ତ ଚିକିତ୍ସା ପ୍ରଦାନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ବିଧାୟକ ପରାମର୍ଶ ଦେଇଥିଲେ ।

# ସମ୍ବିଧାନ ଆମ ରାଷ୍ଟ୍ରର ଅମୂଲ୍ୟ ସମ୍ପଦ

ଛତ୍ରପୁର,୨୭ା୧(ସନ୍ତୋଷ ପାଢ଼ୀ/ଦିଲ୍ଲିପ ସାମଲ) ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁରସ୍ଥିତ ପୋଲିସ ପରେଡ଼ ପଡ଼ିଆଠାରେ ଜିଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା ମୁଖ୍ୟ ଅତିଥି ରୂପେ ଯୋଗଦେଇ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରି ଗଞ୍ଜାମ ମାଟିର ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତି ଚାରଣ କରିଥିଲେ। ସେମାନଙ୍କ ଅସୀମ ସାହସ ଓ ସାଲିସବିହୀନ ସଂଗ୍ରାମକୁ ମନେପକାଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେଡରେ ୩୦ଟି ଦଳ ଅଂଶ ଗ୍ରହଣ କରିଥିଲେ । ୪ଟି ଦଳ ଶାରୀରିକ କ୍ରୀଡା ପ୍ରଦର୍ଶନ କରିଥିଲେ। ରିଜର୍ଭ ଇନିସ୍ପେକ୍ଟର ଅମୂଲ୍ୟ ନାୟକ ଓ ସେକେଣ୍ଡ ଇନ କମାଣ୍ଡ, ସର୍ଜେଣ୍ଟ ଅଫ ପୋଲିସ ବିକାଶ ସେନାପତିଙ୍କ ତତ୍ତ୍ୱାବଧାନରେ ପରେଡ ପରିଚାଳିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୬ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେଡ ପରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ ପ୍ରଦର୍ଶନ କରାଯାଇଥିଲା। ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା ଏହାକୁ ପରିଚାଳନା କରିଥିଲେ। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ,ଏନଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ଅତିରିକ୍ତ ଜିଲାପାଳ ସୁଧାଂଶୁ ଭୋଇଙ୍କ ସହଅନ୍ୟମାନେ ଉପସ୍ଥିତ ଥିଲେ।


ଜିଲାପାଳ କୃତୀ କ୍ୟାଡେଟ୍‌ଙ୍କୁ କରୁଛନ୍ତି।

**ଭଞ୍ଜନଗର,(ବାବୁଲା ପ୍ରଧାନ):** ଭଞ୍ଜନଗର ଜେଲ୍ ପଡ଼ିଆରେ ରବିବାର ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉପ ଜିଲାପାଳ ଅନୀଲ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ସୋରଡ଼ା (ରଜନୀ ମହାପାତ୍ର):** ସୋରଡାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଶଶୀ ଭୂଷଣ ମିନି ଷ୍ଟାଡିୟମ ପ୍ୟାରେଡ ପଡିଆରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ତହସିଲଦାର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଛାତ୍ରୀଛାତ୍ରଙ୍କ ପାଇଁ ଦେଇଥିବା ମିଷ୍ଟାନ୍ନକୁ ସିଆରସିସି ବିଦେଶୀ ବେହେରା ବଣ୍ଟନ କରିଥିଲେ। ଥାନାଅଧିକାରୀ ସୁଧୀର ସାହୁ ଏବଂ ଏବିଇଓ, ଶଶୀ ଭୂଷଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

**ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର):** ଦିଗପହଣ୍ଡି ସହର ସମେତ ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଦିଗପହଣ୍ଡି ଜେଏମ୍ଏଫସି କୋର୍ଟରେ ମାଜିଷ୍ଟ୍ରେଟ ନିଳିମା ଷଡଙ୍ଗୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଖେମୁଣ୍ଡି ଓକିଲ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ସଭାପତି ହରପ୍ରସାଦ ରଥ, ଏନ୍ଏସି ନିର୍ବାହୀ ଅଧିକାରୀ ଡ଼.ଅଶୋକ କର୍ଣ୍ଣଙ୍କ ସଂଯୋଜନାରେ ବଜାର ସାହି ଗାନ୍ଧୀ ଛକଠାରେ ନଗରପାଳ ପ୍ରଫୁଲ୍ଲ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିଲେ।

**ବୁଗୁଡ଼ା,(କାଳିଚରଣ ଦାଶ):** ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ସ୍ଥାନୀୟ ମିଡିଆ କ୍ଲବରେ ସଭାପତି ଅନିଲ ପଟ୍ଟନାୟକ, ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ସଭାପତି ସୂର୍ଯ୍ୟ ନାରାୟଣ ଦାଶ, ଏନ୍ଏସି କାର୍ଯ୍ୟାଳୟରେ ଅଧକ୍ଷ ଚିତ୍ରସେନ ପ୍ରଧାନ, ବ୍ଲକ୍ କାର୍ଯ୍ୟାଳୟରେ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସଭାପତି ୟୁ. ପୂର୍ଣ୍ଣଚନ୍ଦ୍ର ପାତ୍ର, ଗୋଲିଆ ଅଙ୍ଗନୱାଡି ଦ୍ୱିତୀୟ କେନ୍ଦ୍ରରେ ଗୋଲାପ ପ୍ରଧାନ, ନିୟୁ ଏରା ପବ୍ଲିକ୍ ସ୍କୁଲରେ ସଭାପତି କାଳୀ ଚରଣ ଦାଶ, ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା, ଶିକ୍ଷକ କାଳୀ ଚରଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

**ରମ୍ଭା,(ବନବାସୀ ସେଠୀ):** ରମ୍ଭା ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ରମ୍ଭା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ଓ ଶିକ୍ଷକ ଅଜିତ ବେହେରାଙ୍କ ତତ୍ତ୍ୱାବଧାନରେ ଏନ୍‌ସିସି, ଜେଆରସି ଓ ସ୍କାଉଟ ଗାଇଡ଼ର ପ୍ରଦର୍ଶନ କରିଥିଲେ। ରମ୍ଭା ଶିଳ୍ପ ବାଣିଜ୍ୟ ସଂଘର ସଭାପତି ନାଥମଲ ମୁନ୍ଦ୍ରା, ଉପସଭାପତି ଟି.ଅନିଲ ସୁବୁଦ୍ଧି, ସମ୍ପାଦକ ଜ୍ୟୋତି ପ୍ରକାଶ ପଣ୍ଡା, କୋଷାଧକ୍ଷ ଧନୁର୍ଜୟ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପ୍ରାକ୍ତନ ଉପବାଚସ୍ପତି ରାମ ଚନ୍ଦ୍ର ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରି ରମ୍ଭାର ସର୍ବାଙ୍ଗୀନ ଉନ୍ନତି ପାଇଁ ଚେଷ୍ଟା ଜାରି ରଖିଛନ୍ତି ବୋଲି କହିଥିଲେ।

## ଘୁମୁସର ବନଖଣ୍ଡରେ ହାତୀ ଉପଦ୍ରବ ଥମୁନି

### ଘର ଭାଙ୍ଗି ଧାନ ଖାଉଛନ୍ତି

ଭଞ୍ଜନଗର,୨୭ା୧(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ହାତୀପଲଙ୍କ ଉପଦ୍ରବ ଥମୁନି। ହାତୀପଲ ଗାଲେରି, ମୁଜାଗଡ଼ ଓ କେନ୍ଦ୍ରୀୟ ବନାଞ୍ଚଳରେ ବ୍ୟାପକ ଫସଲ କ୍ଷତି କଲେଣି। ସନ୍ଧ୍ୟା ହେଲେ ଜଙ୍ଗଲରୁ ବାହାରି ନିକଟବର୍ତ୍ତୀ ଗ୍ରାମ ଗୁଡିକରେ ପଶି ଘର କାନ୍ଥ ଭାଙ୍ଗି ଭିତରୁ ଧାନ ବସ୍ତା ବୋହିନେଇ ଖାଉଛନ୍ତି। ଏହି ସମୟରେ ଯିଏ ହାବୁଡ଼ରେ ପଡ଼ିଲା ତାକୁ ଆକ୍ରମଣ କରୁଛନ୍ତି। ରବିବାର ରାତିରେ ହାତୀପଲ ଘୋଡାଦାଣ୍ଡି, ମଧୁପୁର, କାଳିଆମ୍ବା ଆଦି ଗ୍ରାମରେ ବ୍ୟାପକ କ୍ଷତି କରିଛନ୍ତି। ଯାହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। ହାତୀପଲ ଫସଲ ଖାଇବା ପାଇଁ ୪ ଭାଗ ହୋଇ ଯାଉଛନ୍ତି। ପୂର୍ବରୁ ଜମିରେ ଫସଲ କ୍ଷତି କରୁଥିବା ବେଳେ ଚଳିତ ବର୍ଷ ଘର ଭାଙ୍ଗି ଧାନଚାଉଳ ଖାଉଛନ୍ତି। ଅନ୍ୟପଟେ ଚଳିତ ବର୍ଷ ଆଜି ସୁଦ୍ଧା ପ୍ରାୟ ୧୦ ଜଣ ଲୋକ ହାତୀ ଆକ୍ରମଣରେ ଆହତ ହେଲେଣି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ନାସିକ-ଶିରିଡ଼ି ଅଭିମୁଖେ ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା

### ୨ଟି ବସ୍‌ରେ ଯାଇଥିବା ୭୨ ଯାତ୍ରୀ ବ୍ରହ୍ମପୁରରୁ ଯିବେ ଟ୍ରେନରେ

ପାରଳାଖେମୁଣ୍ଡି,୨୭ା୧(ଗିରିଧାରୀ ପରିଛା)

ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ପାଇଁ ସୋମବାର ଦୁଇଟି ବସ୍‌ର ଶୁଭାରମ୍ଭ ହୋଇଛି। ଏହି ବସ୍ ଦୁଇଟି ୭୨ ଜଣ ତୀର୍ଥଯାତ୍ରୀଙ୍କୁ ଧରି ଯାତ୍ରା ଆରମ୍ଭ କରିଛି। ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀ, ଜିଲା ପରିଷଦ ଅଧକ୍ଷ, ଜି. ତିରୁପତି ରାଓ, ପୌର ଅଧକ୍ଷା ନିର୍ମଳା ସେଠୀ ଉପସ୍ଥିତ ରହି ଏହି ବସ୍ ଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବସ୍ ଦୁଇଟି ତୀର୍ଥଯାତ୍ରୀଙ୍କୁ ନେଇ ବ୍ରହ୍ମପୁରରେ ଛାଡହିବା ପରେ ସେଠାରୁ ସେମାନେ ୨୮ ତାରିଖରେ ଟ୍ରେନ ଯୋଗେ ଯାତ୍ରା କରିବେ। ଫେବୃୟାରୀ ୨ରେ ଏହି ଯାତ୍ରା ଶେଷ ହେବ। ଯାତ୍ରୀମାନେ ପର୍ଯ୍ୟଟନ ବିଭାଗ ଅନଲାଇନ ମାଧ୍ୟମରେ ଆବେଦନ କରିଥିଲେ। ସେଥିରୁ ୭୨ ଜଣ ଯାତ୍ରୀଙ୍କୁ ଚିହ୍ନଟ କରାଯାଇଛି। ଗୋଷାଣି ବ୍ଲକରୁ ୧୫ ଜଣ, କାଶୀନଗର ଏନଏସିରୁ ୬ ଜଣ, ଗୁମ୍ମା ବ୍ଲକରୁ ୧୪ ଜଣ, ମୋହନା ବ୍ଲକରୁ ୪ ଜଣ, କାଶୀନଗର ବ୍ଲକରୁ ୪ ଜଣ, ରାୟଗଡ଼ ବ୍ଲକରୁ ୬ ଜଣ, ନୂଆଗଡ଼ ବ୍ଲକରୁ ଜଣେ ଏବଂ ପାରଳାଖେମୁଣ୍ଡି ପୌରାଞ୍ଚଳରୁ ୨୨ ଜଣ ତୀର୍ଥଯାତ୍ରୀ ମନୋନୀତ ହୋଇ ଯାତ୍ରା କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଯାତ୍ରୀମାନଙ୍କ ସୁରକ୍ଷା ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ତୀର୍ଥଯାତ୍ରୀଙ୍କ ସହ ଦୁଇଜଣ ଏସ୍କର୍ଟ ଅଫିସ ଯାତ୍ରା କରିଛନ୍ତି। ଯାତ୍ରୀମାନଙ୍କ ଗସ୍ତ ପୂର୍ବରୁ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଯାତ୍ରୀମାନେ ବ୍ରହ୍ମପୁରରେ ପହଞ୍ଚିବା ପରେ ସମସ୍ତଙ୍କୁ ଆବଶ୍ୟକ କିଟ୍ ପ୍ରଦାନ କରାଯିବ। ଟ୍ରେନ ଯାତ୍ରା ସମୟରେ ଆଇଆରସିଟିସି ତରଫରୁ ସ୍ୱାସ୍ଥ୍ୟଜନିତ ସମସ୍ୟା ପାଇଁ ଆବଶ୍ୟକ ଡ଼ାକ୍ତର ଟିମ୍ ଟ୍ରେନରେ ରହିବେ। ସେମାନଙ୍କୁ ଟ୍ରେନରେ ବସାଇବା ଏବଂ ତୀର୍ଥଯାତ୍ରା ସାରି ଏଠାରେ ପହଞ୍ଚିବା ପରେ ସେମାନଙ୍କୁ ନେଇ ନିଜନିଜ ଘରେ ପହଞ୍ଚାଇବା ଦାୟିତ୍ୱରେ ପର୍ଯ୍ୟଟନ ଅଧିକାରୀଙ୍କ ସହ ଏକ ଟିମ୍ ରହିଛନ୍ତି।



ଅତିଥିମାନେ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରୀ ବସ୍‌ର ଶୁଭାରମ୍ଭ କରୁଛନ୍ତି।

## ମହେନ୍ଦ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ରାମଗିରି,୨୭ା୧ (ବୃନ୍ଦାବନ ଗୌଡ଼)

ଆର.ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତସ୍ଥିତ ମହେନ୍ଦ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷା ପ୍ରିୟଦର୍ଶିନୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜିରାଙ୍ଗ ବୌଦ୍ଧ ମନ୍ଦିର ଗୁରୁଜୀ ଡ୍ରୋଙ୍ଗ୍‌ଭୁ ଖେନୋପ ଟେନେଫଲ, ସମ୍ମାନିତ ଅତିଥି ଭାବେ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ବ୍ରଜରାଜ କର, ଡ଼ା. ବି.ଆର. ଆମ୍ବେଡକର ସ୍ନାତକ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଦଳାଇ, ମହେନ୍ଦ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ସୁଶାନ୍ତ ତ୍ରିପାଠୀ, ସମାଜିକ କର୍ମୀ ନିର୍ମଳା ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ରାମଗିରି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଞ୍ଜୀବ ନାୟକ ଉପସ୍ଥିତ ଥିଲେ। ଅତିଥିମାନେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରଥିଲେ। ଅଧକ୍ଷା ପଟ୍ଟନାୟକ ବିବରଣୀ ପାଠ କରିଥିଲେ।

# ଉଦ୍‌ଯାପିତ ହେଲା ଭାରତମାତା ପୂଜନ ଉତ୍ସବ




ଦାରିଙ୍ଗବାଡ଼ି, ୨୭ା୧ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ଶିବ ମନ୍ଦିର ପ୍ରାଙ୍ଗଣରେ ଭଗବାନ ବିର୍ଷାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଓ ଭାରତମାତା ପୂଜନ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଅନନ୍ୟା ଅନୁଷ୍ଠାନ ଏବଂ ସଂସ୍କାର ଭାରତୀ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ୩ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିଲା। ମୁଖ୍ୟ ଅତିଥିଭାବେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ମୁଖ୍ୟ ଅତିଥି,ଅନ୍ୟତମ ଅତିଥିଭାବେ ଏମ୍‌ପି ପ୍ରତିନିଧି ଦୁର୍ଗାମାଧବ ଆଚାର୍ଯ୍ୟ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ବାଲିଗୁଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଅବସରପ୍ରାପ୍ତ ପ୍ରଫେସର ଅମରେଶ୍ୱର ମିଶ୍ର, ପ୍ରଭୁ ଚରଣ ଲେଙ୍କା, ବଲିଉଡ଼ କଳାକାର ଗଦାଧର ବାରିକ, ନିରଞ୍ଜନ ପଣ୍ଡା ଯୋଗ ଦେଇଥିଲେ। ସ୍ଥାନୀୟ କଳାକାରଙ୍କ ସହ ଜିଲା ବାହାରୁ ଆସିଥିବା କଳାକାରମାନେ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ପାରମ୍ପରିକ ଲୋକକଳାରେ ଦର୍ଶକ ଝୁମିଥିବା ବେଳେ କନ୍ଧମାଳ ଏମ୍‌ପି ମଧ୍ୟ ବାଦ ପଡ଼ିନଥିଲେ। ସେ ଆତ୍ମ ବିଭୋର ହୋଇ କୁଇ ନୃତ୍ୟ ସମେତ ସମ୍ବଲପୁରୀ ନୃତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କାର ଭାରତୀର ରାଜ୍ୟ ମୁଖ୍ୟ ଡ଼ା.ଶାନ୍ତନୁ ରଥ, ନିରଞ୍ଜନ ପଣ୍ଡା, ଦୁର୍ଗାମାଧବ ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ।

## ୪୬ ଅଭିଯୋଗ ଶୁଣିଲେ ଜିଲାପାଳ

ପାରଳାଖେମୁଣ୍ଡି,୨୭ା୧(ଗିରିଧାରୀ ପରିଛା)

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ଅଲଡା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀଡ. ଗୁଣନିଧି ନାୟକ ପ୍ରମୁଖ ଉପସ୍ଥିତ ରହି ଅଲଡା ପଞ୍ଚାୟତ ସମେତ ସାଇଲି, କିଡିଗାଁ ଓ ଗୋରିବନ୍ଧ ପଞ୍ଚାୟତରୁ ଆସିଥିବା ୪୬ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ୩୦ଟି ଅଭିଯୋଗ ଥିବା ବେଳେ ୧୬ଟି ଗ୍ରାମ ସମସ୍ୟାଭିତ୍ତିକଥିଲା। ଅଭିଯୋଗଗୁଡିକର ତୁରନ୍ତ ସମାଧାନ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ଗୃହ ନିର୍ମାଣ, ରାଶନ କାର୍ଡ, ଶିକ୍ଷା, ଜଳସେଚନ, ସାସ୍ଥ୍ୟ ଓ ରାସ୍ତା ସମସ୍ୟା ସମ୍ପର୍କିତ ଥିଲା ।

## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଭଞ୍ଜନଗର,୨୭ା୧(ବାବୁଲା ପ୍ରଧାନ)

ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ସୋମବାର କୁଲାଡ କବି ସମ୍ରାଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା ଓ ସଭା ହୋଇଥିଲା। ଲୋକଙ୍କ ମାନସିକତା ପରିବର୍ତ୍ତନ ହେଲେ ଯାଇ ଦୁର୍ଘଟଣା ହାର କମିବ ବୋଲି ସଭାରେ ବକ୍ତାମାନେ କହିଥିଲେ। ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଭଞ୍ଜନଗର ଥାନା ଅଧିକାରୀ କୁମର ମୁଦୁଲି,ସାମାଜିକ କର୍ମୀ ଶୁଳପାଣି ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ମଳିକ ଅଧକ୍ଷତା କରିଥିଲେ। ବିପଦର ବନ୍ଧୁ, ରୋଟାରୀ କ୍ଲବ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଭା ପୂର୍ବରୁ ଛାତ୍ରୀ ଛାତ୍ରମାନେ ନଗର ପରିକ୍ରମା କରିଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

### ଡାକ୍ତରଙ୍କ ବିରୋଧରେ ଗ୍ରାମବାସୀଙ୍କ ଅଭିଯୋଗ



କ.ନୂଆଗାଁ, ୨୭ା୦୧(କାଳୀ ପ୍ରସାଦ ତ୍ରିପାଠୀ)

କ.ନୂଆଗାଁ ବ୍ଲକ ସଭା ଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଅମ୍ରିତ ଋତୁରାଜ ୭୭ଟି ଅଭିଯୋଗ ଶୁଣି ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କ.ନୂଆଗାଁରେ ମଡ଼େଲ ଡିଗ୍ରୀ କଲେଜ ଖୋଲିବା ନେଇ ବ୍ଲକସ୍ତରୀୟ ନିର୍ବାଚିତ ପ୍ରତିନିଧିଙ୍କ ସହ ଗ୍ରାମବାସୀ ଦାବି କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅମିତ୍ ବେହେରାଙ୍କ ବିରୋଧରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଡାକ୍ତର ବେହେରା ଅଧିକାଂଶ ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁପସ୍ଥିତ ରହୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଶୁଣାଣିକୁ ୬୩ଟି ବ୍ୟକ୍ତିଗତ ଓ ୧୪ ଗୋଷ୍ଠୀଗତ ସମସ୍ୟା ସମ୍ବଳିତ ଅଭିଯୋଗ ଆସିଥିଲା। ସେଥିରୁ ୧୩ଟି ସମାଧାନ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ ଜଣଙ୍କୁ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କନ୍ଧମାଳ ଏସ୍‌ପି ହରିସ ବି.ସି. , ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଭାରପ୍ରାପ୍ତ ବିଡିଓ ଅକ୍ଷୟ ମଲିକ, ସହକାରୀ ଯନ୍ତ୍ରୀ ଶୁଭମ ମହାପାତ୍ରଙ୍କ ସମେତ ଜିଲା ଓ ବ୍ଲକ ପଦାଧିକାରୀମାନେ ଯୋଗ ଦେଇଥିଲେ।

# ‘ଆଦିବାସୀଙ୍କ ଉନ୍ନତି ପାଇଁ ସବୁ ପଦକ୍ଷେପ ନିଆଯାଉଛି’

ପାରଳାଖେମୁଣ୍ଡ,୨୭ା୧(ଗିରିଧାରୀ ପରିଛା)

ଗଜପତିଜିଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ଗଜପତି ଷ୍ଟାଡିୟମରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜିଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସେ କହିଥିଲେ, ଆମ ସମ୍ବିଧାନ ବିଶ୍ୱର ସର୍ବବୃହତ ଅଟେ । କଳା, ସାହିତ୍ୟ, ସଂସ୍କୃତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଆଦିଭୂମି, ଉତ୍କଳର ଅନ୍ୟତମ ପୁଣ୍ୟପୀଠ ହେଉଛି ଗଜପତି। ଏହି ମାଟିର ସୁଯୋଗ୍ୟ ସନ୍ତାନ ପରାଳ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କୁ ଗଣତନ୍ତ୍ର ଦିବସରେ ଜିଲାପାଳ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆମ ଜିଲା ଆଦିବାସୀ ବହୁଳ ହୋଇଥିବାରୁ ରାଜ୍ୟ ସରକାର ସେମାନଙ୍କ ଉନ୍ନତି ପାଇଁ ଜିଲାସ୍ତରରେ ସମନ୍ୱୟ ଆଦିବାସୀ ସଂସ୍ଥାକୁ ଅଧିକ କ୍ରିୟାଶୀଳ କରିଛନ୍ତି। ସେମାନଙ୍କର ଉନ୍ନତି ପାଇଁ ଆସୁଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ସହଜରେ ଉପଲବ୍ଧି ପାଇଁ ସେରଙ୍ଗରେ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା ଏବଂ ଚନ୍ଦ୍ରଗିରିରେ ସଉରା ଉନ୍ନୟନ ସଂସ୍ଥା କାର୍ଯ୍ୟ କରୁଛି। ସେହିପରି ଜିଲାରେ ମିଶନ ଶକ୍ତି ଦ୍ୱାରା ସ୍ୱୟଂ ସହାୟିକ ଗୋଷ୍ଠୀର ମହିଳାଙ୍କୁ ନେଇ ବିଭିନ୍ନ ସ୍ଥାନରେ କାଫେ ପ୍ରତିଷ୍ଠା କରାଯାଇ ମହିଳାଙ୍କୁ ସ୍ୱାବଲମ୍ବୀ କରାଯାଉଛି। ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ,କୃଷି ଓ ପର୍ଯ୍ୟଟନ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପଣ୍ଡା,ବନଖଣ୍ଡ ଅଧିକାରୀ ଏସ.ଆନନ୍ଦ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼.ଗୁଣନିଧି ନାୟକ,ଉପ ଜିଲାପାଳ ଅନୁପ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ ମହାନ୍ତି, ଜିଲା ପରିଷଦ ଅଧକ୍ଷ ଜି.ତ୍ରିପତି ରାଓ, ପୌର ପରିଷଦ ଅଧକ୍ଷା ନିର୍ମଳା ସେଠୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲାର ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା କ୍ରୀଡାବିତ, କର୍ମଚାରୀ ଓ ସେଚ୍ଛାସେବୀ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଏନ୍‌ସିସି ବିଭାଗ ପରେଡ ପ୍ରତିଯୋଗିତାରେ ମହିଳା ମହାବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମହାରାଜାଙ୍କ ବାଳକ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ସିଭିଲିୟାନରେ ସେଣ୍ଟ ଜୋସେଫ କନଭେଣ୍ଟ ସ୍କୁଲ ପ୍ରଥମ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା।


ଜଣେ ଏନସିସି କ୍ୟାଡେଟ୍‌ଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଗଜପତି ଜିଲାରେ ସାଧାରଣତନ୍ତ୍ର ଦିବସ**

## କାର ସହ ଗଞ୍ଜେଇ ଜବତ, ଜଣେ ଗିରଫ

ଦାରିଙ୍ଗବାଡ଼ି, (ଅରୁଣ ସାହୁ) ଦାରିଙ୍ଗବାଡ଼ି ଦେଇ ଗଞ୍ଜେଇ ଭର୍ତ୍ତି କାର ଯାଉଥିବା ବେଳେ ପୋଲିସ ଧରିଥିଲା। ଏଥିରେ ଜଣଙ୍କୁ ଗିରଫ କରାଯାଇଛି। କାର ସହ ୨ ବସ୍ତା ଗଞ୍ଜେଇ ଯାହାର ଓଜନ ୩୦ କେଜି ୨୬୦ ଗ୍ରାମ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଗଞ୍ଜାମ ଜିଲା ରମ୍ଭା ଥାନା ଅଞ୍ଚଳର ରଞ୍ଜିତ ନାହାକଙ୍କୁ ପୋଲିସ ଗିରଫ କରିଥିବା ଆଇଆଇସି କନକ କୁମାର ମାଝୀ କହିଛନ୍ତି।



# ସମୃଦ୍ଧ ଓ ବିକଶିତ ଜିଲା ଗଠନ କରିବାକୁ ଆହ୍ୱାନ




ବ୍ରହ୍ମପୁର,୨୭।୧(ସ୍ମୃତି ରଞ୍ଜନ ମହାଳିକ) ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଗଞ୍ଜାମ ଜିଲା ଅତିରିକ୍ତ ଜିଲାପାଳ ଡ ପ୍ରମୋଦ କୁମାର ପୃଷ୍ଟି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଦୀର୍ଘ ଦିନର ପରାଧିନତାର ଶୃଙ୍ଖଳାରୁ ମୁକ୍ତି ହେବା ପରେ ଭାରତ ବିଶ୍ୱରେ ଏକ ପ୍ରମୁଖ ଶକ୍ତି ଭାବରେ ଛିଡା ହୋଇଛି। ତେଣୁ ପ୍ରେରଣା ଓ ପ୍ରତିଜ୍ଞାର ଦିନ ହେଉଛି ସାଧାରଣତନ୍ତ୍ର ଦିବସ। ସଭିଏଁ ମିଳିମିଶି ଏକ ସମୃଦ୍ଧ ଓ ବିକଶିତ ଗଞ୍ଜାମ ଜିଲା ଗଠନ ପାଇଁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଉପଖଣ୍ଡପ୍ରଶାସନ ପରେଡରେ ୩୯ ଦଳ ଓ ୮ ଶାରୀରିକ କ୍ରୀଡା ଦଳ ଅଂଶଗ୍ରହଣ କରିଥିଲେ। କମାଣ୍ଡର ଆରଆଇଏଫ ପୋଲିସ ଏମ ଲକ୍ଷ୍ମୀ ରଞ୍ଜନ, ସେକେଣ୍ଡ ଇନ କମାଣ୍ଡ ସର୍ଜେଣ୍ଟ ପ୍ରସନ କୁମାର ଦାସ ପରେଡ ପରିଚାଳନା କରିଥିଲେ। ପରେଡରେ ସିନିୟର ଡିଭିଜନ ଏନସିସି(ଆର୍ମି)ରେ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପ୍ରଥମ ଓ ନାଭାଲ ଦ୍ୱିତୀୟ ହୋଇଥିଲା। ଦିବସ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ରହ୍ମପୁର ଉପଜିଲାପାଳ ଦୀନା ଦସ୍ତଗୀର, ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ, ପୂର୍ବତନ ବିଧାୟକ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବ୍ରହ୍ମପୁର ଉପଜିଲାପାଳ ସଭାପତିତ୍ୱ କରିଥିଲେ। ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଲୋକନାଥ ଶତପଥୀ ପରିଚାଳନା କରିଥିଲେ।

## ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ଘଟଣା: ବାପା, ପୁଅ ଗିରଫ

ଗୋପାଳପୁର,୨୭।୧
(ନବୀନ ରାଜ ଆଚାରୀ):

ଗୋପାଳପୁର ଥାନା ଏପିଆର କନଷ୍ଟେବଲ ଭାବେ କାର୍ଯ୍ୟରତ ଏନ.ରାମକ୍ରିଷ୍ଣାଙ୍କୁ ମାଡ଼ ମାରିବା ଘଟଣାରେ ସୋମବାର ପୋଲିସ ଅଭିଯୁକ୍ତ ବାପା, ପୁଅଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିନୋଦ ସାହୁ, ପୁଅ ଶିବ ସାହୁ। ଖବର ଅନୁସାରେ, ଏପିଆର କନଷ୍ଟେବଲ ଏନ.ରାମକ୍ରିଷ୍ଣା ଓ ତାଙ୍କ ସାଙ୍ଗ ଲକ୍ଷଣ ବେହେରା ମିଶି ସ୍ଥାନୀୟ ମୁଆ ବସଷ୍ଟାଣ୍ଡ ନିକଟରେ ଥିବା ବିହାରୀ ଜଳଖିଆ ଦୋକାନକୁ ଯାଇ ୨୦ ଟଙ୍କାର ପକୁଡି ମାଗିଥିଲେ। ଦୋକାନୀ ୩୦ ଟଙ୍କାର ପକୁଡ଼ି ଦେଇଥିଲେ। ଏହାକୁ ନେଇ ରାମକ୍ରିଷ୍ଣା ୨୦ ଟଙ୍କାର ପକୁଡି ମାଗିଥିଲେ କାହିଁକି ୩୦ ଟଙ୍କାର ଦେଲ ବୋଲି ପଚାରିବାରୁ ଦୋକାନୀ ରାଗି ଯାଇ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଦୋକାନୀ ଏକ ରଡ଼ରେ ଆକ୍ରମଣ କରିଥିଲେ। ଫଳରେ ରାମକ୍ରିଷ୍ଣାଙ୍କ ଡାହାଣ ହାତର ପାପୁଲିର ହାଡ଼ ଭାଙ୍ଗି ଯାଇଥିଲା। ତାହାସହ ଦୋକାନୀଙ୍କ ପୁଅ ପହଞ୍ଚି ବାପାଙ୍କ ସହ ମିଶି ମାଡ଼ ମାରିଥିଲେ। ମୋବାଇଲ ଛଡାଇ ଭାଙ୍ଗି ଦେଇଥିଲେ। ସାଙ୍ଗ ଲକ୍ଷଣ ବେହେରା ଛଡାଇ ରାମକ୍ରିଷ୍ଣାଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ସିଟି ମେଡିକାଲ ନେଇଥିଲେ। ଏ ନେଇ ଅଭିଯୋଗକ୍ରମେ ଥାନାରେ ନମ୍ବର ୩୩/୨୫ ମାମଲା ରୁଜୁ ହୋଇଛି। ପୋଲିସ ଲୁହା ରଡ଼କୁ ଜବତ କରି ଅଭିଯୁକ୍ତ ବାପା, ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# କର୍ମଚାରୀ ଶୋଷଣ, ଛଟେଇକୁ ବିରୋଧ

ବ୍ରହ୍ମପୁର, ୨୭।୧(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ବିଭିନ୍ନ ଆଉଟସୋର୍ସିଂ ଏଜେନ୍ସି ଦ୍ୱାରା ନିଯୁକ୍ତ କରାଯାଉଛି। ନିଯୁକ୍ତ କର୍ମଚାରୀ ସର୍ବନିମ୍ନ ମଜୁରୀ ପାଇବାରୁ ବଂଚିତ ହେଉଛନ୍ତି। ଶୋଷଣ କରାଯାଉଛି। ଅଧିକାର ମାଗିଲେ ସାମାନ୍ୟ କାରଣକୁ ନେଇ ଏଜେନ୍ସି ଦ୍ୱାରା ଛଟେଇର ଶିକାର ହେବାକୁ ପଡୁଛି। ଏଭଳି ସାଂଘାତିକ ଅଭିଯୋଗ କରିଛି ଓଡିଶା ମେଡିକାଲ ଆଉଟସୋର୍ସିଂ କର୍ମଚାରୀ ସଂଘ। ତେଣୁ କର୍ମଚାରୀ ଶୋଷଣ ଓ ଛଟେଇକୁ ସମ୍ପୂର୍ଣ୍ଣ ବିରୋଧ କରି ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅଭିଯେଗା ବାଢ଼ିଛନ୍ତି। ଏମକେସିଜିର ପରିମଳ କାର୍ଯ୍ୟ ପାଇଁ ବ୍ରହ୍ମପୁର ମହାନଗର ନିଗମ ଦାୟିତ୍ୱରେ ଥିବା 'ପ୍ରତ୍ୟୁଷ' ନାମକ ଠିକା ସଂସ୍ଥା ଅନୁବନ୍ଧିତ ହୋଇଥିଲା। ସଫେଇ ପାଇଁ ଟେଣ୍ଡର ପ୍ରକ୍ରିୟାରେ ବର୍ଗଫୁଟ ହିସାବରେ ଦର ପ୍ରଦାନ କରାଯାଉଛି। କର୍ମଚାରୀମାନେ ବିନା ମାନବ ସମ୍ବଳ ହିସାବରେ କାର୍ଯ୍ୟ କରୁଛନ୍ତି ଓ ଅତ୍ୟଧିକ କାମ ବୋଝ ପାଇଁ ସେବା ମଧ୍ୟ ପ୍ରଭାବିତ ହେଉଛି। ଅର୍ଦ୍ଧକୁଶଳୀ ହାରରେ ଦରମା ଦେବା ବଦଳରେ କର୍ମଚାରୀମାନଙ୍କୁ ଅଣକୁଶଳୀ ହାରରେ ଦରମା ଦିଆଯାଉଛି। ଗାରିମା ଯୋଜନାରେ ମଧ୍ୟ ସାମିଲ କରାଯାଉନଥିବାରୁ ସଂଘ ବିରୋଧ କରୁଛି। ଅନ୍ୟ ଏକ ଘଟଣା କ୍ରମେ ମେଡିକାଲର ସମସ୍ତ ଲିଫ୍ଟର ପରିଚାଳନା ଦାୟିତ୍ୱ ମା' ସାରଳା ଏଣ୍ଟରପ୍ରାଇଜେସ ନେଇଛି। କର୍ମଚାରୀମାନଙ୍କୁ ସର୍ବନିମ୍ନ ମଜୁରୀ ଦେବାରେ ବିଫଳ ହେଉଛି। ଏହାର ପ୍ରତିବାଦ କରିବାରୁ ଦୀର୍ଘ ଦୁଇମାସ ହେବ ୬ ଆଉଟସୋର୍ସିଂ କର୍ମଚାରୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ କାମରୁ ବାହାରେ ରଖିଛନ୍ତି। ସ୍ଥାନୀୟ ମେଡିକାଲ ପ୍ରଶାସନିକ ଅଧିକାରୀଙ୍କୁ ଗୁହାରି ଜଣାଇଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ପାରୁନାହିଁ ଓ ଏପରିକି ଟିକେଟ କାଉଣ୍ଟର ଦାୟିତ୍ୱରେ ଥିବା ମଲ୍ଟିସଫ୍ଟ ସଂସ୍ଥା ସହ ଅନେକ ଏଜେନ୍ସି ମଧ୍ୟ ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ଆଧାରରେ ଦରମା ଦେବାରେ ବିଫଳ ହେଉଛନ୍ତି। ଏ ସବୁ ସମସ୍ୟା ମେଡିକାଲ କର୍ତ୍ତୃପକ୍ଷଙ୍କ ଖାମଖିଆଲ ଟେଣ୍ଡର ପ୍ରକ୍ରିୟା ସହ କର୍ମଚାରୀଙ୍କ ଅତିରିକ୍ତ ଶ୍ରମକୁ ଲୁଟ କରି ଏଜେନ୍ସି ଓ ଅଫିସରଙ୍କ ମଧ୍ୟରେ ସଲାସୁତରାରେ ଏହା ଚାଲିଛି। ଫଳରେ ଉକ୍ତ କର୍ମଚାରୀ ମାନଙ୍କ ପ୍ରତି ଏଭଳି ଅବହେଳା କରାଯାଉଛି। ବିଭିନ୍ନ ସମୟରେ ଏନେଇ ଅଭିଯୋଗ ହେଲେ କର୍ମଚାରୀଙ୍କୁ ଛଟେଇ ମଧ୍ୟ କରି ଦିଆଯାଉଛି। ତେଣୁ ସମାଧାନ ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଶୁଣାଣି ପ୍ରକୋଷ୍ଠରେ ସଂଘର ରାଜ୍ୟ ଆବାହକ ପ୍ରତାପ ପ୍ରଧାନ, ଗଞ୍ଜାମ ଜିଲା ସଫେଇ କର୍ମଚାରୀ ନେତା ଉତ୍ତମ ନାୟକ, ନମିତା ନାୟକ, ଆଶୁତୋଷ ଘଡେଇ ଏନ. ଭେଙ୍କଟ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜେଇ ଚାଲାଣ ମାମଲା, ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ବ୍ରହ୍ମପୁର,୨୭।୧ (ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ-୧ ଡ. ଇନ୍ଦୁ ଶର୍ମା ସୋମବାର ଏକ ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ଜଣେ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ହେଲେ ଝାଡଖଣ୍ଡ ଆଜାଦ ନଗର ଥାନା ଟାଟା ଜାମସେଦପୁରର ମହମ୍ମଦ ସାକୀବ(୨୪)। ଏଥି ସହ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଅନ୍ୟତମ ଅଭିଯୁକ୍ତ ଝାରଖଣ୍ଡର ମହମ୍ମଦ ଫିରୋଜ ଖାନ(୪୫)ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୨୩ ମାର୍ଚ୍ଚ ମାସ ୨୪ ତାରିଖ ସକାଳ ସାଢେ ୧୦ ଟାରେ ଗୋପାଳପୁର ଜଙ୍କସନରୁ ଜାତୀୟ ରାଜପଥ ୧୬ ପୁକୁଡିବନ୍ଧ ଛକ ଦେଇ ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ଗୁଇନ୍ଦା ବିଭାଗକୁ ଖବର ମିଳିଥିଲା ତତ୍କାଳୀନ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ଓ ତାଙ୍କ ଟିମ ଉକ୍ତ ଛକରେ ଯାନବାହନ ଯାଞ୍ଚ ଆରମ୍ଭ କରିଥିଲେ। ଏହି ସମୟରେ ଉକ୍ତ ଛକକୁ ଆସୁଥିବା ଏକ କାର ନଂ (ଜେଏଚ- ୦୫ ସିବି -୨୭୪୯) କୁ ସନ୍ଦେହରେ ଅଟକାଇ ଯାଞ୍ଚ ବେଳେ ସେଥିରୁ ୧୬୦ କେଜି ଗଞ୍ଜେଇ ମିଳିଥିଲା। କାରରେ ବସିଥିବା ମହମ୍ମଦ ସାକୀବ ଓ ମହମ୍ମଦ ଫିରୋଜ ଖାନଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ ଜେରା ବେଳେ ସେମାନେ ଉକ୍ତ ଗଂଜେଇ ଗଜପତି ଜିଲା ମୋହନା ଅଞ୍ଚଳରୁ ଆଣି ଜାତୀୟ ରାଜପଥ ଦେଇ ଝାରଖଣ୍ଡ ନେଉଥିଲେ ବୋଲି ଜଣାପଡିଥିଲା। ମାମଲା ନମ୍ବର ନଂ.୬୦/୨୩ ରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଗିରଫ ପରଠାରୁ ସାକୀବ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରଧୀନ ବନ୍ଦୀ ଭବେ ରହୁଥିଲେ। ତଦନ୍ତ ଅଧିକାରୀ ତଥା ତତ୍କାଳୀନ ଇନ୍ସପେକ୍ଟର ସାମନ୍ତ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଫିରୋଜ ଖାନାଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାରଣା ବେଳେ ମୋଟ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଅଭିଯୁକ୍ତ ସାକୀବଙ୍କୁ ଜେଲରୁ ଅଣାଯାଇ କୋର୍ଟରେ ହାଜର କରାଯାଇଥିଲା। ସେହିପରି ଜାମିନରେ ଥିବା ଫିରୋଜ ମଧ୍ୟ କୋର୍ଟରେ ହାଜର ହୋଇଥିଲେ। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣଙ୍କୁ ଭିତ୍ତି କରି ଜଜ ଏହି ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

# 'କ୍ରାନ୍ତି'ର ମେରୀ ଜାନ୍ ହିନ୍ଦୁସ୍ତାନ

ବ୍ରହ୍ମପୁର,୨୭।୧(ସୁବାସ ଚନ୍ଦ୍ର ପାଢ଼ୀ)

ସାମାଜିକ ଅନୁଷ୍ଠାନ 'କ୍ରାନ୍ତି' ଜନରାଜ୍ୟ ଦିବସ ଅବସରରେ ସ୍ଥାନୀୟ ଆଇଓଆଇ ପ୍ରେକ୍ଷାଳୟରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ 'ମେରି ଜାନ୍ ହିନ୍ଦୁସ୍ତାନ' ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଦେବାନନ୍ଦ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏସଏମଆଇଟି ସଭାପତି ଡ ଭଗବାନ ଗନ୍ତାୟତ ମୁଖ୍ୟ ଅତିଥି, କାଲାମ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ସମ୍ପାଦକ ସନ୍ତୋଷ କୁମାର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୁଳି ଦାଶ, ଆଇଭିଏସ ଅଧ୍ୟକ୍ଷ ରଞ୍ଜନ କୁମାର ପରିଡ଼ା ଓ ଶ୍ରଦ୍ଧା ଫାଉଣ୍ଡେସନ ସଭାପତି ପ୍ରଣବ କୁମାର ପଣ୍ଡା ଯୋଗଦେଇ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ଦଳଗତ ନୃତ୍ୟ ପରିବେଷଣ କରିଥିଲେ।

**ଶାସ୍ତ୍ରୀ ପାଠାଗାର:** ପଣ୍ଡା କଲୋନୀ ସ୍ଥିତ ଶାସ୍ତ୍ରୀ ପାଠାଗାରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ସ୍ଥାନୀୟ କର୍ପୋରେଟର ମଳୟ ବିଷୋଇ ପତାକା ଉତ୍ତୋଳନ କରିଥିଲେ। ପାଠାଗାର ସଭାପତି ଇଂ ଅପୂର୍ବ ପଟ୍ଟନାୟକ ଗଣତନ୍ତ୍ର ଦିବସର ମହତ୍ତ୍ୱ କହିଥିଲେ। ସାଧାରଣ ସମ୍ପାଦକ ଗଣେଶ ପଣ୍ଡା, ଉପସଭାପତି ଜେ. ଜଗନ୍ନାଥ ପାତ୍ର, ପଞ୍ଚାନନ ତାରିଣୀ, ଯୁଗ୍ମ ସମ୍ପାଦକ ଅନୀଲ ପାଣିଗ୍ରାହୀ, କମଳ ଲୋଚନ ପ୍ରଧାନ, ପ୍ରମୋଦ ସାବତ, ଉପଦେଷ୍ଟା ଅଭିମନ୍ୟୁ ପ୍ରଧାନ, ପ୍ରମୋଦ କୁମାର ସାବତ, ସୁଜନ ଶୁକ୍ଳ, ସୁବାଷ ପଣ୍ଡା, ଦ୍ୱିତୀ କୃଷ୍ଣ ମଲ୍ଲ,ସଦସ୍ୟ ମିଟୁ ଗୌଡ଼, ରଂଜିତ ପାଣିଗ୍ରାହୀ, ରାଜ କୁମାର ନାୟକ, ତ୍ରିପତି ପାତ୍ର, ସୁଶାନ୍ତ ନନ୍ଦ, ମନୋଜ ବେହେରା, ବିଭୁତି ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୋଗ ଶୁଣାଣି ଶିବିର

ବ୍ରହ୍ମପୁର,୨୭।୧ (ସ୍ମୃତି ରଞ୍ଜନ ମହାଳିକ)

ଉପଖଣ୍ଡ ସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ସୋମବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ ଓ ବ୍ରହ୍ମପୁର ଉପ ଜିଲାପାଳ ଦୀନା ଦସ୍ତଗୀର ଯୋଗ ଦେଇଥିଲେ। ୮୯ ଅଭିଯୋଗ ପତ୍ର ଗ୍ରହଣ ହୋଇଥିଲା। ଏଥିରେ ୮୪ ବ୍ୟକ୍ତିଗତ ଅଭିଯୋଗ, ୫ଟି ଗ୍ରାମ ଅଭିଯୋଗ ଥିଲା। ଏଥିସହ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୫୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଗଞ୍ଜାମ ଜିଲ୍ଲାପାଳ ୮ ଅଭିଯୋଗର ଫଇସଲା କରିଥିଲେ। ଜିଲାପାଳ ଅନ୍ୟାନ୍ୟ ଆବେଦନ ଗୁଡ଼ିକ ଶୁଣାଣି କରି ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ସମସ୍ତ ଅଧିକାରୀ, ଉପଖଣ୍ଡର ସମସ୍ତ ବିଡିଓ ଏବଂ ତହସିଲଦାର ଉପସ୍ଥିତ ଥିଲେ।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା ସମ୍ମୁଖରେ ପାଳିତ ଜନରାଜ୍ୟ ଦିବସରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ପତାକା ଉତ୍ତୋଳନ କରି ଗଣତନ୍ତ୍ର ଦିବସର ମୂଲ୍ୟବୋଧ ଉପରେ ଆଲୋଚନା କରି ଭାରତର ସମ୍ବିଧାନ ତିଆରିର ଇତିହାସ ଉପରେ ଆଲୋକପାତ କରିଥିଲେ। କୁଳସଚିବ ସଚ୍ଚିଦାନନ୍ଦ ନାୟକ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ଯୁଗ୍ମ କୁଳସଚିବ ଡ. ବାପୁଜୀ ସାମଲଙ୍କ ସମେତ ବହୁ ଅଧିକାରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଏନ ଏସ ଏସର ସ୍ୱେଚ୍ଛାସେବୀ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍‌ଓ-ସିକେପି-ଆର୍‌ଆର୍-କେଏମ୍‌ଟିସି-୨୪-୨୭-୪, ତାରିଖ: ୨୫।୦୧।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ବୈଦ୍ୟୁତିକ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍-। – ବୈଷୟିକ ବିଡ୍ ଏବଂ ପ୍ୟାକେଟ୍-।। – ଆର୍ଥିକ ବିଡ୍)ରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫରଗୁଡ଼ିକ ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** କେଏମ୍‌ଟିସିଠାରେ ୧୦୯୫ ଦିନ ପାଇଁ ରନିଂ ରୁମ୍‌ର ଦେଖାରଖା। **ଟେଣ୍ଡର ମୂଲ୍ୟ:** ₹୧,୨୦,୭୧,୭୩୨.୬୯। **ଇ.ଏମ୍.ଡି.:** ₹୨,୧୦,୪୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/-। **ଇ-ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଓପି)/ଚକ୍ରଧରପୁରଙ୍କ କାର୍ଯ୍ୟାଳୟ, ଦ.ପୂ. ରେଳପଥ। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୭।୦୨।୨୦୨୫ରିଖ ୧୫.୦୦ ଘଟିକା। **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୧୭।୦୨।୨୦୨୫ରିଖ ୧୫.୩୦ ଘଟିକା। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-।।। ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-1063)



**कार्यपालक अभियंता का कार्यालय,**
**पथ निर्माण विभाग,**
**पथ प्रमंडल, सरायकेला–खरसावाँ**

**"शुद्धि-पत्र"**

पथ निर्माण विभाग, पथ प्रमंडल, सरायकेला–खरसावाँ द्वारा ई–टेंडर रेफरेन्स नं०–प०नि०वि०/सरायकेला/20, दिनांक 25.01.2025 तथा पी०आर० संख्या –PR 345110 द्वारा प्रकाशित ई–प्रोक्योरमेंट सूचना (द्वितीय कॉल) के क्रम संख्या–2 में राशि (Annual Potential Collection) रु० 13.5115120 (ग्यारह करोड़ एकावन लाख पन्द्रह हजार एक सौ बीस) के स्थान पर क्रम संख्या–2 में राशि (Annual Potential Collection) रु० 13.5115120 (तेरह करोड़ एकावन लाख पन्द्रह हजार एक सौ बीस) पढ़ा जाय ।

शेष अन्य सभी सूचनाएं यथावत् रहेंगी ।

कार्यपालक अभियंता,
पथ निर्माण विभाग, पथ प्रमंडल,
सरायकेला–खरसावाँ ।

PR.NO.345135 Road Construction Dept Road Division Ranchi(24-25):D



**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha

**QUOTATION CALL NOTICE**

Quotation in sealed envelope invited for "**Comprehensive Student Insurance for Students at NLUO Cuttack**". Last date & time of receipt is **05.02.2025, 11.00 AM**. For details please visit website: **www.nluo.ac.in**".

Sd/- Registrar



**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha

**QUOTATION CALL NOTICE**

Quotation in sealed envelope invited for "**Refilling of Fire Extinguishers at NLUO Cuttack**". Last date & time of receipt is **03.02.2025, 11.00 AM**. For details please visit website- **www.nluo.ac.in**".

Sd/- Registrar



**GOVT. OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, GAJAPATI**
At/P.O.: Paralakhemundi, Dist.: Gajapati, Phone No.: 06815-222365
e-mail: eemi_gajapati@yahoo.co.in, eemigajapatiparalakhemundi@gmail.com

**e-Procurement Notice No. 281 Date: 22.01.2025**
**BID IDENTIFICATION No. MIDGJP-11/2024-25**

No. A-950: The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Double Cover System in ONLINE MODE** for the construction of following works as detailed in the Detailed Tender Call Notice (D.T.C.N.) from the eligible class of contractors.

1. Name of the Work : Construction of Check Dam under MATY Scheme - 2024-25, Imp. to Check Dam 2024-25 & Critical Scheme 2024-25.
2. No. of Works : 11 Nos. (Eleven)
3. Estimated Cost : Varies approximately from Rs.5.08 Lakhs to 46.00 Lakhs
4. Period of Completion : 6 (Six) & 02 (Two) Calendar months
5. Date and time of availability of bid documents in the portal : From 10.30 hours of 29.01.2025 to 17.00 hours of 07.02.2025
6. Last date/time for receipt of bids in the portal : 17.00 hours of 07.02.2025
7. Date of Opening of Bid : 11.00 hours on 10.02.2025
8. Name and address of the Officer Inviting Bid : Superintending Engineer, Minor Irrigation Division, Gajapati, At/P.O.: Paralakhemundi, Dist.: Gajapati, PIN - 761200

Further details can be seen from the e-procurement portal **https://tendersodisha.gov.in**.

Sd./- Er. Kiran Kumar Subudhy
Supeintending Engineer
OIPR-32013/11/0020/2425 MI Division, Gajapati, Paralakhemundi



**GOVT. OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, GAJAPATI**
At/P.O.: Paralakhemundi, Dist.: Gajapati, Phone No.: 06815-222365
e-mail: eemi_gajapati@yahoo.co.in, eemigajapatiparalakhemundi@gmail.com

**e-Procurement Notice No. 295 Date: 22.01.2025**
**BID IDENTIFICATION No. MIDGJP-12/2024-25**

No. A-949: The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Double Cover System in ONLINE MODE** for the construction of following works as detailed in the Detailed Tender Call Notice (D.T.C.N.) from the eligible class of contractors.

1. Name of the Work : Construction of Check Dams under MATY Scheme - 2024-25
2. No. of Works : 03 Nos. (Three)
3. Estimated Cost : Rs.53.24 to 84.98 Lakhs
4. Period of Completion : 6 (Six) Calendar months (Including Rainy Season)
5. Date and time of availability of bid documents in the portal : From 10.00 hours of 29.01.2025 to 17.00 hours of 07.02.2025
6. Last date/time for receipt of bids in the portal : 17.00 hours of 07.02.2025
7. Date of Opening of Bid : 11.00 hours on 10.02.2025
8. Name and address of the Officer Inviting Bid : Superintending Engineer, Minor Irrigation Division, Gajapati, At/P.O.: Paralakhemundi, Dist.: Gajapati, PIN - 761200

Further details can be seen from the e-procurement portal **https://tendersodisha.gov.in**.

Sd./- Er. Kiran Kumar Subudhy
Supeintending Engineer
OIPR-32013/11/0019/2425 MI Division, Gajapati, Paralakhemundi



**GOVERNMENT OF ODISHA** No. A-958
**OFFICE OF THE ADDITIONAL CHIEF ENGINEER**
Upper Kolab Project, At/P.O.: Bariniput, Dist.: Koraput
Odisha - 764006, email id: aceukp2022@gmail.com

**e-Procurement Notice No. ACE-UKP-02/2024-25**
**Bid Identification No. ACE-UKP-02/2024-25(I) to ACE-UKP-02/2024-25(VI)**

1. Name of the Works : Civil Works
2. No. of Works : 6 Nos.
3. Approximate Estimated Cost : Ranging from Rs.244.69 Lakhs to Rs.252.74 Lakhs
4. Period of Completion : Six Calendar Months each
5. Type of Contract : Percentage Rate
6. Date & Time of Biddding/ Availability of Bid documents in the portal : From 10.00 A.M. of 28.01.2025 upto 05.30 P.M. of 13.02.2025
7. Last date & time for receipt of bids in portal : 13.02.2025 upto 5.30 P.M.
8. Time and date of opening of Technical Bid : 11.00 A.M. of 14.02.2025
9. Place of Opening of Bid : O/o. The Additional Chief Engineer, Upper Kolab Project, Bariniput

Further details can be seen from the **https://tendersodisha.gov.in**. Addendum/Corrigendum/Cancellation required, if any will be published in Govt. website only.

Sd./- Additional Chief Engineer
OIPR-32491/11/0001/2425 Upper Kolab Project, Bariniput



**ମାନ୍ୟବର ବରିଷ୍ଠ ଦେୱାନୀ ବିଭାଗ ଅଦାଲତ,**
**ଖଲ୍ଲିକୋଟ, ଗଞ୍ଜାମ**
ସି.ଏସ୍. ୮/୨୦୨୩

ଦଣ୍ଡପାଣି ପାତ୍ର ....... ଦାବିଦାର
ବନାମ
ସୁବାସ ମହାରଣା ଓଗେର ..... ପ୍ରତିବାଦୀ
ନୋଟିସ ଅଣ୍ଡର ଅର୍ଡର-୫, ରୁଲ୍-୨୦,
ଦେୱାନୀ କାର୍ଯ୍ୟବିଧି ଆଇନ
ପ୍ରାପ୍ତେଷୁ,
୧- ଗନ୍ଧର୍ବ ମହାରଣା, ବୟସ-୪୫ ବର୍ଷ
ପିତା- ମୃତ ବାଉରିଆ ମହାରଣା
୨- ରାଜେନ୍ଦ୍ର ମହାରଣା, ବୟସ-୪୨ ବର୍ଷ
ପିତା- ମୃତ ବାଉରିଆ ମହାରଣା
୩- ନାରାୟଣ ମହାରଣା, ବୟସ- ୪୫ ବର୍ଷ
ପିତା- ମୃତ ଖଳିଆ ମହାରଣା
୪- ଅପରା ମହାରଣା, ବୟସ-୪୩ ବର୍ଷ
ପିତା-ମୃତ ଖଳିଆ ମହାରଣା
୫- ସନ୍ତୋଷ ମହାରଣା, ବୟସ- ୩୮ ବର୍ଷ
ପିତା- ମୃତ ବିଜୟ ମହାରଣା
୬- ସୁନୀଲ ମହାରଣା, ବୟସ- ୨୮ ବର୍ଷ
ପିତା- ମୃତ ବିଜୟ ମହାରଣା
୭- ସାହେବ ମହାରଣା, ବୟସ-୪୫ ବର୍ଷ
ପିତା- ମୃତ ବାହାଦୁର ମହାରଣା
ଠିକଣା- ଗ୍ରାମ- ଫାସିଡ଼ି,ପୋଷ୍ଟ- ପାଣ୍ଡିତଗାଁ
ଥାନା-ଖଲ୍ଲିକୋଟ, ଜିଲ୍ଲା- ଗଞ୍ଜାମ ।

ଏହି ନୋଟିସ ଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି ଯେ, ଆପଣଙ୍କୁ ଅଦାଲତରୁ ବାରମ୍ବାର ସ୍ଥାୟୀ ଠିକଣା ଓ ଅବସ୍ଥିତି / ବର୍ତ୍ତମାନ ଠିକଣାରେ ନୋଟିସ ଯାଇ ଆପଣଙ୍କ ଅନୁପସ୍ଥିତି ଥିବାରୁ ଫେରି ଆସୁଅଛି ।

ଏଣୁ ଏହି ଖବରକାଗଜ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ, ଏହି ମକଦ୍ଦମା ଆସନ୍ତା ତା୨୫.୦୨.୨୦୨୫ରିଖକୁ ତୁମର ହାଜିରା ଓ ଜବାବପାଇଁ ଧାର୍ଯ୍ୟ ହୋଇଅଛି । ଉକ୍ତ ମକଦ୍ଦମାର ସମ୍ପତ୍ତିର ବିବରଣୀ ହେଲା ଯଥା- ହାଲ୍ ଖାତା ନଂ.-୧୦୭, ପ୍ଲଟ୍ ନଂ.-୭୨୭, ଜମିର ପରିମାଣ ୦.୮୧୮ ଡି.ମି. ମୌଜା- ସିଙ୍ଗଡ଼ପଲ୍ଲୀ, ତହସିଲ- ଖଲ୍ଲିକୋଟ, ଜିଲ୍ଲା- ଗଞ୍ଜାମ ।

ଏହି ଖବରକାଗଜ ନୋଟିସ ପରେ ସ୍ୱୟଂ କିମ୍ବା ଓକିଲଙ୍କ ଜରିଆରେ ଧାର୍ଯ୍ୟ ତାରିଖ ଦିନ କୋର୍ଟରେ ହାଜର ହୋଇ ମକଦ୍ଦମା ତଦାରଖ କରିବେ । ଆପଣଙ୍କ ଉପସ୍ଥିତିରେ ମକଦ୍ଦମା ଫଇସଲା କରାଯିବ । ଏହା ପରେ ଯଦି ଆପଣଙ୍କ କିମ୍ବା ଆପଣଙ୍କ ଓକିଲ ମାଧ୍ୟମରେ ଅଦାଲତରେ ଧାର୍ଯ୍ୟ ତାରିଖରେ ଉପସ୍ଥିତ ନ ହୁଅନ୍ତି ତେବେ ମାମଲା କୋର୍ଟଙ୍କ ଦ୍ୱାରା ଏକତରଫା କରାଯିବ ।

ଆଦ୍ୟ ତା-୧୦.୦୧.୨୦୨୫ରିଖରେ ଆମ୍ଭର ଦସ୍ତଖତ ଓ ଅଦାଲତଙ୍କ ମୋହରକ୍ରମେ ଦିଆଗଲା ।

ସ୍ୱା./-
ବରିଷ୍ଠ ଦେୱାନୀ ଜଜ୍, ଖଲ୍ଲିକୋଟ୍



**ମାନ୍ୟବର ବରିଷ୍ଠ ଦେୱାନୀ ବିଭାଗ ଅଦାଲତ,**
**ଖଲ୍ଲିକୋଟ, ଗଞ୍ଜାମ**
ସି.ଏସ୍. ୨୨୨/୨୦୨୩

ହଜାରୀ ଚଣ୍ଡ ....... ଦାବିଦାର
ବନାମ
ଲକ୍ଷ୍ମୀ ପରମାଣିକ ଓଗେର ..... ପ୍ରତିବାଦୀ
ନୋଟିସ ଅଣ୍ଡର ଅର୍ଡର-୫, ରୁଲ୍-୨୦,
ଦେୱାନୀ କାର୍ଯ୍ୟବିଧି ଆଇନ
ପ୍ରାପ୍ତେଷୁ,
୧- ଲକ୍ଷ୍ମୀ ପରମାଣିକ, ବୟସ-୪୫ ବର୍ଷ
ସ୍ୱାମୀ- ମୃତ ସୁଦର୍ଶନ ପରମାଣିକ
୨- ବଳରାମ ପରମାଣିକ, ବୟସ- ୪୨ ବର୍ଷ
ପିତା- ମୃତ ପୁନିଆ ପରମାଣିକ
୩- ଦେବ ପରମାଣିକ, ବୟସ-୪୮ ବର୍ଷ
ପିତା- ମୃତ ମୂଳିଆ ପରମାଣିକ
୪- ବିଜୟ ପରମାଣିକ, ବୟସ- ୪୬ ବର୍ଷ
ପିତା- ମୃତ ମୂଳିଆ ପରମାଣିକ
୫- ସୁକାନ୍ତ ପରମାଣିକ, ବୟସ-୩୫ ବର୍ଷ
ପିତା- ମୃତ ଦଣ୍ଡପାଣି @ଦଣ୍ଡସୀ ପରମାଣିକ
୬- ବେଖାରୀ ଚଣ୍ଡ, ବୟସ- ୬୩ ବର୍ଷ
ପିତା- ମୃତ ଉଦୟ ଚଣ୍ଡ
ଠିକଣା- ଗ୍ରାମ- ମହେଶ୍ୱରପୁର, ପୋଷ୍ଟ- କହ୍ନେଇପୁର, ଥାନା- ଖଲ୍ଲିକୋଟ, ଜିଲ୍ଲା- ଗଞ୍ଜାମ ।

ଏହି ନୋଟିସ ଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି ଯେ, ଆପଣଙ୍କୁ ଅଦାଲତରୁ ବାରମ୍ବାର ସ୍ଥାୟୀ ଠିକଣା ଓ ଅବସ୍ଥିତି / ବର୍ତ୍ତମାନ ଠିକଣାରେ ନୋଟିସ ଯାଇ ଆପଣଙ୍କ ଅନୁପସ୍ଥିତି ଥିବାରୁ ଫେରି ଆସୁଅଛି ।

ଏଣୁ ଏହି ଖବରକାଗଜ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ, ଏହି ମକଦ୍ଦମା ଆସନ୍ତା ତା୦୧.୦୩.୨୦୨୫ରିଖକୁ ତୁମର ହାଜିରା ଓ ଜବାବପାଇଁ ଧାର୍ଯ୍ୟ ହୋଇଅଛି । ଉକ୍ତ ମକଦ୍ଦମାର ସମ୍ପତ୍ତି ବିବରଣୀ ହେଲା ଯଥା- ହାଲ୍ ଖାତା ନଂ.-୨୧୨, ପ୍ଲଟ୍ ନଂ.- ୧୬୮୫, ଜମିର ପରିମାଣ ୦.୦୬୫ ଡି.ମି., ମୌଜା- ମହେଶ୍ୱରପୁର, ତହସିଲ- ଖଲ୍ଲିକୋଟ, ଜିଲ୍ଲା- ଗଞ୍ଜାମ ।

ଏହି ଖବରକାଗଜ ନୋଟିସ ପରେ ସ୍ୱୟଂ କିମ୍ବା ଓକିଲଙ୍କ ଜରିଆରେ ଧାର୍ଯ୍ୟ ତାରିଖ ଦିନ କୋର୍ଟରେ ହାଜର ହୋଇ ମକଦ୍ଦମା ତଦାରଖ କରିବେ । ଆପଣଙ୍କ ଉପସ୍ଥିତିରେ ମକଦ୍ଦମା ଫଇସଲା କରାଯିବ । ଏହା ପରେ ଯଦି ଆପଣଙ୍କ କିମ୍ବା ଆପଣଙ୍କ ଓକିଲ ମାଧ୍ୟମରେ ଅଦାଲତରେ ଧାର୍ଯ୍ୟ ତାରିଖରେ ଉପସ୍ଥିତ ନ ହୁଅନ୍ତି ତେବେ ମାମଲା କୋର୍ଟଙ୍କ ଦ୍ୱାରା ଏକତରଫା କରାଯିବ ।

ଆଦ୍ୟ ତା-୧୦.୦୧.୨୦୨୫ରିଖରେ ଆମ୍ଭର ଦସ୍ତଖତ ଓ ଅଦାଲତଙ୍କ ମୋହରକ୍ରମେ ଦିଆଗଲା ।

ସ୍ୱା./-
ବରିଷ୍ଠ ଦେୱାନୀ ଜଜ୍, ଖଲ୍ଲିକୋଟ୍



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** — **ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ସମ୍ବଲପୁର (୧୮୩୯୮)
ସା: ମହାନଦୀ ଭବନ, କଚେରୀ ରୋଡ୍, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ନିକଟ, ପ୍ରଥମ ମହଲା,
ପ୍ରଶାସନିକ କାର୍ଯ୍ୟାଳୟ, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୧, ଇ-ମେଲ: sbi.18398@sbi.co.in

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିଗୁଡ଼ିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୮.୦୨.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ**
**ଗାଡ଼ି ଗୁଡିକ ତନଖି କରିବାର ତାରିଖ ଓ ସମୟ: ୦୭.୦୨.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା**

| କ୍ର. ନଂ. | ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଗାଡି ଗୁଡ଼ିକର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡ଼ିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ କାଳି ଚରଣ ପାଢୀ, ଏଲ୍୨-୨୪୫, କଳିଙ୍ଗ ବିହାର, ଛେଣ୍ଡ, ରାଉରକେଲା, ସୁନ୍ଦରଗଡ଼, ଓଡ଼ିଶା, ପିନ୍-୭୬୯୦୧୫ / ଆକାଉଣ୍ଟ ନଂ.: ୩୯୯୮୦୦୬୧୦୨୬ | MAHINDRA BLAZO 42 HAULAGE TIPPER, BS VI, 18 BOX BODY 10R20-16 PR TYRES TRUCK, Regd. No.: OD-14X-0948, Chassis No.: MA1THARHFL6M72568, Engine No.: PBLZM13472, MFG. 03/2020 | ୨୭.୦୧.୨୦୨୫ ସୁଦ୍ଧା ଟ.୫୧,୪୭,୫୩୫/- + ସେବାବଦ ସୁଧ + ପରବର୍ତ୍ତି ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ | ଟ.୧୦,୯୧,୦୦୦/- / ଟ.୧,୦୯,୧୦୦/- / ଟ.୧୦,୦୦୦/- |
| ୨. | ଋଣଗ୍ରହୀତା: ଶ୍ରୀମତୀ ନୋମିତା କିଶାନ, ଜଲଦା ଏ ବ୍ଲକ୍, ପୋ: ଜଲଦା ସି ବ୍ଲକ୍, ରାଉରକେଲା, ସୁନ୍ଦରଗଡ଼, ଓଡ଼ିଶା, ପିନ୍-୭୬୯୦୪୩ / ଆକାଉଣ୍ଟ ନଂ.: ୩୯୭୬୫୫୩୪୭୩୯, ୪୦୬୭୧୧୯୮୭୧୪ | BHARAT BENZ 4228R 10X2 6575 WB BSVI TRUCK, Regd. No.: OD-14W-2260, Chassis No.: MEC897FCGLP094954, Engine No.: 926956D0096584, MFG. 03/2020 | ୨୭.୦୧.୨୦୨୫ ସୁଦ୍ଧା ଟ.୨୮,୮୬,୯୮୨/- + ସେବାବଦ ସୁଧ + ପରବର୍ତ୍ତି ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ | ଟ.୯,୧୮,୦୦୦/- / ଟ.୯୧,୮୦୦/- / ଟ.୧୦,୦୦୦/- |
| ୩. | ଋଣଗ୍ରହୀତା: ଶ୍ରୀ ସୁରେଶ ଚନ୍ଦ୍ର ମହାନ୍ତି, କ୍ୱାର୍ଟର ନଂ.: ବି/୧୫, ସେକ୍ଟର-୨୨, ଫର୍ଟିଲାଇଜର, ନବକୃଷ୍ଣ ନଗର, ପୋ: ସୋନାପର୍ବତ, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା, ପିନ୍-୭୬୯୦୧୬ / ଆକାଉଣ୍ଟ ନଂ.: ୩୮୦୫୩୬୮୧୧୪୫, ୩୯୩୯୫୧୦୨୦୪୯ | TATA SIGNA 4018.S CR BS-IV HALF DECK FBV TRLR, Regd. No.: OD-14Q-4355, Chassis No.: OT142022072265, Engine No.: ISBE5.91804081J63732358, MFG. 03/2018 | ୨୭.୦୧.୨୦୨୫ ସୁଦ୍ଧା ଟ.୩୦,୮୧,୨୮୨/- + ସେବାବଦ ସୁଧ + ପରବର୍ତ୍ତି ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ | ଟ.୭,୪୬,୦୦୦/- / ଟ.୭୪,୬୦୦/- / ଟ.୧୦,୦୦୦/- |

ବିଡ଼ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ **PSB Alliance Pvt. Ltd.**ର ୱେବସାଇଟ୍ **(https://www.baanknet.com)** ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ **support.BAANKNET@psballiance.com** କୁ ଇମେଲ କରନ୍ତୁ। ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: **https://www.baanknet.com** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ **PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦** ସହିତ ଯୋଗାଯୋଗ କରନ୍ତୁ। **https://www.baanknet.com** ୱେବସାଇଟ୍‌ରେ ଗାଡ଼ି ଖୋଜିବାବେଳେ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି। ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡିର କ୍ରେତା ବହନ କରିବେ।

ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍:
**https://sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://www.baanknet.com**

ଗାଡିଗୁଡିକର ପାର୍କିଂ ୟାର୍ଡ ବିବରଣୀ: ଏମ୍ ବି ଷ୍ଟକ୍ ୟାର୍ଡ, ଜଲଦା, ରାଉରକେଲା

ଗାଡ଼ି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ସିସିଓ: ଶ୍ରୀ ସୁବ୍ରତ ସାହୁ, ମୋ: ୯୫୯୪୦୬୩୪୯୦ ଏବଂ ଶ୍ରୀମତୀ ପ୍ରମିଳା ଇକ୍କା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୭୯୭୮୩୫୧୯୯୮

ତାରିଖ: ୨୭.୦୧.୨୦୨୫, ସ୍ଥାନ: ସମ୍ବଲପୁର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, SARB, ସମ୍ବଲପୁର



**GOVT. OF ODISHA** No. A-969
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
DRAINAGE DIVISION, JAGATSINGHPUR - 754103
**e-Procurement Notice No. SEDD-JSPUR-02/2024-25**
email id: eeddjspur@gmail.com

| | | | |
|---|---|---|---|
| 1. | Name of Works | : | 1. Improvement to 3 Numbers Sub-Drain of Gobari D/C under DIP. 2. Construction of Water Harvesting Structure (WHS) over Sidhala Rankel D/C near Village Dhoti 3. Improvement to link drains of Gobari D/C 4. Improvement to 6 Numbers link Drain and Sub-Drain of Hansua Drainage System under DIP |
| 2. | Total Number of Works | : | 04 (Four) Nos. of Package |
| 3. | Bid Identification No. | : | 1. SEDD-JSPUR/JSP-10/2024-25 2. SEDD-JSPUR/BLK-11/2024-25 3. SEDD-JSPUR/BLK-12/2024-25 4. SEDD-JSPUR/JSP-13/2024-25 |
| 4. | Estimated Cost | : | 1. Rs.81.93 Lakhs 2. Rs.65.82 Lakhs 3. Rs.62.80 Lakhs 4. Rs.36.09 Lakhs |
| 5. | Period of Completion | : | 10 (Ten) Calendar Months |
| 6. | Availability of Tender Online | : | From 28.01.2025 at 16.30 hours to 11.02.2025 upto 17.30 hours |
| 7. | Date of Opening of Technical Bid | : | 12.02.2025 at 11.30 hours in the O/o. the Superintending Engineer, Drainage Division, Jagatsinghpur |
| 8. | Class of Contractor | : | "B" & "C" Class |
| 9. | EMD required | : | As per DTCN |
| 10. | Cost of Tender Paper | : | Sl. 1, 2, 3 - Rs.10,000/- & Sl. 4 - Rs.6,000/- |
| 11. | Procurement Officer | : | Superintending Engineer, Drainage Division, Jagatsinghpur - 754103 |

*Tender will be accepted if registered in the CDMS Portal.
Further details can be seen from the Govt. website **www.tendersorissa.gov.in**. Addendum/Corrigendum/Cancellation if any required will be published only in Govt. website **www.tendersorissa.gov.in.**

Sd./- Superintending Engineer
OIPR-32378/11/0002/2425 Drainage Division, Jagatsinghpur



Your classified advertisement published in Dharitri will be listed free in Dharitri online edition :
**www.dharitri.com**

# 'ଗ୍ୟାରେଣ୍ଟି' ଆପ୍ ସୃଷ୍ଟି, ପ୍ରତିଶ୍ରୁତିଠୁ ଦୂରରେ ଭାଜପା: କେଜ୍‌ରିୱାଲ

## ଆପ୍ ମାନିଫେଷ୍ଟୋରେ ୧୫ ପ୍ରତିଶ୍ରୁତି

ନୂଆଦିଲ୍ଲୀ, ୨୭।୧(ପି.ଟି.)

ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ସୋମବାର ନୂଆଦିଲ୍ଲୀଠାରେ ଘୋଷଣାପତ୍ର (ମାନିଫେଷ୍ଟୋ) ପ୍ରକାଶ କରିଛି। 'କେଜ୍‌ରିୱାଲ କି ଗ୍ୟାରେଣ୍ଟି' ନାମରେ ଜାରି ମାନିଫେଷ୍ଟୋରେ ୧୫ ଗ୍ୟାରେଣ୍ଟି ରହିଥିବା ବିଷୟ ଆପ୍ ଜାତୀୟ ଆବାହକ କେଜ୍‌ରିୱାଲ ସୋମବାର ଘୋଷଣା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଦେଶରେ ପ୍ରଥମେ ଆପ୍ ଲୋକଙ୍କ ମଙ୍ଗଳକୁ ଆଖିଆଗରେ ରଖି 'ଗ୍ୟାରେଣ୍ଟି' ଶବ୍ଦ ସୃଷ୍ଟି କରି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲା। ପରବର୍ତ୍ତୀ ସମୟରେ ଭାଜପା ତାହାକୁ ଆମଠାରୁ ଚୋରି କରି ନେଇଥିଲା। ତଫାତ୍ ଏହା ଯେ ଆପ୍ ଦେଇଥିବା ଗ୍ୟାରେଣ୍ଟି ପୂରଣ କରୁଥିବା ବେଳେ ଭାଜପା କିଛି କରୁ ନାହିଁ ବୋଲି କେଜ୍‌ରିୱାଲ କହିଛନ୍ତି।

ଆପ୍‌ର ପ୍ରତିଶ୍ରୁତିରେ ବ୍ୟାପକ ନିଯୁକ୍ତି ସୃଷ୍ଟି ପ୍ରଥମରେ ରହିଛି ବୋଲି କେଜ୍‌ରିୱାଲ କହିଛନ୍ତି। ଦ୍ୱିତୀୟ ଗ୍ୟାରେଣ୍ଟିରେ ମହିଳାଙ୍କୁ ମାସିକ ୨,୧୦୦ ଟଙ୍କା ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ବରିଷ୍ଠ ନାଗରିଙ୍କ ପାଇଁ ବିନାମୂଲ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଇବା ସକାଶେ 'ସଞ୍ଜୀବନୀ ଯୋଜନା' କରାଯାଇଛି। ୪ର୍ଥ ଗ୍ୟାରେଣ୍ଟିରେ ସ୍ଥାନ ପାଇଛି ପାଣି ବିଲ୍ ପାଇଁ ବର୍ଦ୍ଧିତ ବକେୟାକୁ ଛାଡ଼ କରିବା। ସେହିପରି ଜାତୀୟ ରାଜଧାନୀରେ ପ୍ରତ୍ୟେକଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନେଇ ଆପ୍ ପ୍ରତିଶ୍ରୁତି ଦେଇଛି। ସେହିପରି ଅନ୍ୟ ଗ୍ୟାରେଣ୍ଟି ମଧ୍ୟରେ ରହିଛି–ପ୍ରଦୂଷିତ ଯମୁନା ନଦୀକୁ ସଫା କରିବା, ଦିଲ୍ଲୀ ରାସ୍ତାକୁ ବିଶ୍ୱସ୍ତରୀୟ କରାଯିବା, ବାବା ସାହେବ ଆମ୍ବେଦ୍‌କର ସ୍କଲାରଶିପ୍ ଯୋଜନାରେ ବିଦେଶରେ ପଢ଼ିବା ଲାଗି ଏସ୍‌ସି ଓ ଏସ୍‌ଟି ବିଦ୍ୟାର୍ଥୀଙ୍କୁ ମେଧାବୃତ୍ତି ଦିଆଯିବା, ଛାତ୍ରଙ୍କୁ ମାଗଣା ବସ୍ ଯାତ୍ରା ଓ ମେଟ୍ରୋରେ ଯାତାୟାତ କରିବା ନିମନ୍ତେ ସେମାନଙ୍କୁ ୫୦ ପ୍ରତିଶତ ରିହାତି ଦିଆଯିବା ବିଷୟ କେଜ୍‌ରିୱାଲ ଘୋଷଣା କରିଛନ୍ତି। ପ୍ରତିମାସ ମନ୍ଦିର ପୂଜକ ଓ ଗୁରୁଦ୍ୱାରା ଗ୍ରନ୍ଥିଙ୍କୁ ୧୮,୦୦୦ ଟଙ୍କାର ଆର୍ଥିକ ସହାୟତା, ଭଡ଼ାରେ ରହୁଥିବା ବ୍ୟକ୍ତିଙ୍କୁ ମାଗଣାରେ ବିଦ୍ୟୁତ୍ ଓ ପାଣି ଯୋଗାଇ ଦେବା, ଦିଲ୍ଲୀର ପରିମଳ ବ୍ୟବସ୍ଥାରେ ଉନ୍ନତି, ବ୍ୟବସ୍ଥାରୁ ବାଦ୍ ପଡ଼ିଥିବା ଲୋକଙ୍କୁ ରାଶନ କାର୍ଡ ଦେବା ସହ ଅଟୋ ଓ କ୍ୟାବ୍ ଡ୍ରାଇଭରଙ୍କ ଝିଅ ବାହାଘର ପାଇଁ ୧ ଲକ୍ଷ ଟଙ୍କା ଓ ସେମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ବୀମା ଦେବା ବିଷୟରେ କେଜ୍‌ରିୱାଲ ଘୋଷଣା କରିଛନ୍ତି। ସେ ପୁଣି କହିଛନ୍ତି, ଦିଲ୍ଲୀରେ ଆପ୍ ପୁଣି କ୍ଷମତାକୁ ଆସିଲେ ପ୍ରତ୍ୟେକ ବାସିନ୍ଦାଙ୍କ ପାଇଁ ପାର୍ଟି ପ୍ରତିମାସ ଯେଉଁଳି ୨୫ ହଜାର ଟଙ୍କାର ସୁବିଧା ଯୋଗାଇ ଆସୁଛି, ତାହା ଜାରି ରହିବ।

ଆସନ୍ତା ୫ ତାରିଖରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ଆପ୍‌ର ଶାସନ ମଡେଲ ପାଇଁ ଗଣମତ ଭାବେ ବିଚାର କରାଯାଉଥିବା ଆଲୋଚନା ହେଉଛି। କାରଣ ଦିଲ୍ଲୀ ସରକାରଙ୍କ ଅନେକ ମାଗଣା ଜନମଙ୍ଗଳ ଯୋଜନା ଗୁରୁତ୍ୱ ଲାଭ କରିଛି।




ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ସୋମବାର ଆପ୍ ମାନିଫେଷ୍ଟୋ ଉନ୍ମୋଚନ ଅବସରରେ ଦଳର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ, ମୁଖ୍ୟମନ୍ତ୍ରୀ ଆତିଶୀ ଓ ଅନ୍ୟ ବରିଷ୍ଠ ନେତାମାନେ।

# ପତାକା ଉତ୍ତୋଳନବେଳେ ୨ ପୂର୍ବତନ ସମିତି ସଭ୍ୟ ହାତାହାତି

## ଥାନାରେ ମାମଲା

ନିଶ୍ଚିନ୍ତକୋଇଲି,୨୭।୧
(ଅଶୋକ କୁମାର ମହାପାତ୍ର)

ସମଗ୍ର ଭାରତରେ ୭୬ତମ ସାଧାରଣତନ୍ତ୍ର ଦିବସ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଥିଲା ବେଳେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଅସୁରେଶ୍ୱରଠାରେ ପତାକା ଉତ୍ତୋଳନକୁ ନେଇ ୨ ଜଣ ପୂର୍ବତନ ସମିତିସଭ୍ୟ ହାତାହାତି ହୋଇଛନ୍ତି। ଏପରିକି ଜାତୀୟ ପତାକାକୁ ଅବମାନନା କରିବାକୁ ପଛାଇନାହାନ୍ତି। ଅଭିଯୋଗ ପାଇବା ପରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ମାମଲା ରୁଜୁ କରି ଛାନ୍‌ଭିନ ଆରମ୍ଭ କରିଛି।

ରବିବାର ସକାଳେ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଅସୁରେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ମୁଖରେ ଅନୁଷ୍ଠାନର ସମ୍ପାଦକ ତଥା ପୂର୍ବତନ ସମିତି ସଭ୍ୟ ଅନନ୍ତରାମ ସିଂ ଜାତୀୟ ପତାକାକୁ ଉତ୍ତୋଳନ ନିମନ୍ତେ ପ୍ରସ୍ତୁତ କରୁଥିଲା ବେଳେ ଅନୁଷ୍ଠାନର ପ୍ରାକ୍ତନ ସମ୍ପାଦକ ତଥା ପୂର୍ବତନ ସମିତି ସଭ୍ୟ ବିଜୟ କୁମାର ବଳ ଏହାକୁ ବାରଣ କରିଥିଲେ। ତେବେ ଏହି ଘଟଣାକୁ ନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ୨ ପୂର୍ବତନ ସମିତି ସଭ୍ୟଙ୍କ ମଧ୍ୟରେ ବଚସା ଓ ଧସ୍ତାଧସ୍ତି ହେବା ସହ ହାତାହାତି ମଧ୍ୟ ହୋଇଥିଲା। ଉଭୟେ ନିଜ ହିତାହିତ ଜ୍ଞାନ ଭୁଲି ଜାତୀୟ ପତାକା ଲାଗିଥିବା ଦଣ୍ଡାକୁ ଓପାଡ଼ି ଫିଙ୍ଗି ଦେଇଥିଲେ।

ଏସମ୍ପର୍କରେ ଅନୁଷ୍ଠାନର ସମ୍ପାଦକ ଅନନ୍ତରାମ ନିଶ୍ଚିନ୍ତକୋଇଲି ଥାନାରେ ବିଜୟଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ନିଶ୍ଚିନ୍ତକୋଇଲି ଥାନାରେ ମାମଲା (ନଂ. ୧୭/୨୦୨୫)ରୁଜୁ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ଅନୁଷ୍ଠାନରେ ପ୍ରତିବର୍ଷ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ତେବେ କ୍ଷମତାକୁ ନେଇ ଏଠାରେ ଗୋଷ୍ଠୀ କନ୍ଦଳ ସୃଷ୍ଟି ହୋଇଛି। ସମାନ୍ତରାଳ ଭାବେ ୨ଟି ଗୋଷ୍ଠୀ ସୃଷ୍ଟି କରାଯାଇଛି। ଏନେଇ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଚଳିତ ବର୍ଷ ଏହି ଅଡୁଆ ପରିସ୍ଥିତିକୁ ନେଇ ଫୁଟବଲ ପ୍ରତିଯୋଗିତା ଆୟୋଜନ ନେଇ ଆଶଙ୍କା ପ୍ରକାଶ ପାଇଛି।



# ୧୫ ଦିନରେ ସବୁ ଜିଲାରେ ନିଯୁକ୍ତ ହେବେ ସଂଯୋଜକ

## କଂଗ୍ରେସର ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୨୭।୧(ସୁନିତ୍ ମିଶ୍ର)

ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷଙ୍କୁ ଛାଡ଼ି ସବୁ ପଦପଦବୀକୁ ସର୍ବଭାରତୀୟ ଅଧ୍ୟକ୍ଷ ଉଚ୍ଛେଦ କରିଛନ୍ତି। ଆସନ୍ତା ସପ୍ତାହରେ ଏହାର ନୂତନ ରାଜ୍ୟ କାର୍ଯ୍ୟକାରିଣୀ ଗଠିତ ହେବ। ସେହିପରି ଆସନ୍ତା ୧୫ ଦିନ ଭିତରେ ସବୁ ଜିଲାର ଜିଲା ସଂଯୋଜକମାନେ ନିଯୁକ୍ତ ହେବେ। ସଙ୍ଗଠନ ବ୍ଲକ ଓ ପରେ ଜିଲା ପରିଷଦ ଜୋନ୍ ପର୍ଯ୍ୟନ୍ତ ପ୍ରସାରିତ ହେବ। ପଞ୍ଚାୟତ ନିର୍ବାଚନ ପାଇଁ ଖୁବ୍‌ଶୀଘ୍ର ରଣକୌଶଳ ନିର୍ଦ୍ଧାରିତ ହେବ। କାର୍ଯ୍ୟକାରିଣୀ ବୈଠକକୁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଉଦ୍‌ଘାଟନ କରିଛନ୍ତି।

## ଅନ୍ୟାନ୍ୟ ଖବର

# ପରେଡ୍‌ରେ ଅଭିବାଦନ ଗ୍ରହଣ କଲେ ରାଜ୍ୟପାଳ

## ୭୬ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ

## ସମୃଦ୍ଧ ଓଡ଼ିଶାର ବାର୍ତ୍ତା ଦେଲା ପ୍ରଜ୍ଞାପନ ମେଢ଼

ଭୁବନେଶ୍ୱର,୨୭।୧(ସୁଚିସ୍ମିତା ସାହୁ)

ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ରବିବାର ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସାହୁ, ଆରକ୍ଷୀ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଉପମହାନିର୍ଦ୍ଦେଶକ କମୋଡର ମହେଶ ରାହାଙ୍ଗଲେ ପ୍ରମୁଖ ଉପସ୍ଥିତ ଥିଲେ। ପରେଡ କମାଣ୍ଡର ଶୁଭମ୍ ଭୋସ୍‌ଲେ ପରେଡ ପରିଚାଳନା କରିଥିବାବେଳେ ଡେପୁଟି କମାଣ୍ଡାଣ୍ଟ କୌଶିକ କୁମାର ନାୟକ ଏବଂ ସ୍ୱତନ୍ତ୍ର ଅଧିକାରୀ ଭବାନୀ ପ୍ରସାଦ ଜେନା ସହଯୋଗ କରିଥିଲେ। ରାଜ୍ୟ ପୋଲିସ ବ୍ୟାଣ୍ଡ୍ ଦ୍ୱାରା ଜାତୀୟ ସଙ୍ଗୀତ ବାଦନ ପରେ ୧୭ଟି ସାମରିକ ବାହିନୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୬ଟି ବେସାମରିକ ଦଳ ପରେଡ଼ରେ ଅଂଶଗ୍ରହଣ କରିଥିଲେ। ସମ୍ମିଳିତ ପରେଡ଼ ପରେ ବିଭିନ୍ନ ସାଂସ୍କୃତିକ ଦଳ ପରିବେଷଣ କରିଥିଲେ। କଟକ ଚୌଦ୍ୱାର ସଙ୍ଗୀତ କଳା ସଂସଦ ପକ୍ଷରୁ ପାରମ୍ପରିକ ଘୋଡ଼ାନାଚ, ରାୟଗଡ଼ା ଜିଲା ମା' ସନ୍ତୋଷୀ କଳା ପ୍ରତିଷ୍ଠାନ ଦ୍ୱାରା ଜନଜାତିଙ୍କ ଢେମ୍‌ସା ନୃତ୍ୟ, କେନ୍ଦୁଝରର ଆଦିମ ସଂସ୍କୃତି ସଂଗଠନ ପକ୍ଷରୁ ହୋ–ମୁଣ୍ଡା ନୃତ୍ୟ ଓ ସମ୍ବଲପୁରର ରଙ୍ଗଫରୁଆ ସଂଗଠନର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ଢାପ ବଜନିଆଁ ନୃତ୍ୟ ଉତ୍ସବକୁ ମନୋମୁଗ୍ଧ କରିଥିଲା। ଏହା ପରେ 'ସମୃଦ୍ଧ ଓଡ଼ିଶା–ଐତିହ୍ୟ ଏବଂ ବିକାଶ'ର ବାର୍ତ୍ତାବହନ କରୁଥିବା ପ୍ରଜ୍ଞାପନ ମେଢ଼ଗୁଡ଼ିକ ଅଭିବାଦନ ମଞ୍ଚ ଅତିକ୍ରମ କରିଥିଲା। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରଜ୍ଞାପନ ମେଢ଼ର ଥିମ୍ 'ସୁଭଦ୍ରା' ଯୋଜନା ରହିଥିବାବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର', ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର 'ବିଦ୍ୟାବନ୍ତ ବିଦ୍ୟାର୍ଥୀ, ବିକଶିତ ଓଡ଼ିଶା', ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର 'ଭୌଗୋଳିକ ସୂଚକାଙ୍କ ମାନ୍ୟତାପ୍ରାପ୍ତ ଉତ୍ପାଦ', ମିଶନ ଶକ୍ତି ବିଭାଗ ପକ୍ଷରୁ 'ଉଦ୍ୟୋଗିତା ମାଧ୍ୟମରେ ମହିଳା ସଶକ୍ତୀକରଣ', କୃଷି ଓ କୃଷକ ସଶକ୍ତୀକରଣ ବିଭାଗ 'ସମୃଦ୍ଧ କୃଷକ ଯୋଜନା', ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ 'ଗ୍ରାମୀଣ ବିକାଶ କ୍ଷେତ୍ରରେ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ', ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ 'ଉନ୍ନତ ସହରାଞ୍ଚଳ ପରିବହନ ବ୍ୟବସ୍ଥା', ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ 'ଦକ୍ଷତା ବୃଦ୍ଧି କ୍ଷେତ୍ରରେ ପାରଦର୍ଶିତା', ପର୍ଯ୍ୟଟନ ବିଭାଗର 'ଐତିହ୍ୟ ଓ ପରିବେଶ ପର୍ଯ୍ୟଟନ', ବାଣିଜ୍ୟ ଓ ପରିବହନ ବିଭାଗର 'ମଲ୍ଟିମୋଡ଼ାଲ ସଂଯୋଗ–ପରିବର୍ତ୍ତନଶୀଳ ଯାତ୍ରା' ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ 'ମହାସାଗରରୁ ଟେବୁଲ ପର୍ଯ୍ୟନ୍ତ ଓଡ଼ିଶା ଚିଙ୍ଗୁଡ଼ିର ଯାତ୍ରା' ଶୀର୍ଷକ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ଏହି ସମାରୋହରେ ରାଜ୍ୟପାଳଙ୍କ ସହଧର୍ମିଣୀ ତଥା ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ଡା. ପ୍ରିୟଙ୍କା ମାଝି ଉପସ୍ଥିତ ଥିଲେ। ଅତିରିକ୍ତ ମୁଖ୍ୟଶାସନ ସଚିବ ହେମନ୍ତ କୁମାର ଶର୍ମା, ସୁରେନ୍ଦ୍ର କୁମାର, ନିକୁଞ୍ଜ ବିହାରୀ ଧଳ, ବିଭିନ୍ନ ବିଭାଗର ଶାସନ ସଚିବ, ବରିଷ୍ଠ ପୋଲିସ ଅଧିକାରୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଏବଂ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସୂଚନା ଅଧିକାରୀ ରୋଜାଲିନ ସାହୁ ଓ ବିନାୟକ ମିଶ୍ର ରାଜ୍ୟସ୍ତରୀୟ ପରେଡ଼ର ଧାରାବିବରଣୀ ପ୍ରଦାନ କରିଥିଲେ।



# ପରେଡ୍ ଦେଖିବାକୁ ଆସୁଥିବାବେଳେ ଓଲଟିଲା ଭ୍ୟାନ୍, ଜଣେ ଛାତ୍ର ମୃତ

## ସାଧାରଣତନ୍ତ୍ର ଦିବସରେ ଦୁର୍ଘଟଣା

- ଅବହେଳା ପାଇଁ ପ୍ରଧାନଶିକ୍ଷକଙ୍କ ସମେତ ୨ ନିଲମ୍ବିତ
- ୫ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ବାଙ୍କୀ,୨୭।୧(ଶୁଭେନ୍ଦୁ ମହାପାତ୍ର)



୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବ ଦେଖିବା ପାଇଁ ଆସୁଥିବାବେଳେ ପିକ୍‌ଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଛାତ୍ରଙ୍କ ସମେତ ୨୨ଜଣ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ମୃତ ଛାତ୍ରଜଣକ ହେଲେ କଟକ ଜିଲା ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ମାଳବିହାରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ସୌମ୍ୟ ରଞ୍ଜନ ବେହେରା( ୧୫)। ତାଙ୍କ ଘର ଢେଙ୍କାନାଳ ଜିଲା ଯୋରନ୍ଦା ଫାଣ୍ଡି ଅନ୍ତର୍ଗତ କରମୂଳ ଗ୍ରାମରେ ହୋଇଥିବାବେଳେ ସେ ପିଲାଦିନୁ ମାଳବିହାରପୁରସ୍ଥିତ ମାମୁଘରେ ରହି ପଢୁଥିଲେ। ଡ୍ରାଇଭରଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ପିଲାମାନଙ୍କୁ ବିପଦପୂର୍ଣ୍ଣଭାବେ ପିକ୍‌ଅପ୍ ଭ୍ୟାନ୍‌ରେ ନିଆଯାଇଥିବାରୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବିଦ୍ୟାଳୟର ପ୍ରଧାନଶିକ୍ଷକ କାହ୍ନୁଚରଣ ବେହେରାଙ୍କୁ ଜିଲା ଶିକ୍ଷାଧିକାରୀ ନିଲମ୍ବନ କରିଥିବାବେଳେ ଶିକ୍ଷକ ଶ୍ରୀନିବାସ ବେହେରାଙ୍କୁ ବ୍ଲକ ଶିକ୍ଷାଧିକାରୀ ସନ୍ତୋଷ ସେଠୀ ନିଲମ୍ବନ କରିଛନ୍ତି। ଏଥିସହ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରାଯାଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ମୃତ ଛାତ୍ରଙ୍କ ପରିବାରକୁ ୫ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ମୃତ ସୌମ୍ୟଙ୍କ ପରିବାର ପକ୍ଷରୁ ବାଙ୍କୀ ଥାନାରେ ଏକ ଲିଖିତ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା(ନଂ. ୨୯/୨୦୨୫) ରୁଜୁ କରିବା ସହ ଦୁର୍ଘଟଣା ଘଟାଇଥିବା ଫେରାର ଡ୍ରାଇଭର ବ୍ରହ୍ମାନନ୍ଦ ପୃଷ୍ଟିଙ୍କୁ ଭୁବନେଶ୍ୱରରୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର କହିଛନ୍ତି।

ପ୍ରକାଶ ଯେ, ଅଂଶୁପା ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ପକ୍ଷରୁ ସରଣ୍ଡାଗଡ଼ ଜୋନ୍‌ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥାଏ। ଏହି ଉତ୍ସବକୁ ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ କଦଳିବାଡ଼ି ପଞ୍ଚାୟତ ଅଧୀନ ମାଳବିହାରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସପ୍ତମ, ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀର ୨୩ଜଣ ଛାତ୍ରୀଛାତ୍ରଙ୍କୁ ଏକ ମାଲ୍ ବୋଝେଇ ପିକ୍‌ଅପ୍ ଭ୍ୟାନରେ ଭର୍ତ୍ତି କରି ଶିକ୍ଷକମାନେ ପଠାଇଥିଲେ। ପିଲାଙ୍କୁ ପରେଡ୍ ଉତ୍ସବରେ ଯୋଗଦେବାପାଇଁ ପଠାଯାଉଥିବା ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସେଠୀଙ୍କ ନିକଟରେ କୌଣସି ସୂଚନା ନ ଥିଲା। ଏପରିକି ପିଲାମାନଙ୍କୁ ଏକ ମାଲ୍ ବୋଝେଇ ପିକ୍‌ଅପ୍ ଭ୍ୟାନରେ ଭର୍ତ୍ତି କରାଯାଇ ପରେଡସ୍ଥଳକୁ ପଠାଇଥିବାବେଳେ ଉକ୍ତ ଗାଡ଼ିରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆ ନ ଯାଇ ସାଙ୍ଗରେ କୌଣସି ଶିକ୍ଷୟିତ୍ରୀଶିକ୍ଷକ ମଧ୍ୟ ଯାଇ ନ ଥିଲେ। ଗାଡ଼ିଚାଳକ ଦ୍ରୁତ ଗତିରେ ଆସୁଥିବାରୁ ଗାଁମୁଣ୍ଡ ବୁଲାଣି ନିକଟରେ ଭାରସାମ୍ୟ ହରାଇ ମୁଖ୍ୟରାସ୍ତାରୁ ୫ଫୁଟ ତଳେ ଓଲଟି ପଡ଼ିଥିଲା। ଫଳରେ ଛାତ୍ରୀଛାତ୍ରମାନେ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଖବର ପାଇ ଅଭିଭାବକ, ଗାଁ ଲୋକେ ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଘଟଣା ସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସକୁ ଖବର ଦେବାସହ ତୁରନ୍ତ ପିଲାମାନଙ୍କୁ ନିକଟସ୍ଥ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଗୁରୁତର ଅବସ୍ଥାରେ ଥିବା ୧୩ଜଣ ଛାତ୍ରୀଛାତ୍ରଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଦଶମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ବାଙ୍କୀ ଉପଜିଲାପାଳ ଦେବୀ ପ୍ରାସାଦ ମହାନ୍ତି ବାଙ୍କୀ ଥାନା ଏସ୍‌ଡିପିଓ ଏବଂ ବାଙ୍କୀ ତହସିଲଦାରଙ୍କୁ ଘଟଣା ସ୍ଥଳକୁ ପଠାଇଥିଲେ। ଘଟଣା ସ୍ଥଳରେ ଏସଡିପିଓ ମହାପାତ୍ର, ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ, ତହସିଲଦାର ଅଶେଷ କୁମାର ନାୟକ ପହଞ୍ଚି ତଦନ୍ତ କରିଥିଲେ। ଖବରପାଇ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ସୁବର୍ଣ୍ଣ ପୁର ମେଡିକାଲରେ ପହଞ୍ଚି ଆହତ ଛାତ୍ରୀଛାତ୍ରଙ୍କୁ ଭେଟିଥିବାବେଳେ ଆଠଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁ ଆଠଗଡ଼ ମେଡିକାଲରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ଭେଟିଥିଲେ। ପରେ ମୃତ୍ୟୁବରଣ କରିଥିବା ଛାତ୍ରଙ୍କ ପରିବାରକୁ ୧୦ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଅପରପକ୍ଷରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଛାତ୍ରୀଛାତ୍ରଙ୍କୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଏବଂ ବାଙ୍କୀ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ପ୍ରସୂତିଙ୍କ ମୃତ୍ୟୁକୁ ନେଇ ନର୍ସିଂହୋମ୍‌ରେ ଭଙ୍ଗାରୁଜା

## ଚିକିତ୍ସାରେ ଅବହେଳା ଅଭିଯୋଗ

ଭଦ୍ରକ, ୨୭।୧(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ସହର ଗାନ୍ଧୀପଡ଼ିଆସ୍ଥିତ 'ପାଢ଼ୀ ହେଲ୍‌ଥ କେୟାର' ନାମକ ଏକ ନର୍ସିଂହୋମ୍‌ରେ ଜଣେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ସୋମବାର ଅପରାହ୍ନରେ ଉତ୍ତେଜନା ଦେଖାଦେଇଛି। ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ସମ୍ପର୍କୀୟମାନେ ନର୍ସିଂହୋମ୍‌ରେ ଭଙ୍ଗାରୁଜା କରିଛନ୍ତି। ପରେ ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଛି। ଏନେଇ ମୃତା ମହିଳାଙ୍କ ପରିବାର ପକ୍ଷରୁ ଭଦ୍ରକ ଟାଉନ ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଧାମନଗର ବ୍ଲକ ଅଧୀନ ଅସୁରାଳିର ସତ୍ୟରଞ୍ଜନ ଜେନାଙ୍କ ସ୍ତ୍ରୀ ଦେବସ୍ମିତା(୨୯) ଗର୍ଭଯନ୍ତ୍ରଣା ପାଇବାରୁ ପରିବାର ଲୋକେ ରବିବାର ରାତି ୧ଟା ବେଳେ ତାଙ୍କୁ ଏହି ନର୍ସିଂହୋମ୍‌ରେ ଭର୍ତ୍ତି କରିଥିଲେ। ରାତି ପ୍ରାୟ ୩ଟା ବେଳେ ତାଙ୍କର ଅପରେଶନ ପରେ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ସୋମବାର ସକାଳ ୮ଟାରେ ଦେବସ୍ମିତା ଛାତିରେ ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରିଥିଲେ। ସେହି ସମୟରେ ନର୍ସିଂହୋମ୍‌ରେ କୌଣସି ଡାକ୍ତର ନ ଥିବାବେଳେ ପରିବାର ଲୋକେ ନର୍ସଙ୍କୁ ଜଣାଇଥିଲେ। ଅଧଘଣ୍ଟା ପରେ ଜଣେ ନର୍ସ ଆସି ଦେଖିବା ପରେ ୮ଟି ଇଞ୍ଜେକ୍ସନ ଲେଖିଥିଲେ। ସମ୍ପର୍କୀୟମାନେ ଇଞ୍ଜେକ୍ସନ କିଣି ଆଣି ଦେବା ପରେ ଦେବସ୍ମିତାଙ୍କୁ ନର୍ସ ଜଣକ ଇଞ୍ଜେକ୍ସନ ଦେଇଥିଲେ। ଯନ୍ତ୍ରଣା ନ କମିବାରୁ କିଛି ସମୟ ପରେ ଆଉ ୪ଟି ଇଞ୍ଜେକ୍ସନ ଦେଇଥିଲେ। ପରେ ପୁଣି ୩ଟି ଇଞ୍ଜେକ୍ସନ ଦେଇଥିଲେ। ଏହାସତ୍ତ୍ୱେ ମଧ୍ୟାହ୍ନରେ ଦେବସ୍ମିତାଙ୍କ ମୃତ୍ୟୁ ଘଟିଥିଲା। ନର୍ସିଂହୋମ୍‌ରେ ଡାକ୍ତର ନ ରହିବାରୁ ଚିକିତ୍ସାରେ ଅବହେଳା ଏବଂ ଏପରି ଭୁଲ୍ ଇଞ୍ଜେକ୍ସନ ଯୋଗୁ ଦେବସ୍ମିତାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ଭାଇ ଦିଲୀପ କୁମାର ଜେନା ଟାଉନ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ. ୫୫/୨୫) ରୁଜୁ ହୋଇଛି। ଦେବସ୍ମିତାଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ ଅପରାହ୍ନ ପ୍ରାୟ ୧ଟା ବେଳେ ତାଙ୍କର ବହୁ ସମ୍ପର୍କୀୟ ପହଞ୍ଚି ନର୍ସିଂହୋମ୍‌ରେ ହୋହଲ୍ଲା କରିବା ସହ ସେଠାରେ ଥିବା ଗାଡ଼ି କାଚ ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ସେତେବେଳକୁ ପୋଲିସ ପହଞ୍ଚିଥିଲେ ମଧ୍ୟ ସ୍ଥିତି ନିୟନ୍ତ୍ରଣ ହୋଇପାରି ନ ଥିଲା। ସ୍ଥାନୀୟ ଲୋକେ ମୃତାଙ୍କ ସମ୍ପର୍କୀୟଙ୍କୁ ମାଡ଼ ମାରିଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଖବର ପାଇ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଗୋଇନ୍ଦା ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏକ ଡାକ୍ତରୀ ଟିମ୍ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଅପରପକ୍ଷେ ହୃଦ୍‌ଘାତରେ ଦେବସ୍ମିତାଙ୍କ ମୃତ୍ୟୁ ଘଟିଥିବା ନର୍ସିଂହୋମ୍‌ର ଡା. ଅନିତା ଦାଶ କହିଛନ୍ତି। ପ୍ରକାଶଥାଉ କି, କିଛିଦିନ ତଳେ ମଧ୍ୟ ଏହି ନର୍ସିଂହୋମ୍‌ରେ ଜଣେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ହୋହଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା।



ନର୍ସିଂହୋମ୍ ସାମ୍ନାରେ ଅତିରିକ୍ତ ଏସ୍‌ପି ଓ ତହସିଲଦାର ଘଟଣା ବୁଝୁଛନ୍ତି।

# ଭୀମକୁଣ୍ଡରେ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

ଠାକୁରମୁଣ୍ଡା,୨୭।୧
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ନିକଟସ୍ଥ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡକୁ ବଣଭୋଜି ପାଇଁ ଆସି ପାଣିରେ ଭାସି ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ସୋମବାର ପୂର୍ବାହ୍ନ ୧୦ଟାରେ ମିଳିଛି। ମୃତକ ହେଲେ ଜଗତସିଂହପୁର ଜିଲା ବାଲିକୁଦା ଅଞ୍ଚଳର ନିତ୍ୟାନନ୍ଦ ଦାସଙ୍କ ପୁଅ ବିଶ୍ୱଜିତ(୧୮)। ନିଖୋଜର ଦିନକ ପରେ ଓଡ୍ରାଫ ଟିମ୍ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମୃତଦେହ ଉଦ୍ଧାର କରିଛନ୍ତି।

ସୂଚନା ଅନୁଯାୟୀ, ବାଲିକୁଦା ଜ୍ୟୋତି ମୋଟର୍ସର ୧୭ ଜଣ କର୍ମଚାରୀ ରବିବାର ଭୀମକୁଣ୍ଡକୁ ବଣଭୋଜି କରିବାକୁ ଆସିଥିଲେ। ଅପରାହ୍ନ ୧ଟା ସମୟରେ ବୈତରଣୀ ନଦୀର ଭୀମକୁଣ୍ଡର ଉପରମୁଣ୍ଡରେ ସେମାନଙ୍କ ମଧ୍ୟରୁ କେତେଜଣ ନଦୀରେ ଗାଧୋଉଥିଲେ। ତେବେ ଅସାବଧାନତା ଯୋଗୁ ବିଶ୍ୱଜିତ ପାଣିରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ଅନ୍ୟ କର୍ମଚାରୀମାନେ ଠାକୁରମୁଣ୍ଡା ଥାନାକୁ ସୂଚନା ଦେବା ପରେ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଖୋଜାଖୋଜି କରି ବିଫଳ ହୋଇଥିଲେ। ସୋମବାର ବାରିପଦାରୁ ଓଡ୍ରାଫ ଟିମ୍ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଘଟଣାସ୍ଥଳରେ ଠାକୁରମୁଣ୍ଡା ବିଡିଓ, ତହସିଲଦାର ଉପସ୍ଥିତ ଥିଲେ। ଠାକୁରମୁଣ୍ଡା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସଂକ୍ଷେପରେ

### ସାଧାରଣତନ୍ତ୍ର ଦିବସ ପାଳିତ

ଧରାକୋଟ,୨୭।୧ (ବିଷ୍ଣୁକେଶରୀ ଆଚାର୍ଯ୍ୟ): ଧରାକୋଟ ଅଞ୍ଚଳରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ରଥପଦାଠାରେ ଅନୁଷ୍ଠିତ ପରେଡରେ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଅଭିବାଦନ ଗ୍ରହଣ କରି ପତାକା ଉତ୍ତୋଳନ କରିଥିଲେ। ତହସିଲ କାର୍ଯ୍ୟାଳୟରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ବିଇଓ ଲିଙ୍ଗରାଜ ସ୍ୱାଇଁ, ସରକାରୀ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ଡ଼ା.ସୁଜିତ ପଣ୍ଡା, ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟାପକ ବଳରାମ ସ୍ୱାଇଁ, କୃଷି କାର୍ଯ୍ୟାଳୟରେ ବିଏଓ ବିଶ୍ୱନାଥ ବେହେରା ପତାକା ଉତ୍ତୋଳନ କରିଥିଲେ।

**କବିସୂର୍ଯ୍ୟନଗର, (କୃପାସିନ୍ଧୁ ସ୍ୱାଇଁ):** କବିସୂର୍ଯ୍ୟନଗର ବିଭିନ୍ନ ସ୍କୁଲ, କଲେଜ, ସଂଗୀତ ବିଦ୍ୟାଳୟ, ଗ୍ରହକ ସେବାକେନ୍ଦ୍ର, ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସାହିତ୍ୟିକ, ଲାୟନ୍ସ କ୍ଲବ ସଭାପତି ଇ. ମାହେଶ୍ୱରୀ ଦୋରା ମୁଖ୍ୟ ଅତିଥି ଯୋଗଦେଇ ହରିହର ଶାସ୍ତ୍ରୀୟ ବିଦ୍ୟାଳୟ ଠାରେ ପ୍ରତିଷ୍ଠାତା ତଥା ନାଟ୍ୟଗୁରୁ ନବଘନ ପରିଡ଼ା, ଅଭୟ ପରିଡା, ମନ୍ମଥ ପରିଡାଙ୍କ ଉପସ୍ଥିତିରେ ପତାକା ଉତୋଳନ କରଥିଲେ। ସେହିପରି ଶ୍ରୀମତୀ ଦୋରା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷକେନ୍ଦ୍ରରେ ପ୍ରତିଷ୍ଠାତା, ସମ୍ପାଦକ ନିଖିଳ ସାହୁ, ଅଧ୍ୟକ୍ଷା ହେନାବଳିୟାର ସିଂ, କୋଷାଦକ୍ଷ ସନ୍ୟାସୀ ନାୟକଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

### ମଞ୍ଚରେ ନ ଥିଲା ଆମ୍ବେଡକରଙ୍କ ଫଟୋ

ଆର.ଉଦୟଗିରି,୨୭।୧(ମନୋଜ ପାଢ଼ୀ): ଆର. ଉଦୟଗିରି ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ଆଡମ୍ବରରେ ପାଳନ କରାଯାଇଥିଲା। ହେଲେ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକରଙ୍କ ଫଟୋ ଏଠାର ମଞ୍ଚରେ ନ ଥିବାରୁ ଅଞ୍ଚଳବାସୀ ଓ ବୃଦ୍ଧିଜୀବୀମାନେ ନିନ୍ଦା କରିଛନ୍ତି । ମଞ୍ଚରେ ବହୁ ଅଧିକାରୀ ଓ ଜନପ୍ରତିନିଧିଗଣ ଉପସ୍ଥିତ ରହି ତ୍ରିରଙ୍ଗା ପତକାକୁ ଉଡାଇଥିଲେ। ସେଠାରେ ବିଡିଓ ମଧ୍ୟ ଉପସ୍ଥିତ ଥିଲେ। ହେଲେ ଦିବସର ମୁଖ୍ୟ ନାୟକ ଆମ୍ବେଡକରଙ୍କୁ ସମସ୍ତେ ଭୁଲି ଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଯାହାର ଭିଡିଓ ଭାଇରାଲ ହେଉଛି ।

### ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ଟିକାବାଲି,୨୭।୧ (ଗଗନ ବିହାରୀ ପଟ୍ଟନାୟକ):** ଟିକାବାଲି ଏଏମ୍‌ସିଏସ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସାଂସଦ ସୁଜିତ୍ କୁମାର ଯୋଗଦେଇ ମୋବାଇଲ୍ ଆଜିର ଯୁବ ପିଢ଼ିକୁ କିପରି ପଥ ଭ୍ରଷ୍ଟ କରୁଛି, ଭଲ ଦିଗରେ ନ ନେଇ ଭୁଲ ଦିଗରେ ଗ୍ରହଣ କରି ଯୁବ ସମାଜ କିପରି ବିପଥଗାମୀ ହେଉଛନ୍ତି ତାହା ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଫୁଲବାଣୀ ବିଧାୟକ ଉମାଚରଣ ମଲିକ, ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲ୍ଲୀପ କହଁର, ପ୍ରାକ୍ତନ ବିଧାୟିକା ଅଜୟନ୍ତି ପ୍ରଧାନ ଯୋଗଦେଇଥିଲେ। ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ ଡ଼ା.ସୁଶାନ୍ତ କୁମାର ଦାସ ଜାତୀୟ ଶିକ୍ଷା ନିତି ଉପରେ ବକ୍ତବ୍ୟ ରଖିଥିଲେ।

# କାମ ନ ହୋଇ ବିଲ୍ କରି ଟଙ୍କା ହଡପ ଅଭିଯୋଗ

- ଇଣ୍ଡଷ୍ଟ୍ରିଆଲ ପାର୍କ
- ଜିଲାପାଳଙ୍କୁ ଭେଟିଲେ ଭାଜପା ନେତା, ଅଞ୍ଚଳବାସୀ

ଫିରିଙ୍ଗିଆ,୨୭।୧(ବିମଳ ଦିଗାଲ )



କନ୍ଧମାଳ ଜିଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଫିରିଙ୍ଗିଆ ବ୍ଲକ ପ୍ରଶାସନର ମନୋମୁଖୀ କାର୍ଯ୍ୟ ଦେଖି ବ୍ଲକରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ବ୍ଲକରେ ଦିନକୁ କୁ ଦିନ ଦୁର୍ନୀତି ବଢ଼ିବାରେ ଲାଗିଛି। ଏହା ବିରୋଧରେ ଏବେ ସ୍ୱର ଉତ୍ତୋଳନ କରିଛନ୍ତି ଅଞ୍ଚଳବସୀ। ବିଡ଼ିଓଙ୍କୁ ଫୋନ କରିବାରୁ ଫୋନ କରିବାରୁ ସେ ଫୋନ ଗ୍ରହଣ କଲେନି କି ତାଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିଲାନି। ଶେଷରେ ଅଞ୍ଚଳର କେତେ ଜଣ ରାଜନେତା, ସାମାଜିକ କର୍ମୀ ଓ ଅଞ୍ଚଳବାସୀ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବ୍ଲକରେ କାର୍ଯ୍ୟରତ ବିଡିଓ ଅନୁପ ଅଭିଷେକ ବେହେରା, ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନା ଓ ବ୍ଲକ କନିଷ୍ଠ ଯନ୍ତ୍ରୀ ସୁନୀଲ ପାତ୍ରଙ୍କ ନାଁରେ ଜିଲାପାଳଙ୍କୁ ଅଭଯୋଗ ପତ୍ର ପ୍ରଦାନ କରାଯାଇଛି।

ଫିରିଙ୍ଗିଆ ବ୍ଲକ କନ୍ଧମାଳ ଜିଲାର ଦ୍ୱିତୀୟ ବୃହତ୍ତମ ବ୍ଲକ ରୂପେ ପରିଚିତ। ସମୁଦାୟ ୨୪ ପଞ୍ଚାୟତ ରହିଛି । ବ୍ଲକ ପ୍ରଶାସନର ଅବହେଳା ପାଇଁ କିଛିଦିନ ହେବ ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ବିପର୍ଯ୍ୟସ୍ତ ହୋଇପଡିଛି । ଅନ୍ୟପକ୍ଷରେ କିଛିଦନ ହେଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଆରମ୍ଭ ହୋଇଥିବା ଇଣ୍ଡଷ୍ଟ୍ରିଆଲ ପାର୍କକୁ ନେଇ ବିରୋଧର ସ୍ୱର ଉଠିଛି। କାମ ଆରମ୍ଭରୁ ଏହି ପ୍ରକଳ୍ପ କାମ ପାଇଁ ଆସିଥିବା ଅର୍ଥ ହେରଫେର ହୋଇଥିବା ଅଭିଯୋଗ ହୋଇଛି । ଏହି ପାର୍କ ନିର୍ମାଣ ହେଉଥିବା ସ୍ଥାନରେ ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟ ଥିବାରୁ ପାର୍କ ନିର୍ମାଣ ହେଲେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେବାର ଆଶଙ୍କା ରହିଛି। ତେବେ ପାର୍କ ନିର୍ମାଣ ପାଇଁ ପ୍ରସ୍ତାବିତ ଜାଗାରେ ମାଟି ମୁଠାଏ ପଡି ନ ଥିବା ବେଳେ ବ୍ଲକର କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ବିଡ଼ିଓ ଏହି କାମରେ ପାଖାପାଖି ୪ଲକ୍ଷ ଟଙ୍କା ଶ୍ରମିକ ପାରିଶ୍ରମିକ ବାବଦରେ ପ୍ରଦାନ କରିଥିବା ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ। ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ବିଡ଼ିଓଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ନେତା କଂସଦେବ ସାହୁ, ସଞ୍ଜୟ ଦିଗାଳ, ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ବେହେରାଙ୍କୁ ପଚାରିବା ଲାଗି ତାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। କନିଷ୍ଠ ଯନ୍ତ୍ରୀ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, କାମ ଚାଲିଥିବା ବେଳେ ମଧ୍ୟ ବିଲ ହୋଇ ପେମେଣ୍ଟ କରାଯାଇପାରିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ବ୍ଲକର ଅନେକ ଗାଁରେ ଏବେ ପାନୀୟ ଜଳ ଉତ୍କଟ ସମସ୍ୟା ରୂପେ ଦେଖିବାକୁ ମିଳିଛି। ଅନେକ ଗାଁକୁ ଭଲ ରାସ୍ତାଟିଏ ଆଜିଯାଏ ହୋଇପାରିନି । ବ୍ଲକରେ ଏମ୍‌ଜିଏନଆରଇଜିଏସ୍‌ରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ବାଟମରଣା ହେଉଥିବା ବେଳେ କାମଗୁଡିକ ଅତିନିମ୍ନ ମାନର ହେଉଛି। କେତେକ କାମ ଅଧାପାନ୍ତରିଆ ଭାବରେ ପଡ଼ିରହିଛି ବାରମ୍ବାର ଅଭିଯୋଗ କଲେ ମଧ୍ୟ କାର୍ଯ୍ୟରତ ଅଧିକାରୀମାନେ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରିଛନ୍ତି ଲୋକେ।

# ବିଧାୟକଙ୍କ ଦ୍ୱାରା ପ୍ରକଳ୍ପ ଉଦ୍‌ଘାଟିତ



ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି ବିଧାୟକ।

ରାଇକିଆ,୨୭।୧ (ପ୍ରଦୀପ ବେହେରା)

ରାଇକିଆ ପଞ୍ଚାୟତ ନୂତନ ଗୃହ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟସ୍ଥ ଯାତ୍ରୀ ବିଶ୍ରାମ ଗୃହ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଗୀତାଞ୍ଜଳୀ ନାୟକ, ଜିଲା ପରିଷଦ ସଭ୍ୟ ସତ୍ୟବାନ୍ ପାତ୍ର, ବ୍ଲକ୍ ଅଧ୍ୟକ୍ଷ ପ୍ରିତମ ପ୍ରଧାନ, ନାଏବ ସରପଞ୍ଚ ନିଥନିଏଲ୍ ନାୟକ, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଅମିୟ ମହାପାତ୍ର, ବିଧାୟକ ପ୍ରତିନିଧି ତାରିଣୀ ପରିଛା, ବିଭିନ୍ନ ରାଜନୈତିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥି ସହ ରାଇକିଆ ପଞ୍ଚାୟତରେ ସାଧାରଣତନ୍ତ୍ର ଦିବସ ଅବସରରେ ଏକ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥିଙ୍କ ସମେତ ସରପଞ୍ଚ, ନିର୍ବାହୀ ଅଧିକାରୀ ଲୋକନାଥ ପଟ୍ଟନାୟକ, ୱାର୍ଡ ମେମ୍ବର ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ଆସିକା,୨୭।୧(ସୁରେନ୍ଦ୍ର ନାଥ ସାହୁ):

ଆସିକା କଳିଙ୍ଗାରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିଶୁ ମନ୍ଦିର ଏକ ଉତ୍ତମ ମଣିଷ ତିଆରି କାରଖାନା ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ ନିର୍ଦ୍ଦେଶ ଡ. ସୁଶାନ୍ତ କୁମାର ଦାସ, ଅନ୍ୟତମ ଅତିଥି ଭାବେ ରାଷ୍ଟ୍ରଦୀପ ପତ୍ରିକାର ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର ଯୋଗଦେଇ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ବିକାଶ ସହ ପଞ୍ଚ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷାବିକାଶ ସମିତି ଦକ୍ଷିଣ ପୂର୍ବ ସମ୍ଭାଗ ସଂପାଦକ ଦୀପକ କୁମାର ମହାରଣା, ସଂପାଦକ ପ୍ରସନ୍ନ କୁମାର ପ୍ରଧାନ, ଯୁକ୍ତ୨ ବିଜ୍ଞାନ ବିଭାଗର ଅଧ୍ୟକ୍ଷ ଡ. ସୁରେନ୍ଦ୍ରନାଥ ସାବତ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଧାନାଚାର୍ଯ୍ୟ ସୁନିଲ କୁମାର ଗୌଡ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ କୋଷାଧ୍ୟକ୍ଷ ଦୁର୍ଗାପ୍ରସାଦ ଆଚାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏତଦ ଅବସରରେ ବିଦ୍ୟାଳୟର ଯୁକ୍ତ୨ ଟପ୍ପର ଶିବାଣି ଦେବୀଙ୍କୁ ନାରାୟଣ ସେନାପତି ସ୍ମୃତି ଟ୍ରଫି ଓ ଦିବଂଗତ ଶିକ୍ଷକ ରବିନ୍ଦ୍ରନାଥ ଜେନାଙ୍କ ଉଦ୍ଦେଶ୍ୟରେ ମୋ ସାର ଟ୍ରଫି ପ୍ରଦାନ କରାଯାଇଥିଲା। ଦଶମ ଶ୍ରେଣୀ ଟପ୍ପର ପ୍ରତିଚି ସେଠୀଙ୍କୁ ମୋ ସାର ଟ୍ରଫି ପ୍ରଦାନ କରାଯାଇଥିଲା । ସେହିଭଳି ଦଶମଶ୍ରେଣୀରେ ମାତୃଭାଷାରେ ଟପ୍ପର ହୋଇଥିବା ସ୍ୱାଗତିକା ପଟ୍ଟନାୟକ, ଅଦ୍ୟାସା ସାହୁ ଓ ସ୍ୱୟଂଶ୍ରୀ ପାତ୍ରଙ୍କୁ ସ୍ୱର୍ଗତ ରାମକୃଷ୍ଣ ତ୍ରିପାଠୀ ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ଅତିଥିମାନେ ପୁରସ୍କୃତ କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# କେଶପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଖଲ୍ଲିକୋଟ,୨୭।୧(ପ୍ରଶାନ୍ତ କୁମାର ମିଶ୍ର)



ଖଲ୍ଲିକୋଟ ବ୍ଲକ ଅର୍ନ୍ତଗତ କେଶପୁର ଉଚ୍ଚ ମାଧମକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କେଶପୁର ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ପ୍ରମୋଦ ଦୀକ୍ଷିତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ ଓ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅଜୟ କୁମାର ତ୍ରିପାଠି ଯୋଗ ଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଆଜିର ସମାଜରେ ଯୁବକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ବର୍ତ୍ତମାନ ପୂର୍ବରୁ ରହିଥିବା ସଂସ୍କାର ପରିବାର ମଧ୍ୟରେ କମିବାରେ ଲାଗିଛି। ଛାତ୍ରୀଛାତ୍ର ଉତ୍ତମ ଶିକ୍ଷା ଲାଭ କରିବା ସହ ମାତାପିତା ଏବଂ ଗୁରୁଜନଙ୍କ ପ୍ରତି ଶ୍ରଦ୍ଧା ଏବଂ ସମ୍ମାନ ଦେଲେ ଜଣେ ଭଲ ମଣିଷ ହୋଇପାରିବେ ବୋଲି କହିଥିଲେ। ଅଧ୍ୟକ୍ଷ ପ୍ରମୋଦ ଦୀକ୍ଷିତ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଐତିହ୍ୟ ଏବଂ ପୂର୍ବ ଛାତ୍ରୀଛାତ୍ରଙ୍କ ବିଷୟରେ ଆଲୋକପାତ କରିଥିଲେ। ଶେଷରେ କଲେଜରେ ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭ୍ୟ ଦୟାନିଧି ମହାରଣା, ଯୁକ୍ତ ତିନି କଲେଜ ଅଧ୍ୟକ୍ଷ ଅଶୋକ ପଲାଇ, ପୂର୍ବତନ ଅଧ୍ୟକ୍ଷ ବିନୋଦ ବିହାରୀ ପଟ୍ଟନାୟକଙ୍କ ସମେତ ଅଧାପିକା ଅଧାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲା ଅଦାଲତରେ ହାଜର ହେଲେ ମାଓବାଦୀ ନେତା ଆଜାଦ

ତୁମୁଡିବନ୍ଧ,୨୭।୧(ଦୀପକ କୁମାର ପରା ସେଠ)

ବହୁ ଚର୍ଚ୍ଚିତ ୨୦୦୮ ଜଲେଶପଟ୍ଟା ସ୍ଥିତ ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମଠାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା ଘଟଣାର ତୁମୁଡିବନ୍ଧ ଥାନା କେସ୍ ନଂ. ୩୭/୨୦୦୮ରେ ମାଓବାଦୀ ନେତା ଆଜାଦଙ୍କୁ ସୋମବାର ତୁମୁଡିବନ୍ଧ ଦେୱାନି ଓ ଫୌଜଦାରି ଅଦାଲତରେ ହାଜର କରାଯାଇଛି। ଏହି ପରିପ୍ରେକ୍ଷୀରେ ତୁମୁଡିବନ୍ଧସ୍ଥିତ ଆମ୍ବେଡକର ଛକଠାରୁ କୋର୍ଟ ପର୍ଯ୍ୟନ୍ତ ଦୁଇ ପ୍ଲାଟୁନ କେନ୍ଦ୍ର ସୁରକ୍ଷା ବଳ ଯବାନ ମୁତୟନ ହେବା ସହିତ ଅଦାଲତ ଚତୁଃପାର୍ଶ୍ୱରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। କନ୍ଧମାଳ ଜିଲାର ତୁମୁଡିବନ୍ଧ, କୋଟଗଡ଼ ଓ ଦାରିଙ୍ଗବାଡ଼ି ଥାନାରେ ମାଓବାଦୀ ନେତା ଆଜାଦଙ୍କ ନାମରେ ୧୦ରୁ ଉର୍ଦ୍ଧ୍ୱ ମାମଲା ରହିଥିବା କହିଛନ୍ତି ସରକାରୀ ଓକିଲ ରାଜକିଶୋର ବାରିକ। ବହୁ ଚର୍ଚ୍ଚିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲାରେ ଜାମିନ ନିମନ୍ତେ ଆଜାଦଙ୍କ ଓକିଲ ଲମ୍ବୋଦର ପଣ୍ଡା ଆବେଦନ କରିଥିଲେ । ଏହାକୁ କୋର୍ଟ ଖାରଜ କରିଦେଇଛନ୍ତି। ଉପରିସ୍ଥ ଅଦାଲତକୁ ଜାମିନ ନିମନ୍ତେ ଅପିଲ କରିବାକୁ ନିର୍ଦ୍ଦେଶ ଦେଇଥିବା ଆଜାଦଙ୍କ ଓକିଲ ପଣ୍ଡା କହିଛନ୍ତି। ମାଓବାଦୀ ନେତା ଆଜାଦଙ୍କ ପରିଚୟ ପତ୍ରକୁ ଆଧାର କରି ତାଙ୍କ ନାମ ଆଜାଦ (ଦୁନା କେଶବ ରାଓ), ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଜିଲା ମଣ୍ଡସା ଥାନା ଅନ୍ତର୍ଗତ ନାଲିଆବୁଡ଼ାଲାରୁ ଗ୍ରାମର ବୋଲି ଜଣାପଡ଼ିଛି।

# ବନ ବିଭାଗର ବାଇକ୍ ଶୋଭାଯାତ୍ରା

ମୋହନା, ୨୭।୧(ମନ୍ମଥ ମିଶ୍ର)

ମୋହନା ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଲୋକେ ସାଧାରଣତଃ ପୋଡୁ ଚାଷ ଓ ମହୁଲ ସଂଗ୍ରହ ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି। ଜଙ୍ଗଲରେ ନିଆଁ ଲଗାଇଲେ ସାଧାରଣ ଜନତା କିଭଳି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ଜଙ୍ଗଲ ନଷ୍ଟ ହେବା ଦ୍ୱାରା ଆମର କଣ କ୍ଷତି ଘଟେ ସେ ସମ୍ପର୍କରେ ଲୋକଙ୍କୁ ସଚେତ୍ନ କରିବାକୁ ସ୍ଥାନୀୟ ବନ ବିଭାଗ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଥିଲା। ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀପ୍ରସାଦ ବିଷୋୟୀଙ୍କ ନେତୃତ୍ୱରେ ସଚେତନତା ସୃଷ୍ଟି ପାଇଁ ସୋମବାର ସକାଳ ୯ଟାରେ ଏକ ବାଇକ୍ ଶୋଭାଯାତ୍ରା ହୋଇଥିଲା। ମୋହନା ବନପାଳ ଦେବାଶିଷ ଶତପଥୀ, ନଳାଘାଟ ବନପାଳ ଲକ୍ଷ୍ମୀକାନ୍ତ ପାତ୍ର, ପାଣିଗଣ୍ଡା ବନପାଳ ରମାକାନ୍ତ ରଇତ ଓ ଜଙ୍ଗଲ ସୁରକ୍ଷା ବାହିନୀ ସଦସ୍ୟମାନେ ମିଳିତ ଭାବେ ଶୋଭାଯାତ୍ରାରେ ବାହାରି ହାତରେ ପ୍ଲାକାର୍ଡ଼ ଧରି ସଚେତନତାମୂଳକ ବାର୍ତ୍ତା ପ୍ରଚାର କରିଥିଲେ। ସେମାନେ ଡ଼େଙ୍ଗାସଖାଲ, ଗୁଲୁବା,ବିରିକୋଟ, ଖାରିଗୁଡ଼ା, ସିନ୍ଧିବା ଆଦି ପଞ୍ଚାୟତର ଦୁର୍ଗମ ଗ୍ରାମଗୁଡ଼ିକୁ ମଧ୍ୟ ଯାଇ ଲୋକଙ୍କୁ ସଚେତନ କରିଥିଲେ।

# ଗଞ୍ଜେଇ ବୋଝେଇ ଅଟୋ ଜବତ, ୨ ଅଭିଯୁକ୍ତ ଜେଲ ଗଲେ



ଦିଗପହଣ୍ଡି,୨୭।୧(ଅଶେଷ ନାଥ ମିଶ୍ର)– ଦିଗପହଣ୍ଡି ଅବକାରୀ ଥାନା ଏସଆଇ ଅନୀତା ପ୍ରଧାନ ସୋମବାର ମଧ୍ୟାହ୍ନରେ ସଦଳବଳେ ପିଛା କରି ଏକ ଗଞ୍ଜେଇ ବୋଝେଇ ଅଟୋ (ନଂ. ଓଡି୦୭ ଏଏସ ୩୬୨୯) ଜବତ କରିଛନ୍ତି। ଗଜପତି ଜିଲା ମୋହନା ଗ୍ରାମରୁ ଦିଗପହଣ୍ଡି ପୁଞ୍ଜିକୟାଁ ଛକ ଦେଇ ବ୍ରହ୍ମପୁର ଅଭିମୁଖେ ଦୃତଗତିରେ ଯାଉଥିବା ଖବର ପାଇ ଅଟୋକୁ ଅଟକାଇ ବିଭାଗୀୟ କର୍ମଚାରୀ ବୃନ୍ଦ ବ୍ରହ୍ମପୁର ଅବକାରୀ ଡିଏସପି କୁମୁଦ ରଞ୍ଜନ କହଁରଙ୍କ ଉପସ୍ଥିତିରେ ଖାନତଲାସ କରିଥିଲେ। ଅଟୋରେ ୨୬.୫ କିଲୋଗ୍ରାମ ଓଜନର ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଅବକାରୀ ଥାନା ମାମଲା ନଂ. ୧୮୭/୨୫ ପ୍ରକାରେ ମାମଲା ରୁଜୁ କରାଯାଇ ଅଟୋ ଏବଂ ଗଞ୍ଜେଇ ଜବତ କରାଯିବା ସହ ଗଞ୍ଜେଇ ଚୋରାଚାଲାଣ କରୁଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗଜପତି ଜିଲା ଅଡବା ଥାନା ରାଇଜୁକା ଗ୍ରାମର ବିଜ୍ଞାନନ୍ଦ ନାଇକ ଏବଂ ରିତୁ ନାଇକ। ବ୍ରହ୍ମପୁର ଜିଲା ଦୌରା ଜଜ କୋର୍ଟକୁ ଚାଲାଣ କରାଯିବା ପରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଚଢ଼ାଉ ଧରପଗଡ଼ରେ ଦିଗପହଣ୍ଡି ଅବକାରୀ ଏଏସ୍‌ଆଇ ଏନ୍. ତ୍ରିପତି, କନେଷ୍ଟବଳ ସୂର୍ଯ୍ୟ ନାରାୟଣ ଜେନା, ନିରଞ୍ଜନ ବେହେରା, ଆଲଫଲତା ସାହୁ ପ୍ରମୁଖ ସାମିଲ ଥିଲେ।

# ତୀର୍ଥରେ ଗଲେ ୮୮ ବରିଷ୍ଠ ନାଗରିକ




ଅଧିକାରୀମାନେ ତୀର୍ଥଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ଫୁଲବାଣୀ, ୨୭।୧(ରାକେଶ କୁମାର ରାଉତ)

ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସୋମବାର କନ୍ଧମାଳ ଜିଲାର ୮୮ ଜଣ ବରିଷ୍ଠ ନାଗରିକ ତୀର୍ଥରେ ଯାଇଛନ୍ତି । ପ୍ରଶାସନ ପକ୍ଷରୁ ସେମାନଙ୍କ ସହିତ ଦିପ୍ତୀକାନ୍ତ ନାୟକ, ପ୍ରମୋଦ ନାୟକ, ଆଶିଷ ବେହେରା, ସାମିଲ ଅଛନ୍ତି। ଜିଲାର ଜି.ଉଦୟଗିରି ବ୍ଲକରୁ ୨୪, ଫୁଲବାଣୀରୁ ୨୧, ଟିକାବାଲିରୁ ୭, ଫିରିଙ୍ଗିଆରୁ ୫, ଖଜୁରୀପଡ଼ାରୁ ୧୪, ଚକାପାଦରୁ ୩, ବାଲିଗୁଡ଼ାରୁ ୨, ଦାରିଙ୍ଗିବାଡ଼ିରୁ ୪, କେ.ନୂଆଗାଁରୁ ୩, ତୁମୁଡ଼ିବନ୍ଧରୁ ୩, ରାଇକିଆରୁ ୨ ଜଣ ବରିଷ୍ଠ ନାଗରିକ ଏହି ଯାତ୍ରାରେ ଯାଇଛନ୍ତି । ଦୁଇଟି ବସ୍ ସାର୍ତ୍ତାଗୁଡ଼ା ସ୍ଥିତ ବୃଦ୍ଧାଶ୍ରମରୁ ସେମାନେ ତୀର୍ଥରେ ବାହାରିଛି। ଅତିରିକ୍ତ ଜିଲାପାଳ ଅଶୋକ ଭୋଇ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା, ଉପ–ଜିଲାପାଳ ଚଡିଉରନ ମହନ୍ତ, ଜିଲା ମଙ୍ଗଳ ଅଧିକାରୀ ବିଜୟାଲକ୍ଷ୍ମୀ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର ସାହୁ, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ ସେଠୀ, ଆଧ୍ୟାତ୍ମିକ ଯାତ୍ରା ନୋଡାଲ ଅଧିକାରୀ ଅନୁପମ୍ ଆଚାର୍ଯ୍ୟ, ସହକାରୀ ଜିଲାପାଳ କୁମୁଦିନି ମଲ୍ଲିକ ପ୍ରମୁଖ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ମଙ୍ଗଳବାର ତୀର୍ଥ ଯାତ୍ରୀମାନେ ବ୍ରହ୍ମପୁର ରେଳ ଷ୍ଟେସନ୍ ଠାରୁ ଶିରିଡ଼ି–ନାସିକ୍ ଅଭିମୁଖେ ଯିବେ।

# ଗଣତନ୍ତ୍ରକୁ ସୁରକ୍ଷା ଦେବା ଆମ ସମସ୍ତଙ୍କ କର୍ତ୍ତବ୍ୟ

ଫୁଲବାଣୀ, ୨୭।୧(ରାକେଶ କୁମାର ରାଉତ)



ଜିଲାପାଳ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

ଭାରତର ଗଣତନ୍ତ୍ର ବିଶ୍ୱର ପୁରାତନ ଗଣତନ୍ତ୍ର। ଗଣତନ୍ତ୍ର ଆମକୁ ସତ୍ୟମେବ ଜୟତେ ଏବଂ ଧର୍ମ ପଥରେ ଚାଲିବା ଶିଖାଇଛି। ସ୍ୱାଧିନତା ପରେ ଆମେ ନିଜକୁ ଶାସନ କରିବା ପାଇଁ ପ୍ରସ୍ତୁତି କଲେ ସମ୍ବିଧାନ ବା ଗଣତନ୍ତ୍ରର ଏକ ପ୍ରତିଲିପି । ଗଣତନ୍ତ୍ରକୁ ସୁରକ୍ଷା କରିବା ଆମ ସମସ୍ତଙ୍କ କର୍ତବ୍ୟ ବୋଲି ପୋଲିସ ରିଜର୍ଭ ପଡ଼ିଆରେ ଆୟୋଜିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ କନ୍ଧମାଳ ଜିଲାପାଳ ଅମ୍ରିତ ଋତୁରାଜ କହିଛନ୍ତି। ପ୍ରଥମେ ପତାକା ଉତୋଳନ ପରେ ଜିଲାପାଳ ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଏହାପରେ ସମସ୍ତଙ୍କୁ ଉଦ୍‌ବୋଧନ ଦେଇ ସ୍ୱାଧିନତା ସଂଗ୍ରାମୀମାନଙ୍କୁ ମମନେ ପକାଇଥିଲେ। ଉପସ୍ଥିତ ଜନସାଧାରଣଙ୍କୁ ସରକାରଙ୍କ ଜନହିତକର ଯୋଜନା ଉପରେ ଅବଗତ କରିଥିଲେ। ଅଭିବାଦନ ମଞ୍ଚରେ ଜିଲାପାଳଙ୍କ ସହ ଏସ୍‌ପି ହରିଶ ବିସି ଉପସ୍ଥିତ ଥିଲେ।

**ଜି.ଉଦୟଗିରି, (ଚିନ୍ମୟ କୁମାର ସେଠୀ):** ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳନ ହୋଇଛି। ଏହି କ୍ରମରେ ସ୍ଥାନୀୟ ହବାକ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆ ଠାରେ ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ଅତିରିକ୍ତ ଉପଜିଲାପାଳ ମନୋଜ ଦେବତା ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ ଛାତ୍ରୀଛାତ୍ର ଓ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ବିଭାଗ ପକ୍ଷରୁ ପ୍ରାତଃ ୪.୩୦ ସମୟରେ ଡାକବାଜି ଯନ୍ତ୍ର ମାଧମରେ ରାମଧୁନ ପରିବେଷଣ ସହ ସହର ପରିକ୍ରମା କରାଯାଇଥିଲା।

**ଦାରିଙ୍ଗବାଡ଼ି, (ଅରୁଣ ସାହୁ):** ଦାରିଙ୍ଗବାଡ଼ି ହେଲିପ୍ୟାଡ଼ ପଡ଼ିଆ ଠାରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଦାରିଙ୍ଗବାଡ଼ି ଜାତୀୟ ଦିବସ ପାଳନ କମିଟି ଓ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କମିଟି ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପରେ ମୁଖ୍ୟ ଅତିଥି ପତାକା ଉତ୍ତୋଳନ କରି ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ମହାପୁରୁଷଙ୍କୁ ମନେ ପକାଇ କହିଥିଲେ ଯେ ଆମ ଦେଶକୁ ସ୍ୱାଧୀନତା ଆଣିବା ପାଇଁ ଅନେକ ବୀର ପୁରୁଷ ମହାପୁରୁଷ ବଳିଦାନ ଦେଇଛନ୍ତି। ସେମାନଙ୍କୁ ଆମେ ଏହି ସମୟରେ ମନେ ପକାଇ ଦେଶକୁ ଶକ୍ତିଶାଳୀ କରିବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପରେ ମୁଖ୍ୟ ଅତିଥି ଏମ୍‌ପି ସାମୁହିକ ଅଭିବାଦନ ଗ୍ରହଣ କରିଥିଲେ।

**ରାଇକିଆ,(ପ୍ରଦୀପ ବେହେରା):** ରାଇକିଆ ଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଜୟ ହାଇସ୍କୁଲ୍ ଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ ପତାକା ଉତ୍ତୋଳନ କରିବା ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସର ରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା।

**ବାଲିଗୁଡ଼ା,(ସଞ୍ଜୟ କୁମାର ପାଣିଗ୍ରାହୀ):** ବାଲିଗୁଡ଼ାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡ଼ିୟମ ଠାରେ ପାଳନ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ସମଗ୍ର ସହରରେ ରାମଧୁନ ପରିବେଷଣ କରାଯାଇଥିଲା। ସହରର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା। ପରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ନେହେରୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଆୟୋଜିତ ଉତ୍ସବରେ ସ୍ଥାନୀୟ ଉପ ଜିଲାପାଳ ତଥା ଉତ୍ସବ ପାଳନ କମିଟିର ସଭାପତି ଡା.ରୀନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**କ.ନୂଆଗାଁ (କାଳୀ ପ୍ରସାଦ ତ୍ରିପାଠୀ):** କ.ନୂଆଗାଁ ଖେଳ ପଡିଆଠାରେ ବ୍ଲକସ୍ତରୀୟ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳନ ହୋଇଛି। ଏଥିରେ କ.ନୂଆଗାଁ ବ୍ଲକ ଦାୟିତ୍ୱ ଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ ମଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେ ପତାକା ଉତ୍ତୋଳନ କରି ଉପସ୍ଥିତ ଛାତ୍ରୀଛାତ୍ର ଓ ଅଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ଟ୍ରମ୍ପ୍‌ଙ୍କ ସହ କଥା ହେଲେ ମୋଦି

ନୂଆଦିଲ୍ଲୀ,୨୭।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ଟ୍ରମ୍ପ୍ ଦ୍ୱିତୀୟ ଥର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ମୋଦି ତାଙ୍କ ସହ ପ୍ରଥମ ଥର କଥା ହୋଇଛନ୍ତି। ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ୍‌ଙ୍କ ଐତିହାସିକ ବିଜୟ ପାଇଁ ପ୍ରଧାନମନ୍ତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଭୟ ନେତା ବିଶ୍ୱସ୍ତ ଭାଗୀଦାରି ପାଇଁ ପ୍ରତିଶ୍ରୁତିବଦ୍ଧ। ଆମ ଲୋକମାନଙ୍କ କଲ୍ୟାଣ ତଥା ବିଶ୍ୱ ଶାନ୍ତି, ସମୃଦ୍ଧି ଓ ସୁରକ୍ଷା ପାଇଁ ଆମେ ଏକାଠି କାର୍ଯ୍ୟ କରିବୁ ବୋଲି ପ୍ରଧାନମନ୍ତ୍ରୀ ଏକ୍ସ'ରେ ଲେଖିଛନ୍ତି।

### ସୈଫ୍‌ଙ୍କୁ ଆକ୍ରମଣ ଘଟଣା: ପଶ୍ଚିମବଙ୍ଗରୁ ମହିଳା ଗିରଫ

ଚେନ୍ନାଇ, ୨୭।୧ (ପି.ଟି.)

ଅଭିନେତା ସୈଫ୍ ଅଲୀ ଖାନ୍‌ଙ୍କୁ ହୋଇଥିବା ଆକ୍ରମଣ ଘଟଣାର ତଦନ୍ତ ଜାରି ରହିଛି। ପୂର୍ବରୁ ପୋଲିସ ଏହି ମାମଲାରେ ବାଂଲାଦେଶୀ ନାଗରିକ ଶରିଫୁଲ ଇସଲାମ ଶେହଜାଦଙ୍କୁ ଗିରଫ କରିଥିଲା। ସୋମବାର ମୁମ୍ବାଇ ପୋଲିସ ଶରିଫୁଲଙ୍କ ସହ ସମ୍ବନ୍ଧିତ ଥିବା ଜଣେ ମହିଳାଙ୍କୁ ପଶ୍ଚିମବଙ୍ଗର ନଦିଆ ଜିଲାର ଛପ୍ରାରୁ ଗିରଫ କରିଛି। ଶରିଫୁଲ ଯେଉଁ ସିମ୍ କାର୍ଡର ବ୍ୟବହାର କରୁଥିଲେ ତାହା ଉକ୍ତ ମହିଳାଙ୍କ ନାମରେ ପଞ୍ଜୀକୃତ ଥିବା ପୋଲିସ କହିଛି। ରବିବାର ମୁମ୍ବାଇ ପୋଲିସର ୨ ସଦସ୍ୟବିଶିଷ୍ଟ ଏକ ଟିମ୍ ଶରିଫୁଲଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରିବାକୁ ମୁମ୍ବାଇ ଗସ୍ତ କରି ମାମଲାର ତଦନ୍ତ ଚଳାଇଛି। ଉକ୍ତ ମହିଳାଙ୍କୁ ରିମାଣ୍ଡରେ ନେବା ପାଇଁ ମୁମ୍ବାଇ ପୋଲିସ କୋର୍ଟଙ୍କ ନିକଟରେ ଆବେଦନ କରିବ।

### ଲାଓସ୍ ସାଇବର ଦୁର୍ନୀତି କେନ୍ଦ୍ରରୁ ୬୭ ଭାରତୀୟ ଉଦ୍ଧାର

ଭିଏନ୍ତିଆନେ,୨୭।୧

ପ୍ରଲୋଭନରେ ପଡ଼ି ଲାଓସ୍‌ର ବୋକେଓ ପ୍ରଦେଶ ଅନ୍ତର୍ଗତ ଗୋଲ୍ଡେନ୍ ଟ୍ରାଙ୍ଗଲ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ସାଇବର ଅପରାଧ କେନ୍ଦ୍ରକୁ ଚାଲାଣ ହୋଇଥିବା ୬୭ ଭାରତୀୟ ଯୁବକଙ୍କୁ ଉଦ୍ଧାର କରାଯାଇଛି। ଭିଏଣ୍ଟିଆନାସ୍ଥିତ ଭାରତୀୟ ଦୂତାବାସ ସେମାନଙ୍କୁ ଉଦ୍ଧାର କରିଥିବାବେଳେ ଖୁବ୍‌ଶୀଘ୍ର ସ୍ୱଦେଶ ଅଣାଯିବ। ଅପରାଧ ସିଣ୍ଡିକେଟ୍‌ଗୁଡ଼ିକର ଧମକ ଏବଂ ନିର୍ଯାତନା ମଧ୍ୟରେ ସେମାନେ ସେଠାରେ କାମ କରିବାକୁ ବାଧ ହୋଇଥିଲେ। ଦୂତାବାସ ପକ୍ଷରୁ ତୁରନ୍ତ ଆବଶ୍ୟକ ସହାୟତା କରାଯାଇଥିଲା। ଗୋଟିଏ ଟିମ୍ ଉକ୍ତ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍‌କୁ ଯାଇ ଭାରତୀୟ ଯୁବକମାନଙ୍କୁ ଦୂତାବାସକୁ ଆଣିବା ପାଇଁ ଲାଓସ୍ କର୍ତ୍ତୃପକ୍ଷଙ୍କ ସହ ଏକାଠି କାର୍ଯ୍ୟ କରିଥିଲେ। ଦୂତାବାସରେ ସେମାନଙ୍କ ପାଇଁ ଖାଦ୍ୟ ଓ ଆଶ୍ରୟ ବ୍ୟବସ୍ଥା ହୋଇଛି। ବର୍ତ୍ତମାନ ସୁଦ୍ଧା ଲାଓସରୁ ୯୨୪ ଜଣ ଭାରତୀୟଙ୍କୁ ମୁକ୍ତ କରାଗଲାଣି।



ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଅନୁଷ୍ଠିତ ପରେଡ୍‌ରେ ଭାରତୀୟ ଯବାନମାନେ ସେମାନଙ୍କ ସାମର୍ଥ୍ୟ ପ୍ରଦର୍ଶନ କରୁଛନ୍ତି।

# ସାମରିକ ଶକ୍ତି, ସାଂସ୍କୃତିକ ଐତିହ୍ୟ ଦେଖାଇଲା ଭାରତ

## ସାଧାରଣତନ୍ତ୍ର ଦିବସ ପରେଡ୍

ନୂଆଦିଲ୍ଲୀ,୨୭।୧

୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ ରବିବାର ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଅନୁଷ୍ଠିତ ପରେଡ୍‌ରେ ଭାରତ ଏହାର ସାମରିକ ସାମର୍ଥ୍ୟ ଏବଂ ସାଂସ୍କୃତିକ ଐତିହ୍ୟ ପ୍ରଦର୍ଶନ କରିଛି। ୩ ବାହିନୀର ସୈନ୍ୟଙ୍କ ସମେତ ଅର୍ଦ୍ଧସାମରିକ ବାହିନୀର ଯବାନମାନେ ସେମାନଙ୍କ ବ୍ୟାଣ୍ଡ୍ ସହ ପରେଡ୍‌ରେ ସାମିଲ ହୋଇ ନେତା ଓ ଅତିଥିମାନଙ୍କ ସମ୍ମୁଖରେ ମାର୍ଚ୍ଚ କରିଥିଲେ। ବିଭିନ୍ନ ଦେଶ ଓ ବିଭାଗର ପ୍ରଜ୍ଞାପନ ମେଢ଼ଗୁଡ଼ିକ ମହାକୁମ୍ଭ ସମେତ ଦେଶର ସାଂସ୍କୃତିକ ବିବିଧତାର ଝଲକ ଦେଖାଇଥିଲେ। ସାଧାରଣତନ୍ତ୍ର ଦିବସ ଉତ୍ସବରେ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋୱୋ ସୁବିଆନ୍ତୋ ମୁଖ୍ୟ ଅତିଥି ହୋଇଥିଲେ। ଇଣ୍ଡୋନେସିଆ ଜାତୀୟ ସୈନ୍ୟବାହିନୀର ୩୪୨ ସଦସ୍ୟ ବିଶିଷ୍ଟ ଏକ କଣ୍ଟିଞ୍ଜେଣ୍ଟ୍ ପରେଡ୍‌ରେ ଭାଗ ନେଇଥିଲା। ଏକ ବିଦେଶୀ ପରେଡ୍‌ରେ ପ୍ରଥମ ଥର ପାଇଁ ଇଣ୍ଡୋନେସିଆ ସୈନ୍ୟ ସାମିଲ ହୋଇଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପରେଡ୍‌ରେ ନାରୀଶକ୍ତିକୁ ସ୍ୱତନ୍ତ୍ର ପ୍ରାଧାନ୍ୟ ଦିଆଯାଇଥିଲା। ସିଆର୍‌ପିଏଫ୍‌ର କେବଳ ମହିଳାମାନଙ୍କ କଣ୍ଟିଞ୍ଜେଣ୍ଟ ପରେଡ୍‌ର ମୁଖ୍ୟ ବୈଶିଷ୍ଟ୍ୟ ଥିଲା। ୧୪୮ ଜଣିଆ ଏହି କଣ୍ଟିଞ୍ଜେଣ୍ଟରେ ନକ୍ସଲ ନିରୋଧୀ ଯବାନଙ୍କ ସମେତ ଉଗ୍ରବାଦ ନିରୋଧୀ, ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିବା ଯବାନମାନେ ଜାତୀୟ ସୁରକ୍ଷାରେ ମହିଳାଙ୍କ ଭୂମିକାକୁ ପ୍ରଦର୍ଶିତ କରିଥିଲେ।

ପ୍ରଧାନମନ୍ତ୍ରୀ ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେଡ୍‌ରେ ୧୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସମେତ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭିନ୍ନ ସଂଗଠନର ୩୧ଟି ପ୍ରଜ୍ଞାପନ ମେଢ଼ ସ୍ଥାନ ପାଇଥିଲା। 'ସ୍ୱର୍ଣ୍ଣିମ ଭାରତ: ବିରାସତ୍ ଔର ବିକାଶ' ଶୀର୍ଷକକୁ ପ୍ରଜ୍ଞାପନ ମେଢ଼ରେ ଗୁରୁତ୍ୱ ଦିଆଯାଇଥିଲା। ଔଦ୍ୟୋଗିକତା ଓ ଆତ୍ମନିର୍ଭରଶୀଳତା ଜରିଆରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣକୁ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ 'ଲାଖପତି ଦିଦି ଉପକ୍ରମ' ପ୍ରଜ୍ଞାପନ ମେଢ଼ରେ ପ୍ରଦର୍ଶିତ କରିଥିଲା। ଉତ୍ତରପ୍ରଦେଶ ପ୍ରଜ୍ଞାପନ ମେଢ଼ରେ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭର ପ୍ରଚାର କରାଯାଇଥିବାବେଳେ ମଧ୍ୟପ୍ରଦେଶ ପକ୍ଷରୁ ରାଜ୍ୟରେ ଚିତାବାଘର ପୁନଃପ୍ରବେଶ ଉପରେ ଫୋକସ୍ କରାଯାଇଥିଲା।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋୱୋ ସୁବିଆନ୍ତୋ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ୱାକ୍‌ଫ ବିଲ୍‌ରେ ୧୪ ସଂଶୋଧନକୁ ଜେପିସିର ମଞ୍ଜୁରୀ

ନୂଆଦିଲ୍ଲୀ,୨୭।୧(ପି.ଟି.)

### ନିୟମ ପାଳନ ହୋଇ ନ ଥିବା କହିଲେ ବିରୋଧୀ

ପ୍ରସ୍ତାବିତ ୱାକ୍‌ଫ ସଂଶୋଧନ ବିଲ୍‌ର ସଂଶୋଧନକୁ ଯୁଗ୍ମ ସଂସଦୀୟ କମିଟି (ଜେପିସି) ସୋମବାର ମଞ୍ଜୁରୀ ପ୍ରଦାନ କରିଛି। ଗତବର୍ଷ ଅଗଷ୍ଟରେ ଏହି ବିଲ୍ ପାର୍ଲାମେଣ୍ଟରେ ଆଗତ ହୋଇଥିଲା। କମିଟି ଦ୍ୱାରା ପ୍ରସ୍ତାବିତ ଅନ୍ୟତମ ଉଲ୍ଲେଖନୀୟ ସଂଶୋଧନ ହେଲା ଯଦି ସମ୍ପତ୍ତି ଧର୍ମୀୟ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥାଏ, ତେବେ ବର୍ତ୍ତମାନର ୱାକ୍‌ଫ ସମ୍ପତ୍ତିକୁ 'ବ୍ୟବହାରକାରୀଙ୍କ ଦ୍ୱାରା ୱାକ୍‌ଫ୍' ଆଧାରରେ ପ୍ରଶ୍ନ କରାଯାଇପାରିବ ନାହିଁ। ବର୍ତ୍ତମାନର ଆଇନରେ ରହିଥିବା 'ୱାକ୍‌ଫ ବାଏ ୟୁଜର'କୁ ନୂଆ ସଂସ୍କରଣରେ ଉଠାଇ ଦିଆଯିବ। ଏନ୍‌ଡିଏ ସଦସ୍ୟମାନେ ଆଣିଥିବା ୧୪ଟି ସଂଶୋଧନ ପ୍ରସ୍ତାବ ଗୃହୀତ ହୋଇଥିବା ଜେପିସି କମିଟି ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ଜଗଦମ୍ବିକା ପାଲ୍ କହିଛନ୍ତି। ବିରୋଧୀ ସଦସ୍ୟମାନେ ୪୪ଟି କ୍ଲଜ୍‌ରେ ଶତାଧିକ ସଂଶୋଧନ ପ୍ରସ୍ତାବ ଆଣିଥିଲେ ହେଁ ସେଗୁଡ଼ିକ ଭୋଟରେ କାଟ୍ ଖାଇଥିଲା। ବିରୋଧୀ ଏମ୍‌ପିମାନେ ବର୍ତ୍ତମାନର ଆଇନରେ ରହିଥିବା ବ୍ୟବସ୍ଥାଗୁଡ଼ିକୁ କାଏମ ରଖିବାକୁ ଚାହୁଁଥିଲେ।

ପାଲ୍‌ଙ୍କ ଅଧ୍ୟକ୍ଷତାରେ ସୋମବାର ବସିଥିବା ଜେପିସି ବୈଠକରେ ବିରୋଧୀ ପ୍ରବଳ ହଟ୍ଟଗୋଳ କରିଥିଲେ। କମିଟି ଅଧ୍ୟକ୍ଷ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ନଷ୍ଟ କରିଥିବା ସେମାନେ ଅଭିଯୋଗ କରିଥିଲେ। କମିଟିର କାର୍ଯ୍ୟଧାରା ପରିହାସରେ ପରିଣତ ହୋଇଥିବା ଡିଏମ୍‌କେ ଏମ୍.ପି. ଏ ରାଜା ଅଭିଯୋଗ କରିବା ସହ ନୂଆ ଆଇନ ବିରୋଧରେ ସୁପ୍ରିମକୋର୍ଟ ଯିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ବିରୋଧୀଙ୍କ ଅଭିଯୋଗକୁ ପାଲ୍ ଖଣ୍ଡନ କରିବା ସହ ଗଣତାନ୍ତ୍ରିକ ଉପାୟରେ କମିଟି ସମସ୍ତ ସଂଶୋଧନକୁ ବିଚାରକୁ ନେଇଥିବା କହିଛନ୍ତି। ସଂଖ୍ୟାଗରିଷ୍ଠଙ୍କ ମତ କାଏମ ରହିଛି। ଜାନୁଆରୀ ୩୧ରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେଉଥିବାବେଳେ ପ୍ରଥମାର୍ଦ୍ଧରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଏହାକୁ ଗୃହୀତ କରାଇପାରେ।

## ଉତ୍ତରାଖଣ୍ଡରେ ୟୁସିସି ଲାଗୁ ହେଲା

ଡେରାଡୁନ୍,୨୭।୧(ପି.ଟି.)



ପୁଷ୍କର ସିଂ ଧାମି

ଦେଶର ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡ ସୋମବାର ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିଛି। ଫଳରେ ୨୦୨୨ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପା ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏହାର ବିଜ୍ଞପ୍ତି ଏବଂ କାର୍ଯ୍ୟକାରିତା ନିୟମାବଳୀ ଉନ୍ମୋଚନ କରିବା ପରେ ୟୁସିସି କାର୍ଯ୍ୟକାରୀ ହୋଇଛି। ବିବାହ, ଛାଡ଼ପତ୍ର ଏବଂ ଲିଭ୍-ଇନ୍ ରିଲେଶନ ପାଇଁ ଅନ୍‌ଲାଇନ ପଞ୍ଜୀକରଣକୁ ବାଧ୍ୟତାମୂଳକ କରିବା ନିମନ୍ତେ ଏକ ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରେକ୍ଷାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସବୁ ଧର୍ମର ପ୍ରତ୍ୟେକ ନାଗରିକଙ୍କ ପାଇଁ ୟୁସିସି ସମାନ ଆଇନର ବ୍ୟବସ୍ଥା କରିଛି। ଧାମି ଏହାର ସମ୍ପୂର୍ଣ୍ଣ ଶ୍ରେୟ ରାଜ୍ୟବାସୀଙ୍କୁ ଦେଇଛନ୍ତି। ଧର୍ମମତ ନିର୍ବିଶେଷରେ ମହିଳାମାନଙ୍କ ପ୍ରତି ରହିଆସିଥିବା ସମସ୍ତ ପକ୍ଷପାତ ବ୍ୟବସ୍ଥାକୁ ଏହି ଆଇନ ବନ୍ଦ କରିବ। ପ୍ରଥମ ରାଜ୍ୟ ଭାବେ ଏହି ଆଇନକୁ ଲାଗୁ କରିଥିବାରୁ ଏହା ଉତ୍ତରାଖଣ୍ଡ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ଧାମି କହିଛନ୍ତି।

## ଚେନ୍ନାଇ ଉପକୂଳରେ ହଜାରେରୁ ଅଧିକ ଅଲିଭ୍ ରିଡ୍‌ଲେ ମୃତ

ଚେନ୍ନାଇ, ୨୭।୧



ତାମିଲନାଡୁର ଚେନ୍ନାଇ ଉପକୂଳରେ ଗତ ମାସେ ମଧ୍ୟରେ ୧ ହଜାରରୁ ଅଧିକ ଅଲିଭ୍ ରିଡ୍‌ଲେ ପ୍ରଜାତିର କଇଁଛଙ୍କର ମୃତଦେହ ମିଳିଛି, ଯାହାକୁ ନେଇ କଇଁଛ ସରକ୍ଷଣ କର୍ମୀ ଓ ପ୍ରାଣୀ ଅଧିକାର କର୍ମୀଙ୍କ ମଧ୍ୟରେ ବ୍ୟାପକ ଚିନ୍ତା ପ୍ରକାଶ ପାଇଛି। ଘଟଣାକୁ ନେଇ ବିଭିନ୍ନ କଇଁଛ ସଂରକ୍ଷଣ କର୍ମୀ କହିଛନ୍ତି, ସମୁଦ୍ରର ଢେଉରେ ଧୋଇ ହୋଇ ଆସୁଥିବା କଇଁଛଙ୍କର ମୃତଦେହଗୁଡ଼ିକ ମୋଟ ମୃତ୍ୟୁର ମାତ୍ର ୧୦% ହୋଇପାରେ। ସହରର ଉପକୂଳରେ ଗତ ମାସେ ମଧ୍ୟରେ ୫ରୁ ୧୦ ହଜାର ଅଲିଭ୍ ରିଡ୍‌ଲେ କଇଁଛଙ୍କର ମୃତ୍ୟୁ ହୋଇଥିବା ସେମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ପ୍ରାଣୀ ଅଧିକାର କର୍ମୀ ଆଣ୍ଟୋନି ରୁବିନ କହିଛନ୍ତି, ମୃତ କଇଁଛମାନଙ୍କର ବାହାରକୁ ଆସି ଯାଇଥିବା ବେକ ଓ ଆଖିରୁ ସ୍ପଷ୍ଟ ସଙ୍କେତ ମିଳୁଛି, ବୁଡ଼ିଯାଇଥିବା କାରଣରୁ ସେମାନଙ୍କର ମୃତ୍ୟୁ ଘଟିଛି। ସାଧାରଣତଃ ଅଲିଭ ରିଡ୍‌ଲେ କଇଁଛମାନେ ୪୫ ମିନିଟ ପର୍ଯ୍ୟନ୍ତ ସେମାନଙ୍କର ନିଃଶ୍ୱାସ ରୋକି ପାରିଥାନ୍ତି ବୋଲି ରୁବିନ କହିଛନ୍ତି। ପ୍ରକାଶ ଯେ, ପ୍ରତିବର୍ଷ ଶୀତ ଋତୁରେ ତାମିଲନାଡୁ ଉପକୂଳରେ ବସା ପ୍ରସ୍ତୁତ କରିବାକୁ ୭ ହଜାର କି.ମି. ପର୍ଯ୍ୟନ୍ତ ଦୂରରୁ ଅଲିଭ୍ ରିଡ୍‌ଲେ କଇଁଛମାନେ ଆସି ଚେନ୍ନାଇ ଉପକୂଳରେ ପହଞ୍ଚିଥାନ୍ତି।ସାମୁଦ୍ରିକ ଇକୋ ସିଷ୍ଟମରେ ସନ୍ତୁଳନ ବଜାୟ ରଖିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

## ସ୍ୱାଧୀନତାର ୭୮ ବର୍ଷ ପରେ ଗାଁରେ ପହଞ୍ଚିଲା ବିଜୁଳି

ରାୟପୁର, ୨୭।୧



ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ପରେ ଛତିଶଗଡ଼ର ବିଜାପୁର ଜିଲା ଚିକାପଲ୍ଲି ଗ୍ରାମରେ ପ୍ରଥମଥର ପାଇଁ ବିଜୁଳି ପହଞ୍ଚିଛି। ବିଜାପୁର ଜିଲା ମୁଖ୍ୟାଳୟଠାରୁ ୫୦ କି.ମି. ଦୂରରେ ଅବସ୍ଥିତ ଚିକାପଲ୍ଲିରେ ଲୋକମାନେ ବର୍ତ୍ତମାନ ସୁଦ୍ଧା ବିନା ବିଜୁଳିରେ ରହିଆସୁଥିଲେ। ରାଜ୍ୟର ଦୁର୍ଗମ ଅଞ୍ଚଳରେ ଥିବା ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡ଼ିକୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ଛତିଶଗଡ଼ ସରକାରଙ୍କ ନୂତନ 'ନିୟଦ ନେଲାନ୍ନାର ଯୋଜନା' ଅନ୍ତର୍ଗତ ଚିକାପଲ୍ଲି ଗ୍ରାମରେ ରବିବାର ସାଧାରଣତନ୍ତ୍ର ଦିବସ ଅବସରରେ ବିଜୁଳି ସଂଯୋଗ ହୋଇଛି। ବର୍ତ୍ତମାନ ସୁଦ୍ଧା ଚିକାପଲ୍ଲିକୁ ମିଶାଇ ବିଜାପୁର ଜିଲାର ୬ଟି ଗ୍ରାମରେ 'ନିୟଦ ନେଲାନ୍ନାର ଯୋଜନା'ରେ ବିଜୁଳି ସଂଯୋଗ କରାଯାଇଥିବା ଜିଲାପାଳ ସମ୍ବିତ ମିଶ୍ରା ସୂଚନା ଦେଇଛନ୍ତି। ଆସନ୍ତା ମାସଗୁଡ଼ିକରେ ମଧ୍ୟ ଏହି ଯୋଜନାରେ ଆହୁରି ଅନେକ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଗ୍ରାମଗୁଡ଼ିକରେ ବିଜୁଳି ସଂଯୋଗ କରାଯିବ ବୋଲି ସେ କହିଛନ୍ତି।

ବିଜାପୁର ପରି ଛତିଶଗଡ଼ର ମାଓ ଅଧ୍ୟୁଷିତ ଅଞ୍ଚଳର ବିକାଶ ପାଇଁ ଚିକାପଲ୍ଲିରେ ବିଜୁଳି ସଂଯୋଗ ହେବା ଘଟଣାକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚନା କରାଯାଉଛି। ବିଜୁଳି ମିଳିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦର ବାତାବରଣ ଖେଳିଯାଇଥିବା ସହ ସେମାନଙ୍କ ମୁହଁରେ ନୂତନ ଆଶାର ଝଲକ ଦେଖିବାକୁ ମିଳିଛି। ଏହା ଗ୍ରାମ ପାଇଁ ଏକ ନୂତନ ଅଧ୍ୟାୟ ସଦୃଶ ହୋଇଥିବା ଗ୍ରାମବାସୀ କହିଛନ୍ତି। ଏହି ମାଓ ପ୍ରଭାବିତ ଗ୍ରାମର ବାସିନ୍ଦାଙ୍କ ପାଇଁ ରାସ୍ତା, ଜଳ, ସ୍ୱାସ୍ଥ୍ୟସେବା ଆଦି ଅନେକ ମୌଳିକ ସୁବିଧା ବର୍ତ୍ତମାନ ପର୍ଯ୍ୟନ୍ତ ଅପହଞ୍ଚ ରହିଛି। ତେବେ ଗ୍ରାମକୁ ବିଜୁଳି ସଂଯୋଗ ହେବା ପରେ ଖୁବ୍‌ଶୀଘ୍ର ଅନ୍ୟାନ୍ୟ ମୌଳିକ ସୁବିଧାଗୁଡ଼ିକ ମଧ୍ୟ ମିଳିବ ବୋଲି ଚିକାପଲ୍ଲି ଗ୍ରାମର ଗ୍ରାମବାସୀ ଆଶାପ୍ରକଟ କରିଛନ୍ତି। ବିଜୁଳି ଆସିବା ପରେ ଗ୍ରାମର ପ୍ରତ୍ୟେକ ଘର କେବଳ ଆଲୋକିତ ହୋଇନାହିଁ ବରଂ ଗ୍ରାମରେ ଅନ୍ୟାନ୍ୟ ବିକାଶ କାର୍ଯ୍ୟରେ ମଧ୍ୟ ଅଗ୍ରଗତି ଦେଖିବାକୁ ମିଳିବ। ଏହାଦ୍ୱାରା ସେମାନଙ୍କ ଜୀବନରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆସିବ ବୋଲି ଗ୍ରାମବାସୀ କହିଛନ୍ତି। ଏବେ ସେମାନେ ରାତିରେ ମଧ୍ୟ ସୁରକ୍ଷିତ ଅନୁଭବ କରିବେ ଏବଂ ପାଠପଢ଼ାରେ ପିଲାମାନଙ୍କୁ କୌଣସି ବାଧାବିଘ୍ନ ଆସିବ ନାହିଁ। ଗ୍ରାମର ପିଲାମାନେ ଉନ୍ନତ ଶିକ୍ଷା ପାଇବାକୁ ସକ୍ଷମ ହେବା ସହ ସେମାନେ ରାତିରେ ମଧ୍ୟ ପଢ଼ିପାରିବେ। ରାତିରେ ବିଭିନ୍ନ କାମ କରିବାକୁ ଏବେଠାରୁ ସହଜ ହେବ ବୋଲି ଗ୍ରାମବାସୀ କହିଛନ୍ତି।

## ଫୁରସତ୍

### 'କୁଛ୍ କୁଛ୍ ହୋତା ହୈ' ଗାଇଲେ ଇଣ୍ଡୋନେସୀୟ ପ୍ରତିନିଧି ଦଳ



ନୂଆଦିଲ୍ଲୀ

ଭାରତର ୭୬ତମ ଗଣତନ୍ତ୍ର ଦିବସର ବିଶେଷ ଉତ୍ସବରେ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ ସୁବିଆନ୍ତୋ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶନିବାର ରାତିରେ ରାଷ୍ଟ୍ରପତି ଭବନରେ ଆୟୋଜିତ ରାତ୍ରି ଭୋଜନ ଉତ୍ସବରେ ରାଷ୍ଟ୍ରପତି ପ୍ରବୋଓ ସୁବିଆନ୍ତୋଙ୍କ ସହ ଆସିଥିବା ଇଣ୍ଡୋନେସିଆର ପ୍ରତିନିଧି ଦଳ ୧୯୯୮ରେ ରିଲିଜ୍ ହୋଇଥିବା ବଲିଉଡ୍ ସୁପରଷ୍ଟାର ଶାହାରୁଖ ଖାନଙ୍କ ପ୍ରସିଦ୍ଧ 'କୁଛ୍ କୁଛ୍ ହୋତା ହୈ' ଫିଲ୍ମର ଟାଇଟଲ ସଙ୍ଗ ଗାଇ ସମସ୍ତଙ୍କର ହୃଦୟ ଜିତିଥିଲେ। ଏହି ଇଣ୍ଡୋନେସୀୟ ପ୍ରତିନିଧି ଦଳରେ ଇଣ୍ଡୋନେସିଆର କେତେଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ରହିଥିଲେ। ବିଶିଷ୍ଟ ସଙ୍ଗୀତଜ୍ଞ ଉଦିତ ନାରାୟଣ ଏବଂ ଅଲ୍‌କା ୟାଗ୍ନିକ ଏହି ପ୍ରସିଦ୍ଧ ଗୀତକୁ ଗାଇଥିବା ବେଳେ ଏଥିରେ ଶାହରୁଖଙ୍କ ସହ ଅଭିନେତ୍ରୀ କାଜୋଲ ଓ ରାନୀ ମୁଖାର୍ଜୀ ଅଭିନୟ କରିଥିଲେ।

### ପଦ୍ମ ପୁରସ୍କାରକୁ ନେଇ ସୋନୁ ଅସନ୍ତୁଷ୍ଟ



**ମୁମ୍ବାଇ:** ସାଧାରଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ୧୩୯ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଚଳିତ ବର୍ଷର ପଦ୍ମ ପୁରସ୍କାର ବିଜେତା ଭାବେ ଘୋଷଣା କରାଯାଇଥିଲା। ତେବେ ଏହି ତାଲିକାକୁ ନେଇ ବିଶିଷ୍ଟ ଗାୟକ ତଥା ସଙ୍ଗୀତ ନିର୍ଦ୍ଦେଶକ ସୋନୁ ନିଗମ ସୋମବାର ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ମେସେଜ୍ ଜାରି କରି ଅସନ୍ତୋଷ ପ୍ରକାଶ କରିଛନ୍ତି। କିଶୋର କୁମାର, ଅଲକା ୟାଗ୍ନିକ, ଶ୍ରେୟା ଘୋଷାଲ, ସୁନିଧି ଚୌହାନଙ୍କ ପରି ଅନେକ ଖ୍ୟାତନାମା ଭାରତୀୟ ସଙ୍ଗୀତଜ୍ଞଙ୍କୁ ଏବେ ମଧ୍ୟ ପଦ୍ମ ପୁରସ୍କାର ମିଳିନାହିଁ ବୋଲି ସେ କହିଛନ୍ତି। ସେହିପରି ପ୍ରଖ୍ୟାତ ସଙ୍ଗୀତଜ୍ଞ ମହମ୍ମଦ ରଫିଙ୍କୁ ଭାରତ ସରକାର କେବଳ ପଦ୍ମଶ୍ରୀ ସମ୍ମାନ ଦେଇ ବସିଯାଇଛନ୍ତି। ସୋନୁ ଆହୁରି କହିଛନ୍ତି, ଅଲ୍‌କାଙ୍କର ସଙ୍ଗୀତ ଜଗତରେ ଲମ୍ବା କ୍ୟାରିୟର ରହିଛି। ଏହାସତ୍ତ୍ୱେ ମଧ୍ୟ ତାଙ୍କୁ ବର୍ତ୍ତମାନ ସୁଦ୍ଧା ଭାରତ ସରକାରଙ୍କ ପକ୍ଷରୁ କୌଣସି ସମ୍ମାନ ମିଳିନାହିଁ। ସେହିପରି ଦୀର୍ଘବର୍ଷ ଧରି ଶ୍ରେୟା ମଧ୍ୟ ସଙ୍ଗୀତ କ୍ଷେତ୍ରରେ ନିଜ ଯୋଗ୍ୟତାକୁ ପ୍ରଦର୍ଶିତ କରିଛନ୍ତି। ସେ ମଧ୍ୟ ପଦ୍ମ ପୁରସ୍କାର ପାଇବାକୁ ଯୋଗ୍ୟ। ସେହିପରି ସୁନିଧି ନିଜ ସୁମଧୁର ସ୍ୱରରେ ଅନେକ ଗୀତ ଗାଇ ବିଭିନ୍ନ ପିଢ଼ିର ଲୋକଙ୍କ ମନ ଜିଣିପାରିଛନ୍ତି। ତାଙ୍କୁ ମଧ୍ୟ ଏଯାଏ କିଛି ବି ସମ୍ମାନ ମିଳିନାହିଁ। ତେଣୁ ଭାରତ ସରକାର ସଙ୍ଗୀତଜ୍ଞମାନଙ୍କୁ ସେମାନଙ୍କର କଳା ଓ ସାମର୍ଥ୍ୟକୁ ଦୃଷ୍ଟିରେ ରଖି ସମ୍ମାନିତ କରିବାର ଆବଶ୍ୟକତା ରହିଛି, ଯାହାଫଳରେ ସଙ୍ଗୀତ କ୍ଷେତ୍ରରେ କାର୍ଯ୍ୟ କରିବାକୁ ନୂତନ ଯୁବପିଢ଼ି ମଧ୍ୟ ପ୍ରେରଣା ପାଇପାରିବେ। ୨୦୨୨ରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ସୋନୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ।

## ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ

### ଡେଟା ଗୋପନୀୟତା ଦିବସ

**ଡେଟା** ଗୋପନୀୟତା ଦିବସ ହେଉଛି ଏକ ଅନ୍ତର୍ଜାତୀୟ ଦିବସ। ଏହା ପ୍ରତିବର୍ଷ ୨୮ ଜାନୁଆରୀରେ ପାଳିତ ହୋଇଥାଏ। ଏହି ଦିବସର ଉଦ୍ଦେଶ୍ୟ ହେଉଛି ସଚେତନତା ସୃଷ୍ଟି କରିବା ଏବଂ ଗୋପନୀୟତା ତଥା ତଥ୍ୟ ସୁରକ୍ଷା ସର୍ବୋତ୍ତମ ଅଭ୍ୟାସକୁ ପ୍ରୋତ୍ସାହିତ କରିବା। ଏହା ଆମେରିକା, କାନାଡା, କାତାର, ନାଇଜେରିଆ, ଇସ୍ରାଏଲ ସମେତ ୪୭ଟି ୟୁରୋପୀୟ ଦେଶରେ ପାଳନ କରାଯାଇଥାଏ।

ଏହି ଦିବସ ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିଥାଏ, ଯାହା ଟେକ୍ନୋଲୋଜି ଉପକରଣଗୁଡ଼ିକର ବିକାଶକୁ ଉତ୍ସାହିତ କରି ବ୍ୟକ୍ତିଗତ ଚିହ୍ନଟଯୋଗ୍ୟ ସୂଚନା ଉପରେ ବ୍ୟକ୍ତିଗତ ନିୟନ୍ତ୍ରଣକୁ ପ୍ରୋତ୍ସାହିତ କରିଥାଏ। ଗୋପନୀୟତା ନିୟମ ଏବଂ ନିୟମାବଳୀକୁ ପାଳନ କରିବାକୁ ଏହି ଦିବସ ଉତ୍ସାହିତ କରିଥାଏ। ଏହି ଅନ୍ତର୍ଜାତୀୟ ଦିବସ ସରକାର, ଶିଳ୍ପ, ଏକାଡେମୀ, ଅଣ-ଲାଭକାରୀ ସଂସ୍ଥା, ଗୋପନୀୟତା ବୃତ୍ତିଗତ ତଥା ଶିକ୍ଷାବିତ୍‌ଙ୍କ ମଧ୍ୟରେ ସହଯୋଗ ପାଇଁ ସୁଯୋଗ ପ୍ରଦାନ କରିଥାଏ।



ବ୍ୟକ୍ତିଗତ ତଥ୍ୟର ସ୍ୱୟଂଚାଳିତ ପ୍ରକ୍ରିୟାକରଣ ସମ୍ବନ୍ଧରେ ବ୍ୟକ୍ତିବିଶେଷଙ୍କ ସୁରକ୍ଷା ସମ୍ମିଳନୀ ୨୮ ଜାନୁଆରୀ ୧୯୮୧ରେ ୟୁରୋପର ପରିଷଦ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା। ୟୁରୋପୀୟ ପରିଷଦ ଦ୍ୱାରା ପ୍ରଥମେ ୨୦୦୭ରେ ଡେଟା ସୁରକ୍ଷା ଦିବ ଦିବସ ଭାବରେ ଏହା ପାଳିତ ହୋଇଥିଲା। ଦୁଇ ବର୍ଷ ପରେ, ୨୬ ଜାନୁୟାରୀ ୨୦୦୯ରେ, ଆମେରିକା ହାଉସ ଅଫ କମନ୍ସ ଏହି ଦିବସ ଜାନୁଆରୀ ୨୮ରେ ପାଳନ କରାଯିବା ଲାଗି ଘୋଷଣା କରିଥିଲେ।

# ୨ କୋଟି ଟଙ୍କା ପାଇଁ ୪ ଜଣଙ୍କୁ ମୁଣ୍ଡ ଜାମିନ

■ ୪ ଦିନ ପରେ ଅପହୃତଙ୍କୁ ଉଦ୍ଧାର କଲା ପୋଲିସ, ଜଣେ ଗିରଫ

■ ନାଗସାପ ଦେଖାଇ ଭୟଭୀତ କରୁଥିଲେ ଅଭିଯୁକ୍ତ

ବ୍ରହ୍ମପୁର/ଦିଗପହଣ୍ଡି/ଚିକିଟି, ୨୭।୧ (ସୁବାସ ଚନ୍ଦ୍ର ପାଢ଼ୀ/ ଅଶେଷ ନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ)

ଦୁଇ କୋଟି ଟଙ୍କା ପାଇଁ ଗତ ୪ ଦିନ ହେଲା ଗଞ୍ଜାମ ଜିଲାରେ ଅପହରଣକାରୀଙ୍କ କବଳରେ ଥିବା ଏକ ଫାଇନାନ୍ସ ସଂସ୍ଥାର ୪ କର୍ମଚାରୀ ସୋମବାର ଉଦ୍ଧାର ହୋଇଛନ୍ତି। ଅପହରଣକାରୀଙ୍କ କବଳରୁ ଜଣେ ଖସିଆସି ପୋଲିସର ଦ୍ୱାରସ୍ଥ ହେବା ପରେ ସମସ୍ତଙ୍କୁ ଉଦ୍ଧାର କରାଯାଇଛି। ସେମାନେ ହେଲେ ଘରୋଇ ଫାଇନାନ୍ସ ସଂସ୍ଥାର ଏଜେଣ୍ଟ ବିହାରର ରବୀନ୍ଦ୍ର କୁମାର, କଟକ ଜିଲା ଗୋବିନ୍ଦପୁର ଗ୍ରାମର ବୃନ୍ଦାବନ ପାତ୍ର, କଟକ ତୁଳସୀପୁର ମଠସାହିର ଅହମ୍ମଦ ଖାନ୍, ଭୁବନେଶ୍ୱର ପାହାଳ ଥାନା ଅନ୍ତର୍ଗତ ଗଡ଼ ନହରକଣ୍ଠା ଗ୍ରାମର ଅମରଜିତ୍ ସାମନ୍ତସିଂହାର। ଅପହରଣକାରୀମାନେ ଏମାନଙ୍କୁ କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟିଗଡ଼ ତହସିଲ କାର୍ଯ୍ୟାଳୟ ପଛପଟେ ଥିବା ଏକ ଅବ୍ୟବହୃତ କୁଡିଆରେ ହାତଗୋଡ଼ ବାନ୍ଧି ନିସ୍ତୁକ ମାଡ଼ ମାରିବା ସହ ନାଗସାପ ଆଣି ଦଂଶନ ଭୟ ଦେଖାଉଥିଲେ। ପୋଲିସ ଉକ୍ତ କୁଡିଆକୁ ସିଲ୍ କରିବା ସହ ୩ଟି ସାପ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ କେ.ନୂଆଗାଁ ଥାନା ଭୋଲାସିଙ୍ଗି ଗ୍ରାମର ପୃଥ୍ୱୀରାଜ ସାହୁଙ୍କୁ ଗିରଫ କରାଯାଇଛି। ମାଷ୍ଟରମାଇଣ୍ଡ ବ୍ରହ୍ମପୁରର ହୋଇଥିବା ବେଳେ ଏଥିରେ ଜିଲାର ୧୦ଜଣିଆ ଗ୍ୟାଙ୍ଗ ସାମିଲ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ବ୍ରହ୍ମପୁର ଏସ୍‌ପି ଡ.ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଅଭିଯୁକ୍ତ ପୃଥ୍ୱୀରାଜ ଏବଂ ତାଙ୍କ ସହଯୋଗୀମାନେ ଫାଇନାନ୍ସ ସଂସ୍ଥାର କର୍ମଚାରୀ ରବୀନ୍ଦ୍ରଙ୍କୁ ଏକ ପ୍ରୋଜେକ୍ଟ ପାଇଁ ଟଙ୍କା ଆବଶ୍ୟକ ଥିବା ବାହାନାରେ ଡକାଇଥିଲେ। ତେଣୁ ଗତ ଗୁରୁବାର ରବୀନ୍ଦ୍ରଙ୍କ ସମେତ ସଂସ୍ଥାର ଅନ୍ୟ ୩ କର୍ମଚାରୀ ଭୁବନେଶ୍ୱରରୁ ବ୍ରହ୍ମପୁର ଆସିଥିଲେ। ଅଭିଯୁକ୍ତମାନେ ସେମାନଙ୍କୁ ୨ଟି କାରରେ ନେଇ ନିସ୍ତୁକ ମାଡ଼ ମାରି ୨ କୋଟି ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପରେ ଚିକିଟି ନିକଟ କେରାଣ୍ଡିମାଳ ଜଙ୍ଗଲକୁ ନେଇ ମାଡ଼ ମାରିଥିଲେ। ସେଠାରୁ ଚିକିଟିଗଡ ଗ୍ରାମସ୍ଥିତ ଏକ ପରିତ୍ୟକ୍ତ କୁଡିଆରେ ହାତଗୋଡ ବାନ୍ଧି ପକାଇ ରଖିବା ସହ ସାପ ଆଣି ଦଂଶନ ଭୟ ଦେଖାଉଥିଲେ। ଅପହୃତ ରବୀନ୍ଦ୍ର କୌଶଳକ୍ରମେ ସୋମବାର ଭୋରରେ ଅପହରଣକାରୀଙ୍କ କବଳରୁ ଖସିଆସି ନିକଟରେ ଥିବା ଚିକିଟି ତହସିଲଦାରଙ୍କ କ୍ୱାର୍ଟର ଭିତରେ ପଶିଯାଇ ଆମକୁ ରକ୍ଷା କର ବୋଲି ଚିତ୍କାର କରିଥିଲେ। ତହସିଲଦାର ବିଶ୍ୱରଞ୍ଜନ କଅଁର ଘଟଣା ସମ୍ପର୍କରେ ଜାଣିବା ପରେ କେ.ନୂଆଗାଁ ଥାନା ଆଇଆଇସି କିଶୋର କୁମାର ସାମଲ ଏବଂ ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲଙ୍କୁ ଫୋନ ଯୋଗେ ଜଣାଇଥିଲେ। ପୋଲିସ ଟିମ୍ ସେଠାରେ ପହଞ୍ଚି ରବୀନ୍ଦ୍ରଙ୍କ ସୂଚନାକ୍ରମେ ଉକ୍ତ ପରିତ୍ୟକ୍ତ କୁଡିଆରୁ ଅନ୍ୟ ୩ ଜଣଙ୍କୁ ଉଦ୍ଧାର କରିଥିଲା। ସେଠାରେ ଗଞ୍ଜେଇ ଗଛସବୁ କଟାଯାଇ ଗଦା ହୋଇଥିବା ମଧ୍ୟ ଦେଖାଯାଇଥିଲା। ଖବରପାଇ ଅବକାରୀ ଟିମ୍ ପହଞ୍ଚି ସେଗୁଡିକୁ ନଷ୍ଟ କରିଛି। ରବୀନ୍ଦ୍ରଙ୍କ ଏତଲା ପ୍ରକାରେ କେ.ନୂଆଗାଁ ଥାନାରେ ଏକ ମାମଲା (ନଂ.୪୧/୨୫) ରୁଜୁ କରାଯାଇଛି। ପୋଲିସ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଉଛି। ଖୁବ୍‌ଶୀଘ୍ର ଫେରାର ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।


ଅପହରଣକାରୀଙ୍କ କବଳରୁ ଉଦ୍ଧାର ହୋଇଥିବା ଫାଇନାନ୍ସ ସଂସ୍ଥାର ୪ କର୍ମଚାରୀ।

# ଛାତ୍ରୀ ଆତ୍ମହତ୍ୟା ମାମଲାରେ ଶିକ୍ଷକଙ୍କୁ ୮ ବର୍ଷ ଜେଲ୍

ବ୍ରହ୍ମପୁର,୨୭।୧ (ସୁବାସ ଚନ୍ଦ୍ର ପାଢ଼ୀ)

ଯୌନ ଶୋଷଣ ସହି ନ ପାରି ଜଣେ ଛାତ୍ରୀଙ୍କ ଆତ୍ମହତ୍ୟା ମାମଲାର ବିଚାର ହୋଇଛି। ସୋମବାର ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ମାମଲାର ବିଚାର କରି ଟିଉଶନ ଶିକ୍ଷକ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ନିରଞ୍ଜନ ବେହେରା ଓରଫ କାଳିଆ(୩୫)ଙ୍କୁ ୮ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୭ମାସ ସଶ୍ରମ ଜେଲ ଦଣ୍ଡ ନିର୍ଦ୍ଦେଶ ରହିଛି। ସେହିପରି ମୃତ ଛାତ୍ରୀଙ୍କ ମା'ଙ୍କୁ ୨ ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାଳିଆ ଜଣେ ଟିଉଶନ ଶିକ୍ଷକ ଥିଲେ। ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ତାଙ୍କ ନିକଟରେ ପାଠ ପଢୁଥିଲେ। କାଳିଆ ନିଜ ଟିଉଶନ ଘରେ ତାଙ୍କୁ ଏକାଧିକ ଥର ଯୌନଶୋଷଣ କରିଥିଲେ। ତାଙ୍କୁ ବିବାହ ପାଇଁ କହିଥିଲେ। ଶେଷରେ ଛାତ୍ରୀଙ୍କୁ ସେ ବିବାହ କରିବାକୁ ମନା କରିଦେଇଥିଲେ। ଫଳରେ ମାନସିକ ଚାପରେ ଥିବା ପୀଡ଼ିତା ୨୦୧୯ ଅକ୍ଟୋବର ୧୯ ତାରିଖରେ କୀଟନାଶକ ପିଇ ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ନିକଟରୁ ସୁଇସାଇଡ଼ ନୋଟ ଜବତ କରିଥିଲା। ଝିଅ ଆତ୍ମହତ୍ୟା ନେଇ ବାପା ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅପମୃତ୍ୟୁ ମାମଲା (ନଂ.୨୭୪/୧୯) ରୁଜୁ କରି ଅଭିଯୁକ୍ତ କାଳିଆଙ୍କୁ ଗିରଫ ପରେ ୨୦୧୯ ଡିସେମ୍ବରରେ କୋର୍ଟ ଚାଲାଣ କରିଥିଲା। ତଦନ୍ତ ଅଧିକାରୀ ତତ୍କାଳୀନ ଏସଆଇ ରମେଶ ଚନ୍ଦ୍ର ପ୍ରଧାନ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ୨୦୨୧ ସେପ୍ଟେମ୍ବର ୨୦ ତାରିଖରେ କାଳିଆଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନା ସିଙ୍ଗାରି ମାମଲା ପରିଚାଳନା କରୁଥିଲେ।

# ବ୍ରହ୍ମପୁରରୁ ଅଭିଯୁକ୍ତଙ୍କୁ ଗିରଫ କଲା ପଶ୍ଚିମବଙ୍ଗ ପୋଲିସ

**ଆଇପିଏସ୍ କରାଇଦେବା ନାଁରେ ୪୬ ଲକ୍ଷ ଠକେଇ ମାମଲା**

ବ୍ରହ୍ମପୁର,୨୭।୧ (ସୁବାସ ଚନ୍ଦ୍ର ପାଢ଼ୀ)

ନିଜକୁ ମଧ୍ୟପ୍ରଦେଶର କ୍ରାଇମବ୍ରାଞ୍ଚ ସିଆଇଡିର ଏଡିଜିପି ବୋଲି ପରିଚୟ ଦେଇ ଆଇପିଏସ୍ ଚାକିରି ଦେବା ନାଁରେ ପଶ୍ଚିମବଙ୍ଗ ଅଞ୍ଚଳର ଜଣେ ଯୁବକଙ୍କଠାରୁ ୪୬ ଲକ୍ଷ ଟଙ୍କା ଠକେଇ ହୋଇଥିଲା। ଏହି ଘଟଣାରେ ବ୍ରହ୍ମପୁରରୁ ଜଣେ ଗିରଫ ହୋଇଛନ୍ତି। ପଶ୍ଚିମବଙ୍ଗ ସୁରି ଥାନାର ତଦନ୍ତକାରୀ ଅଧିକାରୀ ଭାସ୍କର ରାୟଙ୍କ ନେତୃତ୍ୱରେ ୩ ଜଣିଆ ଟିମ ନିମଖଣ୍ଡି ପୋଲିସ ସହାୟତାରେ ଲୋଚାପଡ଼ା ଶ୍ରୀମା ନଗରରେ ରହୁଥିବା ଜଗଦଲପୁର ମୂଳ ନିବାସୀ ଜି. କାହ୍ନା ପାତ୍ର(୨୫)ଙ୍କୁ ଗିରଫ କରିଛି। ଟିମ ତାଙ୍କୁ ସ୍ଥାନୀୟ ଏସଡିଜେଏମ କୋର୍ଟରେ ହାଜର କରିବା ପରେ ୫ ଦିନିଆ ଟ୍ରାଞ୍ଜିଟ ରିମାଣ୍ଡରେ ନେଇଛି। ପୋଲିସ ଟିମ କାହ୍ନାଙ୍କୁ ସେଠାକାର ବୀରଭୂମି ସିଜେଏମ୍‌ଙ୍କ କୋର୍ଟରେ ହାଜର କରିବ ବୋଲି ଜଣାପଡିଛି।

ପଶ୍ଚିମବଙ୍ଗ ବୀରଭୂମି ଜିଲା ସୁରି ଥାନା ଅଞ୍ଚଳର ସାୟନ ଚକ୍ରବର୍ତ୍ତୀ ଓ ତାଙ୍କ ମା' ଦେଢ଼ ବର୍ଷ ତଳେ ଅଭିଯୁକ୍ତ କାହ୍ନାଙ୍କ ସହ ଫେସବୁକରେ ପରିଚିତ ହୋଇଥିଲେ। କାହ୍ନା ନିଜକୁ ମଧ୍ୟପ୍ରଦେଶ କ୍ରାଇମବ୍ରାଞ୍ଚର ଅତିରିକ୍ତ ପୋଲିସ ଡିଜି ବୋଲି କହିଥିଲେ। ଏପରିକି ସାୟନଙ୍କୁ ଆଇପିଏସ ଚାକିରି କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏଥିପାଇଁ ଲକ୍ଷାଧିକ ଟଙ୍କା ଲାଗିବ ବୋଲି ସେ କହିଥିଲେ। ସାୟନଙ୍କ ମା' ପୁଅକୁ ଆଇପିଏସ କରାଇବାକୁ ଯାହା ଟଙ୍କା ଦରକାର ଦେବେ ବୋଲି କହିଥିଲେ। କାହ୍ନା ୨୦୨୩ ଅଗଷ୍ଟ ୧୭ ତାରିଖରେ ସାୟନଙ୍କୁ ହାୱାଡା ରେଳଷ୍ଟେଶନ ଏବଂ ପରେ କୋଲକତାର ଏକ ହୋଟେଲକୁ ଡାକି ତାଙ୍କଠାରୁ ଫିଟ୍‌ନେସ ସାର୍ଟିଫିକେଟ ଆଦି ନେଇଥିଲେ। ଏହି ଦେଢ଼ ବର୍ଷ ଭିତରେ ସାୟନ ଓ ତାଙ୍କ ମା'ଙ୍କ ଠାରୁ ସେ ବିଭିନ୍ନ ପର୍ଯ୍ୟାୟରେ ୪୬ ଲକ୍ଷ ଟଙ୍କା ନେଇସାରିଥିଲେ। ହେଲେ ଆଇପିଏସ ଚାକିରି ନ ମିଳିବାରୁ ସାୟନ ଠକେଇର ଶିକାର ହୋଇଥିବା ଜାଣି ସୁରି ଥାନାରେ ୨୦୨୪ ଅକ୍ଟୋବର ୧୦ ତାରିଖରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ପ୍ରକାରେ ନଂ.୪୯୮/୨୪ରେ ଏକ ମାମଲା ରୁଜୁ ହୋଇଥିଲା।


ଗିରଫ ଅଭିଯୁକ୍ତ।

# ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି

## ୫୦ ଲକ୍ଷ ଟଙ୍କାର ଅଳଙ୍କାର, ଅଢ଼େଇ ଲକ୍ଷ ଟଙ୍କା ଲୁଟ ଅଭିଯୋଗ


ଭୁବନେଶ୍ୱର,୨୭।୧ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଦିନକୁ ଦିନ ଚୋରଙ୍କ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ପୂରା ସହର କମିଶନରେଟ୍ ପୋଲିସର ସୁରକ୍ଷା ବଳୟରେ ଥିବାବେଳେ ଦୁର୍ବୃତ୍ତମାନେ ଏହାକୁ ଭୟ କରୁନାହାନ୍ତି। କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଘରକୁ ମଧ୍ୟ ଚୋର ଛାଡ଼ିନାହାନ୍ତି। ନିରଞ୍ଜନଙ୍କ ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ଏନ୍ ୨/୨୯ ଘରୁ ଶନିବାର-ରବିବାର ବିଳମ୍ବିତ ରାତିରେ ଜଣେ ଚୋର କଳାକନା ବୁଲାଇଛନ୍ତି। ଘରର ଦ୍ୱିତୀୟ ମହଲାରେ ଥିବା ବଡ଼ପୁଅ ଦେବଜ୍ୟୋତିଙ୍କ ବେଡ୍‌ରୁମ୍‌ରୁ ପ୍ରାୟ ୫୦ ଲକ୍ଷ ଟଙ୍କାର ଅଳଙ୍କାର ଓ ନଗଦ ୨.୫ଲକ୍ଷ ନଗଦ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ରବିବାର ନୟାପଲ୍ଲୀ ଥାନାରେ ଦେବଜ୍ୟୋତିଙ୍କ ଏତଲାକ୍ରମେ ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୩୦୫ ଓ ୩୩୧(୪)ରେ ଏକ ମାମଲା (ନଂ.୨୬/୨୦୨୫) ରୁଜୁ କରି ତଦନ୍ତ କରିଛି। ଜଣେ ଚୋର ଏହି କାଣ୍ଡ ଘଟାଇଥିବାବେଳେ ଘରେ ଲାଗିଥିବା ସିସିଟିଭିରେ ଏହାର ଦୃଶ୍ୟ କଏଦ ହୋଇଛି। ଗ୍ଲୋବ୍‌ସ ଓ ମୁଖା ପିନ୍ଧି ଅଭିଯୁକ୍ତ ଜଣଙ୍କ ଚୋରି କରୁଥିବା ସିସିଟିଭି ଦୃଶ୍ୟରୁ ଦେଖିବାକୁ ମିଳିଛି। ତେବେ ଏହି ଘଟଣାକୁ ୩୯ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଥିବାବେଳେ ଏଯାଏ ଅଭିଯୁକ୍ତଙ୍କୁ ପୋଲିସ ଧରିପାରିନାହିଁ। ଦେବଜ୍ୟୋତି ଓ ତାଙ୍କ ସ୍ତ୍ରୀ ଘରେ ନ ଥିବାବେଳେ ଏହାର ସୁଯୋଗ ନେଇ ଚୋରି ହୋଇଛି। ରାତି ପ୍ରାୟ ୨ଟା ୩୦ରେ ଚୋର ଜଣଙ୍କ ଘରେ ପଶିଥିବା ଦେବଜ୍ୟୋତି ଏତଲାରେ ଉଲ୍ଲେଖ କରିଛନ୍ତି। ନିରଞ୍ଜନଙ୍କ ଘରେ ବନ୍ଧୁକଧାରୀ ସୁରକ୍ଷାକର୍ମୀ, ପିଏସ୍‌ଓ ଓ କୁକୁର ଥିବାବେଳେ ଜଣେ ଚୋର କିଭଳି ଏହି କାଣ୍ଡ ଘଟାଇଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏତଲା ଅନୁଯାୟୀ, ରାତି ପ୍ରାୟ ୩ଟା ୪୦ ବେଳେ ଦେବଜ୍ୟୋତିଙ୍କ ସାନପୁଅ ଆଲାର୍ମ ଶୁଣି ସୁରକ୍ଷାକର୍ମୀଙ୍କୁ ଜଣାଇଥିଲେ। ବେଡରୁମ୍‌ର ଭିତର ପଟୁ ଚୋର ଜଣଙ୍କ କବାଟ ଲକ୍ କରିଥିବା ଜଣାପଡ଼ିଥିଲା। ଏହାପରେ ମାଷ୍ଟର କି ଜରିଆରେ ସୁରକ୍ଷାକର୍ମୀ କବାଟ ଖୋଲିଥିଲେ। ତେବେ ବେଡ୍‌ରୁମର ଝରକା ଖୋଲାଥିବା ଦେଖିବାକୁ ପାଇଥିଲେ। ଏଥିସହ ୱାର୍ଡରୋବ୍ ଖୋଲାହୋଇଥିବା ବ୍ରିଫ୍‌କେସ୍‌କୁ ଭଙ୍ଗାଯାଇ ଖୋଲାଯାଇଥିଲା। ଏହି ଘଟଣା ସମ୍ପର୍କରେ ସୋମବାର ଡିସିପି ପିନାକ ମିଶ୍ର କହିଛନ୍ତି, ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଟିମ୍ ଚେଷ୍ଟା କରୁଛନ୍ତି। କିଛି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ମିଳିଛି। ବିଭିନ୍ନ ଦିଗରୁ ତଦନ୍ତ କରାଯାଉଛି। ଏହି ମାମଲାରେ ଖୁବ୍‌ଶୀଘ୍ର ସଫଳତା ମିଳିବ ବୋଲି ଡିସିପି ମିଶ୍ର କହିଛନ୍ତି।

ତେବେ ଅନ୍ୟପକ୍ଷରେ ଗତ ଡିସେମ୍ବର ୨୦ରେ ନିରଞ୍ଜନଙ୍କ ୫ଟି ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନେ ଚଢ଼ାଉ କରିଥିଲେ। ସେହି ସମୟରେ ଇଡି ପକ୍ଷରୁ କ'ଣ ସବୁ ଜବତ ହୋଇଥିଲା ସେନେଇ କିଛି ସୂଚନା ଦିଆଯାଇ ନ ଥିଲା। ଏବେ ନିରଞ୍ଜନଙ୍କ ଘରୁ ୫୦ଲକ୍ଷ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ କରାଯିବା ପରେ ଏହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ତେବେ ଇଡିର ଚଢ଼ାଉ ଦିଗକୁ ନେଇ ତଦନ୍ତ ହେଉଛି କି ନାହିଁ ଡିସିପି ମିଶ୍ରଙ୍କୁ ପଚାରିବାରୁ ସେ ଏନେଇ କିଛି ଜାଣି ନ ଥିବା କହିଛନ୍ତି।

ଅପରପକ୍ଷରେ ନିରଞ୍ଜନ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଏହି ଘଟଣା କେବଳ ମୋର ପରିବାର ପାଇଁ ନୁହେଁ, ବରଂ ସମସ୍ତ ଭୁବନେଶ୍ୱରବାସୀଙ୍କ ସୁରକ୍ଷାକୁ ନେଇ ମୁଁ ଚିନ୍ତିତ। ସରକାରଙ୍କ ଅବହେଳା କାରଣରୁ ଆଜି ଆମ ଘର, ଆମ ସାହି ଏବଂ ଆମ ସମ୍ପଦ ବିପଦରେ ପଡ଼ିଛି। ଓଡିଶା ପୋଲିସ ଜନତାଙ୍କ ସୁରକ୍ଷାକୁ ନିଶ୍ଚିତ କରନ୍ତୁ ଏବଂ ଏହା ଭାଜପା ସରକାରଙ୍କ ସର୍ବପ୍ରଥମ ପ୍ରାଥମିକତା ହେବା ଉଚିତ। ଭୁବନେଶ୍ୱରକୁ ସୁରକ୍ଷିତ କରନ୍ତୁ ବୋଲି ନିରଞ୍ଜନ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।


ସିସିଟିଭିରେ କଏଦ ଚୋରି ବେଳର ଦୃଶ୍ୟ।

# ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ସୁନ୍ଦରଗଡ଼,୨୭।୧ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଦୌରା ଜଜ୍ ଶିଖାରାଣୀ ରଥ ସୋମବାର ଏକ ବଳାତ୍କାର ମାମଲାରେ ଅଭିଯୁକ୍ତ ଶୀରଧର ଡମ (୬୫)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୧୦ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ପାଇଁ ତାଙ୍କ ରାୟରେ ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁସାରେ, ଗତ ୧୩।୦୩.୨୦୨୨ ଅପରାହ୍ନ ପ୍ରାୟ ୩ଟାରେ ତଳସରା ଥାନା ଅନ୍ତର୍ଗତ ବନଡେଗା(ସର୍ଜଘାଂ)ଠାରେ ଜଣେ ଯୁବତୀଙ୍କୁ ଏକୁଟିଆ ପାଇ ଶୀରଧର ତାଙ୍କୁ ନିକଟସ୍ଥ ଖାଲୁଆ ଜାଗାକୁ ନେଇ ବଳାତ୍କାର କରିଥିଲେ। ଯୁବତୀ ଜଣକ ମାନସିକ ବିକୃତ ବୋଲି ଜଣାପଡିଛି। ଏନେଇ ତଳସରା ଥାନାରେ ପୀଡିତାଙ୍କ ଭାଉଜ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ତଦନ୍ତକାରୀ ଅଫିସର ତଳସରା ଥାନାରେ ୫୨/୨୦୨୨ରେ ମାମଲା ରୁଜୁ କରିଥିଲେ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଥାକୁଲାଟାକୁ ଥାକୁଲିଟାଏ**
**ବିହି ଖଞ୍ଜିଛି ଏକାଠାଏଁ।**

ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ବେଳେ ସ୍ଥୂଳକାୟ ଦମ୍ପତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଥିଲେ ଚିରାକନା ଯାଉ ମାଠ**
**ଏଥିପାଇଁ କିଆଁ କାଠ କାଠ?**

ମଣିଷର ଆଭିଜାତ୍ୟ ଟିକିଏ ବଞ୍ଚିରହିଲେ ସିଏ ସେଇ ଅନୁଭବରେ ହିଁ ଆନନ୍ଦ ପାଇଥାଏ। ଚଳନ୍ତି ବହୁ ମୂଲ୍ୟର ସାମଗ୍ରୀ ସେଇ ସେତକ ଆନନ୍ଦ ତୁଳନାରେ କିଛି ନୁହେଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମାନସିକ ଅନଗ୍ରସର ଥଇଥାନ କେନ୍ଦ୍ର ଅନ୍ତେବାସୀଙ୍କୁ ନିର୍ଯାତନା

**ଭିଡିଓ ଭାଇରାଲ ପରେ ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ**

ସମ୍ବଲପୁର,୨୭।୧ (ପ୍ରମୋଦ ବହିଦାର)

ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ନେତାଜୀ କଲୋନୀରେ ଥିବା ସମର୍ଥ ମାନସିକ ଅନଗ୍ରସର ଥାଇଥାନ କେନ୍ଦ୍ର ଅନ୍ତେବାସୀଙ୍କୁ ମାତ୍ରାଧିକ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ନିର୍ଯାତନାର ଭିଡିଓ ଭାଇରାଲ ହେବା ପରେ ସହରରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଗଭୀର ଉଦ୍‌ବେଗ ପ୍ରକାଶ କରି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଭିଯୋଗର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପରେ ସମର୍ଥ ସଂସ୍ଥାରେ ଏସ୍‌ଡିପିଓ ତୋଫାନ ବଗଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଚଢ଼ାଉକୁ ନେଇ ଏସ୍‌ଡିପିଓ ବାଗ କହିଛନ୍ତି, ଘଟଣାର ଅନୁସନ୍ଧାନ ପାଇଁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର ମହାନନ୍ଦଙ୍କୁ ଖବର ଦିଆଯାଇଥିଲା। ସାମାଜିକ ସୁରକ୍ଷା ଅଧିକାରୀଙ୍କ ରିପୋର୍ଟ ମିଳିଲା ପରେ ସଂସ୍ଥାର ମାଲିକ, ସମ୍ପାଦକ ତଥା ଘଟଣାରେ ସମ୍ପୃକ୍ତ ସହାୟିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଅପରପକ୍ଷରେ ଭାଇରାଲ ହୋଇଥିବା ଭିଡିଓରେ ଜଣେ ମହିଳା ଅନ୍ତେବାସୀଙ୍କୁ ତଳେ ପକାଇ ସଂସ୍ଥାର ଜଣେ ପୁରୁଷ ଓ ଜଣେ ମହିଳା ମୁଥ, ଗୋଇଠା ମାରିବା ଏବଂ ବାଡ଼ି, ବେତରେ ପିଟୁଛନ୍ତି। ମାଡ଼ ଖାଉଥିବା ମହିଳା ଜଣକ ବେହୋସ ହୋଇଯାଉଥିବା ଦେଖିବାକୁ ମିଳିଛି। ମାଡ଼ ମାରୁଥିବା ବ୍ୟକ୍ତି ସଂସ୍ଥାର ସମ୍ପାଦକ ହରିଶ ଚନ୍ଦ୍ର ଦାଶ ଓ ଅନ୍ୟ ଜଣେ ସହାୟିକା ମହିଳା ବୋଲି ଭିଡିଓରେ ଜଣାପଡୁଛି। ଏପରିକି ସେମାନେ ମହିଳା ଓ ପୁରୁଷ ଅନ୍ତେବାସୀଙ୍କୁ ଗୋଟିଏ ସ୍ଥାନରେ ଏକାଠି ଗାଧୋଇ ଦେବାର ଭିଜୁଆଲ ମଧ୍ୟ ଭାଇରାଲ ହୋଇଛି। ପ୍ରତିଦିନ କେତେକ ଅନ୍ତେବାସୀଙ୍କୁ ମାତ୍ରାଧିକ ଡୋଜ ନିଶା ଔଷଧ ଦିଆଯାଉଥିବାରୁ ସେମାନେ ଦୁଇଦିନ ପର୍ଯ୍ୟନ୍ତ ଅଚେତ ହୋଇ ଶୋଇ ରହିଥାନ୍ତି। ସମୟ ସମୟରେ ଏଥିପାଇଁ କେତେକ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଛି ବୋଲି ଏଠାରେ ପୂର୍ବରୁ କାର୍ଯ୍ୟ କରୁଥିବା କେତେଜଣ ମହିଳା କର୍ମଚାରୀ ଓ ଅନ୍ତେବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏହାକୁ ନେଇ ସଂସ୍ଥାର ମହିଳା ସହାୟିକା କହିଛନ୍ତି, ମହିଳା ମାନସିକ ରୋଗୀ ଜଣକ ତାଙ୍କୁ ବାଡେଇବାରୁ ସେ ତାଙ୍କୁ ମାଡ଼ ମାରିଥିଲେ। ଅପରପକ୍ଷରେ ଏଠାରେ ମାନସିକ ଅନଗ୍ରସର ରୋଗୀଙ୍କୁ ମାଡ଼ ମାରିବା ବା କୌଣସି ପ୍ରକାର ଶାରୀରିକ ନିର୍ଯାତନା ଦିଆଯାଏ ନାହିଁ ବୋଲି ସେ କହିଛନ୍ତି। ମହିଳା ଅନ୍ତେବାସୀଙ୍କୁ ସମ୍ପାଦକ ଦାସ ମାଡ଼ ମାରୁଥିବା ଭିଡିଓରେ ସ୍ପଷ୍ଟ ଜଣା ପଡୁଥିଲେ ସୁଦ୍ଧା ସେ କାହାକୁ ମାଡ଼ ମାରି ନ ଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ଏହି କେନ୍ଦ୍ରରେ ଉଭୟ ମହିଳା ଓ ପୁରୁଷ ମାନସିକ ଅନଗ୍ରସରଙ୍କୁ ରଖାଯାଇଥାଏ।



ନେତାଜୀ ନଗରସ୍ଥିତ ସମର୍ଥ ମାନସିକ ଅନଗ୍ରସର ଥଇଥାନ କେନ୍ଦ୍ର।

**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ
୧୮/୧, ଅଇଁଠାପାଲି ରୋଡ୍, ସମ୍ବଲପୁର,
ଫୋନ୍: ୦୬୬୩-୨୫୪୦୬୪୦

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍ ୮(୧)]

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ, ଆଇନଗତ ଖର୍ଚ୍ଚ, ଆଇନଗତ ଦେୟ ଉତ୍ୟାଦି ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ୟୁକୋ ବ୍ୟାଙ୍କର ବ୍ରଜରାଜନଗର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତା ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ବ୍ରଜରାଜନଗର ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଉଷା ଇଞ୍ଜିନିୟରିଙ୍ଗ୍, ସ୍ୱତ୍ତ୍ୱାଧିକାରୀ: ସୁଶାନ୍ତ ବେନିଆ,** ସା: ସାନଯୋବ, ଲମଟିବାହାଲ, ପୋ: ବ୍ରଜରାଜନଗର, ଜିଲ୍ଲା: ଝାରସୁଗୁଡା, ପିନ୍-୭୬୮୨୧୬ | ୧) ଟ.୨,୨୯,୯୫୫.୬୮ ୨) ଟ.୧,୪୧,୬୩୬.୯୭ (୩୦.୦୩.୨୦୨୪ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | ୨୨.୦୫.୨୦୨୪ / ୨୨.୦୧.୨୦୨୫ | ମୂଲ୍ୟସୂଚୀ/ବିଲ୍ ଅନୁସାରେ କାଗଜ ପତ୍ରରେ ଦର୍ଶିତ ବନ୍ଧକପ୍ରାପ୍ତ ଚଳିତ ସମ୍ପତ୍ତି ସହିତ ଷ୍ଟକ୍ସ, ବୁକ ଡେବଟ୍‌ସ, ପ୍ରାପ୍ୟ, ବ୍ୟବହୃତ ଷ୍ଟୋର୍ସ, ଯନ୍ତ୍ରାଂଶ, ଅସ୍ଥାବର ସମ୍ପତ୍ତି ଏବଂ କାରଖାନା ଏବଂ କଳକବ୍ଜା ସହିତ ସ୍ଥାବର ସମ୍ପତ୍ତି ଇତ୍ୟାଦି |
| **ଋଣଗ୍ରହୀତା: ମେସର୍ସ ଉତ୍କଳ ଫର୍ଣ୍ଣିଚର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମନୋଜ କୁମାର ଲାୟା (ଋଣଗ୍ରହୀତା),** ପିତା: ସୋହନ ଲାଲ ଲାୟା, ସା: ମେନ୍ ରୋଡ୍, ଜଗନ୍ନାଥ ମନ୍ଦିର ପଛପାର୍ଶ୍ୱ, ବ୍ରଜରାଜନଗର, ଜିଲ୍ଲା: ଝାରସୁଗୁଡା, ପିନ୍-୭୬୮୨୧୬ | ୧) ଗୃହ ଋଣ: ଟ.୧୦,୩୧,୬୫୪.୧୪ (୩୦.୦୮.୨୦୨୪ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ୨) ଗୃହ ଋଣ: ଟ.୫,୦୭,୦୧୧.୯୦ (୩୦.୦୭.୨୦୨୪ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ୩) ମେସର୍ସ ଉତ୍କଳ ଫର୍ଣ୍ଣିଚର:ଟ.୩,୪୪,୫୩୮.୪୬ (୩୦.୦୪.୨୦୨୧ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | ୩୦.୦୯.୨୦୨୪ / ୨୨.୦୧.୨୦୨୫ | **ଶ୍ରୀ ମନୋଜ କୁମାର ଲାୟା,** ପିତା: ସୋହନ ଲାଲ ଲାୟା, ମେନ୍ ରୋଡ୍, ବ୍ରଜରାଜନଗରଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୭୪୭/୧୯୭୦, ପ୍ଲଟ୍ ନଂ.: ୮/୮୫୨୨, ମୌଜା: ଝାରସୁଗୁଡା ଟାଉନ୍ ୟୁନିଟ୍ ନଂ.: ୨, କ୍ଷେତ୍ର: ଏକର୦.୦୬୭ ଡିସିମିଲି |

ସ୍ଥାନ: ସମ୍ବଲପୁର, ତାରିଖ: ୨୭.୦୧.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭିତ୍ତିଭୂମି ପ୍ରଗତିରେ ବେଦାନ୍ତର ଉଲ୍ଲେଖନୀୟ ଯୋଗଦାନ

**ନୂଆଦିଲ୍ଲୀ,୨୭।୧**



ବେଦାନ୍ତ ଲିମିଟେଡ ଓଡ଼ିଶାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରି ରାଜ୍ୟର ଅସୀମ ସମ୍ଭାବନାକୁ ନିକଟରେ ଉନ୍ମୋଚିତ କରିଛି। ଏପରିକି ଓଡ଼ିଶାର ପରିବର୍ତ୍ତନ ଯାତ୍ରାରେ ବେଦାନ୍ତ ଯୋଗ ଦେଇଛି। ରାଜ୍ୟର ଅର୍ଥନୈତିକ ଓ ଭିତ୍ତିଭୂମି ପ୍ରଗତିରେ ବେଦାନ୍ତ ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଛି। ବିଶେଷକରି ଦକ୍ଷିଣ ପୂର୍ବ ଏସିଆ ପାଇଁ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର ହୋଇଥିଲାବେଳେ ବିଶ୍ୱ ମୂଲ୍ୟ ଶୃଙ୍ଖଳାରେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦ୍ରୁତଗତିରେ ବିସ୍ତାର ହେବାକୁ ଯାଉଛି। ସେହିଭଳି ମେକ୍ ଇନ୍ ଓଡ଼ିଶା ଓ ଅନ୍ୟାନ୍ୟ ରଣନୈତିକ ପଦକ୍ଷେପ ପରି ରଣନୀତି ମାଧ୍ୟମରେ ସରକାର ରାଜ୍ୟରେ ବ୍ୟବସାୟ କରିବାର ସୁଗମତାକୁ ବୃଦ୍ଧି ଉପରେ ଧ୍ୟାନ ଦେଉଛନ୍ତି, ଯାହା ଫଳରେ ଏହାକୁ ନିବେଶକମାନଙ୍କ ଲାଗି ଏକ ଆକର୍ଷଣୀୟ ସୁଯୋଗ ସୃଷ୍ଟି କରିଛି। ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ପ୍ରଚୁର ପ୍ରାକୃତିକ ସମ୍ପଦ ସହ ରାଜ୍ୟ ଏକ ସନ୍ତୁଳିତ ଅଭିବୃଦ୍ଧି ମଡେଲରେ ବିକଶିତ ହେଉଛି, ଯାହା ଜନସାଧାରଣଙ୍କୁ ବିଶେଷ ଲାଭ ପ୍ରଦାନ କରୁଛି। ଶିକ୍ଷା, ଦକ୍ଷତା ବିକାଶ ଲାଗି ସୁଯୋଗ ବୃଦ୍ଧି ହୋଇଛି ଓ ଓଡ଼ିଶା ନିରନ୍ତର ଅଗ୍ରଗତି ପଥରେ ଆଗକୁ ବଢ଼ି ଚାଲିଛି। ସେହିପରି ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିରେ ଏକ ପ୍ରମୁଖ ବାହକ ହୋଇଛି। ଓଡିଶାର ଲାଞ୍ଜିଗଡ଼ଠାରେ କମ୍ପାନୀର ୩.୫ ଏମଟିପିଏ ଆଲୁମିନା ରିଫାଇନାରି ଓ ଝାରସୁଗୁଡ଼ାଠାରେ ବିଶ୍ୱର ବୃହତ ଆଲୁମିନିୟମ ସ୍ମେଲଟର ମଧ୍ୟରୁ ଗୋଟିଏ ପରିଚାଳିତ ହେଉଛି, ଯାହାର ବାର୍ଷିକ କ୍ଷମତା ୧.୮ ନିୟୁତ ଟନ୍ ରହିଛି। ଏହାକୁ କମ୍ପାନୀ ବିଶ୍ୱର ୧ ନିୟୁତ ଟନ୍ କ୍ଲବରେ ସାମିଲ କରାଇଛି। ଏହା ସହ ବେଦାନ୍ତ ଓଡ଼ିଶାର ୪ଟି କୋଇଲା ବ୍ଲକ ଓ ଗୋଟିଏ ବକ୍ସାଇଟ ବ୍ଲକ ସୁରକ୍ଷିତ ସହିତ ଫେରୋକ୍ରୋମ ତଥା ଲୁହାପଥର ଉତ୍ପାଦନରେ ଅଧିକ ନିବେଶ କରିଛି, ବିଭିନ୍ନ ଜିଲାରେ ଖଣି କାର୍ଯ୍ୟ ହେତୁ ବ୍ୟାପକ ନିଯୁକ୍ତି ସୃଷ୍ଟି ହୋଇଛି। ସ୍ଥାୟିତ୍ୱ କ୍ଷେତ୍ରରେ ନେତୃତ୍ୱ ନେଇ କମ୍ପାନୀ ପ୍ରଥମ ଭାରତୀୟ ଧାତୁ ଉତ୍ପାଦକ, ଯିଏ ରେଷ୍ଟୋରା ଉତ୍ପାଦନ କରେ, ନବୀକରଣୀୟ ଶକ୍ତିରୁ ନିର୍ମିତ କମ୍ କାର୍ବନଯୁକ୍ତ ଆଲୁମିନିୟମ ଉତ୍ପାଦର ଏକ ପରିସର, ଯାହା କମ୍ପାନୀ ଲାଗି ବର୍ଦ୍ଧିତ ଚାହିଦା ସୃଷ୍ଟି କରିଛି। ବେଦାନ୍ତ ଆଲୁମିନିୟମ ପ୍ରଭାବଶାଳୀ ପଦକ୍ଷେପ ଜରିଆରେ ସ୍ଥାୟିତ୍ୱ ପ୍ରତି ପ୍ରତିବଦ୍ଧ ରହିଛି। ପିଡବ୍ଲ୍ୟୁ ସହିତ ଭାଗୀଦାରି ହୋଇ କମ୍ପାନୀ ଏହାର କାର୍ଯ୍ୟ ଚାରିପାଖରେ ଇକୋ ସିଷ୍ଟମକୁ ସୁରକ୍ଷା ଲାଗି ଜୈବବିବିଧତା ସଂରକ୍ଷଣ ନୀତି ବିକଶିତ କରୁଛି। ପରିବେଶଗତ ଦୃଷ୍ଟି କୋଣରୁ ଝାରସୁଗୁଡ଼ାରେ ପାଉଁଶ ପୁନରୁଦ୍ଧାର ଅଞ୍ଚଳରେ ୧ ଲକ୍ଷ ବୃକ୍ଷ ରୋପଣ କରି କାର୍ବନ ନିର୍ଗମନକୁ କମ କରିବାକୁ ପ୍ରୟାସ କରୁଛି।

# ପ୍ରସାଦ ଜୁଏଲର୍ସର ନୂଆ ଶୋ'ରୁମ ଉଦ୍‌ଘାଟିତ



ସମ୍ବଲପୁର ବୁଢ଼ାରଜା ଏସ୍‌ଆଇଟି ଛକ ନିକଟରେ ବିଧାୟକ ଜୟନାରାୟଣ ମିଶ୍ର ପ୍ରସାଦ ଜ୍ୱେଲର୍ସର ନୂତନ ଶୋରୁମକୁ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ସମ୍ବଲପୁର,୨୭।୧(ବି.ଶଙ୍କର)**

ପ୍ରସାଦ ଜୁଏଲର୍ସର ନୂତନ ଶୋରୁମ ସମ୍ବଲପୁର ସହର ବୁଢ଼ାରଜା ଏସ୍‌ଆଇଟି କଲୋନି ସମ୍ମୁଖରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୋରୁମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଅନିଲ ପ୍ରସାଦଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସେହିଭଳି ଦୁଇ ମହଲା ବିଶିଷ୍ଟ ଏହି ଅତ୍ୟାଧୁନିକ ଶୋରୁମ ସୂକ୍ଷ୍ମ ଅଳଙ୍କାରଗୁଡ଼ିକର ଏକ ବିସ୍ତୃତ ସଂଗ୍ରହକୁ ପ୍ରଦର୍ଶିତ କରୁଛି। ରାଉରକେଲାଠାରେ ୨ହଜାର ବର୍ଗଫୁଟ ଅଚଳରେ ପରିବ୍ୟାପ୍ତ ଏକ ଷ୍ଟୋର ସହ ନିଜର ଯାତ୍ରା ଆରମ୍ଭ କରିଥିଲା । ଏହାପରେ ପ୍ରସାଦ ଜୁଏଲର୍ସର ସୁନ୍ଦରଗଡ, ଝାରସୁଗୁଡା ଓ ସମ୍ବଲପୁରଠାରେ ଶାଖା ସହ ନିଜର ଉପସ୍ଥିତି ବିସ୍ତାର କରିଛି । ଏଥିସହ ଗ୍ରାହକଙ୍କ ବିବିଧ ପସନ୍ଦକୁ ପୂରଣ କରିବା ପାଇଁ ଏହି ଷ୍ଟୋରରେ ଆର୍ଟିଫିସିଆଲ ଜୁଏଲାରୀଗୁଡିକର ଏକ ସେକ୍ସନ ରହିଛି ବୋଲି କାର୍ଯ୍ୟକାରୀ ନିର୍ଦ୍ଦେଶକ ସୌରଭ ପ୍ରସାଦ ସୂଚିତ କରିଛନ୍ତି । ସେ କହିଥିଲେ, ଉଦ୍‌ଘାଟନୀ ଉତ୍ସବ ସକାଶେ ସ୍ୱତନ୍ତ୍ର ଅଫର ରହିଛି। ସେହିପରି ଆର୍ଟିଫିସିଆଲ ଜୁଏଲାରୀ ଉପରେ ଫ୍ଲାଟ ୨୦ ପ୍ରତିଶତ ରିହାତି ଉପଲବ୍ଧ ରହିଛି । ଏହି ଅଫରଗୁଡିକରେ କୌଣସି ସର୍ତ୍ତାବଳୀ ଲାଗୁ ନାହିଁ। ଏହା ଆସନ୍ତା ଫେବୃଆରୀ ୨ ପର୍ଯ୍ୟନ୍ତ ସମସ୍ତ କ୍ରୟ ଉପରେ ବୈଧ ରହିବ ।





୭୬ତମ ଗଣତନ୍ତ୍ର ଦିବସ ନାଲ୍‌କୋ ମୁଖ୍ୟାଳୟ (କର୍ପୋରେଟ କାର୍ଯ୍ୟାଳୟ) ଭୁବନେଶ୍ୱରଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ନାଲ୍‌କୋ ସିଏମ୍‌ଡିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଡିସିର ମେଗା ସଚେତନତା ଅଭିଯାନ

**ନୂଆଦିଲ୍ଲୀ,୨୭।୧**

ଭବିଷ୍ୟତ ପିଢିର ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଡାବର ଚ୍ୟବନପ୍ରାଶ (ଡିସି) ପ୍ରତିବଦ୍ଧତାର ଅଂଶ ଭାବେ ଏକ ମେଗା ସଚେତନତା ଅଭିଯାନର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ ଆରମ୍ଭ ହୋଇଯାଇଛି। ଯାହା ଦେଶବ୍ୟାପୀ ଅଣସଂରକ୍ଷିତ ଓ ଅବହେଳିତ ଶିଶୁମାନଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଲକ୍ଷ୍ୟ ରଖିଛି। ଏହି ଅଭିଯାନ ଅଧିନରେ ଡିସି ଜଣେ ପ୍ରତିଷ୍ଠିତ ଡାକ୍ତରଙ୍କ ସହ ରୋଗ ପ୍ରତିରୋଧକ ଶକ୍ତି ସଚେତନତା ଅଧିବେଶର ପରିଚାଳନା କରିବ। ଏହା ସାଧାରଣ ବ୍ୟାକ୍ଟେରିଆ ଓ ଭାଇରସ ଏବଂ ପରିବର୍ତ୍ତିତ ଋତୁ କାରଣରୁ ହେଉଥିବା ଅସୁସ୍ଥତା ବିରୋଧରେ ଲଢ଼ିବା ପାଇଁ ଏକ ମଜବୁତ ରୋଗ ପ୍ରତିରୋଧକ ଶକ୍ତି ଗଠନ କରିବାର ଆବଶ୍ୟକତା ସମ୍ପର୍କରେ ପିଲାମାନଙ୍କୁ ସଚେତନ କରିବ। ଏ ସମ୍ପର୍କରେ ଡାବର ଇଣ୍ଡିଆ ଲିମିଟେଡର ହେଲ୍‌ଥ ସପ୍ଲିମେଣ୍ଟସ ବିଭାଗର ମାର୍କେଟିଂ ମୁଖ୍ୟ ଅମିତ ଗର୍ଗ କହିଛନ୍ତି, ଡାବର ଚ୍ୟବନପ୍ରାଶ ୧୦୦ବର୍ଷରୁ ଅଧିକ ସମୟ ହେବ ମଜବୁତ ରୋଗ ପ୍ରତିରୋଧକ ଶକ୍ତି ହାସଲ କରିବା ପାଇଁ ପ୍ରତ୍ୟେକ ଭାରତୀୟଙ୍କୁ ସହଯୋଗ କରିବା ଲାଗି ପ୍ରତିବଦ୍ଧ ରହିଛି।

# ମହାକୁମ୍ଭରେ ନୁଭୋକୋ ସାରଥୀ

**ନୂଆଦିଲ୍ଲୀ,୨୭।୧**

ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ଼ା ନୂତନ ଅଭିଯାନ ' ନୁଭୋକୋ ସାରଥୀ' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ମହାକୁମ୍ଭ ୨୦୨୫ରେ ନୁଭୋକର ଅଂଶଗ୍ରହଣ ସହିତ ରଣନୈତିକ ଯୋଗଦାନ ଓ ବ୍ୟକ୍ତିଗତ ସେବା ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ଭକ୍ତ ଏବଂ ଡିଲର, ସବ୍-ଡିଲର ଓ ଇନ୍‌ଫ୍ଲୁଏନ୍ସରଙ୍କ ସମେତ ମୂଲ୍ୟବାନ ଚ୍ୟାନେଲ ପାର୍ଟନରଙ୍କୁ ଏକ ଉନ୍ନତ ଅନୁଭୂତି ଦେବା ପାଇଁ କମ୍ପାନୀର ଏହି ଅଭିଯାନକୁ ପ୍ରସ୍ତୁତ କରାଯାଇଛି। ମହାକୁମ୍ଭ ମେଳା ଅଭିଯାନର ଅଂଶ ଭାବେ ନୁଭୋକୋ ସାରଥୀ ଏକ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବା ପ୍ରୋଗ୍ରାମ ହୋଇଥିଲାବେଳେ ୧୦,୦୦୦ ଏକରରେ ପରିବ୍ୟାପ୍ତ କାର୍ଯ୍ୟକ୍ରମ ପରିସରରେ ପରିଦର୍ଶନ ପାଇଁ ଏକତ୍ରିତ ହୋଇଥିବା ନୁଭୋକୋର ଚ୍ୟାନେଲ ପାର୍ଟନର ଓ ଇନ୍‌ଫ୍ଲୁଏନ୍ସରଙ୍କୁ ସହଯୋଗ କରିବା ପାଇଁ ଡେଡିକେଟେଡ ସପୋର୍ଟ ଷ୍ଟାଫ୍ ସମେତ ଏକ୍ସକ୍ଲୁସିଭ ଲାଉ, ବ୍ରାଣ୍ଡେଡ ଇ-ରିକ୍ସା ଆଦି ସାମିଲ ରହିଛି। ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡର ମାର୍କେଟିଂ, ଇନୋଭେଶନ ଆଣ୍ଡ ସେଲ୍‌ସ ଏକ୍ସିଲେନ୍ସ ବିଭାଗର ମୁଖ୍ୟ ଚିରାଗ ଶାହ କହିଛନ୍ତି, ମହାକୁମ୍ଭ ମେଳା ନୁଭୋକୋ ପାଇଁ ନିଜର ପାର୍ଟନର ଓ ବିସ୍ତୃତ ସମୁଦାୟ ସହ ନିୟୋଜିତ ହେବା ପାଇଁ ଏକ ପ୍ରଥମ ଧରଣର ସୁଯୋଗ ପ୍ରଦାନ କରିଛି। ଭାରତ ସହ ଗଭୀର ଭାବେ ଜଡିତ ଏକ କମ୍ପାନୀ ଭାବେ ଆମେ ଏହି ଐତିହାସିକ ସମାବେଶର ଭାବନା ଓ ସାଂସ୍କୃତିକ ମହତ୍ୱକୁ ଭଲ ଭାବେ ବୁଝିଛୁ। ଆମେ ଭକ୍ତମାନଙ୍କ ପାଇଁ ବ୍ୟାପକ ସହଯୋଗଗୁଡ଼ିକୁ ଅନ୍ତର୍ଭୁକ୍ତ କରିବୁ। ଯେଉଁଥିରେ ଅନ୍-ସାଇଟ ୱେଲ୍‌ନେସ୍ ସର୍ଭିସ୍, ନୁଭୋକୋ କ୍ୟାପ୍ଟେନଙ୍କ ଦ୍ୱାରା ମାର୍ଗଦର୍ଶିତ ସହାୟତା, ସମାବେଶ ସମୟରେ ଏକ ବାଧାହୀନ ଓ ସୁରକ୍ଷିତ ପରିବେଶ ପ୍ରଦାନ କରିବା ପାଇଁ ବୟସ୍କ ଓ ପିଲାମାନଙ୍କ ପାଇଁ ଆଇଡେଂଟିଫିକେଶନ ବ୍ୟାଣ୍ଡ୍ ଭଳି ସୁରକ୍ଷା ପଦକ୍ଷେପଗୁଡିକ ସାମିଲ ରହିଛି।

# ରୟାଲ ଏନଫିଲ୍ଡ ହଣ୍ଟର ୩୫୦ର ବିକ୍ରି ମାଇଲଖୁଣ୍ଟ

**ନୂଆଦିଲ୍ଲୀ,୨୭।୧ (ଅଭୟ ଦାଶ)**



ରୟାଲ ଏନଫିଲ୍ଡର କମ୍ପ୍ୟାକ୍ଟ ଏବଂ ଷ୍ଟାଇଲିସ୍ ରୋଡଷ୍ଟର ହଣ୍ଟର ୩୫୦କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଏହି ମଡେଲ ୫,୦୦,୦୦୦ ବିକ୍ରି ପଞ୍ଜିକରଣର ଏକ ନୂଆ ମାଇଲଖୁଣ୍ଟ ଅତିକ୍ରମ କରିଛି। ୨୦୨୨ ଅଗଷ୍ଟରେ ଏହି ମଡେଲର ଶୁଭାରମ୍ଭ ହୋଇଥିବାବେଳେ ଦ୍ରୁତ ଗତିରେ ଏହାର ବ୍ରିକି ବୃଦ୍ଧି ପାଉଛି। ବ୍ରାଣ୍ଡର ମୋଟରସାଇକେଲ ମଡେଲଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ ହୋଇଥିଲାବେଳେ ସାରା ବିଶ୍ୱରେ ଏହାର ୫୦ ଲକ୍ଷ ସନ୍ତୁଷ୍ଟ ମାଲିକ/ଗ୍ରାହକ ରହିଛନ୍ତି। ସହରାଞ୍ଚଳ ଭ୍ରମଣକାରୀ ଏବଂ ନୂତନ ଯୁଗର ରାଇଡର୍ସଙ୍କ ପାଇଁ ପ୍ରସ୍ତୁତ ଏହି ମଡେଲ ହଣ୍ଟର ୩୫୦ ରୟାଲ ଏନଫିଲ୍ଡର ଡିଏନଏ ସହିତ ଫୂର୍ତ୍ତି, ଷ୍ଟାଇଲ ଏବଂ ଆନନ୍ଦକୁ ଏକତ୍ର କରିଛି। ସେହିଭଳି ଏହାର କୁଲ ଷ୍ଟାଇଲିଂ, ଗତିଶୀଳ ପ୍ରଦର୍ଶନ ଏବଂ ଆଧୁନିକ-ରେଟ୍ରୋ ଆକର୍ଷଣ ସହିତ ହଣ୍ଟର ୩୫୦ ଯୁବ ରାଇଡର୍ସଙ୍କର ପସନ୍ଦ ପାଲଟିଛି। ହଣ୍ଟର ୩୫୦ର ବ୍ୟାପକ ଲୋକପ୍ରିୟତା ଉଭୟ ଭାରତ ଏବଂ ବିଶ୍ୱର ବିଭିନ୍ନ ବଜାରରେ ଏହାର ବିସ୍ତୃତ ଆକର୍ଷଣର ଏକ ପ୍ରମାଣ। ଏକ କମ୍ପ୍ୟାକ୍ଟ, ଚମତ୍କାର ଏବଂ ସୁବିଧା ଯୁକ୍ତ ମୋଟରସାଇକେଲ ଚାହୁଁଥିବା ଚାଳକଙ୍କ ପାଇଁ ଏହା ଏକ ପସନ୍ଦ ଭାବେ ଉଭା ହୋଇଛି, ଯାହା ଦୈନନ୍ଦିନ ବ୍ୟବହାରିକତାକୁ ଶୁଦ୍ଧ ମୋଟର ସାଇକେଲ ଚାଳନାର ରୋମାଞ୍ଚ ସହିତ ସହଜରେ ଯୋଡିଥାଏ। ଏ ସମ୍ପର୍କରେ ରୟାଲ ଏନଫିଲ୍ଡର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ହଣ୍ଟର ୩୫୦ ପ୍ରକୃତରେ ସହରାଞ୍ଚଳ ଏବଂ ଗତିଶୀଳ ପରିବେଶରେ ଯାତ୍ରା କରିବାର ଅର୍ଥକୁ ପୁନଃନିର୍ଦ୍ଧାରଣ କରିଛି। ଅଳ୍ପ ସମୟ ମଧ୍ୟରେ ୫,୦୦,୦୦୦ ବିକ୍ରି ମାଇଲଖୁଣ୍ଟରେ ପହଞ୍ଚିବା ହଣ୍ଟର ୩୫୦ ପ୍ରତି ଆମ ଗ୍ରାହକଙ୍କ ସୀମାହୀନ ଭଲପାଇବା ଏବଂ ବିଶ୍ୱାସର ପ୍ରତିଫଳନ ପାଲଟିଛି।

# ଦେଶର ଭବିଷ୍ୟତ ନାରୀ ସଶକ୍ତୀକରଣ ଉପରେ ନିର୍ଭର

**ନୂଆଦିଲ୍ଲୀ,୨୭।୧**

ବାଲ ରକ୍ଷା ଭାରତ (ବିଆରବି) ପକ୍ଷରୁ ଜାତୀୟ ବାଳିକା ଦିବସ ନିକଟରେ ପାଳିତ ହୋଇଯାଇଛି। ଏପରିକି ବିଭିନ୍ନ ରାଜ୍ୟ ସରକାର, ସିଏସ୍‌ଓ ଓ ବାଳିକାମାନଙ୍କ ସହ ଜାତୀୟ ବାଳିକା ଦିବସ ପାଳନ କରାଯାଇଥିଲା। ବିଶେଷ କରି ଏହା ଝିଅମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଓ ସମାନ ସୁଯୋଗର ପ୍ରମୁଖ ସ୍ତମ୍ଭଗୁଡିକ ଉପରେ ଗୁରୁତ୍ୱ ଦେବା ପାଇଁ ବିଭିନ୍ନ ସ୍ଥାନରୁ ଝିଅମାନଙ୍କ ସ୍ୱରକୁ ଉପସ୍ଥାପନା କରିଥିଲା। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବାଲ ରକ୍ଷା ଭାରତର ପ୍ରୋଗ୍ରାମ ଇମ୍ପ୍ଲିମେଂଟେଶନ ହେଡ ପ୍ରଦୀପ କୁମାର ମିଶ୍ର, ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଜାତୀୟ ବାଳିକା ଦିବସ ୨୦୨୫ ଲିଙ୍ଗଗତ ସମାନତା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରିଛି। ଏହି ଅବସରରେ ଦେଶବ୍ୟାପୀ ବିଭିନ୍ନ ସଂଗଠନ, ନୀତି ନିର୍ମାତା ଓ ସମୁଦାୟଗୁଡିକ ଝିଅମାନଙ୍କ ଅଧିକାର ସପକ୍ଷରେ ସ୍ୱର ଉଠାଇବା ପାଇଁ ଏକତ୍ରିତ ହୋଇଥିଲେ। ଚଳିତ ବର୍ଷ ଜାତୀୟ ବାଳିକା ଦିବସର ବିଷୟବସ୍ତୁ 'ବାଳିକାମାନଙ୍କୁ ସଶକ୍ତ କରିବା: ଏକ ଉତମ ଭବିଷ୍ୟତ ପାଇଁ ସମାନ ସୁଯୋଗ ସୃଷ୍ଟି କରିବା' ରହିଛି। ସେହିଭଳି ବିଆର୍‌ବି ଏହି ଦିବସକୁ ବିହାର,ଆସାମ, ରାଜସ୍ଥାନ, ଜମ୍ମୁକଶ୍ମୀର, କର୍ଣ୍ଣାଟକ, ଉତର ପ୍ରଦେଶ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଓ ଓଡିଶାରେ ପାଳନ କରିଛି। ଏହି ଅବସରରେ ବିଆର୍‌ବିର ପ୍ରୋଗ୍ରାମ ଇମ୍ପ୍ଲିମେଂଟେଶନ ହେଡ ପ୍ରଦୀପ କୁମାର ମିଶ୍ର କହିଥିଲେ, ଆମ ଦେଶର ଭବିଷ୍ୟତ ଆମ ଝିଅମାନଙ୍କର ସଶକ୍ତିକରଣ ଉପରେ ନିର୍ଭର କରୁଛି। ସେମାନଙ୍କର ସୁରକ୍ଷା, ଶିକ୍ଷା ଓ ସୁଯୋଗଗୁଡିକୁ ନିଶ୍ଚିତ କରି ଆମେ ଏକ ମଜବୁତ ଓ ଅଧିକ ସମାନ ସମାଜ ପାଇଁ ମାର୍ଗ ପ୍ରସ୍ତୁତ କରିଛୁ। ଚଳିତ ବର୍ଷର ଜାତୀୟ ବାଳିକା ଦିବସ ପାଳନ ଦେଶରେ ବାଲ୍ୟ ବିବାହ, କିଶୋରୀ ଗର୍ଭଧାରଣ, ଲିଙ୍ଗ-ଭିତିକ ହିଂସା ଭଳି ଜଟିଳ ସମସ୍ୟାଗୁଡିକର ସମାଧାନ ଦିଗରେ ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା ପ୍ରୟାସଗୁଡିକୁ ହାଇଲାଇଟ କରିଛି।

# ଶେୟାର ବଜାର କାରବାରରେ ହ୍ରାସ





**ମୁମ୍ବାଇ,୨୭।୧**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୮୨୪ (୮୨୪.୨୯) ପଏଣ୍ଟ କମି ୭୫,୩୬୬ (୭୫,୩୬୬.୧୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୬୩ (୨୬୩.୦୫) ପଏଣ୍ଟ ହ୍ରାସ ଘଟି ୨୨,୮୨୯ (୨୨,୮୨୯.୧୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।


# Classified Everyday

**0674-2580101, 9692975378**



## REAL ESTATE

## SALE

**4BHK Luxurious flat for sale at Unit-3, Kharavelanagar, back side of Ram Mandir, Handover within 2 months. Please contact- 9438362399.**
D-2670

Wallpaper clearance sale upto 50% off starting from Rs.200, At- Vintage Interior Lewis road, Bhubaneswar near Shree Hospital. Ph.- 7008283108, 8249871505 D-2717





Newly open health benefits SPA special Offer @ 799 Bapujinagar. 8018429809. D-76189

Positively Health benefited spa by expert female therapist, Nayapalli. 7846814019
D-76190

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LOST

ମୁଁ ଶ୍ରୀ ଶିଶୁ ସିନ୍ଧୁର, ପି. ନିରଞ୍ଜନ ସିନ୍ଧୁର, ସ୍ଥା- କ୍ୱାର୍ଟର ନଂ. A-204, ବ୍ଲକ୍-୨୩, ଭରତପୁର ବଡ଼ଯୋରଡ଼ା, ଥା- ବିକ୍ରମପୁର, ଜି.- ଅନୁଗୁଳ ମୁଁ ୧୬।୦୧।୨୦୨୫ ରିଖରେ ଘୋଷଣା କରୁଅଛି ଯେ, ରେଜିଷ୍ଟ୍ରର, ଝାରସୁଗୁଡ଼ାଙ୍କ ପାଖରେ ରେଜିଷ୍ଟ୍ରେସନ୍ ହୋଇଥିବା ମୋର ଓରିଜିନାଲ୍ ବିକ୍ରି ଦଲିଲ୍ ନଂ.- ୧୦୮୦୧୪୦୦୧୮୭/ ୨୦୧୪ ହଜିଯାଇଛି । ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ୍‌ଟିକୁ ପାଇଛନ୍ତି ତେବେ ଉପରୋକ୍ତ ଠିକଣାରେ ଜଣାଇବାକୁ ଅନୁରୋଧ । ଧ-୨୭୧୮

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## AFFIDAVIT

By virtue of an affidavit C.F. No.186, dt.24.01.2025 sworn before the Executive Magistrate, Sambalpur, I, Padmalochan Naik, R/o- At- Khajuriapada, PO-Budharaja, P.S. Ainthapali, Dist.- Sambalpur, Odisha declare that I have changed my daughter's name from Kumari Manisha Naik to Manisha Naik. Henceforth, she shall be known as Manisha Naik for all future purposes. D-2720

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ**



**ସ୍ୱ ଅବଧୂତ ରାଉତ**
ଆବିର୍ଭାବ: ତା୦୪।୦୧।୧୯୪୦
ତିରୋଧାନ: ତା୦୮।୦୨।୨୦୨୪

**ସ୍ୱ ଶାନ୍ତିଲତା ରାଉତ**
ଆବିର୍ଭାବ: ତା୧୧।୦୪।୧୯୫୦
ତିରୋଧାନ: ତା୧୮।୧୦।୨୦୨୪

ଠିକଣା: ଭାଲୁଖାଇ, ଧର୍ମଶାଳା, ଯାଜପୁର

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା, ଗୋଟିଏ ବର୍ଷରେ ଡକାଡ଼କି ହୋଇ ଚାଲିଗଲେ ଆମ୍ଭ ବାପା, ମାଆ । ଆପଣଙ୍କ ବର୍ତ୍ତମାନ ଆମ୍ଭମାନଙ୍କ ଜୀବନରେ ସର୍ବଦା ଅପୂରଣୀୟ। ଆପଣଙ୍କ ନିତୀ, ଆଦର୍ଶ ଆମ୍ଭମାନଙ୍କ ପାଇଁ ଚିର ପାଥେୟ ହେଉ । ତୁମ ଅମର ଆତ୍ମାର ସଦ୍‌ଗତି ଲଭୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ: ପୁତ୍ର-ଅକ୍ଷୟ କୁମାର ରାଉତ, ଅଭୟ କୁମାର, ପୁତ୍ରବଧୂ- ରେଣୁବାଳା, କିରଣବାଳା, ନାତି- ଅମର, ଅସିତ, ଅମିତ, ଝିଅ, ହ୍ୱାଇଁ, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ । ଧ-୨୭୨୧

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ ଗଉରୀ ସ୍ୱାଇଁ**

ଧନିତ୍ରୀ, ବୋବୁଆ, କୋଣାର୍କ
ଆବିର୍ଭାବ: ତା୧୨।୦୫।୧୯୪୦
ତିରୋଧାନ: ତା୧୮।୦୧।୨୦୨୫

ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା, ଆଶୀର୍ବାଦ ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ । ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ପୁତ୍ର- ତୋଫାନ, ତ୍ରିଲୋଚନ, ବିପିନ, ତପନ, ନିରଞ୍ଜନ, ଦୁର୍ଯ୍ୟୋଧନ, ବନ୍ଧୁ ଓ ପରିବାରବର୍ଗ । ଧ-୨୭୧୦

# ଫଟୋରେ ଲାଗିବେ ସ୍ଲିମ୍

**ଆଜିକାଲି ମହିଳାମାନଙ୍କଠାରେ ଫଟୋ ଉଠାଇବାକୁ ନେଇ କେତେ କ୍ରେଜ୍ ରହିଛି ତାହା କିଏ ବା ନ ଜାଣେ। ହେଲେ ସେଲ୍ଫିରେ ସ୍ଲିମ୍ ଏବଂ ଆଇକ୍ୟାଚି ଲୁକ୍ ପାଇବାର ଟ୍ରିକ୍ ମାତ୍ର କେତେଜଣଙ୍କୁ ହିଁ ଜଣାଥାଏ। ଯଦି ଆପଣ ବି ନିଜ ସେଲ୍ଫିକୁ ଆଟ୍ରାକ୍ଟିଭ୍ କରିବାକୁ ଚାହାନ୍ତି ତେବେ ଜାଣିରଖନ୍ତୁ କେତୋଟି ଟ୍ରିକ୍ସ...**

- ଯଦି ଆପଣଙ୍କ ଫିଗର ମୋଟା ଅବା ଫଟୋରେ ଆପଣ ଆବଶ୍ୟକରୁ ଅଧିକ ମୋଟା ଲାଗୁଥାନ୍ତି ତେବେ କ୍ୟାମେରା ଆଗରେ ନିଜ ଶରୀରକୁ ୪୫ଡିଗ୍ରୀ ବୁଲାଇ ଠିଆହୁଅନ୍ତୁ । କାରଣ ଏହି ଆଙ୍ଗେଲ୍‌ରେ କ୍ୟାମେରାରେ ସବୁଠୁ ସ୍ଲିମ୍ ଫଟୋ ସୁଟ୍ ହୋଇଥାଏ।
- କ୍ୟାମେରା ଆଡ଼କୁ ଥିବା ଗୋଡ଼ର ଆଣ୍ଠୁକୁ ସାମାନ୍ୟ ମୋଡ଼ି ରଖନ୍ତୁ । ଏହାଦ୍ୱାରା ଅଣ୍ଟା ପାଖ ମୋଟା ଦେଖାଯାଇ ନ ଥାଏ।
- କାନ୍ଧକୁ ଉଠାଇବା ଭଳି ନ ରଖି ସାମାନ୍ୟ ତଳକୁ କରି ରଖିଲେ ଫଟୋରେ ବେକ ଏବଂ ମୁହଁ ଲମ୍ବା ଓ ପତଳା ଦେଖାଯାଇଥାଏ। ଫଳରେ ଶରୀର ମଧ୍ୟ ଅପେକ୍ଷାକୃତ ସ୍ଲିମ୍ ଲାଗିବ।
- ଯଦି ସେଲ୍ଫି ନେଉଛନ୍ତି ତେବେ କ୍ୟାମେରାକୁ ନିଜ ମୁଣ୍ଡରୁ ଟିକେ ଉପରକୁ ରଖି ଠିକ୍ ଆଙ୍ଗେଲ୍‌ରେ ଫଟୋ କ୍ଲିକ୍ କଲେ ସୁନ୍ଦର ଓ ପତଳା ଲାଗିବେ।
- ଯଦି ଆପଣଙ୍କ ହାତ ବା ବାହୁ ମୋଟା ତେବେ ବାହୁକୁ ଶରୀରରେ ଲଗାଇ ବା ସାବ୍‌ଧାନ ପୋଜ୍‌ରେ ନ ରଖି ଟିକେ ଛାଡ଼ି ରଖନ୍ତୁ। ଏଥିପାଇଁ ଅଣ୍ଟାରେ ହାତ ରଖି, ଗଛର ପତ୍ର କିମ୍ବା ଫୁଲ ତୋଳିବା, ପ୍ରଜାପତି ଧରିବା କିମ୍ବା କୌଣସି ଜିନିଷ ଧରିବା ଭଳି ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇଲେ ତାହା ମୋଟା ଲାଗି ନ ଥାଏ।
- ଫଟୋରେ ପତଳା ଦେଖାଯିବା ଲାଗି ଅଳ୍ପ ମୋଡ଼ିହୋଇ ଠିଆହେବା ସହ ଗୋଟିଏ ଗୋଡ଼ ଆଗକୁ ରଖନ୍ତୁ। ଏହାଦ୍ୱାରା ହାଇଟ୍ ଅଧିକ ଲାଗିବ ଏବଂ ଶରୀର ମଧ୍ୟ ସ୍ଲିମ୍ ଲାଗିବ।
- ଫଟୋରେ ଯଦି ଆପଣଙ୍କ ମୁହଁରେ ଆତ୍ମବିଶ୍ୱାସ ଏବଂ ହସ ରହିବ ତେବେ ଫଟୋରେ କେବଳ ସମସ୍ତଙ୍କ ଫୋକସ୍ ସେହି ଆଡ଼କୁ ହିଁ ଯିବ, ଫଳରେ ମୋଟାପଣ ଆଦୌ ଖରାପ ଲାଗିବ ନାହିଁ।



# କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିଲେ

**ଶପିଂଠାରୁ ଆରମ୍ଭକରି ଅନ୍‌ଲାଇନ ବିଲ୍ ପେମେଣ୍ଟ ପର୍ଯ୍ୟନ୍ତ ବର୍ତ୍ତମାନ ପ୍ରତ୍ୟେକ କାର୍ଯ୍ୟ କ୍ରେଡିଟ୍ କାର୍ଡ ଦ୍ୱାରା ସହଜରେ କରିହେଉଛି। ସେଥିପାଇଁ ଅଧିକାଂଶ ମହିଳା ପାଖରେ କ୍ୟାଶ୍ ନ ରଖି ଏହା ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ହେଲେ ବ୍ୟବହାର ସମୟରେ ସାମାନ୍ୟ ଅସତର୍କତା ବି ବେଳେବେଳେ ବଡ଼ ଅସୁବିଧାର କାରଣ ସାଜୁଛି। ତେଣୁ କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିଲେ କେଉଁସବୁ ଦିଗ ପ୍ରତି ସଜାଗ ରହିବେ ଜାଣି ରଖନ୍ତୁ...**

- କେତେ ମୂଲ୍ୟ ପର୍ଯ୍ୟନ୍ତ କ୍ରେଡିଟ୍ କାର୍ଡ କରିବେ, କେଉଁ ବ୍ୟାଙ୍କ ବା ସଂସ୍ଥା ପକ୍ଷରୁ ଆଣିବେ, କେତେ ସୁଧ ଦେବାକୁ ପଡ଼ିବ, କାର୍ଡର ଅବଧି କେତେ ଇତ୍ୟାଦି ଭଳି ବିଭିନ୍ନ ତଥ୍ୟ କୌଣସି ଫାଇନାନ୍ସିଆଲ୍ ଏକ୍ସପର୍ଟଙ୍କଠାରୁ ପରାମର୍ଶ ନିଅନ୍ତୁ। ନଚେତ୍ ଠକାମିର ଶିକାର ହୋଇପାରନ୍ତି।
- ସେହିପରି କ୍ରେଡିଟ୍ କାର୍ଡ ଆପ୍ଲାଏ କରିବା ସମୟରେ ମଧ୍ୟ ଫର୍ମକୁ ଭଲ ଭାବେ ପଢ଼ି ପୂରଣ କରନ୍ତୁ।
- ମୋବାଇଲରେ ଆସୁଥିବା ମେସେଜ୍ କିମ୍ବା ଇ-ମେଲ୍‌ରେ କ୍ରେଡିଟ୍ କାର୍ଡର ଆକର୍ଷଣୀୟ ଅଫର ଦେଖି ତତ୍‌କ୍ଷଣାତ୍ ଏହାକୁ ନେବାର ନିଷ୍ପତ୍ତି ନ ନେଇ ପ୍ରଥମେ ବ୍ୟାଙ୍କ ପକ୍ଷରୁ ଭଲ ଭାବେ ଡାଟା ସଂଗ୍ରହ କରନ୍ତୁ। କାରଣ ଏଥିରେ ଅନେକ ନିୟମ ଏବଂ ସର୍ତ୍ତାବଳୀ ଲାଗୁଥାଏ, ଯାହାକି ପରବର୍ତ୍ତୀ ସମୟରେ ଆପଣଙ୍କୁ ଅସୁବିଧାରେ ପକାଇପାରେ।
- ନିଜ ଆବଶ୍ୟକତା ଅନୁସାରେ କ୍ରେଡିଟ୍ କାର୍ଡ ନିଅନ୍ତୁ। ଅଧିକ ଅଫର କିମ୍ବା ରିୱାର୍ଡ ପଏଣ୍ଟ ଆଦିର ଲୋଭରେ ଅଧିକ ଟଙ୍କାର କାର୍ଡ କରନ୍ତୁ ନାହିଁ। ଏହାଦ୍ୱାରା ପରବର୍ତ୍ତୀ ସମୟରେ ଆପଣଙ୍କ ଖର୍ଚ୍ଚ ବଢ଼ିପାରେ।
- କ୍ରେଡିଟ୍ କାର୍ଡ ମିଳିବା ପରେ କାର୍ଡର ନମ୍ବର, ପିନ୍, ବୈଧତା, କାର୍ଡ କମ୍ପାନୀ ନମ୍ବର ଏବଂ ଏହା ସମ୍ବନ୍ଧିତ ସବୁ ଜରୁରୀ ତଥ୍ୟ ଯତ୍ନରେ ଲେଖି ରଖନ୍ତୁ ଏବଂ ଧ୍ୟାନଦିଅନ୍ତୁ ଏହା ଯେପରି ଅନ୍ୟମାନଙ୍କ ହାତରେ ନ ପଡ଼େ। ଏହାର ଫଟୋ କପି ରଖନ୍ତୁ।
- କ୍ରେଡିଟ୍ କାର୍ଡରେ ନିଜେ ସାଇନ୍ କରନ୍ତୁ। ଏହାଦ୍ୱାରା ଅନ୍ୟ କେହି ଏହାର ନକଲ କରିପାରିବେ ନାହିଁ ବା ଅପବ୍ୟବହାର କରିପାରିବେ ନାହିଁ।
- କ୍ରେଡିଟ୍ କାର୍ଡ ଟ୍ରାଞ୍ଜାକ୍‌ଶନ ଲାଗି ବ୍ୟବହାର କରୁଥିବା ପାସ୍‌ୱାର୍ଡକୁ ଏଭଳି କରନ୍ତୁ, ଯାହାକୁ ସହଜରେ ହ୍ୟାକ୍ କରିହେବ ନାହିଁ। ପାସ୍‌ୱାର୍ଡକୁ ଗୋପନ ରଖନ୍ତୁ। ଏହାକୁ ଏଣେତେଣେ ଲେଖିବାର ଭୁଲ୍ ଆଦୌ କରନ୍ତୁ ନାହିଁ। କ୍ରେଡିଟ୍ କାର୍ଡର ନିର୍ଦ୍ଧାରିତ ସମୟ ମଧ୍ୟରେ ଏହାକୁ ବ୍ୟବହାର କରନ୍ତୁ। ସେହିପରି ସମୟ ମଧ୍ୟରେ ଟଙ୍କା ଶୁଝିଦେବାକୁ ଚେଷ୍ଟାକରନ୍ତୁ। ନଚେତ୍ ଆପଣଙ୍କୁ ଅଧିକ ସୁଧ ସହ ଜରିମାନା ବାବଦକୁ ମଧ୍ୟ ମୂଲ୍ୟ ଦେବାକୁ ପଡ଼ିପାରେ।

# ମହିଳାଙ୍କ ଆଣ୍ଠୁଗଣ୍ଠି ବ୍ୟଥା



**ଏକ ନିର୍ଦ୍ଦିଷ୍ଟ ବୟସ ପରେ ଅନେକ ମହିଳାଙ୍କଠାରେ ଗଣ୍ଠି ଯନ୍ତ୍ରଣା ଦେଖିବାକୁ ମିଳିଥାଏ। କ୍ୟାଲ୍‌ସିୟମର ଅଭାବ ହେଉ କିମ୍ବା ଠିକ୍ ସମୟରେ ଖାଇବାରେ ଅବହେଳା ଅବା ଅଧିକ ଶାରୀରିକ ପରିଶ୍ରମ କାରଣରୁ ଏଭଳି ସମସ୍ୟା ଉପୁଜିଥାଏ। ଏହାକୁ କମ୍ କରିବା ଲାଗି ଅନେକେ ପେନ୍‌କିଲର ଖାଇଥାନ୍ତି, ଯାହାକି ଅଧିକ ଖାଇଲେ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ତେଣୁ ଗଣ୍ଠିଯନ୍ତ୍ରଣା ହେଉଥିଲେ କେତେକ ଘରୋଇ ଏବଂ ଆୟୁର୍ବେଦିକ ଉପଚାର ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଇପାରିବ...**



ଆଣ୍ଠୁଗଣ୍ଠି ବାତ ଏକ ଶୀତଦିନିଆ ସାଧାରଣ ସମସ୍ୟା। ତେବେ ଏହା ଲିଙ୍ଗ, ଋତୁ, ବୟସ ତଥା ଜୀବନଶୈଳୀ ଅନୁଯାୟୀ କମ୍ ବେଶି ହୋଇଥାଏ। ସାଧାରଣତଃ ଯେଉଁମାନଙ୍କର ବୟସ ବେଶି, ମୋଟା ଓ ଜୀବନଶୈଳୀରେ ଆଳସ୍ୟତା ଥିଲେ ଏବଂ ବିଶେଷକରି ଶୀତଋତୁରେ ଏହାର ଅଧିକ ପ୍ରଭାବ ପରିଲକ୍ଷିତ ହୁଏ। ଏହି ସମସ୍ୟା ସ୍ତ୍ରୀମାନଙ୍କଠାରେ ପୁରୁଷଙ୍କ ତୁଳନାରେ ବେଶି ଦେଖାଦିଏ। ବୟସ ଅନୁସାରେ ଏହି ରୋଗ ୫୦ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କଠାରେ ଅଧିକ ଦେଖାଦିଏ। କାରଣ ବୟସ ବୃଦ୍ଧି ହେବା ଦ୍ୱାରା ଶରୀରରେ ନାଡ଼ି ଓ ମାଂସପେଶୀ ଭିତରେ ଥିବା ବନ୍ଧନ ଶକ୍ତି କମିଯାଏ। ଆୟୁର୍ବେଦ ଦୃଷ୍ଟିରୁ ଏଥିପାଇଁ ବାତ ଦୋଷ ବୃଦ୍ଧି ହୋଇଥାଏ ଏବଂ ସନ୍ଧି ବା ଗଣ୍ଠି ପୀଡ଼ା, ଫୁଲିବା ସହ ଚାଲିବାରେ କଷ୍ଟ ଅନୁଭବ ହୋଇଥାଏ। ଏହା ମଧ୍ୟ ବେଳେ ବେଳେ ଅଧିକ ବଢ଼ି ସନ୍ଧିବାତ ବା ଆର୍ଥ୍ରାଇଟିସ୍ ରୋଗର ଆଶଙ୍କା ବଢ଼ାଇଥାଏ। ମେଦଯୁକ୍ତ ବା ମୋଟା ମହିଳାଙ୍କ ଗଣ୍ଠି ସନ୍ଧିଗୁଡ଼ିକରେ ମେଦଧାତୁ ଭରି ରହିବା ହେତୁ ଗଣ୍ଠିର ଘୂର୍ଣ୍ଣନ ଶକ୍ତି କମିଯାଏ। ତା'ଛଡ଼ା ଦୈନନ୍ଦିନ ବ୍ୟାୟାମ, ଚାଲିବା ଆଦି ଅଭ୍ୟାସ ନ ରହିଲେ ଆଣ୍ଠୁ ଗଣ୍ଠି ଯନ୍ତ୍ରଣା ସମସ୍ୟା ବେଶି ବଢ଼ିଥାଏ। ଶୀତଦିନେ ବ୍ୟାୟାମ କମିଗଲେ ଏବଂ ଖାଦ୍ୟରେ ଅଧିକ ବିରି, ଲୁଣ, ତେଲଘିଅ ଅଧିକ ଖାଇଲେ ଶରୀରରେ ଅଧିକ ମେଦ ସଞ୍ଚୟ ହୋଇ ନାଡ଼ିଗୁଡ଼ିକର କାର୍ଯ୍ୟକ୍ଷମତା ବ୍ୟାହତ ହୋଇଥାଏ ଏବଂ ଆଣ୍ଠୁଗଣ୍ଠି ସମସ୍ୟା ବଢ଼ିଯାଏ।





ଏସବୁଠାରୁ ଦୂରେଇରହିବା ଲାଗି ପ୍ରତିଦିନ ଯୋଗ, ବ୍ୟାୟାମ କରିବା ସହ କିଛି ସମୟ ଚାଲିବା ଦରକାର ଏବଂ ଖାଦ୍ୟପେୟରେ ସନ୍ତୁଳନ ରକ୍ଷା କରିବା ନିହାତି ଦରକାର। ଆଣ୍ଠୁଗଣ୍ଠି ଯନ୍ତ୍ରଣା ହେବା ମାତ୍ରେ ତେଲ କିମ୍ବା ଜେଲ୍ ମାଲିସ କରି ଉଷୁମ ସେକ ଦେଲେ କିଛି ମାତ୍ରାରେ ଉପଶମ ପାଇପାରିବେ।

ଆୟୁର୍ବେଦ ବା ଦେଶୀ ଚିକିତ୍ସା ପଦ୍ଧତିରେ ଏହିସବୁ ଗଣ୍ଠି ଯନ୍ତ୍ରଣାର ଭଲ ଚିକିତ୍ସା ରହିଛି। ହେଲେ ସେଗୁଡ଼ିକୁ ଆପଣେଇବା ପୂର୍ବରୁ ବୈଦ୍ୟ ବା ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରୀ। ସାଧାରଣତଃ ଗଣ୍ଠି ବା ସନ୍ଧି ରୋଗ ବାତରୋଗରେ ଗଣାଯାଉଥିବାରୁ ବାତ ନାଶକ ଚିକିତ୍ସା ହିସାବରେ ବାସି ଏବଂ ଥଣ୍ଡା ପରିବର୍ତ୍ତେ ଉଷୁମ ଏବଂ ତଟକା ଖାଦ୍ୟ ଖାଇବା ଆବଶ୍ୟକ। ଏଥିରେ ଉଷୁନା ଭାତ, ମୁଗଡାଲି, ମସୁରଡାଲି, ମାଛ, ଚୂନା ମାଛ, ସଜନାଛୁଇଁ ଆଦି ସୁଷମ, କ୍ୟାଲ୍‌ସିୟମ, ଭିଟାମିନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଏହା ବ୍ୟତୀତ ଶୀତଦିନେ ନଖ ଉଷୁମ ପାଣି ପିଇବା, ଉଷୁମ ପାଣିରେ ଗାଧୋଇବା ସହି ଶରୀରକୁ ଉଷୁମ ବସ୍ତ୍ରରେ ଢାଙ୍କି ରଖିବା ଆବଶ୍ୟକ। ଔଷଧ ଭାବେ ଶୁଣ୍ଠି, ଗୁଗୁଳୁ, ହଳଦୀ, ଜିରା, ଜୁଆଣି ଆଦି ଖାଇଲେ ଭଲ। ପ୍ରତିଦିନ ସୋରିଷ ତେଲରେ ଦେହ ମାଲିସ କରିବା ସହ ସେଥିରେ ଅଳ୍ପ ଜଡା ତେଲ ମିଶାଇ ଗରମ କରି ଆଣ୍ଠୁ ଗଣ୍ଠିରେ ମାଲିସ କଲେ ଯନ୍ତ୍ରଣା କମିଥାଏ। ଅଧିକ କଷ୍ଟ ଅନୁଭବ ହେଉଥିଲେ ଏହି ତେଲ ମସାଜ କରିବା ପରେ ଲୁଣ ଭାଜି ଏକ କପଡାରେ ପୁରାଇ ଆଣ୍ଠୁରେ ସେକ ଦେଲେ ଉପଷମ ମିଳିଥାଏ।

**– ଡା. ଗୋପାଳ ଚନ୍ଦ୍ର ନନ୍ଦ,**
କନ୍‌ସଲ୍‌ଟାଣ୍ଟ, ଡାଇବେଟିସ୍ ଆଣ୍ଡ ଲାଇଫଷ୍ଟାଇଲ୍ ଡିଜିଜ୍, ଡିଏନ୍‌ଏ କ୍ଲିନିକ୍, ଭୁବନେଶ୍ୱର



## ସୌନ୍ଦର୍ଯ୍ୟ

# ଆଖି ତଳେ ରହିବନି କଳାଦାଗ

**ଆଖି ତଳ କଳା ପଡ଼ିଗଲେ ମଣିଷର ସୁନ୍ଦରତା କମିଯାଏ। ବର୍ତ୍ତମାନ ଅଧିକ ସମୟ କମ୍ପ୍ୟୁଟରରେ କାମ କରିବା, ଚଷମା ପିନ୍ଧିବା କିମ୍ବା ଅନ୍ୟ କାରଣ ଯୋଗୁ ଆଖିତଳ କଳା ପଡ଼ିବାକୁ ନେଇ ଅନେକେ ଚିନ୍ତିତ। ଏହାକୁ ଦୂରକରିବା ପାଇଁ ସେମାନେ ବିଭିନ୍ନ କ୍ରିମ୍, ମେଡିସିନ ଆଦି ମଧ୍ୟ ବ୍ୟବହାର କରୁଛନ୍ତି। ହେଲେ ବିଭିନ୍ନ ଘରୋଇ ଉପଚାର ଦ୍ୱାରା ବି ଆଖି ତଳ କଳାଦାଗ ଦୂରକରିପାରିବେ...**



- ଆଖି ତଳ କଳା ନ ପଡ଼ିବା ପାଇଁ ପ୍ରତିଦିନ ଅତିକମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ। ଆଖିକୁ ବିଶ୍ରାମ ଦେବା ଲାଗି ଆବଶ୍ୟକ ନ ଥିବା ସମୟରେ ମୋବାଇଲ, କମ୍ପ୍ୟୁଟର ଦେଖିବାଠୁ ଦୂରେଇ ରହନ୍ତୁ। ପର୍ଯ୍ୟାପ୍ତ ପାଣି ପିଅନ୍ତୁ ଏବଂ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ସବୁଠୁ ବଡ଼ କଥା ହେଲା ନିଶା ସେବନଠୁ ଦୂରେଇ ରୁହନ୍ତୁ।
- ଅଧାଚାମଚ ବାଦାମତେଲ ସହ ୨ ବୁନ୍ଦା ମହୁ ମିଶାନ୍ତୁ। ରାତିରେ ଶୋଇବା ପୂର୍ବରୁ ଏହି ମିଶ୍ରଣକୁ ଆଙ୍ଗୁଳି ଦ୍ୱାରା ଆଖିର ଚାରିପାଖେ ମାଲିସ କରନ୍ତୁ। ୧୦-୧୫ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ପ୍ରତିଦିନ ଏପରି କଲେ ଆଖିତଳେ କଳାଦାଗ ଆଦୌ ରହିବ ନାହିଁ।
- କକୁମ୍ବର ଥେରାପି ଆଖି ତଳ କଳାଦାଗ ଦୂରକରିବା ପାଇଁ ବେଶ୍ ଉପଯୋଗୀ। ଏଥିପାଇଁ କାକୁଡ଼ିକୁ ଗୋଲ ଗୋଲ କରି କାଟି ଆଖି ଉପରେ ରଖନ୍ତୁ। କାକୁଡ଼ି ଆଖିକୁ ଥଣ୍ଡା ରଖିବା ସହ କଳାଦାଗ ମଧ୍ୟ ଦୂରକରିବ।
- ବ୍ୟବହାର କରିସାରିଥିବା ଟି ବ୍ୟାଗ୍‌କୁ ଆଖି ତଳେ ରଖନ୍ତୁ। ଏଥିରେ ଥିବା ତତ୍ତ୍ୱ ଟ୍ୟାନିଂ, ଆଖି ଫୁଲିବା ଏବଂ ଆଖି ତଳର କଳାଦାଗ ଦୂରକରିବାରେ ସାହାଯ୍ୟ କରିଥାଏ।
- ୫୦ ଗ୍ରାମ୍ ତୁଳସୀପତ୍ର, ନିମ୍ବପତ୍ର ଏବଂ ପୋଦିନାପତ୍ରରେ ସାମାନ୍ୟ ଗୋଲାପଜଳ ମିଶାଇ ଭଲଭାବେ ଗ୍ରାଇଣ୍ଡିଂ କରନ୍ତୁ। ଏହି ମିଶ୍ରଣରେ ସାମାନ୍ୟ ହଳଦୀଗୁଣ୍ଡ ମିଶାଇ ପେଷ୍ଟ ପ୍ରସ୍ତୁତକରି ଆଖି ତଳେ ଲଗାନ୍ତୁ। କିଛି ସମୟ ପରେ ଧୋଇଦିଅନ୍ତୁ। କିଛିଦିନ ଏପରି କଲେ ଦେଖିବେ କଳାଦାଗ ଦୂରହୋଇଯାଉଛି।

## ଖାଦ୍ୟରୁଚି // ଖଟା ବରକୋଳି ଆଚାର

**ଆବଶ୍ୟକ ସାମଗ୍ରୀ:**
ବରକୋଳି ୧କି.ଗ୍ରା., ସୋରିଷ ତେଲ ୧କପ୍, ହେଙ୍ଗୁ ଅଳ୍ପ, ଲାଲ ଲଙ୍କାଗୁଣ୍ଡ ୪ ଛୋଟ ଚାମଚ, ହଳଦୀଗୁଣ୍ଡ ୨ ଚାମଚ, ହଳଦିଆ ସୋରିଷ ୫ ଚାମଚ, ପାନମଧୁରୀ ୫ ଚାମଚ, ମେଥି ୫ ଚାମଚ, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:**
ଏକ କାଚ ଡବାରେ ବରକୋଳି ରଖି ଲୁଣ ମିଶାଇ ଦିଅନ୍ତୁ। ଡବା ବନ୍ଦକରି ଖରାରେ ଗୋଟେ ଦିନ ରଖି ଦିଅନ୍ତୁ । ପରେ ଏକ ଛଣା ସାହାଯ୍ୟରେ ଏଥିରୁ ବାହାରିଥିବା ପାଣିକୁ ଅଲଗା କରିଦିଅନ୍ତୁ। ଗ୍ୟାସ୍ ଚୁଲାରେ ଏକ ପ୍ୟାନ୍ ବସାଇ ଗରମ କରନ୍ତୁ। ଅଳ୍ପ ଆଞ୍ଚରେ ମେଥି, ପାନମଧୁରୀ ଏବଂ ସୋରିଷକୁ ୧ରୁ୨ ମିନିଟ୍ ପର୍ଯ୍ୟନ୍ତ ଭାଜି ଦିଅନ୍ତୁ। ଏହାକୁ ଥଣ୍ଡାକରି ଗୁଣ୍ଡ କରିନିଅନ୍ତୁ। ବର୍ତ୍ତମାନ ଚୁଲାରେ ପ୍ୟାନ୍ ଗରମକରି ତେଲ ପକାନ୍ତୁ। ତେଲ ଗରମ ହେବା ପରେ ଚୁଲା ବନ୍ଦକରି ବରକୋଳିକୁ ପକାଇ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ସେଥିରେ ମସଲା ଗୁଣ୍ଡ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ହେଙ୍ଗୁ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଚୁଲା ବନ୍ଦକରି କିଛି ସମୟ ଛାଡ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ବରକୋଳି ଆଚାର।





କଟକ ବିଡ଼ାନାସୀ ମିନି ଷ୍ଟାଡିୟମ୍‌ରେ ରବିବାର ଅନୁଷ୍ଠିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ଧାନ ବିକିଲେଣି ୯ ଲକ୍ଷରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ଚାଷୀ

■ ଏମ୍ଏସ୍‌ପି ବାବଦକୁ ପ୍ରାୟ ୯୦୬୯ କୋଟି
■ ଇନ୍‌ପୁଟ ସହାୟତା ଭାବେ ୩୧୫୪ କୋଟି ପ୍ରଦାନ

ଭୁବନେଶ୍ୱର,୨୭।୧(ଅନିଲ ଦାସ)

ଚଳିତ ଖରିଫ ଋତୁରେ ଧାନ କିଣା ପ୍ରକ୍ରିୟା ଜାରି ରହିଛି। ରାଜ୍ୟର ୩୦ ଜିଲାରେ ପ୍ରାୟ ୯ ଲକ୍ଷରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ଚାଷୀ ସେମାନଙ୍କ ଧାନ ମଣ୍ଡିରେ ବିକି ସାରିଲେଣି। ଚଳିତ ଖରିଫ ଋତୁରେ ପଞ୍ଜୀକୃତ ୫୦ ପ୍ରତିଶତରୁ ଅଧିକ ଚାଷୀ ସେମାନଙ୍କ ଧାନ ବିକ୍ରି କରି ସାରିଛନ୍ତି।

ଧାନ କ୍ରୟ ପାଇଁ ଏ ପର୍ଯ୍ୟନ୍ତ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ବାବଦରେ ୯୦୬୯ କୋଟି ଟଙ୍କା ଏବଂ ଇନପୁଟ ସହାୟତା ବାବଦରେ ୩୧୫୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଧାନକିଣା ଲକ୍ଷ୍ୟ ହାସଲ ନେଇ ସରକାର ନେଇଥିବା ପଦକ୍ଷେପ ସୁରୁଖୁରୁରେ ଚାଲୁ ରହିଛି। ପଞ୍ଜୀକୃତ ଚାଷୀମାନେ ମଣ୍ଡିରେ ଧାନ ବିକ୍ରୟ କରିବା ନେଇ କରାଯାଇଥିବା ବ୍ୟବସ୍ଥା ପ୍ରତି ଆସ୍ଥା ପ୍ରକଟ କରି ଉତ୍ସାହିତ ହେଉଥିବା ଲକ୍ଷ୍ୟ କରାଯାଉଛି। ସେହିଭଳି ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନପୁଟ ସହାୟତା ମିଶାଇ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ ମଧ୍ୟ ଚାଷୀମାନଙ୍କ ମନରେ ଖୁସି ଭରି ଦେଇଛି। ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ଅନ୍ୟ କେତେକ ଜିଲାରେ ଧାର୍ଯ୍ୟ ଲକ୍ଷ୍ୟର ୯୦ ପ୍ରତିଶତ ହାସଲ କରାଯାଇଥିବା ବେଳେ ଅଳ୍ପ କିଛିଦିନ ମଧ୍ୟରେ ଏହି ଜିଲାଗୁଡ଼ିକରେ ଧାନକିଣା ପ୍ରକ୍ରିୟା ଶେଷ ହେବ। ସେହିପରି ପଶ୍ଚିମ ଓଡ଼ିଶା ବ୍ୟତୀତ ରାଜ୍ୟର ଅନ୍ୟ ଜିଲାଗୁଡ଼ିକରେ ଧାନକିଣା ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯାଇଛି।

# ୬୫ ଜଣଙ୍କୁ ରାଷ୍ଟ୍ରପତି, ରାଜ୍ୟପାଳ ପଦକ ପ୍ରଦାନ



ପଦକ ପାଇଥିବା ଅଧିକାରୀ ଓ କର୍ମଚାରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଅନ୍ୟମାନେ।

ଭୁବନେଶ୍ୱର, ୨୭।୧
(ସୁଚିସ୍ମିତା ସାହୁ)

୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ ଲୋକସେବା ଭବନଠାରେ ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ମୁଖ୍ୟଅତିଥି ଭାବେ ଯୋଗଦେଇ ସାହସିକତା, ଉଲ୍ଲେଖନୀୟ ତଥା ବିଶିଷ୍ଟ ସେବା ନିମନ୍ତେ ରାଜ୍ୟ ଆରକ୍ଷୀ ବାହିନୀ, ରାଜ୍ୟ ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀ ଏବଂ ଓଡ଼ିଶା କାରାକାର ସଂସ୍ଥା ଓ ସଂସ୍କାର ସେବାର ୬୫ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ରାଷ୍ଟ୍ରପତି ଓ ରାଜ୍ୟପାଳ ପଦକ ପ୍ରଦାନ କରିଛନ୍ତି। ବିଶିଷ୍ଟ ସେବା ପାଇଁ ଭୁବନେଶ୍ୱର-କଟକ ପୋଲିସ କମିଶନର ସୁରେଶ ଦେବ ଦତ୍ତ ସିଂ ଏବଂ ଏସ୍‌ଟିଏଫ୍ ଡିଏସ୍‌ପି ସଚ୍ଚିଦାନନ୍ଦ ରଥଙ୍କୁ ୨୦୨୪ ଲାଗି ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଛି। ଉଲ୍ଲେଖନୀୟ ସେବା ଡେପୁଟି କମାଣ୍ଡାଣ୍ଟ କୌଶିକ କୁମାର ନାୟକ, ଡିଏସ୍‌ପି ସନତ କୁମାର ନାଥଶର୍ମା, ଡିଏସ୍‌ପି କବିତା ସାହୁ ଏବଂ ଡିଏସପି ହରିବନ୍ଧୁ ଭଦ୍ରାଙ୍କ ସମେତ ୧୪ଜଣଙ୍କୁ ରାଷ୍ଟ୍ରପତି ପଦକ ମିଳିଛି। ସେହିପରି୨୦୨୪ ନିମିତ୍ତ ୧୮ ଜଣଙ୍କୁ ରାଜ୍ୟପାଳ ପଦକ ପ୍ରଦାନ କରାଯାଇଛି। ସେହିପରି ୨୦୨୧ ନିମନ୍ତେ ୨୩ଜଣଙ୍କୁ ରାଜ୍ୟପାଳ ପଦକ ଦିଆଯାଇଥିବା ବେଳେ ରାଜ୍ୟ ଅଗ୍ନିଶମ, ଗୃହରକ୍ଷୀ ଆଦି ବିଭିନ୍ନ ବିଭାଗରେ ୮ଜଣଙ୍କୁ ରାଷ୍ଟ୍ରପତି ଓ ରାଜ୍ୟପାଳ ପଦକ ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ଡିଜି ୱାଇ. ବି. ଖୁରାନିଆ, ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ, ଜେଲ ଡିଜି ଅରୁଣ କୁମାର ରାୟ ଉପସ୍ଥିତ ଥିଲେ।

# ଭିତରକନିକାରେ ଡଲ୍‌ଫିନ ଗଣନା ଆରମ୍ଭ

ରାଜନଗର, ୨୭।୧
(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥାରେ ସାମୁଦ୍ରିକ ଅଭୟାରଣ୍ୟରେ ସୋମବାରଠାରୁ ଡଲ୍‌ଫିନ ଗଣନା ଆରମ୍ଭ ହୋଇଛି। ଏହି ଗଣନା ପ୍ରକ୍ରିୟା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଧାମରା ମୁହାଣଠାରୁ ଦେବୀ ମୁହାଣ ଯାଏ ସମୁଦ୍ର ମଧ୍ୟରେ, ଭିତରକନିକା ମଧ୍ୟରେ ଥିବା କ୍ରିକ୍ ଓ ନଦୀରେ ୯ଟି ଗଣନାକାରୀ ଟିମ୍ ଡଲ୍‌ଫିନ ଗଣନା କରୁଛନ୍ତି। ଗଣନା ପ୍ରକ୍ରିୟା ସରି ନ ଥିଲେ ମଧ୍ୟ ଭିତରକନିକା ପାଇଁ ଖୁସି ଖବର ଆସିଛି।

ମିଳିଥିବା ସୂଚନା ମୁତାବକ, ଚିଞ୍ଚିରି ମୁହାଣଠାରୁ ଅଗରନାସୀ ମଧ୍ୟରେ ଗଣନାକାରୀ ଟିମ୍ ସଂଖ୍ୟାଧିକ ଇରାୱାର୍ଡି ଡଲ୍‌ଫିନକୁ ଦେଖିବାକୁ ପାଇଥିବାବେଳେ ବାବୁବାଲିରୁ ଏକକୂଳା ମଧ୍ୟରେ ଗଣନାକାରୀ ଟିମ୍ ଗୋଟିଏ ଗ୍ରୁପ୍‌ରେ ଶତାଧିକ ଡଲ୍‌ଫିନଙ୍କୁ ଦେଖିଥିବା ସୂଚନା ରହିଛି। ଇରାୱାର୍ଡି ଡଲ୍‌ଫିନ ସହ ହମ୍ପବ୍ୟାକ୍, ବଟଲନୋଜ ପ୍ରଜାତିର ଡଲ୍‌ଫିନ ଦେଖିବାକୁ ପାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ପୂର୍ବରୁ କେବଳ ଚିଲିକାରେ ଡଲ୍‌ଫିନ୍ ଗଣନା କରାଯାଉଥିଲା। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିଷ୍ପତ୍ତିକ୍ରମେ ୨୦୧୫ଠାରୁ ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା କରାଯାଉଛି। ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା ପାଇଁ ଚଳିତବର୍ଷ ୯ଟି ଟିମ୍ ଗଠନ କରାଯାଇଛି। ଆଉଟର ହୁଇଲରରୁ ଚିଞ୍ଚିରି ମାଉଥ୍, ବରୁଣେଇରୁ ପାରାଦୀପ, ହଂସିଣା ବ୍ରିଜ୍ ମାଇପୁରା ମାଉଥ୍, ରାଜନଗର ହଂସୁଆ ନଦୀରୁ ଖୋଲା, ଖୋଲାରୁ ଧାମରା ମାଉଥ୍ ଭାୟା ନଳିତାପାଟିଆ, କାଳିଭଞ୍ଜଡିଆ, ଜମ୍ବୁ ଖରନାସିରୁ ହୁକିଟୋଲା, ପାରାଦୀପରୁ ଜଟାଧାର ମୁହାଣ ଓ ଦେବୀ ମୁହାଣରୁ ଜଟାଧାର ମୁହାଣ ଯାଏ ୯ଟି ଗ୍ରୁପ୍ ଗଣନା କରୁଛନ୍ତ। ସମୁଦ୍ର ମଧ୍ୟରେ ୫ଟି ଟିମ୍ ଓ ନଦୀ, କ୍ରିକ୍ ୪ଟି ଟିମ୍ ଡଲ୍‌ଫିନ୍ ଗଣନା କରୁଛନ୍ତି। ଭିତରକନିକାରେ ୫ ପ୍ରକାର ଡଲ୍‌ଫିନ୍ ଦେଖାଯାଇଥାନ୍ତି। ଗହୀରମଥା ଓ ଭିତରକନିକାରେ ୨୦୨୧ରେ ୩୪୨ଟି, ୨୦୨୨ ରେ ୫୪୦ଟି, ୨୦୨୩ ରେ ୫୫୦ଟି ଓ ୨୦୨୪ରେ ପ୍ରତିକୂଳ ପାଗ ସତ୍ତ୍ୱେ ୫୦୨ଟି ଡଲ୍‌ଫିନଙ୍କୁ ଗଣନା ବେଳେ ଦେଖିବାକୁ ମିଳିଥିଲା। ଚଳିତବର୍ଷ ପାଗ ଅନୁକୂଳ ଥିବାରୁ ଡଲ୍‌ଫିନ ସଂଖ୍ୟା ବଢ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଉଛି। ଏହି ଗଣନା କାର୍ଯ୍ୟରେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ, ଡ. ଶିବପ୍ରସାଦ ପରିଡ଼ା, ଏସିଏଫ୍ ମାନସ ଦାସ, ଗଗନ ବିହାରୀ ମଲ୍ଲିକ, ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା, ଶାନ୍ତନୁ ଦଲାଇ, ଫରେଷ୍ଟର ବିଭୂତି ଭୂଷଣ ତରାଇ, ବିଜୟ କୁମାର ପାତ୍ର, ଫରେଷ୍ଟ ଗାର୍ଡ ସୁନୀଲ ରାଉତରାୟ, ତ୍ରିଦେପ ପ୍ରଧାନଙ୍କ ସମତେ ବନ କର୍ମଚାରୀମାନେ ସାମିଲ ହୋଇଛନ୍ତି।

# ଭାରତୀୟତା ଆମ ଅସ୍ତିତ୍ୱର ମୂଳ ପିଣ୍ଡ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୧
(ସୌମ୍ୟରଞ୍ଜନ ରାଉତ)

ଭାରତ ଏବଂ ଭାରତୀୟତା ହେଉଛି ଆମ ଅସ୍ତିତ୍ୱର ମୂଳ ପିଣ୍ଡ। ଆମ ଦେଶ ଓ ଏହାର ସଂସ୍କୃତି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି। ୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ ରବିବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ 'ଭାରତୀୟମ୍'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ଏହି ଭବ୍ୟ କାର୍ଯ୍ୟକ୍ରମ ହେଉଛି ଭାରତମାତାଙ୍କ ପଦାରବିନ୍ଦରେ ଆମର ବିନମ୍ର ଉପହାର। ଆମ ଓଡ଼ିଆ ଭାଷା ଓ ସଂଗୀତ ସମୃଦ୍ଧ ଏବଂ ପରିପୁଷ୍ଟ। ନୂତନ ପିଢ଼ିର କଳାକାରମାନଙ୍କୁ ପରାମର୍ଶ ଦେଇ ସେ କହିଲେ, ଆପଣମାନେ ଏଭଳି ସଙ୍ଗୀତ ପ୍ରସ୍ତୁତ କରନ୍ତୁ ଯାହା ନିଜ ପରିବାର ବର୍ଗଙ୍କ ସହ ସମସ୍ତେ ଉପଭୋଗ କରିପାରିବେ ଓ ଏହା କାଳଜୟୀ ହୋଇରହିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଚଳିତ ବର୍ଷର ପଦ୍ମ ପୁରସ୍କାର ପାଇବାକୁ ଯାଉଥିବା ଓଡିଶୀ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ବିଶିଷ୍ଟ ଚିକିତ୍ସକ ଡ. ଅଶୋକ ମହାପାତ୍ର ଓ ଶିଳ୍ପୀ ଅଦ୍ୱୈତ ଗଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

କଣ୍ଠଶିଳ୍ପୀ ଶେଖର ଘୋଷ, ଲକ୍ଷ୍ମୀକାନ୍ତ ପାଲିତ, ମନ୍ମଥ ମିଶ୍ର, ମିତାଲି ଚିନାରା, ଆଦ୍ୟାଶା ଦାସ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ଡ. ପ୍ରିୟଙ୍କା ମାର୍ଣ୍ଡି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଶାରଦା ଶତପଥୀ, ସଂସ୍କୃତି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।



# ଓଡ଼ିଶା ୱାରିୟର୍ସ ଚାମ୍ପିୟନ

ଭୁବନେଶ୍ୱର, ୨୭ା୧ (ତପନ ସ୍ୱାଇଁ)

ସର୍ବପ୍ରଥମ ମହିଳା ହକି ଇଣ୍ଡିଆ ଲିଗ୍ ରାଞ୍ଚିର ମାରଙ୍ଗ ଗୋମକା ଜୟପାଲ ସିଂ ମୁଣ୍ଡା ଆଷ୍ଟ୍ରୋ ଟର୍ଫ ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବକୁ ୨-୧ ଗୋଲରେ ହରାଇ ଓଡ଼ିଶା ୱାରିୟର୍ସ ଚାମ୍ପିୟନ ହୋଇଛି। ପ୍ରଥମ କ୍ୱାର୍ଟରର ୭ମ ମିନିଟରେ ବିପଜ୍ଜନକ ପ୍ରଦର୍ଶନ ପାଇଁ ସୁରମା କ୍ଲବର ଚାର୍ଲୋଟ ଇଙ୍ଗଲବର୍ଟ ୟେଲୋ କାର୍ଡ ପାଇଥିଲେ। ତେବେ ଏହି କ୍ୱାର୍ଟରରେ ଗୋଲ ହୋଇପାରି ନ ଥିଲା। ୨୦ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ପିସାଲ ରିତୁଜା ଦାଦାସୋ ଓଡ଼ିଶା ୱାରିୟର୍ସକୁ ଅଗ୍ରଣୀ କରିଥିଲେ। ମାତ୍ର ଏହାର ୮ ମିନିଟ ପରେ ସୁର୍‌ମା ହକି କ୍ଲବକୁ ମିଳିଥିବା ପେନାଲ୍ଟିକର୍ନରକୁ ଗୋଲରେ ପରିଣତ କରି ସ୍ୱିକ୍ ପେନି ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ତୃତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିବାରୁ ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ କଡ଼ା ଟକ୍କର ହୋଇଥିଲା। ମାତ୍ର ଖେଳର ଅନ୍ତିମ ପର୍ଯ୍ୟାୟରେ ୫୬ତମ ମିନିଟରେ ରିତୁଜା ଦାଦାସୋ ବ୍ୟକ୍ତିଗତ ଦ୍ୱିତୀୟ ଫିଲ୍ଡଗୋଲ କରି ଓଡ଼ିଶା ଦଳକୁ ବିଜୟ ମୁକୁଟ ପିନ୍ଧାଇଥିଲେ। ଅବଶିଷ୍ଟ ୪ ମିନିଟ ଏବଂ ଇଞ୍ଜୁରି ଟାଇମ୍‌ରେ ଗୋଲ ପରିଶୋଧ ପାଇଁ ସୁରମା ଦଳ ଜୋରଦାର ଉଦ୍ୟମ କରିଥିଲେ ହେଁ ୱାରିୟର୍ସର ଦୃଢ଼ ରକ୍ଷଣଭାଗ ତାହା ହେବାକୁ ଦେଇ ନ ଥିଲେ। ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ ହେଁ ପୂରା ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ସୁର୍‌ମା ହକି କ୍ଲବର ଖେଳାଳିମାନେ ଅଧିକାଂଶ ପୁରସ୍କାର ହାତେଇ ନେଇଥିଲେ। ଏହି ଦଳର ସବିତା ପୁନିଆ ଶ୍ରେଷ୍ଠ ଗୋଲକିପର, ସୋନମ ଶ୍ରେଷ୍ଠ ଉଦୀୟମାନ ଖେଳାଳି, ଜ୍ୟୋତି ରୁମାଓ୍ୱତ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ହୋଇଥିବାବେଳେ ଚାର୍ଲୋଟ ଇଙ୍ଗଲବର୍ଟ ଓଡ଼ିଶା ୱାରିୟର୍ସର ୟିବି ଜାନସେନଙ୍କ ସହ ଯୁଗ୍ମଭାବେ ଟପ୍ ସ୍କୋରର ହୋଇଥିଲେ। ପିସାଲ ରିତୁଜା ଦାଦାସୋ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିବାବେଳେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ବିବେଚିତ ହୋଇଥିଲା। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।


ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ମହିଳା ହକି ଇଣ୍ଡିଆ ଲିଗ୍ ଚାମ୍ପିୟନ ଓଡ଼ିଶା ୱାରିୟର୍ସ ଦଳ।

## ମହିଳା ହକି ଇଣ୍ଡିଆ ଲିଗ୍

### ପୁରସ୍କାର

- ପ୍ଲେୟର ଅଫ୍ ଦି ମ୍ୟାଚ: ପିସାଲ ରିତୁଜା ଦାଦାସୋ (ଓଡ଼ିଶା ୱାରିୟର୍ସ)
- ଶ୍ରେଷ୍ଠ ଗୋଲକିପର: ସବିତା ପୁନିଆ (ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ)
- ଶ୍ରେଷ୍ଠ ଉଦୀୟମାନ ଖେଳାଳି: ସୋନମ (ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ)
- ଟପ୍ ସ୍କୋରର: ୟିବି ଜାନସେନ (ଓଡ଼ିଶା ୱାରିୟର୍ସ-୫) ଓ ଚାର୍ଲୋଟ ଇଙ୍ଗଲବର୍ଟ (ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ-୫)
- ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ: ଜ୍ୟୋତି ରୁମାଓ୍ୱତ (ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ)
- ଫେୟାର ପ୍ଲେ: ଦିଲ୍ଲୀ ଏସ୍‌ଜି ପାଇପର୍ସ

### ୱାରିୟର୍ସରେ ଥିଲେ ୫ ଓଡ଼ିଆ

ମହିଳା ହକି ଇଣ୍ଡିଆ ଲିଗ୍ ଚାମ୍ପିୟନ ଓଡ଼ିଶା ୱାରିୟର୍ସ ଦଳରେ ସର୍ବାଧିକ ୫ ଜଣ ଓଡ଼ିଆ ଖେଳାଳି ସାମିଲ ଥିଲେ। ସେମାନେ ହେଲେ ଦୀପ୍‌ଗ୍ରେସ ଏକ୍କା, ଜ୍ୟୋତି ଛତ୍ରୀ, ମାଧୁରି କିଣ୍ଡୋ, ଅଞ୍ଜଳି ବାରଓ୍ୱା ଓ ଇଙ୍ଗିଲ ହର୍ଷ ରାଣୀ ମିଞ୍ଜ। ଫଳରେ ଏହି ଖେଳାଳିମାନେ ଦଳର ସ୍ୱର୍ଣ୍ଣିମ ସଫଳତାରେ ସାମିଲ ହୋଇ ନିଜ କ୍ୟାରିୟରକୁ ସ୍ମରଣୀୟ କରିଛନ୍ତି। ରନରଅପ୍ ସୁର୍‌ମା ହକି କ୍ଲବ ଦଳରେ ସାମିଲ ହୋଇଥିଲେ ଓଡ଼ିଶାର ଆଜମିନା କୁଜୁର।

## ବେଙ୍ଗଲ, ସୁରମା ବିଜୟୀ

ଭୁବନେଶ୍ୱର, ୨୭ା୧ (ତପନ ସ୍ୱାଇଁ)

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର ସୋମବାର ଅନୁଷ୍ଠିତ ୨ଟି ମ୍ୟାଚରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ଓ ସୁରମା ହକି କ୍ଲବ ବିଜୟୀ ହୋଇଛି। ବେଙ୍ଗଲ ଟାଇଗର୍ସ ୨-୧ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ହରାଇ ପଏଣ୍ଟ ଟେବୁଲର ଶୀର୍ଷରେ ପହଞ୍ଚିଛି। ଅନ୍ୟଏକ ମ୍ୟାଚରେ ସୁରମା ୫-୩ ଗୋଲରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ହରମନପ୍ରୀତ ସିଂ ୩୨ ଓ ୫୪ ମିନିଟରେ ୨ଟି, ପ୍ରଭଜୋତ ସିଂ ୨୬, ନିକୋଲାସ କିନାନ ୩୩, ମନିନ୍ଦର ସିଂ ୫୧ ଏବଂ ଲାନ୍ସର୍ସ ପକ୍ଷରୁ ଦିଲପ୍ରୀତ ସିଂ ୫ମ, ଥିଏରୀ ବ୍ରିଙ୍ଗମାନ ୪୪ ଓ ଗୁରସାହିବଜିତ ସିଂ ୫୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏଥିସହ କଳିଙ୍ଗ ଲାନ୍ସର୍ସ ସହ ଟିମ୍ ଗୋନାସିକା ଓ ଦିଲ୍ଲୀ ଏସ୍‌ଜିପାଇପର୍ସ ଏଲିମିନେଟ ହୋଇଛି।

# ସିନରଙ୍କୁ ଅଷ୍ଟ୍ରେଲିଆନ ଓପନ ଟାଇଟଲ

ମେଲବୋର୍ନ, ୨୭ା୧ (ଏପି)


ଟ୍ରଫି ସହ ଜାନିକ ସିନର।

ଇଟାଲୀର ଜାନିକ ସିନର ଏଥର ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ଆଲେକ୍‌ଜାଣ୍ଡର ଜେଭେରେଭଙ୍କୁ ୬-୩, ୭-୬ (୪), ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଏଥିସହିତ ୨୩ ବର୍ଷୀୟ ଏହି ଟେନିସ ଖେଳାଳି ଏଠାରେ କ୍ରମାଗତ ଦ୍ୱିତୀୟ ଥର ଟାଇଟଲ ବିଜୟୀ ହୋଇ ପାରିଛନ୍ତି। ୨୦୧୯ ପରେ ପ୍ରଥମ ଥର ନମ୍ବର ୧ ଓ ନମ୍ବର୨ ର୍ୟାଙ୍କିଙ୍ଗ ଖେଳାଳିଙ୍କ ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ସେତେବେଳେ ଟାଇଟଲ ମୁକାବିଲା ତତ୍‌କାଳୀନ ନମ୍ବର-୧ ନୋଭାକ୍ ଜୋକୋଭିଚ୍ ଓ ନମ୍ବର ୨ ରାଫାଲ ନାଡାଲଙ୍କ ମଧ୍ୟରେ ହୋଇଥିଲା। ୧୯୯୨-୯୩ରେ ଜିମ୍ କୋରିଅରଙ୍କ ପରେ ମେଲବୋର୍ନ ପାର୍କରେ ସର୍ବକନିଷ୍ଠ ଖେଳାଳି ହିସାବରେ କ୍ରମାଗତ ଦୁଇଥର ଟାଇଟଲ ଜିତିବାରେ ସିନର ପ୍ରଥମ ଖେଳାଳି। ଅନ୍ୟପକ୍ଷରେ ୨୦୦୫ ଓ ୨୦୦୬ରେ ନାଡାଲ ଫ୍ରେଞ୍ଚ ଓପନରେ ପ୍ରଥମ ବ୍ୟକ୍ତିଭାବେ କ୍ରମାଗତ ଟାଇଟଲ ବିଜୟୀ ହେବାର ଗୌରବ ଅର୍ଜନ କରିଛନ୍ତି।

# ରଣ୍‌ଜୀ ଟ୍ରଫି: ଓଡ଼ିଶାର ଇନିଂସ ବିଜୟ

ଭୁବନେଶ୍ୱର, ୨୭ା୧ (ତପନ ସ୍ୱାଇଁ)

ଶିଲଂର ଏମ୍‌ସିଏ ଗ୍ରାଉଣ୍ଡରେ ଅନୁଷ୍ଠିତ ମେଘାଳୟ ବିପକ୍ଷ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ଇନିଂସ ବିଜୟ ହାସଲ କରିଛି। ପ୍ରଥମ ଇନିଂସରେ ମେଘାଳୟ ୧୯୮ ରନରେ ସୀମିତ ରହିଥିବାବେଳେ ଓଡ଼ିଶା ୫୪୮/୭ରେ ଇନିଂସ ଘୋଷଣା କରିଥିଲା। ଦ୍ୱିତୀୟ ଇନିଂସରେ ମେଘାଳୟ ୨୯୪ ରନରେ ଅଲ୍‌ଆଉଟ ହେବାରୁ ଓଡ଼ିଶା ଏକ ଇନିଂସ ୫୬ ରନରେ ବିଜୟ ହାସଲ କରିଥିଲା। ଦ୍ୱିତୀୟ ଇନିଂସରେ ମେଘାଳୟ ପକ୍ଷରୁ ଯଶକିରଟ ସିଂ ସଚଦେବା ସର୍ବାଧିକ ୮୨ ଓ ସୁମିତ କୁମାର ୫୧ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୁନୀଲ ରାଉଳ ୪ଟି, ରାଜେଶ ମହାନ୍ତି ୩ଟି, ଗୋବିନ୍ଦ ପୋଦ୍ଦାର ୨ଟି ଓ ତାପସ ଦାସ ଗୋଟିଏ ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ୬ ଉଇକେଟ ନେଇଥିବା ଓଡ଼ିଶାର ତାପସ ଦାସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚଳିତ ସିଜନରେ ଓଡ଼ିଶାର ଏହା ଥିଲା କ୍ରମାଗତ ଦ୍ୱିତୀୟ ବିଜୟ। ପୂର୍ବ ମ୍ୟାଚରେ ମହାରାଷ୍ଟ୍ରକୁ ଓଡ଼ିଶା ଦଳ ୩ ଉଇକେଟରେ ପରାସ୍ତ କରିଥିଲା। ଓଡ଼ିଶା ଏପର୍ଯ୍ୟନ୍ତ ୬ ମ୍ୟାଚ ଖେଳି ସାରିଥିବାବେଳେ ୨ ବିଜୟ, ୨ ପରାଜୟ, ୧ଡ୍ର ଓ ଗୋଟିଏରୁ ଫଳାଫଳ ମିଳି ନ ଥିବାରୁ ୧୬ ପଏଣ୍ଟ ପାଇ ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ସମାନ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଥିବା ସର୍ଭିସେସ ଦଳକୁ ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ଭେଟିବ। ଓଡ଼ିଶା ଓ ସର୍ଭିସେସ ମଧ୍ୟରେ ଚଳିତ ସିଜନର ଶେଷ ଲିଗ୍ ମ୍ୟାଚ ଚଳିତ ମାସ ୩୦ରୁ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ।


ତାପସ ଦାସ

**ସଂକ୍ଷିପ୍ତ ସ୍କୋର**

ମେଘାଳୟ ପ୍ରଥମ ଇନିଂସ: ୧୯୮। ଓଡ଼ିଶା ପ୍ରଥମ ଇନିଂସ: ୫୪୮/୭ ଘୋଷଣା। ମେଘାଳୟ ଦ୍ୱିତୀୟ ଇନିଂସ: ୨୯୪/ଅଲ୍‌ଆଉଟ (ଯଶକିରଟ ସିଂ ସଚଦେବା-୮୨, ସୁମିତ କୁମାର-୫୧, ସୁନୀଲ ରାଉଳ-୪/୬୧, ରାଜେଶ ମହାନ୍ତି-୩/୪୯, ଗୋବିନ୍ଦ ପୋଦ୍ଦାର-୨/୫୪, ତାପସ ଦାସ-୧/୫୭)।



Dr. Juneja's ®
ପେଟ ସଫା
Natural Laxative
GRANULES & TABLETS
କୋଷ୍ଠକାଠିନ୍ୟ • ଗ୍ୟାସ୍
ଏସିଡିଟି
ପେଟ ସଫା ତ ସବୁ ରୋଗ ଦଫା
24x7 Helpline 91197 88888
www.petsaffa.com
Available at all medical & general stores
SELECTED NO.1 BRAND INDIA 2016
ଦିବିସା ହର୍ବାଲ କେୟାର୍ ପ୍ରସ୍ତୁତ କରୁଛି ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଓ ଟାବ୍ଲେଟ୍ସ, ଯାହାକୁ ସେବନ କରିବା ବହୁତ ସହଜ, ଆଉ ପରିଣାମ ମିଳେ ପ୍ରଥମ ଦିନରୁ


Divisa


# ଜାତୀୟ କ୍ରୀଡ଼ା ଉଦ୍‌ଘାଟନ ଆଜି

**ଡେରାଡୁନ୍, ୨୭।୧ (ପି.ଟି.)**

ଉତ୍ତରାଖଣ୍ଡ ରାଜ୍ୟ ଅନ୍ତର୍ଗତ ଡେରାଡୁନ୍‌ରେ ୩୮ତମ ଜାତୀୟ କ୍ରୀଡ଼ାର ବିଧିବଦ୍ଧ ଉଦ୍‌ଘାଟନୀ ଉତ୍ସବ ମଙ୍ଗଳବାର ହେବ। ଏଥିରେ ୭ଟି ଭେନ୍ୟୁରେ ୩୨ଟି ବିଭାଗର ପ୍ରତିଯୋଗିତା ହେବ। ସ୍ଥାନୀୟ ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ କ୍ରୀଡ଼ା ମହୋତ୍ସବର ଉଦ୍‌ଘାଟନ ଘୋଷଣା କରିବାର କାର୍ଯ୍ୟକ୍ରମ ରହିଛି। ଅଧିକାଂଶ ବଡ଼ ବଡ଼ ଷ୍ଟାର ଆଥ୍‌ଲେଟ୍ ଯଦିଓ ଉପଲବ୍ଧ ହେଉ ନାହାନ୍ତି ତେବେ ୧୮ ଦିନ ଧରି ଅନୁଷ୍ଠିତ ହେବାକୁଥିବା



ଏହି କ୍ରୀଡ଼ା ମହୋତ୍ସବରେ ପ୍ରାୟ ୧୦,୦୦୦ ଆଥ୍‌ଲେଟ ଏବଂ ୩୮ଟି ଦଳର ଅଫିସିଆଲମାନେ ଅଂଶଗ୍ରହଣ କରିବେ। ସଂଖ୍ୟା ଦୃଷ୍ଟିରୁ କହିବାକୁ ଗଲେ ଏହା ବିଶ୍ୱର ସର୍ବବୃହତ୍ ଜାତୀୟ କ୍ରୀଡ଼ା। ଏଥର ଗେମ୍‌ଗୁଡ଼ିକ ଉତ୍ତରାଖଣ୍ଡର ୭ଟି ସହରରେ ହେବ। ତନ୍ମଧ୍ୟରେ ଡେରାଡୁନ୍ ହେଉଛି ମୁଖ୍ୟ ଭେନ୍ୟୁ। ଫେବୃଆରୀ ୧୪ ପର୍ଯ୍ୟନ୍ତ ହେବାକୁଥିବା ଏହି ଇଭେଣ୍ଟର ଅନ୍ୟ ଭେନ୍ୟୁଗୁଡ଼ିକ ହେଲା ହରିଦ୍ୱାରା, ନୈନିତାଲ, ହଲ୍‌ଦୱାନି, ରୁଦ୍ରପୁର, ଶିବପୁର ଓ ନ୍ୟୁ ଟେହରି। ଜାତୀୟ କ୍ରୀଡ଼ାର ଗତ ସଂସ୍କରଣ ୨୦୨୩ରେ ଗୋଆର ୫ଟି ସହରରେ ଅନୁଷ୍ଠିତ ହୋଇଥିଲା। ଉତ୍ତରାଖଣ୍ଡ ରାଜ୍ୟ ସୃଷ୍ଟିର ୨୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଜାତୀୟ କ୍ରୀଡ଼ା ଆୟୋଜନ ଏକ ବିଶେଷ ଗୁରୁତ୍ୱ ବହନ କରେ। ଉତ୍ତରାଖଣ୍ଡ ରାଜ୍ୟ ପକ୍ଷୀ 'ମୋନାଲ' ଦ୍ୱାରା ଅନୁପ୍ରାଣିତ 'ମାଉଲି' ହେଉଛି ଜାତୀୟ କ୍ରୀଡ଼ାର ମାସ୍କଟ, ଯାହାକି ଏହି ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ, ବିବିଧତା ଓ ସାଂସ୍କୃତିକ ଐତିହ୍ୟର ପ୍ରତୀକ। ଗେମ୍ସରେ ପ୍ରାୟ ସମସ୍ତ ଅଲିମ୍ପିକ କ୍ରୀଡ଼ାକୁ ସାମିଲ କରାଯାଇଛି।

## ମହାରାଷ୍ଟ୍ରକୁ ସ୍ୱର୍ଣ୍ଣ

ସୋମବାର ହଲ୍‌ଦ୍ୱାନୀଠାରେ ଅନୁଷ୍ଠିତ ଟ୍ରାଇଥଲନ ମିକ୍ସଡ ରିଲେ ଇଭେଣ୍ଟରେ ମହାରାଷ୍ଟ୍ର ସ୍ୱର୍ଣ୍ଣ ପଦକ ଲାଭ କରିଛି। ମଧ୍ୟ ପ୍ରଦେଶ ଓ ତାମିଲନାଡୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ସହ ରୌପ୍ୟ ଓ ବ୍ରୋଞ୍ଜ ପାଇଛନ୍ତି। ପୂର୍ବରୁ ବ୍ୟକ୍ତିଗତ ଇଭେଣ୍ଟରେ ମହାରାଷ୍ଟ୍ରର ପାର୍ଥ ସଚିନ ମିରାଜେ ସ୍ୱର୍ଣ୍ଣ, ଡଲି ଦେବୀଦାସ ପାଟିଲ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପାଇଥିବା ବେଳେ ମାନସୀ ମୋହିତେଙ୍କୁ ରୌପ୍ୟ ମିଳିଥିଲା। ମଧ୍ୟ ପ୍ରଦେଶର ଆଧ୍ୟା ସିଂ ଏକ ବ୍ରୋଞ୍ଜ ପାଇଥିଲେ।

## କେଉଁ ଇଭେଣ୍ଟରେ ଓଡ଼ିଶାର କେତେ ଆଥ୍‌ଲେଟ

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡର ବିଭିନ୍ନ ଭେନ୍ୟୁରେ ୩୮ତମ ଜାତୀୟ କ୍ରୀଡ଼ା ୨୦୨୪-୨୫ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ଫେବୃଆରୀ ୧୪ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାର ୩୦୨ ଆଥଲେଟ୍ ୨୬ ବିଭାଗରେ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ୧୬୫ ମହିଳା ଓ ୧୩୭ ପୁରୁଷ ଆଥଲେଟ୍ ସାମିଲ। ଏହା ବ୍ୟତୀତ ୭୩ ସପୋର୍ଟ ଷ୍ଟାଫ୍ (କୋଚ୍, ଫିଜିଓ, ମ୍ୟାନେଜର) ମଧ୍ୟ ଏହି ମେଗା ଇଭେଣ୍ଟରେ ଭାଗନେବେ। ମିଳିଥିବା ସୂଚନା ଅନୁସାରେ ଓଡ଼ିଶାରୁ ଆକ୍ୱାଟିକ୍ସରେ ୨୫, ଆର୍ଚେରୀରେ ୬, ଆଥ୍‌ଲେଟିକ୍ସରେ ୨୪, ବ୍ୟାଡ୍‌ମିଣ୍ଟନରେ ୨, ବକ୍ସିଂରେ ୭, ସାଇକ୍ଲିଂରେ ୫, ଫୁଟବଲ (ମହିଳା)ରେ ୨୨, ଜିମ୍ନାଷ୍ଟିକ୍ସରେ ୧୨, ହକି (ମହିଳା ଓ ପୁରୁଷ)ରେ ୩୬, ଜୁଡୋରେ ୧, କାୟାକିଂ ଓ କାନୋଇଂରେ ୧୩ ଏବଂ ଖୋ ଖୋ (ମହିଳା ଓ ପୁରୁଷ)ରେ ୩୦ ଖେଳାଳି ଭାଗନେବେ। ସେହିପରି ଲନ୍ ବଲ୍‌ରେ ୧୪, ଟେନିସରେ ୧, ମଡର୍ନ ପେଣ୍ଟାଥଲନରେ ୮, ରୋଇଂରେ ୨୪, ରଗ୍‌ବୀ ସେଭେନ୍ସ (ମହିଳା ଓ ପୁରୁଷ)ରେ ୨୪, ଶୁଟିଂରେ ୯, ଟାଏକୋଣ୍ଡୋରେ ୬, ଟ୍ରାଇଥଲନରେ ୨, ବିଚ୍ ଭଲିବଲ୍‌ରେ ୪, ଭାରୋତ୍ତୋଳନରେ ୭, ରେସଲିଂରେ ୮, ଉଷୁରେ ୮ ଓ ଯୋଗାସନରେ ୪ ଆଥ୍‌ଲେଟ ଅଂଶଗ୍ରହଣ କରିବେ।

### ଅଶୋକ କୁମାର ସାହୁ ଚିଫ୍-ଡି ମିଶନ

ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ ଚିଫ୍-ଡି ମିଶନ ଭାବେ ଓଡ଼ିଶା ଦଳର ନେତୃତ୍ୱ ନେବେ। ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ସଭାପତି ଜଗମୋହନ ପଟ୍ଟନାୟକ ଓ ଅନ୍ୟ ସଦସ୍ୟମାନେ ଅଶୋକ ସାହୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବୁମ୍‌ରା ଟେଷ୍ଟ, ମନ୍ଧାନା ଦିନିକିଆରେ ଶ୍ରେଷ୍ଠ

**ଦୁବାଇ, ୨୭।୧ (ପି.ଟି.)**

ଭାରତର ପ୍ରମୁଖ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ସୋମବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଦ୍ୱାରା ପୁରୁଷ ଟେଷ୍ଟ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଥିବା ବେଳେ ମହିଳା ବିଭାଗରେ ବିସ୍ଫୋରକ ବ୍ୟାଟର ସ୍ମୃତି ମନ୍ଧାନା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ବୁମ୍‌ରା ଏହା ପୂର୍ବରୁ ଟେଷ୍ଟ ଟିମ୍ ଅଫ୍ ଦି ଇୟରରେ ସ୍ଥାନ ପାଇ ସାରିଛନ୍ତି। ଗତ ୧୨ ମାସରେ ବୁମ୍‌ରାଙ୍କ ପ୍ରଦର୍ଶନ ଜବରଦସ୍ତ ରହିଛି। ଏହି ସମୟ ମଧ୍ୟରେ ଭାରତ ଖେଳିଥିବା ସମସ୍ତ ଦଳ ବିପକ୍ଷରେ ସେ ପ୍ରଭାବୀ ବୋଲିଂ କରିପାରିଛନ୍ତି। ସେ ୧୩ଟି ମ୍ୟାଚ ଖେଳି ୧୪. ୯୨ ଆଭରେଜରେ ୭୧ଉଇକେଟ ଅକ୍ତିଆର କରିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ବର୍ଷର ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟର ଅଫ୍ ଦି ଇୟର ବିବେଚିତ ଦକ୍ଷ ମହିଳା ଓପନର ସ୍ମୃତି ମନ୍ଧାନା ମହିଳା ଦିନିକିଆ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହେବା ଭାରତୀୟ ଖେଳପ୍ରେମୀଙ୍କ ପାଇଁ ଆଉ ଏକ ଖୁସିର ଖବର। ଭାରତୀୟ ଉପଅଧିନାୟିକା ଅତୀତରେ ୨୦୧୮ ଓ ୨୦୨୨ରେ ଆଇସିସି ମହିଳା କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପାଇଛନ୍ତି। ୨୦୨୪ରେ ସେ ୧୩ଟି ଇନିଂସରେ ୭୪୭ ରନ ସଂଗ୍ରହ କରି ସମ୍ମାନଜନକ ପୁରସ୍କାର ଲାଭ କରିଛନ୍ତି।



ଗ୍ୟାସ୍ ଓ ଏସିଡ଼ିଟି ପାଇଁ ଚିନ୍ତିତ କି ?
ଶିବାଷ୍ଟକ ଚୂର୍ଣ୍ଣ
ଏହା ବ୍ୟବହାର କଲେ ଗ୍ୟାସ୍, ଏସିଡ଼ିଟି, ବଦହଜମି, ଆମ୍ବିଳା ହାକୁଟି, ଛାତି ତଣ୍ଟି ପୋଡ଼ା ଜଳା ଅଜୀର୍ଣ୍ଣ କୋଷ୍ଠକାଠିନ୍ୟ ଦୂର କରି ଆଶ୍ଚର୍ଯ୍ୟ ଭାବରେ ହଜମ ଶକ୍ତି ବଢାଏ


FAST RELIEF FROM ACIDITY, INDIGESTION & CONSTIPATION
ଯଦ୍ରୁଦମନ ଯାଦୁ ମଲମ
(ଯାଦୁ ପାଇଁ ବେଷ୍ଟ)
ଓଡ଼ିଶା ଆୟୁର୍ବେଦ ଭବନ, କଲେଜ ଛକ, କଟକ
Contact:9437883226



DSPL-361

ODISHA
INDIA'S BEST KEPT SECRET.





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶୁଭାରମ୍ଭ

ଓଡ଼ିଶା ନାଗରିକ ତୀର୍ଥଯାତ୍ରା ଯୋଜନା
ଓଡ଼ିଶା ସରକାର

"ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା"
ଟ୍ରେନ୍

ଏହି ତୀର୍ଥଯାତ୍ରାରେ ୫ ଗୋଟି ପ୍ରାରମ୍ଭ ଷ୍ଟେସନରୁ ୯ ଗୋଟି ତୀର୍ଥଯାତ୍ରା ଟ୍ରେନ୍ ନିର୍ଦ୍ଧାରିତ ତୀର୍ଥସ୍ଥଳୀକୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀମାନେ ଯାତ୍ରା କରିବେ।
ପ୍ରତ୍ୟେକ ତୀର୍ଥଯାତ୍ରା ଟ୍ରେନ୍‌ରେ ୮୦୦ ଜଣ ତୀର୍ଥଯାତ୍ରୀ ଯାତ୍ରା କରିବାର ସୁବିଧା ରହିଅଛି।

ତୀର୍ଥଯାତ୍ରା ସମୟ: ପୂର୍ବାହ୍ନ ୧୧.୪୫ ଘଟିକା

| ଯାତ୍ରା ସଂଖ୍ୟା | ପ୍ରାରମ୍ଭ ଷ୍ଟେସନ୍‌ର ନାମ | ଭ୍ରମଣ ସ୍ଥାନ | ଅନ୍ତର୍ଭୁକ୍ତ ଜିଲ୍ଲାର ନାମ | ଯାତ୍ରା ପ୍ରାରମ୍ଭ ତାରିଖ | ଯାତ୍ରା ସମାପ୍ତ ତାରିଖ |
|---|---|---|---|---|---|
| ୨ | ବ୍ରହ୍ମପୁର | ଶିରିଡ଼ି-ନାସିକ୍ | ଗଞ୍ଜାମ, ଗଜପତି, କନ୍ଧମାଳ, ନୟାଗଡ଼, ବୌଦ୍ଧ | ୨୮.୦୧.୨୦୨୫ | ୦୨.୦୨.୨୦୨୫ |
| ୩ | ସମ୍ବଲପୁର | କୋଲକାତା-କାମାକ୍ଷା | ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ଦେଓଗଡ଼, ଅନୁଗୁଳ, ସୁବର୍ଣ୍ଣପୁର | ୦୭.୦୨.୨୦୨୫ | ୧୨.୦୨.୨୦୨୫ |
| ୪ | ରାୟଗଡ଼ | କୋଲକାତା-କାମାକ୍ଷା | ରାୟଗଡ଼, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା | ୧୮.୦୨.୨୦୨୫ | ୨୩.୦୨.୨୦୨୫ |
| ୫ | ବାଲେଶ୍ୱର | ଶିରିଡ଼ି-ନାସିକ୍ | ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଭଦ୍ରଖ | ୨୭.୦୨.୨୦୨୫ | ୦୪.୦୩.୨୦୨୫ |
| ୬ | ବ୍ରହ୍ମପୁର | ଅଯୋଧା-ବାରଣାସୀ | ଗଞ୍ଜାମ, ଗଜପତି, କନ୍ଧମାଳ, ନୟାଗଡ଼, ବୌଦ୍ଧ | ୦୮.୦୩.୨୦୨୫ | ୧୩.୦୩.୨୦୨୫ |
| ୭ | ଭୁବନେଶ୍ୱର | ଅଯୋଧା-ବାରଣାସୀ | ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ | ୧୯.୦୩.୨୦୨୫ | ୨୪.୦୩.୨୦୨୫ |
| ୮ | ସମ୍ବଲପୁର | ଅଯୋଧା-ବାରଣାସୀ | ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ଦେଓଗଡ଼, ଅନୁଗୁଳ, ସୁବର୍ଣ୍ଣପୁର | ୨୯.୦୩.୨୦୨୫ | ୦୩.୦୪.୨୦୨୫ |
| ୯ | ରାୟଗଡ଼ | ଅଯୋଧା-ବାରଣାସୀ | ରାୟଗଡ଼, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା | ୦୮.୦୪.୨୦୨୫ | ୧୩.୦୪.୨୦୨୫ |
| ୧୦ | ବାଲେଶ୍ୱର | ଅଯୋଧା-ବାରଣାସୀ | ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଭଦ୍ରଖ | ୧୮.୦୪.୨୦୨୫ | ୨୩.୦୪.୨୦୨୫ |



OIPR-37001/13/0029/2425

ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାର
www.odishatourism.gov.in odishatourismofficial odishatourismofficial odisha_tourism odishatourismofficial



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ